R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୧୦୨
ତିଥି: ଦ୍ୱାଦଶୀ
୧୫ ଜାନୁଆରୀ ୨୦୨୬, ଗୁରୁବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ସମୟ SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 102
15 January 2026, Thursday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur




# ଟ୍ରେନ୍ ଉପରେ ଖସିଲା କ୍ରେନ୍, ୩୨ ମୃତ

ନୂଆଦିଲ୍ଲୀ, ୧୪ ।୧ : ଥାଇଲାଣ୍ଡରେ ଏକ କ୍ରେନ୍ ଟ୍ରେନ୍ ଉପରେ ଖସିପଡ଼ିବାରୁ ଭୟଙ୍କର ଦୁର୍ଘଟଣା ଘଟି ୩୨ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୬୬ ଜଣ ଆହତ ହୋଇଛନ୍ତି । ଉତ୍ତରପୂର୍ବ ଥାଇଲାଣ୍ଡରେ ଏକ ଚଳନ୍ତା ଟ୍ରେନ୍ ଉପରେ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଏକ କ୍ରେନ୍ ଖସି ପଡ଼ିଥିଲା । ଟ୍ରେନ୍‌ଟି ଲାଇନ୍‌ଚ୍ୟୁତ ହୋଇ ହଠାତ୍ ନିଆଁ ଲାଗିଯାଇଥିଲା । ଉଦ୍ଧାର କାର୍ଯ୍ୟ ସେଠାରେ ଜାରି ରହିଛି ।

ଥାଇଲାଣ୍ଡର ରେଳବାଇ କର୍ତ୍ତୃପକ୍ଷ ଏହି ଘଟଣା ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ଓ ନିର୍ମାଣାଧୀନ କମ୍ପାନୀ ଉପରେ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଘୋଷଣା କରାଯାଇଛି । ଇଟାଲିୟନ୍ ଓ ଥାଇ ଡେଭ୍‌ଲେପ୍‌ମେଣ୍ଟ ପବ୍ଲିକ୍ କମ୍ପାନୀ ପକ୍ଷରୁ ମଧ୍ୟ ଏହି ଘଟଣା



ପାଇଁ ଦୁଃଖ ପ୍ରକାଶ କରାଯିବା ସହ ଆହତ ଓ ମୃତକଙ୍କ ପାଇଁ କ୍ଷତିପୂରଣ ରାଶି ଦେବାପାଇଁ ଘୋଷଣା କରାଯାଇଛି । ଟ୍ରେନ୍‌ଟି ବ୍ୟାଂକକ୍‌ରୁ ଉତ୍ତରପୂର୍ବ ୟୁବନ୍ ରାଚାଥାନୀକୁ ଯାଉଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା । ଏହି ଟ୍ରେନ୍‌ରେ ଛାତ୍ର, ଶ୍ରମିକ ଓ ବିଭିନ୍ନ ଜିଲ୍ଲାରେ କାର୍ଯ୍ୟ କରୁଥିବା କର୍ମଚାରୀମାନେ ଥିଲେ । ଲାଖୋନ୍ ରାଚୋସୀମା ପ୍ରଦେଶର ଶିଖୋ ଜିଲ୍ଲାରେ ଏହି ଦୁର୍ଘଟଣା ଘଟିଥିଲା । ହାଇସ୍ପିଡ୍ ରେଳପ୍ରକଳ୍ପରେ କାମ କରୁଥିବା କ୍ରେନ୍ ଖସିପଡ଼ି ଅତିକ୍ରମ କରୁଥିବା ଟ୍ରେନ୍‌ସହ ଧକ୍କା ହୋଇଥିଲା । ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ କ୍ରେନ୍ ଖସିବାବେଳେ ଏହା ଖଣ୍ଡଖଣ୍ଡ ହୋଇଯାଇଥିଲା । କଂକ୍ରିଟ୍‌ଗୁଡ଼ିକ ଗଦା ହୋଇ ପଡ଼ିଥିଲା । ଏହାପରେ କ୍ରେନ୍‌ଟି ଏକ ପାର୍ଶ୍ୱରେ ଧକ୍କା ଦେଇଥିଲା । ଫଳରେ ଏଭଳି ଦୁର୍ଘଟଣା ଘଟିଥିଲା । ଥାଇଲାଣ୍ଡ ପ୍ରଧାନମନ୍ତ୍ରୀ ଘଟଣାସ୍ଥଳ ଗସ୍ତ କରିଛନ୍ତି ଓ ଯେଉଁମାନେ ଏଥିପାଇଁ ଦାୟୀ ତାଙ୍କ ବିରୋଧରେ ତଦନ୍ତ କରାଯିବ ବୋଲି କହିଛନ୍ତି । ଏହି ଦୁର୍ଘଟଣା ଅବହେଳା ପାଇଁ ଘଟିଛି କି ଆଉ କ'ଣ ପାଇଁ ଘଟିଛି ତା'ର ଅନୁଧ୍ୟାନ କରାଯିବ । ଏଥିରେ ସଠିକ୍ ସାମଗ୍ରି ବ୍ୟବହାର ହେଉଥିଲା କି ନାହିଁ ତାହା ଲକ୍ଷ୍ୟ କରାଯିବ ।

## ଇରାନରେ ବଢ଼ିଚାଲିଛି ବିଦ୍ରୋହ

# ଇରାନ ଛାଡ଼ିବାକୁ ଭାରତୀୟଙ୍କୁ ପରାମର୍ଶ

ନୂଆଦିଲ୍ଲୀ, ୧୪ ।୧ : ଇରାନରେ ସରକାର ବିରୋଧୀ ପ୍ରତିବାଦ ତୀବ୍ର ହେଉଛି । ଏହାକୁ ଦୃଷ୍ଟିରେ ରଖି ଭାରତର ବୈଦେଶିକ ମନ୍ତ୍ରଣାଳୟ ସେଠାରେ ଥିବା ଭାରତୀୟଙ୍କ ଲାଗି ମାର୍ଗଦର୍ଶିକା ଜାରି କରିଛନ୍ତି । ଏଥିରେ ଉଲ୍ଲେଖ କରାଯାଇଛି ଯେ ଭାରତୀୟମାନେ ଇରାନ ଗସ୍ତକୁ ଏବେ ବାତିଲ କରନ୍ତୁ । ସେଠାର ସୁରକ୍ଷା ସ୍ଥିତି ଅତ୍ୟନ୍ତ ଖରାପ । ସରକାର ବିରୋଧରେ ବ୍ୟାପକ ପ୍ରତିବାଦ ଚାଲିଛି । ଇରାନରେ ଥିବା ଭାରତୀୟ ଛାତ୍ର, ତୀର୍ଥଯାତ୍ରୀ, ବ୍ୟବସାୟୀ, ପର୍ଯ୍ୟଟକ ତୁରନ୍ତ ସେଠାରୁ ଆସନ୍ତୁ ଓ ଆଗାମୀ ସୂଚନା ପର୍ଯ୍ୟନ୍ତ ଇରାନ ଯାଆନ୍ତୁ ନାହିଁ ।

ମାର୍ଗଦର୍ଶିକାରେ ଉଲ୍ଲେଖ କରାଯାଇଛି ଯେ ସେଠାରେ ରହୁଥିବା ଭାରତୀୟମାନେ ସାବଧାନତା ଅବଲମ୍ବନ କରନ୍ତୁ । ବିରୋଧ ପ୍ରଦର୍ଶନ ଓ ରାଲି ହେଉଥିବା ଅଞ୍ଚଳରୁ ଦୂରେଇ ରୁହନ୍ତୁ । ଭାରତୀୟଙ୍କୁ ଇରାନ ସ୍ଥିତ ଦୂତାବାସଙ୍କ ସମ୍ପର୍କରେ ରହିବାକୁ ପରାମର୍ଶ ଦିଆଯାଇଛି । ଭାରତୀୟ ନାଗରିକଙ୍କୁ ବାଣିଜ୍ୟିକ ବିମାନ ହେଉ ଅଥବା ଯେ କୌଣସି ପରିବହନ ମାଧ୍ୟମରେ ଇରାନ ଛାଡ଼ିବାକୁ ପରାମାର୍ଶ ଦିଆଯାଇଛି । ଜାନୁଆରୀ ୫ରେ ଏକ ମାର୍ଗଦର୍ଶିକା ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିଲା । ୧୦ ଦିନ ମଧ୍ୟରେ ଦ୍ୱିତୀୟ ମାର୍ଗଦର୍ଶିକା ଜାରି କରାଯାଇଛି । ପୂର୍ବ ମାର୍ଗଦର୍ଶିକାରେ ଉଲ୍ଲେଖ ଥିଲା ଯେ ଇରାନକୁ ଅନାବଶ୍ୟକ ଯାତ୍ରା କରନ୍ତୁ ନାହିଁ । ଭାରତୀୟ ନାଗରିକ ଓ ପିଆଇଓମାନେ ସେଠାରେ ସତର୍କତା ଅବଲମ୍ବନ କରନ୍ତୁ । ନିଜ ନିଜ ଯାତ୍ରା ଓ ଇମିଗ୍ରେସନ୍ ଡକ୍ୟୁମେଣ୍ଟ ଯେଉଁଥିରେ ପାସ୍‌ପୋର୍ଟ ଓ ଆଇଡି ଅଛି ତାକୁ ନିଜ ପାଖରେ ରଖନ୍ତୁ । ଭାରତୀୟ ଦୂତାବାସ ଜରୁରୀକାଳିନ ହେଲ୍ପ ଲାଇନ୍ ନମ୍ବର ସହ ସମ୍ପର୍କ ରଖିବାକୁ କୁହାଯାଇଛି । ସମସ୍ତ ଭାରତୀୟ ନାଗରିକ ଯେଉଁମାନେ ଇରାନରେ ରହୁଛନ୍ତି ଭାରତୀୟ ଦୂତାବାସରେ ପଞ୍ଜିକୃତ କରାଇନାହାନ୍ତି ସେମାନେ ୱେବ୍‌ସାଇଟ୍‌କୁ ଯାଇ ତୁରନ୍ତ ପଞ୍ଜିକୃତ କରାନ୍ତୁ । ଇରାନର ସ୍ଥିତି ଏବେ ବିଗିଡ଼ିଯାଇଛି । ପ୍ରାୟ ୨୫୦୦ରୁ ଉର୍ଦ୍ଧ୍ୱ ପ୍ରତିବାଦକାରୀଙ୍କୁ ହତ୍ୟା କରାଯାଇଛି । ଏହି ପ୍ରତିବାଦ ନେଇ ସମଗ୍ର ପଶ୍ଚିମ ଏସିଆରେ ଉତ୍ତେଜନା (୯ ପୃଷ୍ଠାରେ)

# ହାଡ଼ ଭଙ୍ଗା ଶୀତରେ ଥରୁଛି ଓଡ଼ିଶା

ଭୁବନେଶ୍ୱର, ୧୪ ।୧ (ସବ୍ୟୁ) : ରାଜ୍ୟରେ ପୁଣି ହାଡ଼ ଭଙ୍ଗା ଶୀତ ଫେରିଲା । ଓଡ଼ିଶାର ସବୁଠାରୁ କମ୍ ତାପମାତ୍ରା ତଥା ଶୀତର ସହର ଜି.ଉଦୟଗିରିରେ ଶୀତ ଲହରୀ ଜାରି ରହିଥିବା ବେଳେ ସାରା ଅଞ୍ଚଳ ଥଣ୍ଡାରେ ଥରୁଛି । ଶୀତର ଲୁଚକାଳି ଚାଲିଥିବା ବେଳେ ହଠାତ ଥଣ୍ଡା ବଢ଼ିଛି ।

- ଜି. ଉଦୟଗିରିରେ ପାରଦ ୩.୭°
- ୧୨ ସହରକୁ ଶୀତ ଲହରୀ ୱାର୍ଣ୍ଣିଂ

ଆଜି(ବୁଧବାର) ଏଠାରେ ତାପମାତ୍ରା ୩.୭ ଡିଗ୍ରୀ ରେକର୍ଡ କରାଯାଇଛି । ଏହାସହ ରାଉରକେଲାରେ ରାତିର ପାରଦ ୬ ଡିଗ୍ରୀକୁ ଖସି ଆସିଛି ।

ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାଶ କହିଛନ୍ତି, ଉତ୍ତରପଶ୍ଚିମ ତଥା ଉତ୍ତର ଦିଗରୁ ଥଣ୍ଡା ଶୁଷ୍କ ବାୟୁର ପ୍ରବାହ ଶକ୍ତିଶାଳୀ ହେବା ସହ ରାଜ୍ୟରେ ପୁଣି ଅନୁଭୂତ ହାଡ଼ଭଙ୍ଗା ଶୀତ । ପ୍ରବଳ ଜାଡ଼ ଯୋଗୁଁ ଅଞ୍ଚଳବାସୀ ଖରା ଓ ନିଆଁର ସାହାରା ନେଉଛନ୍ତି । ପ୍ରବଳ କୁହୁଡ଼ି ପାଇଁ ଯାନବାହନ ଯାତାୟାତରେ ଅସୁବିଧା ହେଉଛି । ଶୀତ ଦାଉରୁ ରକ୍ଷା ପାଇବାକୁ ସନ୍ଧ୍ୟା ପୂର୍ବରୁ ଲୋକେ ନିଆଁ ଲଗାଇ ବସୁଛନ୍ତି ।

ରାଜ୍ୟରେ ପୁଣି ଖସିଲା ପାରଦ, ବଢ଼ିଲା ଶୀତ । ଗତ ୨୪ ଘଣ୍ଟା ମଧ୍ୟରେ ଜି. ଉଦୟଗିରିରେ ୩.୭ ଡିଗ୍ରୀ, ରାଉରକେଲାରେ ୬ ଡିଗ୍ରୀ, ଝାରସୁଗୁଡ଼ାରେ ୬.୪ଡିଗ୍ରୀ, ଫୁଲବାଣୀରେ ୭ ଡିଗ୍ରୀ, ସେମିଳିଗୁଡ଼ାରେ ୭.୫ ଡିଗ୍ରୀ, କିରେଇରେ ୮.୨ ଡିଗ୍ରୀ, ଅନୁଗୁଳ ଓ ସୁନ୍ଦରଗଡ଼ରେ ୮.୪ ଡିଗ୍ରୀ, କେନ୍ଦୁଝରେ ୮.୮ ଡିଗ୍ରୀ, ଦାରିଙ୍ଗବାଡ଼ିରେ ୧୦ ଡିଗ୍ରୀ, ବଲାଙ୍ଗୀରରେ ୧୦.୨ ଡିଗ୍ରୀ, ବୌଦ୍ଧରେ ୧୦.୩ ଡିଗ୍ରୀ, କଟକରେ ୧୧.୪ଡିଗ୍ରୀ ଓ ଭୁବନେଶ୍ୱରରେ ୧୨.୧ ଡିଗ୍ରୀ,ସମ୍ବଲପୁର ୧୦.୨ ଡିଗ୍ରୀ, ହୀରାକୁଦ ୧୧.୪ ଡିଗ୍ରୀ ରେକର୍ଡ କରାଯାଇଛି ।

ଆସନ୍ତାକାଲି(ଗୁରୁବାର) (୯ପୃଷ୍ଠାରେ)

# ଗଙ୍ଗାସାଗରରେ ବୁଡ଼ ପକାଇଲେ କୋଟିଏରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ

ଭୋଗରାଇ, ୧୪ ।୧ (ସବ୍ୟୁ): ପଶ୍ଚିମବଙ୍ଗ ଦକ୍ଷିଣ ୨୪ ପରଗଣା ଜିଲା ସାଗରଦୀପର ଗଙ୍ଗା ଓ ସାଗର ସଙ୍ଗମ ସ୍ଥଳରେ ମକରସଂକ୍ରାନ୍ତି ଅବସରରେ ୧ କୋଟିରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ବୁଡ଼ ପକାଇଛନ୍ତି । ଗୁରୁବାର ଏହି ପୁଣ୍ୟସ୍ନାନ ମଧ୍ୟାହ୍ନ ୧ ଟା ୧୯ ପର୍ଯ୍ୟନ୍ତ ଥିବାରୁ ପୁଣି ଲକ୍ଷାଧିକ ତୀର୍ଥ ଯାତ୍ରୀ ଗଙ୍ଗାସାଗରକୁ ଆସିବା ନିମନ୍ତେ ବିଭିନ୍ନ ସ୍ଥାନରେ ଅପେକ୍ଷାରତ ଅଛନ୍ତି ବୋଲି ପଶ୍ଚିମବଙ୍ଗ ମନ୍ତ୍ରୀ ଅରୂପ ବିଶ୍ୱାସ

### ହୃଦ୍‌ଘାତରେ ଜଣେ ମୃତ ୫ ଏୟାରଲିଫ୍ଟ

ସୂଚନା ଦେଇଛନ୍ତି ।

ବୁଧବାର ନିଶିବାସନରୁ ଲକ୍ଷାଧିକ ଦେଶ ବିଦେଶର ତୀର୍ଥଯାତ୍ରୀ ଏଠାରେ ଗଙ୍ଗା ମା' କୁ ସ୍ମରଣକରି ମକରବୁଡ଼ ଦେଇ ସୂର୍ଯ୍ୟପୂଜା କରିବା ସହିତ ମହାତପସ୍ୱୀକପିଳ ମୁନି



ମନ୍ଦିରରେ ପୂଜାର୍ଚ୍ଚନା କରି ଗଙ୍ଗା ମା'କୁ ଜୟ, କପିଳମୁନି କୁଜୟ ଧ୍ୱନି ଦେଇ ଘରବାହୁଡା ହୋଇଛନ୍ତି । ଗଙ୍ଗାସାଗର ସୈକତରେ ଓଡିଶା ସମେତ ଭିନ୍ନ ରାଜ୍ୟରୁ ଶ୍ରଦ୍ଧାଳୁମାନେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ ଓ ବୈତରଣୀ ପାର ପାଇଁ ମୋକ୍ଷ ପ୍ରାପ୍ତି ନିମନ୍ତେ ଅସଂଖ୍ୟ ଶ୍ରଦ୍ଧାଳୁ ଗୋରୁ ଲାଞ୍ଜଧରି ପୂଜାପାଠ ଓ ଶ୍ରାଦ୍ଧ ଆଦି କାର୍ଯ୍ୟ କରିଛନ୍ତି ୪ କି.ମି ବ୍ୟାପ୍ତ ପରିଧି ମଧ୍ୟରେ ପ୍ରସିଦ୍ଧ ମେଳା ଜନସମୁଦ୍ରରେ ପରିଣତ ହୋଇଥିବାବେଳେ ବହୁ ସାଧୁ ସନ୍ୟାସୀଙ୍କ ସମବେତ ଓ ଧର୍ମ ଗୁରୁ, ଦଳଦଳ ଧାର୍ମିକ ଅନୁଷ୍ଠାନ ସଂକୀର୍ତ୍ତନ ଦଳଙ୍କ କୀର୍ତ୍ତନ, ପ୍ରବଚନ ଏବଂ ଝାଲୀ, ଘଣ୍ଟା, ବାଦ୍ୟ ରେ ସମଗ୍ର ପରିବେଶ ମୁଖରିତ ହୋଇଛି । ଗଙ୍ଗାସାଗର ମେଳାକୁ ପ୍ଲାଷ୍ଟିକ ମୁକ୍ତ କରିବା ସହିତ ସ୍ୱଚ୍ଛ, ସବୁଜ ଓ ସତେଜ ପାଇଁ ବଙ୍ଗ ସରକାର ଓ ପ୍ରଶାସନ ପକ୍ଷରୁ ଘନ ଘନ ପ୍ରଚାର ଓ ସଚେତନତା ( ୯ ପୃଷ୍ଠାରେ)

## ମମତା ବନାମ ଇଡି

# ଆଜି ସୁପ୍ରିମ୍‌କୋର୍ଟରେ ଶୁଣାଣି

ନୂଆଦିଲ୍ଲୀ, ୧୪ ।୧ : ଆସନ୍ତାକାଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ ରାଜ୍ୟର ପୋଲିସ ଅଧିକାରୀଙ୍କ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଯେଉଁ ଯାଚିକା ଦାଖଲ କରିଛନ୍ତି ସୁପ୍ରିମ୍‌କୋର୍ଟ ଏହାର ଶୁଣାଣି କରିବେ । ଆଇ-ପ୍ୟାକ୍‌ର ଅଫିସ ଚଢ଼ାଉ ବେଳେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ ପୋଲିସ ଅଧିକାରୀମାନେ ସେଠାରେ ପହଞ୍ଚି ତଦନ୍ତରେ ବାଧା ଦେଇଥିଲେ । ଏହା ବିରୋଧରେ ଇଡି ସୁପ୍ରିମ୍‌କୋର୍ଟ ଯାଇଥିଲା ।

ଇଡି ଦାଖଲ କରିଥିବା ଯାଚିକାରେ ମମତାଙ୍କ ସମେତ ପଶ୍ଚିମବଙ୍ଗ ଡିଜିପି ରାଜୀବ କୁମାର, କୋଲକାତା ପୋଲିସ କମିଶନର ମନୋଜ କୁମାର ବର୍ମା, ଦକ୍ଷିଣ କୋଲକାତା ଡେପୁଟି କମିଶନର ପ୍ରିୟବ୍ରତ ରୟଙ୍କ ନାମ ଉଲ୍ଲେଖ ରହିଛି । ଗତ ସପ୍ତାହରେ ଏହି ଘଟଣା ଘଟିଥିଲା । କୋଇଲା ଦୁର୍ନୀତି ମାମଲାରେ ଆର୍ଥିକ ଲେଣଦେଣ କାରବାରକୁ ( ୯ ପୃଷ୍ଠାରେ)

## ସୀମା ପୁନଃନିର୍ଦ୍ଧାରଣ, ମହିଳା ସଂରକ୍ଷଣ ବିଲ୍

# ଚିନ୍ତାରେ ହେଭିୱେଟ୍ ନେତା

ଭୁବନେଶ୍ୱର, ୧୪ ।୧ (ସବ୍ୟୁ) : ନିର୍ବାଚନମଣ୍ଡଳୀଗୁଡ଼ିକର ସୀମା ପୁନଃନିର୍ଦ୍ଧାରଣ ହେବ । ଜନସଂଖ୍ୟା ଗଣତି ପରେ ଏନେଇ ପଦକ୍ଷେପ ଆରମ୍ଭ ହେବ । ୨୦୨୯ ନିର୍ବାଚନ ବେଳକୁ ରାଜ୍ୟରେ ଲୋକସଭା ଓ ବିଧାନସଭା ଆସନ ସଂଖ୍ୟା ବୃଦ୍ଧି ହୋଇପାରେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂତନ ବିଧାନସଭା ଗୃହର ଶିଳାନ୍ୟାସବେଳେ ଏଭଳି ଏକ ସଙ୍କେତ ଦେବାପରେ ଏବେ ରାଜ୍ୟ ରାଜନୀତିରେ ଏକ ଆଲୋଡନ ସୃଷ୍ଟି ହୋଇଛି । ସମ୍ଭାବ୍ୟ ସ୍ଥିତିକୁ ଆକଳନ କରି ବହୁ ରାଜନେତା ତଥା ବିଧାୟକମାନେ ଏବେଠୁ ନିଜ ଲାଗି ଏକ ସୁରକ୍ଷିତ ଆସନ ଖୋଜିବାକୁ ଚିନ୍ତା କରୁଛନ୍ତି । କେଉଁ ନିର୍ବାଚନମଣ୍ଡଳୀର ସଂରକ୍ଷଣ ବଦଳିବ ଓ କେଉଁ ନିର୍ବାଚନମଣ୍ଡଳୀ ନୂଆ ହେବ ତାହାକୁ ନେଇ ଏବେ ବଡ କଳ୍ପନା ଜଳ୍ପନା ପ୍ରକାଶ ପାଇଛି ।



୨୦୦୮ରେ ବିଧାନସଭାର ସୀମା ପୁନଃନିର୍ଦ୍ଧାରଣ ହୋଇଥିଲା । ଯଦିଓ ଆସନ ସଂଖ୍ୟା ବଢ଼ିନଥିଲା ବହୁ ନିର୍ବାଚନମଣ୍ଡଳୀର ଭୌଗୋଳିକ ସୀମା ଓ ସଂରକ୍ଷଣ ବଦଳି ଯାଇଥିଲା । ୨୦୦୭-୦୮ରେ ବିଜେଡି, ବିଜେପିର ମେଣ୍ଟ ଭାଙ୍ଗିବା ପରେ ୨୦୦୯ରେ ନୂଆ ସୀମାରେ ବିଧାନସଭା ନିର୍ବାଚନ ହେବାରୁ ଅନେକ ନେତାଙ୍କ ଭବିଷ୍ୟତ ଉପରେ ପ୍ରଶ୍ନବାଚୀ ମଧ୍ୟ ସୃଷ୍ଟି ହୋଇଥିଲା । ବହୁ ହେଭିୱେଟ୍ ନେତା ମଧ୍ୟ ହାରିଯାଇଥିଲେ । ଏବେ ଚର୍ଚ୍ଚା ହେଉଛି ୨୦୦୭ ଜନଗଣନାକୁ ଆଧାର କରି ସୀମା ପୁନଃନିର୍ଦ୍ଧାରଣ ( ୯ ପୃଷ୍ଠାରେ)

# ମକର ସଂକ୍ରାନ୍ତିରେ ଖାଡ଼ା ଉପବାସ ଶ୍ରୀଲିଙ୍ଗରାଜ

ଭୁବନେଶ୍ୱର, ୧୪ ।୧ (ସବ୍ୟୁ) : ମକର ସଂକ୍ରାନ୍ତିରେ ଖାଡା ଉପବାସ ଅଛନ୍ତି ପ୍ରଭୁ ଶ୍ରୀଲିଙ୍ଗରାଜ । ବ୍ରାହ୍ମଣ ନିଯୋଗ ଓ ବଡୁ ନିଯୋଗ ବିବାଦରୁ ଏଭଳି ଘଟଣା ଘଟିଛି । ଗତବର୍ଷ ମଧ୍ୟ ଏହିପରି ଠାକୁର ଉପବାସରେ ଥିଲେ । ବାରମ୍ବାର ନିଯୋଗ ମଧ୍ୟରେ ବିବାଦ ଲାଗି ରହୁଥିବାରୁ ଠାକୁରଙ୍କ ନୀତିକ୍ରାନ୍ତିରେ ବିଭ୍ରାନ୍ତ ହେଉଛି । ଯାହା ଫଳରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୁଷ୍ଟ ପରିଲକ୍ଷିତ ହେଉଛି ।

ଘୃତକମଳ ନୀତିକୁ ନେଇ ମଙ୍ଗଳବାର ସନ୍ଧ୍ୟାରୁ ବ୍ରାହ୍ମଣ ନିଯୋଗ ଓ ବଡୁ ନିଯୋଗ ମଧ୍ୟରେ ବିବାଦ ଦେଖାଦେଇଥିଲା । ବିବାଦ ବୃଦ୍ଧି ପାଇବାରୁ ଗତକାଲି ସନ୍ଧ୍ୟାରୁ ମହାପ୍ରଭୁଙ୍କ ନୀତିକ୍ରାନ୍ତି ବନ୍ଦ ରହିଛି । ମକର ସଂକ୍ରାନ୍ତି ପୂର୍ବଦିନ କ୍ଷୀର ଆଉଟା ନୀତି ହୁଏ । ମକର ସଂକ୍ରାନ୍ତିରେ ଘୃତକମଳ ନୀତି ହେବା କଥା । ବ୍ରାହ୍ମଣ ନିଯୋଗ ଓ ବଡୁ ନିଯୋଗ ମଧ୍ୟରେ ଏହି ନୀତିକୁ ନେଇ ଦୁଇବର୍ଷ ହେଲା ବିବାଦ ବୃଦ୍ଧି ପାଇବାରୁ ନୀତିକ୍ରାନ୍ତି ବନ୍ଦ ରହୁଛି । ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ (୯ ପୃଷ୍ଠାରେ)

# ବୈତରଣୀରେ ମକର ବୁଡ଼ ପକାଇଲେ ମୁଖ୍ୟମନ୍ତ୍ରୀ

କେନ୍ଦୁଝର, ୧୪ ।୧ (ସବ୍ୟୁ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁଣ୍ୟତୋୟା ବୈତରଣୀରେ ମକର ବୁଡ଼ ପକାଇଛନ୍ତି । କେନ୍ଦୁଝରଜିଲ୍ଲା ପାଟଣାରେ ଥିବା ବୈତରଣୀ ନଦୀର ଶେବ୍ୟା କାବେରୀ ଘାଟରେ ପତ୍ନୀଙ୍କ ସହ ମୁଖ୍ୟମନ୍ତ୍ରୀ ବୁଡ଼ ପକାଇଛନ୍ତି । ବୁଡ଼ ପକାଇବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରଘୁନାଥଜୀଉଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରିଛନ୍ତି । ପ୍ରଭୁଙ୍କ ଦର୍ଶନ କରି ରାଜ୍ୟବାସୀଙ୍କ ମଙ୍ଗଳ କାମନା କରିଛନ୍ତି ।


ଆଜି ପବିତ୍ର ମକର ସଂକ୍ରାନ୍ତି ଅବସରରେ ପାଟଣା ରାଜନଗର ବୈତରଣୀ ନଦୀରେ ୭ ଥର ମକର ବୁଡ଼ ପକାଇଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏଥିପାଇଁ ପାଟଣା ବୈତରଣୀ ନଦୀର ଶେବ୍ୟା କାବେରୀ ଘାଟ ହୋଇ ଉଠିଥିଲା ଲୋକାରଣ୍ୟ । ମୁଖ୍ୟମନ୍ତ୍ରୀଙ୍କର ସୁରକ୍ଷା ପାଇଁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା । ୭ ଥର ମକର ସ୍ନାନ କରି ସୂର୍ଯ୍ୟଙ୍କ ଉଦ୍ଦେଶ୍ୟରେ ଜଳ ଅର୍ପଣ କରିଥିଲେ ମୁଖ୍ୟମନ୍ତ୍ରୀ ଏଂ ତାଙ୍କର ସହଧର୍ମିଣୀ । ଏଥିସହ, ନଦୀକୂଳରେ



ପ୍ରଭୁ ରଘୁନାଥଜୀଉଙ୍କ ଦର୍ଶନ ସହ ମକର ପିଠା ଖାଇଥିଲେ । ଏହି ଅବସରରେ ପ୍ରଭୁଙ୍କ ନିକଟରେ ଜିଲ୍ଲାରେ ଶିଳ୍ପର ବିକାଶ ସହ, ଜିଲ୍ଲା ତଥା ରାଜ୍ୟର ସାମଗ୍ରିକ ବିକାଶ କାମନା କରିଥିବା କହିଛନ୍ତି ମୁଖ୍ୟମନ୍ତ୍ରୀ ।

ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ପୁଲିସ ଏଂ ଅଗ୍ନିଶମ ବିଭାଗ ସୁରକ୍ଷା ଯାଞ୍ଚ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ସହ ତେଲୋକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାୟକ ଏଂ ତାଙ୍କର ଦୁଇ ବାଲ୍ୟବନ୍ଧୁ ମଧ୍ୟ ମକର ବୁଡ଼ ପକାଇଥିଲେ । ଗତବର୍ଷ ଅନସୂୟା ତୀର୍ଥ ଘାଟରେ ବୁଡ଼ ପକାଇଥିଲେ ମୁଖ୍ୟମନ୍ତ୍ରୀ ସୂଚନାଯୋଗ୍ୟ, ଗତବର୍ଷ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବେତରଣୀ ନଦୀର ଅନସୂୟା ତୀର୍ଥ ଘାଟରେ ବୁଡ଼ ପକାଇଥିଲେ । ବୁଡ଼ ପକାଇବା ପରେ ନିଜ ପତ୍ନୀଙ୍କ ସହ ମନ୍ଦିର ଯାଇ ପୂଜାର୍ଚ୍ଚନା କରିଛନ୍ତି । ଏହାପରେ ସର୍କିଟ୍ ହାଉସରେ ସାଧାରଣ ଲୋକଙ୍କୁ ଭେଟି ଅଭିଯୋଗ ଗ୍ରହଣ କରିଛନ୍ତି ।

# ଭାରତୀୟ ସେନା ଦିବସ



ଏହା ହେଉଛି ଭାରତୀୟ ମାନଙ୍କ ପାଇଁ ଗର୍ବ ଓ ଗୌରବର ଦିନ। ପ୍ରତିବର୍ଷ ଜାନୁଆରୀ ୧୫ ତାରିଖରେ ସମଗ୍ର ଦେଶରେ ଅତ୍ୟନ୍ତ ଉତ୍ସାହର ସହିତ ଏହି ଦିବସ ପାଳିତ ହୁଏ । ଏହି ଦିନଟି ଦେଶ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିବା ସେହି ବୀର ଯବାନମାନଙ୍କୁ ସମ୍ମାନ ଜଣାଇବା ଏବଂ ସେମାନଙ୍କର ଅଦମ୍ୟ ସାହସକୁ ମନେ ପକାଇବା ପାଇଁ ଉଦ୍ଦିଷ୍ଟ। ଭାରତୀୟ ସେନା ଦିବସ ପାଳନ ପଛରେ ଏକ ଗୁରୁତ୍ୱପୂର୍ଣ୍ଣ ଐତିହାସିକ କାରଣ ରହିଛି । ୧୯୪୯ ମସିହା ଜାନୁଆରୀ ୧୫ ତାରିଖରେ, ଫିଲ୍ଡ ମାର୍ଶଲ କେ.ଏମ୍. କରିଆପ୍ପା ବ୍ରିଟିଶ ଜେନେରାଲ୍ ଫ୍ରାନ୍ସିସ୍ ବୁଚର୍‌ଙ୍କଠାରୁ ଭାରତୀୟ ସେନାର ପ୍ରଥମ କମାଣ୍ଡର-ଇନ୍-ଚିଫ୍ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ । ଏହା ଭାରତୀୟ ସେନା ଇତିହାସରେ ଏକ ସ୍ମରଣୀୟ ମୁହୂର୍ତ୍ତ ଥିଲା, କାରଣ ଏହି ଦିନ ଭାରତୀୟ ସୈନ୍ୟବାହିନୀର ନେତୃତ୍ୱ ପ୍ରଥମ କରି ଜଣେ ଭାରତୀୟଙ୍କ ହାତକୁ ଆସିଥିଲା । ସେବେଠାରୁ ଏହି ଐତିହାସିକ ଦିନକୁ ସ୍ମରଣ କରିବା ପାଇଁ ପ୍ରତିବର୍ଷ ସେନା ଦିବସ ପାଳନ କରାଯାଉଛି । ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସେନାବାହିନୀର ନିରନ୍ତର ସେବା ଓ ବଳିଦାନକୁ ସ୍ୱୀକୃତି ଦେବା। ଭାରତୀୟ ସେନା କେବଳ ଯୁଦ୍ଧ ସମୟରେ ନୁହେଁ, ବରଂ ବନ୍ୟା, ବାତ୍ୟା ଓ ଭୂକମ୍ପ ପରି ପ୍ରାକୃତିକ ବିପତ୍ତି ସମୟରେ ମଧ୍ୟ ଦେଶବାସୀଙ୍କୁ ସୁରକ୍ଷା ଯୋଗାଇ ଦେଇଥାଏ । ସୀମାରେ ଜଳୁଥିବା ଅଖଣ୍ଡ ଜ୍ୟୋତି ପରି ଆମର ଯବାନମାନେ ଶୂନ ଡିଗ୍ରୀ ତାପମାତ୍ରାଠାରୁ ଆରମ୍ଭ କରି ପ୍ରଚଣ୍ଡ ଖରାରେ ମଧ୍ୟ ଦେଶର ସୁରକ୍ଷା ପାଇଁ ସଜାଗ ରହିଥାନ୍ତି । ସେମାନଙ୍କର ଏହି ସ୍ୱାର୍ଥପରତା ଶୂନ୍ୟ ସେବାକୁ ସମ୍ମାନ ଜଣାଇବା ଏହି ଦିବସର ପ୍ରକୃତ ମହତ୍ତ୍ୱ ।ପ୍ରତିବର୍ଷ ଏହି ଦିବସ ଏକ ସ୍ୱତନ୍ତ୍ର ବିଷୟବସ୍ତୁ ବା ଥିମ୍କୁ ନେଇ ପାଳନ କରାଯାଏ । ଏହାର ମୂଳ ଲକ୍ଷ୍ୟ ହେଉଛି ଭାରତୀୟ ସେନାକୁ ଆଧୁନିକୀକରଣ କରିବା ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ସ୍ୱାବଲମ୍ବୀ କରିବା । ସେନାବାହିନୀରେ ନାରୀ ଶକ୍ତିର ଭାଗିଦାରୀ ଏବଂ ଆତ୍ମନିର୍ଭର ଭାରତ ଅଭିଯାନ ଅଧୀନରେ ସ୍ୱଦେଶୀ ଯୁଦ୍ଧାସ୍ତ୍ରର ବ୍ୟବହାର ଉପରେ ଏବେ ଗୁରୁତ୍ୱ ଦିଆଯାଉଛି । ସେନା ଦିବସ ଅବସରରେ ଦେଶର ବିଭିନ୍ନ ପ୍ରାନ୍ତରେ ଭବ୍ୟ ପ୍ୟାରେଡ୍ ଓ ସାମରିକ ପ୍ରଦର୍ଶନୀ ଆୟୋଜିତ ହୋଇଥାଏ । ଏହି ଦିନ ସେନାମୁଖ୍ୟ ସୈନିକମାନଙ୍କୁ ସେମାନଙ୍କର ଅସାଧାରଣ ବୀରତ୍ୱ ପାଇଁ 'ସେନା ପଦକ' ଓ 'ବୀରତା ପୁରସ୍କାର'ରେ ସମ୍ମାନିତ କରିଥାନ୍ତି । ଭାରତୀୟ ସେନା ଦିବସ ଅନେକ ବୀର ଯବାନଙ୍କର ତ୍ୟାଗ ସମ୍ପର୍କରେ ଆମକୁ ସ୍ମରଣ କରାଇଦେଇଥାଏ ।

## ସୋସିଆଲ କୋଟ୍ସ



ପ୍ରଥମେ ଯେତେବେଳେ ଦିଲ୍ଲୀ ବେଲି ଫିଲ୍ମର ସ୍କ୍ରିନିଂ ଦେଖିଥିଲା । ଫିଲ୍ମଟି ଖୁବ ଖରାପ ଲାଗିଥିଲା । ସେତେବେଳେ ଭାବିଥିଲା କି ଏତେ ଖରାପ ଫିଲ୍ମ କିଭଳି ନିର୍ମାଣ କରିଲି । ଖୁବ ଖରାପ ଲାଗିଥିଲା ।

ଆମିର ଖାନ୍, ଅଭିନେତା



ବିଶାଲ ଭରଦ୍ୱାଜଙ୍କ ସହିତ କାମ କରିବା ଯେପରି ମୋ ସ୍ୱପ୍ନ ସତ ହେବା ଭଳି ଘଟଣା। ତାଙ୍କ ସହିତ କାମ କରିବାର ସ୍ୱପ୍ନ ଅନେକ ଦିନରୁ ଥିଲା, ଖୁବ ଖୁସି ଲାଗିଲା ।

ଫରୀଦା ଜଲାଲ, ଅଭିନେତ୍ରୀ



ଲୋକଙ୍କୁ ଲାଗୁଥିବ ସୁନୀଲ ସେଟ୍ଟିର ପୁଅ ଏହାକୁ ତ ସହଜରେ କାମ ମିଳିଯାଇଥିବ । ହେଲେ ଏପରି ନୁହେଁ ଅହାନ ଜୀବନରେ ଅନେକ କିଛି ସହିଛି । ସେ ଅନେକ ସଂଘର୍ଷ କରିଛି, ତାର ପରିଶ୍ରମର ଫଳ ମିଳିବ ଆଶା ଅଛି ।

ସୁନୀଲ ସେଟ୍ଟି, ଅଭିନେତା

## ଚନ୍ଦ୍ରରୁ ଆସିବ ପୃଥିବୀକୁ ବିଜୁଳି

ଜଳବାୟୁ ପରିବର୍ତ୍ତନ ଓ ବିଜୁଳିର ଅଭାବ ସହିତ ଲଢିବା ପାଇଁ ଏକ ଜାପାନୀ କମ୍ପାନୀ ଚନ୍ଦ୍ରରେ ସୋଲାର ପ୍ୟାନେଲ ବିଛାଇବାକୁ ଯାଉଛି । କମ୍ପାନୀର ନାଁ ଶିମିଜୁ ଥିବାବେଳେ, ଏଠାରେ ପ୍ରାୟ ୧୧ ହଜାର ଲମ୍ବାର ସୋଲାର ପ୍ୟାନେଲ ବିଛା ଯିବାନେଇ ଦାବି ରହିଛି। ଉକ୍ତ ପ୍ରୋଜେକ୍ଟର ନାଁ ବୈଜ୍ଞାନିକମାନେ ଲୁନାର ରିଂ ରଖିଛନ୍ତି, ଏହି ପ୍ରୋଜେକ୍ଟରେ ସୋଲାର ପ୍ୟାନେଲ ଗୁଡିକ ୨୪ ଘଣ୍ଟା ସୂର୍ଯ୍ୟର ଶକ୍ତି ଶୋଷଣ କରି ପୃଥିବୀକୁ ବିଜୁଳି ପଠାଇବ । ଏହି ସୋଲାର ବେଲ୍ଟଟି ପାଖାପାଖି ୪୦୦ କିମି ଚଉଡା ହେବ, ଯାହା ପୂରା ଚନ୍ଦ୍ରକୁ ଘେରିବ । ସୋଲାର ପ୍ୟାନେଲ ତିଆରି କରିବାକୁ ଚନ୍ଦ୍ରପୃଷ୍ଠରୁ ହିଁ କଞ୍ଚାମାଲ ଅଣାଯିବ । ସେହିଭଳି ଚନ୍ଦ୍ରରେ ଏହି କାର୍ଯ୍ୟ ମଣିଷ ନୁହେଁ ବରଂ ରୋବଟ କରିବେ ବୋଲି ଜଣା ପଡିଛି । କମ୍ପାନୀର ଲକ୍ଷ ୨୦୩୫ ପର୍ଯ୍ୟନ୍ତ ପ୍ରୋଜେକ୍ଟର ନିର୍ମାଣ କାର୍ଯ୍ୟ ଆରମ୍ଭ କରିବ । ଚନ୍ଦ୍ରରେ ଉତ୍ପନ୍ନ ହେଉଥିବା ବିଜୁଳି ମାଇକ୍ରୋୱେଭ ଓ ଲେଜର ବିମ ସାହାଯ୍ୟରେ ପୃଥିବୀକୁ ପଠାଯିବ । ପୃଥିବୀରେ ତିଆରି ହୋଇଥିବା ସ୍ୱତନ୍ତ୍ର ଷ୍ଟେସନ ଏହି ତରଙ୍ଗ ଗୁଡିକୁ ରିସିଭ କରିବା ସହିତ ବ୍ୟବହାର ଯୋଗ୍ୟ ବିଜୁଳିରେ ପରିଣତ କରିବ । ସେହିଭଳି ପୃଥିବୀରେ ବିନା ସୂର୍ଯ୍ୟରେ ଏହି ପ୍ୟାନେଲ ଗୁଡିକ କାମ କରିନଥାଏ, ହେଲେ ଚନ୍ଦ୍ରରେ ବିନା ସମସ୍ୟାରେ ୨୪ ଘଣ୍ଟା ଏହା ବିଜୁଳି ଉତ୍ପନ୍ନ କରିବ । ଏହା ପୃଥିବୀ ପାଇଁ ଖୁବ ସହାୟକ ହେବ ବୋଲି ବୈଜ୍ଞାନିକ ପ୍ରକାଶ କରିଛନ୍ତି ।



## ସଜନାଶାଗ ମୁଗ ନଡିଆ

ଓଡ଼ିଆ ରୁଚି

**ସାମଗ୍ରୀ-** ସଜନା ଶାଗ, ନଡିଆ କୋରା, ଛୋପା ଛଡା ଭଜା ମୁଗ, ପଞ୍ଚ ଫୁଟଣ, ଶୁଖିଲା ଲଙ୍କା ।

**ପ୍ରଣାଳୀ-** ପ୍ରଥମେ ସଜନା ଶାଗକୁ ଭଲଭାବେ ବାଛି ନିଅନ୍ତୁ । ଏହାପରେ କରେଇ ଅଲଗା ଭାବେ ଭଜା ମୁଗ ଡାଲିକୁ ସିଝାଇ କାଢି ରଖନ୍ତୁ । ଏହାପରେ କରେଇରେ ତେଲ ଗରମ କରି ସେଥିରେ ପଞ୍ଚଫୁଟଣ ଓ ଶୁଖିଲା ଲଙ୍କା ପକାନ୍ତୁ । ଏହା ଫୁଟିବା ପରେ ସେଥିରେ ଶାଗ ପକାଇ ଭାଜନ୍ତୁ । ବର୍ତ୍ତମାନ ଏଥିରେ ଲୁଣ ଦେଇ ଏହାକୁ ଘୋଡାଇ ଦିଅନ୍ତୁ । କିଛି ସମୟ ପରେ ଶାଗ ଭଲଭାବେ ନରମ ହୋଇ ଆସିଲେ ଏଥିରେ ମୁଗ ସିଝା ଓ ନଡିଆ କୋରା ପକାଇ ଅଳ୍ପ ସମୟ ଫୁଟାନ୍ତୁ । ସମସ୍ତ ସାମଗ୍ରୀ ଭଲକରି ସିଝିଯିବା ପରେ ଗ୍ୟାସ ବନ୍ଦ କରିଦିଅନ୍ତୁ ପ୍ରସ୍ତୁତ ହୋଇଯିବ ସଜନା ଶାଗ ମୁଗ ନଡିଆ । ଏହାକୁ ସର୍ବଦା ଗରମ ଗରମ ପରଷନ୍ତୁ ଖୁବ ସ୍ୱାଦିଷ୍ଟ ହୋଇଥାଏ ।



## ହାଃହାଃ




ପ୍ରଥମ ସାଙ୍ଗ: ଆରେ ଭାଇ କ'ଣ କରୁଛୁ?
ଦ୍ୱିତୀୟ ସାଙ୍ଗ: ଖାଉଛିରେ ଭାଇ...!
ପ୍ରଥମ ସାଙ୍ଗ: ସେଲ୍‌ଫିସ୍, ଏକା ଏକା...
ଦ୍ୱିତୀୟ ସାଙ୍ଗ: ଆରେ ସ୍ତ୍ରୀଠୁ ଗାଳି ଖାଉଛି, ତୁ ଯଦି ଖାଇବୁ ଆ... ।
ପ୍ରଥମ ସାଙ୍ଗ- ଦର୍କାର ନାହିଁ, ସେଇଟା ସବୁଦିନ ଖାଉଚି ।

## ଇତିହାସ

ଅନ୍ତର୍ଜାତୀୟ ଫିଲ୍ମ ସମାରୋହ ଦିବସ (୧୦ ଦିନିଆ)
ରାଷ୍ଟ୍ରୀୟ ସଡ଼କ ସୁରକ୍ଷା ସପ୍ତାହ
୨୦୧୨: ଭାରତର ପ୍ରଥମ ମହିଳା ଫଟୋ ସାମ୍ବାଦିକା ହୋମାଇ ବ୍ୟାରାମାଲାଙ୍କ ନିଧନ ।
୧୯୯୮: ଭାରତର ପୂର୍ବତନ କାମଚଳା ପ୍ରଧାନମନ୍ତ୍ରୀ ଗୁଲଜାରୀଲାଲ ନନ୍ଦାଙ୍କ ପରଲୋକ।
୧୯୩୪: ଭାରତର ପ୍ରଥମ ମହିଳା ମୁଖ୍ୟ ନିର୍ବାଚନ ଅଧିକାରୀ ବି. ଏସ୍. ରମାଦେବୀଙ୍କ ଜନ୍ମ।
୧୯୨୬: ପ୍ରଥମ ଭାରତୀୟ ଅଲିମ୍ପିକ୍ସ କାଂସ୍ୟବିଜେତା କୁସ୍ତିଯୋଦ୍ଧା ଖାଶାବା ଯାଦବଙ୍କ ଜନ୍ମ।
୨୦୧୩: ସିରିଆର ଅଲେପ୍ପୋ ୟୁନିଭର୍ସିଟି ରକେଟ୍ ଆକ୍ରମଣରେ ୮୩ ମୃତ, ୧୫୦ ଗୁରୁତର।
୨୦୧୦: ଶତାବ୍ଦୀର ସବୁଠୁ ଅଧିକ ସମୟର (୩ ଘଣ୍ଟାରୁ ଅଧିକ) ସୂର୍ଯ୍ୟପରାଗ ।
୧୯୬୫: ଭାରତୀୟ ଖାଦ୍ୟ ନିଗମର ପ୍ରତିଷ୍ଠା ।
୧୯୮୮: ନିଜ ଡେବ୍ୟୁ ଟେଷ୍ଟମ୍ୟାଚ୍‌ରେ ୧୬ ଉଇକେଟ ଦଖଲ କରିଥିଲେ ପୂର୍ବତନ ଭାରତୀୟ ବୋଲର ନରେନ୍ଦ୍ର ହିରୱାନି ।
୧୯୯୮: ଢାକାରେ ତ୍ରିଦେଶୀୟ (ଭାରତ-ବାଂଲାଦେଶ-ପାକିସ୍ତାନ) ଶିଖର ସମ୍ମିଳନୀ ଆରମ୍ଭ ।

## ହଲିଉଡରେ ଶାହରୁଖଙ୍କ କ୍ରେଜ



ବଲିଉଡର କିଙ୍ଗଖାନଙ୍କ କ୍ରେଜ ହଲିଉଡରେ ଦେଖିବାକୁ ମିଳିଛି । ତାଙ୍କ ସହିତ କାମ କରିବାକୁ ହଲିଉଡ ଷ୍ଟାର ଇଚ୍ଛା ପ୍ରକାଶ କରିଛନ୍ତି । ସୂଚନା ଅନୁସାରେ ଓସ୍କାର ବିଜେତା ୱିଲ୍ ସ୍ମିଥ ଶାହରୁଖଙ୍କ ଫିଲ୍ମରେ କାମ କରିବାକୁ ଇଚ୍ଛା କରିଛନ୍ତି । ୱିଲ୍ ଏକ ଇଭେଣ୍ଟରେ ବଲିଉଡ ପାଇଁ ତାଙ୍କ ମନରେ ଥିବା ଭଲପାଇବା ସମ୍ପର୍କରେ ମନଖୋଲି କଥା ହୋଇଛନ୍ତି । ସେ ବଲିଉଡରେ କାମ କରିବାକୁ ଆଗ୍ରହୀ ଅଛନ୍ତି । ଏଥିପାଇଁ ସେ ଅମିତାଭ ବଚ୍ଚନ ଓ ସଲମାନ ଖାନଙ୍କ ସହିତ କଥା ମଧ୍ୟ ହୋଇଛନ୍ତି । ହେଲେ ଏଥିରେ ସେ କିଛି ସୁଫଳ ପାଇନଥିବା ପ୍ରକାଶ କରିଛନ୍ତି । ତେବେ ସେ ଶାହରୁଖ ଖାନ୍ଙ୍କର ଖୁବ ବଡ ଫ୍ୟାନ । ଶାହରୁଖ ତାଙ୍କୁ ନିଜ ଫିଲ୍ମରେ ନିଅନ୍ତୁ ବୋଲି ସେ ଏହି ସାକ୍ଷାତକାରରେ ପ୍ରକାଶ କରିଛନ୍ତି । ଫିଲ୍ମ କିଙ୍ଗ ରିଚାର୍ଡ ପାଇଁ ୱିଲ୍ଙ୍କୁ ୨୦୨୨ରେ ଓସ୍କାର ମିଳିଥିଲା । ସେହିଭଳି ୨୦୧୯ରେ ଟାଇଗର ସ୍ରଫ, ଅନନ୍ୟା ପାଣ୍ଡେ ଓ ତାରା ସୁତରିଆଙ୍କ ସହିତ ୱିଲ୍ ଷ୍ଟୁଡେଣ୍ଟ ଅଫ ଦି ଇୟର ୨ରେ କେମିଓରେ ନଜର ଆସିଥିଲେ ।

## ଲୋନ୍‌ରେ ମିଳୁଛି ଛେଳି

ମହାରାଷ୍ଟ୍ରର ଜଳଗାଁ ଜିଲ୍ଲାରେ ଏକ ଏଭଳି ନିଆରା ବ୍ୟାଙ୍କ ଚାଲୁଛି ଯିଏ ଲୋନରେ ଅର୍ଥ ବଦଳରେ ଛେଳି ପ୍ରଦାନ କରୁଛି । ଏହାର ନାମ ରଖାଯାଇଛି ଗୋଟ ବ୍ୟାଙ୍କ, ଯାହା ଆଜି ପର୍ଯ୍ୟନ୍ତ ୩୦୦ରୁ ଅଧିକ ଗରିବ, ବିଧବା ଓ ଭୂମିହୀନ ମହିଳାଙ୍କୁ ରୋଜଗାର ପ୍ରଦାନ କରି ଆତ୍ମନିର୍ଭର କରିଛି । ଏହି ବ୍ୟାଙ୍କକୁ ଏକ ଫାଉଣ୍ଡେସନ ଚଳାଉଛି । ଏଠାରେ ମହିଳାଙ୍କୁ ଛେଳି ପାଳନର ଟ୍ରେନିଂ ଦିଆଯାଇଥାଏ । ଏହାପରେ ଗୋଟିଏ ଛେଳି ମାଗଣାରେ ପ୍ରଦାନ କରାଯାଇଥାଏ । ଏହି ବ୍ୟାଙ୍କର ସହାୟତାରେ ପାଖାପାଖି ୩୦ ହଜାର ଟଙ୍କା ପର୍ଯ୍ୟନ୍ତ ଏହି ମହିଳାମାନେ ରୋଜଗାର କରିପାରୁଛନ୍ତି । ତେବେ ଯେବେ ଉକ୍ତ ଛେଳିର ପିଲା ହୋଇଥାଆନ୍ତି ତେବେ ଗୋଟିଏ ପିଲାକୁ ବ୍ୟାଙ୍କକୁ ପ୍ରଦାନ କରିବାକୁ ହୋଇଥାଏ । ଏହିଭଳି ଭାବେ ଉକ୍ତ ମହିଳା ୪୦ ମାସ ପାଇଁ ୪ଟି ଛେଳି ଛୁଆ ବ୍ୟାଙ୍କକୁ ପ୍ରଦାନ କରନ୍ତି । ବ୍ୟାଙ୍କକୁ ମିଳିଥିବା ଏହି ଛେଳି ଛୁଆମାନେ ବଡ ହେବାପରେ କୌଣସି ନା କୌଣସି ଲୋକଙ୍କୁ ସାହାଯ୍ୟ କରିଥାଆନ୍ତି । କାରଣ ଏହି ଛୁଆଙ୍କୁ ହିଁ ମହିଳାଙ୍କୁ ପ୍ରଦାନ କରାଯାଇଥାଏ ।



## ମାଘମାସ କୃଷ୍ଣପକ୍ଷ ଦ୍ୱାଦଶୀ
## ୧୫.୧.୨୦୨୬ ଗୁରୁବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

**ମେଷ:** ଶାରୀରିକ ସୁସ୍ଥତା, ଆଶାରେ ବିଳମ୍ବ, କର୍ମକ୍ଷେତ୍ରେ ଖୁସି, ସ୍ୱଳ୍ପଲାଭ, ଉଚ୍ଚବ୍ୟକ୍ତିଙ୍କ ସହିତ ସାକ୍ଷାତ, ଶତ୍ରୁନାଶ, ଗୃହେ ଉତ୍ସବ, ସନ୍ତାନ ଖୁସି, ଦ୍ରବ୍ୟଲାଭ, ବିଦ୍ୟାରେ ସଫଳତା, ଭରଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୨, ଆରାଧନା- ପ୍ରଭୁ ହନୁମାନ ।

**ବୃଷ-** କର୍ମକ୍ଷେତ୍ରେ ପରିଶ୍ରମ, ଦେବଦର୍ଶନ, ଭୋଜନରେ ବିଳମ୍ବ, ଶରୀର ସୁସ୍ଥ, ବ୍ୟବସାୟ ମାନ୍ଦା, ଶତ୍ରୁ ସମସ୍ୟା, ଲୋକସମ୍ପର୍କ ବୃଦ୍ଧି, ଅଳ୍ପ ବିରୋଧ, ଜମିଗଣ୍ଡଗୋଳ, ବନ୍ଧୁସହଯୋଗ,ସନ୍ତାନଖୁସି, ବିଦ୍ୟାରେ ସଫଳତା, ଦିବା ସାଢ଼େଗୋଟାଏ ପରେ ରୋହିଣୀ ନକ୍ଷତ୍ର ସତର୍କ ରୁହନ୍ତୁ ଶୁଭରଙ୍ଗ-ସବୁଜ, ସଂଖ୍ୟା-୬, ଆରାଧନା- ମହାଲକ୍ଷ୍ମୀ ।

**ମିଥୁନ-** ମାନସିକ ଶାନ୍ତି, ଶରୀର ଅସୁସ୍ଥ, ବ୍ୟବସାୟରେ ସାମାନ୍ୟ ଲାଭ, ଅର୍ଥ ସହଯୋଗ, ଧର୍ମକାର୍ଯ୍ୟରେ ସନ୍ତୁଷ୍ଟ, ପାରିବାରିକ ସହଯୋଗ, ଶତ୍ରୁ ଦେଖାଦେବେ, ଦୂରଯାତ୍ରାରେ ଲାଭ, ନୂତନ କାର୍ଯ୍ୟରେ ଲାଭ, ବିଦ୍ୟାରେ ଅସଫଳ, ପୁନର୍ବସୁ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୩, ଆରାଧନା- ଶଙ୍କର ଭଗବାନ ।

**କର୍କଟ-** ଧନଲାଭ, ସମ୍ପର୍କରେ ସୁଧାର, ଶୁଭଖବର ପ୍ରାପ୍ତି, ଉଚ୍ଚଆଶା ପୂର୍ଣ୍ଣ, ବ୍ୟବସାୟରେ ଲାଭ, ବନ୍ଧୁ ସହଯୋଗ, ସମସ୍ୟା ସମାଧାନ, ଭୂସମ୍ପତ୍ତି ଲାଭ, ଦାମ୍ପତ୍ୟ ଖୁସି, ଯାନବାହନ କ୍ରୟ, ଶରୀର ସୁସ୍ଥ ଧନଖର୍ଚ୍ଚ, ଅଶ୍ଳେଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୮, ଆରାଧନା- ମା ଭଗବତୀ ।

**ସିଂହ-** ସ୍ୱାସ୍ଥ୍ୟସମସ୍ୟା, ଖୁସିଖବର ମିଳିବ, ଦୂରଯାତ୍ରା, ସମ୍ମାନଲାଭ, ତୀର୍ଥାଟନ, ଭଗବାନଙ୍କ ସେବା, ସ୍ୱାଦିଷ୍ଟ ଭୋଜନ, ପିଲାଙ୍କ ଚିନ୍ତା, ଅର୍ଥ ସମସ୍ୟାର ସମାଧାନ, କିଣାବିକାର ସୁଯୋଗ, ଶତ୍ରୁ ପରାଜିତ, ପୂର୍ବାଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୩, ଆରାଧନା- ଭଗବାନ ନୃସିଂହ ।

**କନ୍ୟା-** ବିଭିନ୍ନ କାର୍ଯ୍ୟରେ ଉନ୍ନତି, ଖୁସିଖବର, ଦୂରଯାତ୍ରା, ବିବାଦର ସମାଧାନ, ଶରୀର ସୁସ୍ଥ, ସମ୍ମାନଲାଭ, ତୀର୍ଥାଟନ, ଶତ୍ରୁ ରହିବେ, ଭୂସମ୍ପତ୍ତି କ୍ରୟ, ଲୋକସମ୍ପର୍କରେ ଉନ୍ନତି, ପାରିବାରିକ ସହଯୋଗ, ଉତ୍ତରା ଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୪, ଆରାଧନା- ଗଣେଶ ଭଗବାନ ।

**ତୁଳା-** ମନସ୍ତାପ, ପାଦବ୍ୟଥା, ଆକସ୍ମିକ ଲାଭ, କର୍ମକ୍ଷେତ୍ରେ ଚିନ୍ତିତ, ବନ୍ଧୁ ଅପମାନ, ଗୁରୁଜନେ ସୁମିଷ୍ଟ ଭୋଜନ, ପୁରାତନ ଶତ୍ରୁ ଦେଖାଦେବେ, ବ୍ୟବସାୟରେ ଶତ୍ରୁତା, ଲାଭ କମ୍ ଖର୍ଚ୍ଚ ଅଧିକ, ସନ୍ତାନ ସ୍ନେହ, ଚିତ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କମଳା, ସଂଖ୍ୟା-୧୧, ଆରାଧନା- ଶଙ୍କର ଭଗବାନ ।

**ବିଛା-** ପରିଭ୍ରମଣ ଯୋଗ, ମାନସିକ ଅସ୍ଥିରତା, ଶୁଭଖବର ପ୍ରାପ୍ତି, ଅର୍ଥସମସ୍ୟା, ପାରିବାରିକ ଖୁସି, ଦେବଦର୍ଶନ, ଶରୀର ସୁସ୍ଥ, ଉଚ୍ଚଆଶାରେ ବିଳମ୍ବ, ପିଲାଙ୍କ ଚିନ୍ତା, ଶତ୍ରୁ ରହିବେ, ଅନୁରାଧା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଖଇରିଆ, ସଂଖ୍ୟା-୭, ଆରାଧନା- ଭଗବାନ ବିଷ୍ଣୁ ।

**ଧନୁ-** ଶତ୍ରୁରେ ବିଜୟ, ତୀର୍ଥାଟନ, ଦେବଦର୍ଶନ, ଅର୍ଥସମସ୍ୟା ସମାଧାନ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଉଚ୍ଚପ୍ରଶଂସା, ଗୃହେ ଉତ୍ସବ, ଲୋକସମ୍ପର୍କରେ ଉନ୍ନତି, ଶରୀର ସୁସ୍ଥ, କିଛି କିଣାବିକାର ସୁଯୋଗ ଆସିବ, ମୂଳା ନକ୍ଷତ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୬, ଆରାଧନା- ଗୋମାତା ସେବା ।

**ମକର-** ସୁଖଦିନ, ଖର୍ଚ୍ଚାନ୍ତ ହେବେ, ସମ୍ମାନ ପ୍ରାପ୍ତି, ଦେବଦର୍ଶନ, ସନ୍ଥକୃପା, ଲୋକସମ୍ପର୍କ ବୃଦ୍ଧି, ଶତ୍ରୁ ପରାଜିତ, ଯାନବାହନରେ ସତର୍କ, ବନ୍ଧୁସମସ୍ୟା, ପାରିବାରିକ ସହଯୋଗ, ବିଦ୍ୟାରେ ସଫଳତା, ଉତ୍ତରାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୧, ଆରାଧନା- ମା ଭୈରବୀ ଲକ୍ଷ୍ମୀ ।

**କୁମ୍ଭ-** ଚିନ୍ତାମୁକ୍ତି, ଗୁରୁଜନେ ସମସ୍ୟା, ଅର୍ଥସମସ୍ୟା ରହିବ, ଶତ୍ରୁ ପରାଜିତ, ବନ୍ଧୁ ସହଯୋଗ, ତୀର୍ଥାଟନ, ଉତ୍ସବ ପ୍ରତି ଆସକ୍ତ, ବ୍ୟବସାୟରେ ସ୍ୱଳ୍ପ ଲାଭ, ପାରିବାରିକ ସହଯୋଗ, ସନ୍ତାନ ଖୁସି, ବିଦ୍ୟାରେ ଅସଫଳ, ଧନିଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୩, ଆରାଧନା- ପ୍ରଭୁ ଲିଙ୍ଗରାଜ ।

**ମୀନ-** କାର୍ଯ୍ୟରେ ଖୁସି ଓ ପ୍ରଶଂସା, ବାଧା ଦୂର, କଚେରୀ ମାମଲା ସମାଧାନ, ଶରୀର ସୁସ୍ଥ, ଦେବଦର୍ଶନ, ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହ ସାକ୍ଷାତ, ଧାର୍ମିକ ଯାତ୍ରା, ମାନସିକ ଶାନ୍ତି, ଦାମ୍ପତ୍ୟ ସୁଖ, ଉତ୍ତରଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୨, ଆରାଧନା- ମା ଦକ୍ଷିଣକାଳୀ ।







ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝର ସର୍କିଟ ହାଉସ୍ ଠାରେ ସାଧାରଣ ଲୋକଙ୍କୁ ଭେଟି ଅଭିଯୋଗ ଗ୍ରହଣ କରୁଛନ୍ତି ।



କେନ୍ଦୁଝର ଜିଲ୍ଲା ପାଟଣା ରଘୁନାଥ ଜୀଉ ମଠ ସ୍ଥିତ ବୈତରଣୀ ଘାଟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପବିତ୍ର ମକର ସ୍ନାନ କରୁଛନ୍ତି ।

# ଶାରୀରିକ ସମ୍ପର୍କ ଦୀର୍ଘଦିନ ଧରି ଥିଲେ 'ଜବରଦସ୍ତ' ଧରାହେବନି : ହାଇକୋର୍ଟ

କଟକ, (ସବ୍ୟୁ) : ଦୀର୍ଘଦିନ ଧରି ଶାରିରୀକ ସମ୍ପର୍କକୁ 'ଜବରଦସ୍ତଦ ବୋଲି ଧରାଯାଇ ପାରିବ ନାହିଁ । ଏବଂ ସେହି ଆଧାରରେ ଜଣେ ବ୍ୟକ୍ତିଙ୍କୁ ବଳତ୍କାର କରିଥିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରାଯାଇ ପାରିବ ନାହିଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ କହିଛନ୍ତି । ଏହି ଆଧାରରେ ହାଇକୋର୍ଟ ଅଭିଯୁକ୍ତ ମହେନ୍ଦ୍ର ପ୍ରଧାନକୁ ବଳାତ୍କାର ମାମଲାରେ ଦୋଷମୁକ୍ତ କରିବା ସହ ଅନ୍ୟ ଅପରାଧ ପାଇଁ ଦଣ୍ଡାଦେଶରେ ସଂଶୋଧନ କରିଛନ୍ତି। ହାଇକୋର୍ଟର ବିଚାରପତି ଜଷ୍ଟିସ୍ ରାଧାକୃଷ୍ଣ ପଟ୍ଟନାୟକ ଏହି ଆଦେଶ ଦେଇଛନ୍ତି। ୨୦୦୬ରେ ସୋନପୁର ଜିଲା ତରଭା ଥାନାରେ ପୀଡ଼ିତା ଅଭିଯୋଗ କରିଥିଲେ ଯେ ମହେନ୍ଦ୍ର ପ୍ରଧାନ ତାଙ୍କୁ ଛୁରୀ ଦେଖାଇ ଜବରଦସ୍ତ ବଳାତ୍କାର କରିଥିଲେ ଏବଂ ପରେ ବିବାହର ପ୍ରତିଶ୍ରୁତି ଦେଇ ଦୀର୍ଘଦୀନ ଧରି ଶାରିରୀକ ସମ୍ପର୍କ ରଖୁଥିଲେ । ଏହି ସମ୍ପର୍କ ଯୋଗୁ ସେ ଗର୍ଭବତୀ ହେବା ପରେ ଅଭିଯୁକ୍ତ ତାଙ୍କୁ ଗର୍ଭପାତ ପାଇଁ ଔଷଧ ଦେଇଥିଲେ । ଫଳରେ ତାଙ୍କର ସ୍ୱାସ୍ଥ୍ୟବସ୍ଥା ଗୁରୁତର ହୋଇପଡ଼ିଥିଲା। ଏହି ମାମଲାରେ ନିମ୍ନ ଅଦାଲତ ମହେନ୍ଦ୍ରଙ୍କୁ ଦୋଷୀ ସାବ୍ୟସ୍ତ କରି ୭ ବର୍ଷ ଜେଲ ଦଣ୍ଡାଦେଶ ଦେଇଥିଲେ। ଏହି ଆଦେଶକୁ ମହେନ୍ଦ୍ର ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ହାଇକୋର୍ଟ ମାମଲାର ଶୁଣାଣି କରି କହିଛନ୍ତି ଯେ, ପୀଡ଼ିତା ଦୀର୍ଘ ଦୁଇ ବର୍ଷରୁ ଅଧିକ ସମୟ ଧରି ଅଭିଯୁକ୍ତଙ୍କ ସହ ଶାରୀରିକ ସମ୍ପର୍କ ରଖୁଥିଲେ। ଏହି ସମୟ ମଧ୍ୟରେ ସେ କାହାକୁ କିଛି ଜଣାଇ ନ ଥିଲେ। ଏତେଦିନ ଧରି ରହିଥିବା ସମ୍ପର୍କକୁ 'ଜବରଦସ୍ତଦ ବୋଲି କୁହାଯାଇପାରିବ ନାହିଁ। ଏହାଛଡ଼ା ସ୍କୁଲ ରେକର୍ଡ ଅନୁସାରେ ଘଟଣା ସମୟରେ ପୀଡ଼ିତା ନାବାଳିକା ନ ଥିଲେ ଏବଂ ତାଙ୍କୁ ପ୍ରାୟ ୧୯ ବର୍ଷ ହୋଇଥିଲା । ତେବେ ଡାକ୍ତରୀ ପ୍ରମାଣ ଅନୁଯାୟୀ ଗର୍ଭପାତ ହୋଇଥିବା ସ୍ପଷ୍ଟ ହାଇଛି। ଅଭିଯୁକ୍ତ ଔଷଧ ଦେଇଥିବା ପ୍ରମାଣିତ ହୋଇଛି। ଅଦାଲତ ବଳାତ୍କାର ଅଭିଯୁକ୍ତକୁ ଖାରଜ କରି ମହେନ୍ଦ୍ରଙ୍କୁ ସେଥିରୁ ଖଲାସ କରିଛନ୍ତି । ତେବେ ଅନ୍ୟାନ୍ୟ ଅପରାଧ ପାଇଁ ପୂର୍ବରୁ ଜେଲରେ କାଟିଥିବା ସମୟ ଅବଧିକୁ ହିଁ ତାଙ୍କର ଦଣ୍ଡାଦେଶ ଭାବେ ଗ୍ରହଣ କରାଯିବ ବୋଲି ନିର୍ଦ୍ଦେଶ ଦେବାସହ ମାମଲାର ଅନ୍ତ ଘଟାଇଛନ୍ତି।

# ଶ୍ରୀପର୍ଣ୍ଣାର ୩୯ ତମ ମକର ମିଳନ

ପୁରୀ, (ସବ୍ୟୁ) : ମକର ସଂକ୍ରାନ୍ତି ଅବସରରେ ସ୍ଥାନୀୟ ୟୁଥ ହଷ୍ଟେଲ ସଭାକକ୍ଷରେ ଶ୍ରୀପର୍ଣ୍ଣାର ୩୯ ତମ ମକର ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ କବିତା ପାଠ ଓ ଇଂରାଜୀର ବିଖ୍ୟାତ ଶିଶୁ କିଶୋର ଗଳ୍ପ ପୁସ୍ତକ "ଆରବୀୟ ରଜନୀ "ଲୋକାର୍ପଣ ହୋଇଛି। ବିଶିଷ୍ଟ ଲେଖିକା ଶ୍ରୀମତୀ ସୁଜାତା ସିହ୍ନା ଏହାକୁ ଓଡ଼ିଆ ଅନୁବାଦ କରି "ଆରବୀୟ ରଜନୀ କାହାଣୀ " ରୂପାନ୍ତର କରି ଥିଲେ ୫ ଏହି ସାରସ୍ୱତ ଆସର ମକର ମିଳନକୁ ପ୍ରଦୀପ ପ୍ରଜ୍ୱାଳନ କରି ଶୁଭ ଉଦଘାଟନ କରିଥିଲେ ପ୍ରଖ୍ୟାତ ପ୍ରାବନ୍ଧିକ ସମାଲୋଚକ ପ୍ରଫେସର ଡ଼କ୍ଟର ହର ପ୍ରସାଦ ମିଶ୍ର, ଶିଶୁ କିଶୋର ସାହିତ୍ୟିକ ଡ଼କ୍ଟର ଲକ୍ଷ୍ମୀକାନ୍ତ ଖୁଣ୍ଟିଆ, ଶ୍ରୀକ୍ଷେତ୍ର ପୁରୀର ପରମ ବିଦୁଷୀ ଶ୍ରୀମତୀ ବିଜୟଲକ୍ଷ୍ମୀ ଦାଶ ମିଶ୍ର, ଶ୍ରୀମତୀ ମଞ୍ଜୁଶ୍ରୀ ମିଶ୍ର । ମୁଖ୍ୟ ବକ୍ତା ଡ଼କ୍ଟର ହରପ୍ରସାଦ ମିଶ୍ର, ସମ୍ମାନିତ ଅତିଥି ବିଜୟ ଲକ୍ଷ୍ମୀ ଦାଶ ମିଶ୍ର ଫକୀର ମୋହନ ସ୍ମରଣୀୟେଷୁ ନିଜ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ଡ଼କ୍ଟର ଲକ୍ଷ୍ମୀକାନ୍ତ ଖୁଣ୍ଟିଆ ପ୍ରକାଶିତ ପୁସ୍ତକର ଆଲୋଚନା କରି ଶ୍ରୀମତୀ ସୁଜାତା ସିହ୍ନାଙ୍କ ଏ



କୃତିର ବହୁତ ପ୍ରଶଂସା କରି ଏହା ଶିଶୁ କିଶୋର ମାନଙ୍କ ପାଇଁ ଏକ ଯଥାର୍ଥ କୃତି ଭାବରେ ଉପସ୍ଥାପନା କରିଥିଲେ । ଶ୍ରୀମତୀ ମଞ୍ଜୁଶ୍ରୀ ମିଶ୍ର ଏ ସଭାଟିକୁ ପରିଚାଳନା କରିଥିଲେ । "ମକର ଚାଉଳ" ପରିବେଷଣ ଓ ମଧାହ୍ନ ଭୋଜନ ପରେ ଦ୍ୱତୀୟ ପର୍ବ କବିତା ପାଠ ଅନୁଷ୍ଠିତ ହୋଇଥିଲା । କବିତା ଆସରରେ ଅଧକ୍ଷତା କରିଥିଲେ କବୀ ଶ୍ରୀମତୀ ସୌଭାଗ୍ୟ ପଟ୍ଟନାୟକ। ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ କବି ଯୋଗେଶ ପ୍ରସାଦ ହୋତା । କବିତା ଆସରକୁ ସଂଯୋଜନା କରିଥିଲେ ଶ୍ରୀମତୀ ମମତା ଦାସ ଓ ଶ୍ରୀମତୀ ସୁଜାତା ସିହ୍ନା । ଉପସ୍ଥିତ ସମସ୍ତ କବି ଓ ଅତିଥିମାନଙ୍କୁ ଶ୍ରୀପର୍ଣ୍ଣା ତରଫରୁ ଉପହାର ପ୍ରଦାନ କରାଯାଇଥିଲା । ପରିଶେଷରେ ଗୌରାଙ୍ଗ ଚରଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ପୁରୀରେ ନୂତନ ସିଟି ଡିଏସପି ଭାବେ ରଶ୍ମୀ ରଞ୍ଜନ ମହାପାତ୍ରଙ୍କ ଯୋଗଦାନ

ପୁରୀ, (ସବ୍ୟୁ) : ବୁଧବାର ଦିନ ପୁରୀ ସହର ନୂତନ ସିଟି ଡିଏସପି ଭାବେ ବରିଷ୍ଠ ପୋଲିସ ଅଧିକାରୀ ରଶ୍ମୀ ରଞ୍ଜନ ମହାପାତ୍ର କାର୍ଯ୍ୟାଳୟରେ ଯୋଗ ଦେଇଛନ୍ତି। ବିଦାୟୀ ଡିଏସପି ପ୍ରଶାନ୍ତ କୁମାର ସାହୁଙ୍କ ଠାରୁ ବିଧି ବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଶ୍ରୀ ମହାପାତ୍ର ୨୦୦୫ ମସିହାରେ ପୋଲିସ ବିଭାଗରେ ସବଇନ୍ସପେକ୍ଟର ଭାବେ କାର୍ଯ୍ୟରେ ଯୋଗ ଦେଇ ଥିଲେ। ସେ ଦୀର୍ଘ ଦିନ ଧରି ଭୁବନେଶ୍ୱର କଟକ ପୋଲିସ କମିସନରେଟ ଅଧିନ ବିଭିନ୍ନ ଥାନାରେ ଆଇଆଇସି ଭାବେ ସୁଚାରୁ ରୂପେ ଦାୟିତ୍ୱ ତୁଲାଇଛନ୍ତି। ଶ୍ରୀ ମହାପାତ୍ର ପୂର୍ବରୁ ନୟାଗଡ଼ ଜିଲ୍ଲାରେ ମଧ ବିଭିନ୍ନ ଥାନାରେ ଆଇଆଇସି ରୂପେ ଦାୟିତ୍ୱ ସମ୍ପାଦନ କରିଛନ୍ତି। ସେ ଜଣେ ଦକ୍ଷ ଅଧିକାରୀ ଭାବେ ପୋଲିସ ବିଭାଗରେ ଖ୍ୟାତି ରହିଛି। କିଛି ଦିନ ତଳେ ରାଜ୍ୟ ସରକାରଙ୍କ ପକ୍ଷରୁ ତାଙ୍କର ବଦଳି ପାନପୋଷ ଏସଡିପିଓରୁ ପୁରୀ ସିଟି ଡିଏସପି ଭାବେ ବଦଳି ନିର୍ଦ୍ଦେଶନାମା ଜାରି କରା ଯାଇ ଥିଲା। ସେହିପରି ବିଦାୟୀ ଡିଏସପି ପ୍ରଶାନ୍ତଙ୍କର ବଦଳି ପୁରୀରୁ



ଭୁବନେଶ୍ୱର ପୋଲିସ ପୋଲିସ କମିସନରେଟକୁ କରା ଯାଇ ଥିଲା। ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ରଶ୍ମି ଆଜି ପୁରୀ ସିଟି ଡିଏସପି ଭାବେ ଯୋଗ ଦେଇଛନ୍ତି।

# ମାରୁୱାଡ଼ି ସମାଜ ଓ ଯୁବ ମଞ୍ଚର ପ୍ରାକୃତିକ ଚିକିତ୍ସା ଶିବିର

କଟକ, (ସବ୍ୟୁ): ମାଡ଼ୱାଡ଼ି ସମାଜ ଓ ମାଡ଼ୱାଡ଼ି ଯୁବ ମଞ୍ଚ କଟକ ବିକାଶ ପକ୍ଷରୁ ଆୟୋଜିତ ୭ ଦିନିଆ ଶିବିର ଉଦଯାପିତ ହୋଇଯାଇଛି। ଏଥିରେ ଆଣ୍ଠୁ ଯନ୍ତ୍ରଣା, ସାୟାଟିକା,ବେକ ଯନ୍ତ୍ରଣା, ପିଠି, ମୁଣ୍ଡ, ଗଣ୍ଠି ଯନ୍ତ୍ରଣା, ହାତ ଓ ପାଦରେ ଅସ୍ଥିରତା, ଥାଇରଏଡ୍ ଏବଂ ହାଡ ଯନ୍ତ୍ରଣା ଭୋଗୁଥିବା ରୋଗୀମାନେ ଚିକିତ୍ସା ହୋଇ ମୁକ୍ତି ପାଇଥିଲେ। ଉଦଯାପନୀ ସମାରୋହକୁ ସମ୍ବୋଧିତ କରି ଦେବେନ୍ଦ୍ର ସିଂହ ଏବଂ ତାଙ୍କ ସମଗ୍ର ଦଳ କହିଥିଲେ ଯେ ପ୍ରାକୃତିକ ଚିକିତ୍ସା ଦ୍ୱାରା କ୍ରନିକ୍ ରୋଗକୁ ନିୟମିତ କରିବା ଦ୍ୱାରା ରୋଗୀମାନଙ୍କୁ ଆରୋଗ୍ୟ କରାଯାଇପାରିବ। ଏହି ଉପଲକ୍ଷେ ଆୟୋଜକ କମିଟି ରାଜସ୍ଥାନର ହନୁମାନଗଡ଼ର ଡକ୍ଟର ରାମ ମନୋହର ଲୋହିଆ ଆରୋଗ୍ୟ ଜୀବନ ସଂସ୍ଥାନରୁ ଆମ ଗହଣକୁ ସେବା କରିବାକୁ ଆସିଥିବା ଥେରାପିଷ୍ଟ ମହେନ୍ଦ୍ର କୁମାରଙ୍କୁ ସମ୍ମାନିତ କରିଥିଲେ । ଉଦଯାପନୀ ସମାରୋହରେ କଟକ ମାରୱାଡି




ସମାଜର ସଭାପତି ସଞ୍ଜୟ ଶର୍ମା, ମାରୱାଡି ଯୁବ ମଞ୍ଚ କଟକ ବିକାଶର ସଭାପତି ଗୋପାଳ କୃଷ୍ଣ ଡେଡ୍ରିୱାଲ, ଦେବକିନନ୍ଦନ ଯୋଶୀ, ବିଜୟ ଅଗ୍ରୱାଲ,ଅଶୋକ ଚୌବେ ମହାଶୟ, କିଶନ ଶର୍ମା ମହାଶୟ, ନନ୍ଦ କିଶୋର ଯୋଶୀ ମହାଶୟ, ରଶ୍ମି ମିତ୍ତଲ ମହାଶୟା, ପିଙ୍କି ମୋଡା ମହାଶୟା, ମିଶ୍ରି ମିତ୍ତଲ, ବଜରଙ୍ଗ ଚିମାଙ୍କା, କିଶୋର ଆଚାର୍ଯ୍ୟ,ରାଜେଶ ଅଗ୍ରୱାଲ , ମନୋଜ ଶର୍ମା, କ୍ରୀତମ ହିଲୱାସିଆ, ପୱନ ଅଗ୍ରୱାଲ, ରାଜେଶ ଶର୍ମା, ବିନୀତା ଅଗ୍ରୱାଲ, ପବନ ସାଇନ, ଅମିତ ଶର୍ମା, ଜୟପ୍ରକାଶ ସୈନ, ପ୍ରେମ ପାରିକ ଜୀ, ପବନ ଚୌଧୁରୀ ଯୋଗେନ୍ଦ୍ର ଅଗ୍ରୱାଲ ମହାଶୟ, ରାଜେଶ କମାନୀ ମହାଶୟ, ଅନେକ ସଦସ୍ୟ, ପିଙ୍କି ମୋଡା, ଈଶ୍ୱର ଶର୍ମା ଆଦି ଉପସ୍ଥିତ ଥିଲେ ।

## ବ୍ରାଉନ୍ ସୁଗର ସହିତ ଆସାମୀ ଗିରଫ

ଜଟଣୀ, (ସବ୍ୟୁ) : ସ୍ଥାନୀୟ ମୁଣ୍ଡିଆ ସାହି ମଶାଣି ନିକଟରେ ଏସ୍ଆଇ ଅରୂପାନନ୍ଦ ନାୟକଙ୍କ ରିପୋର୍ଟ୍ ଆଧାରରେ ଏସ୍ଆଇ ଅରୂପାନନ୍ଦ ନାୟକ, ଏଏସ୍ଆଇ ରାଜୀବ କୁମାର ପାଣିଗ୍ରାହୀ ଏବଂ ଓଏପିଏଫ କର୍ମଚାରୀଙ୍କ ପକ୍ଷରୁ ଚଢାଉ କରାଯାଇ ଜନସାଧାରଣଙ୍କୁ ବ୍ରାଉନ୍ ସୁଗାର ବିକ୍ରୟ କରୁଥିବା ଘଟଣାରେ ସହଜୁଦ୍ଦିନ ଓରଫ ସାଇଦୁ (୧୯) ନାମକ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଜଣାପଡିଛି । ତଲାସ ସମୟରେ ଅଭିଯୁକ୍ତଙ୍କଠାରୁ ପଲିଥିନ୍ ପ୍ୟାକେଟ୍‌ରେ ଲୁଚାଇ ରଖାଯାଇଥିବା ୧୨ ଗ୍ରାମ ବ୍ରାଉନ୍ ସୁଗାର ଜବତ କରାଯାଇଥିଲା। ପଚାରାଉଚରା ସମୟରେ ସେ ଜଟଣୀ ଅଞ୍ଚଳରେ ବ୍ରାଉନ୍ ସୁଗାର ଯୋଗାଣ ଏବଂ ବିକ୍ରୟ କରୁଥିବା କଥା ସ୍ୱୀକାର କରିଥିଲେ। ତାଙ୍କର ପୂର୍ବ ଅପରାଧିକ ସମ୍ପୃକ୍ତି ଯାଞ୍ଚରୁ ଜଣାପଡ଼ିଛି ଯେ ସେ ପୂର୍ବରୁ ମୈତ୍ରୀବିହାର ଥାନାରେ ସମାନ ପ୍ରକାର ମାମଲାରେ ଜଡିତ ଥିଲେ ଏବଂ ଜଟଣୀ ଥାନାରେ ମଧ୍ୟ ଏକ ଅପରାଧିକ ମାମଲାରେ ନାମ ଜଡିତ ଥିଲା ।ଅଭିଯୁକ୍ତଙ୍କ ବିରୋଧରେ ପର୍ଯ୍ୟାପ୍ତ ପ୍ରାଥମିକ ପ୍ରମାଣ ସ୍ଥାପିତ ହେବା ପରେ, ସମସ୍ତ ଆଇନଗତ ଔପଚାରିକତା ପୂରଣ କରି କେଶ ନମ୍ବର ୨୩/୨୬ ଆଧାରରେ ତାଙ୍କୁ କୋର୍ଟକୁ ଚାଲାଣ କରାଯାଇଛି। ମାମଲାର ଅଧିକ ତଦନ୍ତ ଜାରି ରହିଛି।

## ଭୁବନେଶ୍ୱର ଡିଜିଟାଲ ମିଡ଼ିଆ ସଂଘ ନିର୍ବାଚନ

# ବିକାଶ ସଭାପତି, ବିରଞ୍ଚି କାର୍ଯ୍ୟକାରୀ ସଭାପତି



ଭୁବନେଶ୍ୱର, (ସବ୍ୟୁ) : ଭୁବନେଶ୍ୱରର ପ୍ରମୁଖ ଡିଜିଟାଲ ଚ୍ୟାନେଲରେ କାର୍ଯ୍ୟରତ ସାମ୍ବାଦିକ ମାନଙ୍କୁ ନେଇ ଗଠିତ ହୋଇଛି । ଭୁବନେଶ୍ୱର ଡିଜିଟାଲ ମିଡ଼ିଆ ସଙ୍ଘ । ପ୍ରାୟ ୫୦ରୁ ଉର୍ଦ୍ଧ ସାମ୍ବାଦିକ ଙ୍କୁ ନେଇ ଗଠିତ ହୋଇଛି । ଏହି ସଙ୍ଘ । ହାଇକୋର୍ଟର ବରିଷ୍ଠ ଆଇନୀଜିବି ଜୀବନ ଜ୍ୟୋତି ଗଡ଼ନାୟକଙ୍କ ଅଧ୍ୟକ୍ଷତାରେ ଏହି ସଙ୍ଘର ନାମ କରଣ କରାଯିବା ସହ ସ୍ୱଚ୍ଛତାର ସହ ୭ ଟି ପଦବୀ ପାଇଁ ନିର୍ବାଚନ କରା ଯାଇଥିଲା । ଓଡିଶାରେ ପ୍ରଥମ ଥର ଡିଜିଟାଲ ମିଡ଼ିଆର ସାମ୍ବାଦିକ ମାନଙ୍କୁ ନେଇ ଏମିତି ଏକ ସଙ୍ଘ ହବା ସହ ଭୋଟିଙ୍ଗ ମାଧ୍ୟମ ରେ ପଦବୀ ଗୁଡିକରେ ନିର୍ବାଚିତ ପ୍ରତିନିଧିଙ୍କୁ ଚୟନ କରାଯାଇଥିଲା । ଯେଉଁଥିରେ ୫୨ ଜଣ ଡିଜିଟାଲ ମିଡ଼ିଆର ସାମ୍ବାଦିକ ମାନେ ନିଜର ମତଦାନ କରିଥିଲେ । ଏହି ନିର୍ବାଚନରେ ସଭାପତି, କାର୍ଯ୍ୟକାରୀ ସଭାପତି, ଉପସଭାପତି, ସମ୍ପାଦକ, ଯୁଗ୍ମ ସମ୍ପାଦକ ଏବଂ କୋଷାଧ୍ୟକ୍ଷ ପାଇଁ ମତଦାନ ହୋଇଥିଲା । ସଭାପତି ପଦବୀ ପାଇଁ ବିକାଶ ଚନ୍ଦ୍ର ବେହେରା ବିପୁଳ ଭୋଟରେ ବିଜୟୀ ହୋଇଛନ୍ତି । ସେଇଭଳି କାର୍ଯ୍ୟକାରୀ ସଭାପତି ଭାବେ ବିରଞ୍ଚି ନାରାୟଣ ସାହୁ ନିର୍ବାଚିତ ହୋଇଥିଲା ବେଳେ ମନୋଜ ସାହୁ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି । ଉପସଭାପତି ପଦବୀରେ ରୋଚକ ମୋଡ଼ ଦେଖିବାକୁ ମିଳିଥିଲା। ଅନିଲ ପରିଡା ଏବଂ ନୃସିଂହ ସାହୁ ସମାନ ଭୋଟ ପାଇ ଯୁଗ୍ମ ବିଜେତା ହେଇଥିଲେ ଏବଂ କୋଷାଧ୍ୟକ୍ଷ ଭାବେ ଦେବତୋଷ ବିଜୟ ଲାଭ କରିଥିଲେ । ଏହି ନିର୍ବାଚନକୁ ବରିଷ୍ଠ ଆଇନଜୀବୀ ଜୀବନ ଜ୍ୟୋତି ଗଡ଼ନାୟକ ପରିଚାଳନା କରିଥିଲେ । ଏହି ସଙ୍ଘ ଆଗାମୀ ଦିନରେ ଡିଜିଟାଲ ମିଡ଼ିଆର ସ୍ୱାର୍ଥ ପାଇଁ ଲଢେଇ କରିବା ସହ ସାମ୍ବାଦିକ ଏକତାକୁ ଅକ୍ଷୁନ୍ନ ରଖିବ ବୋଲି ନବନିର୍ବାଚିତ କର୍ମକର୍ତ୍ତାମାନେ କହିଛନ୍ତି ।

## ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଯୁବ ସାରସ୍ୱତ ସମାରୋହ

# 'ତରୁଣ-ପ୍ରବୀଣ ସଂପର୍କ ବଢ଼ିଲେ ପ୍ରତିଭା ଅଧିକ ବିକଶିତ ହେବ

କଟକ: (ସବ୍ୟୁ): ତରୁଣ ଓ ପ୍ରବୀଣଙ୍କ ମଧ୍ୟରେ ପାରସ୍ପରିକ ସଂପର୍କ ଓ ସହଯୋଗିତା ଦ୍ୱାରା ପ୍ରତିଭା ତଥା ଦକ୍ଷତା ଅଧିକ ବିକଶିତ ହୁଏ । ଏଣୁ ତରୁଣମାନେ ପ୍ରବୀଣଙ୍କୁ ଓ ପ୍ରବୀଣମାନେ ତରୁଣଙ୍କୁ ଆଦର କରିବା ଆବଶ୍ୟକ । ଯୁବ ପ୍ରତିଭାଙ୍କୁ ପ୍ରୋତ୍ସାହିତ କରିବା କ୍ଷେତ୍ରରେ ପ୍ରାଚୀନ ଅନୁଷ୍ଠାନ ଉତ୍କଳ ସାହିତ୍ୟ ସମାଜର ଉଦ୍ୟମ ପ୍ରଶଂସନୀୟ । ଯୁବ ଗବେଷକ ଓ ଯୁବ କଣ୍ଠଶିଳ୍ପୀଙ୍କୁ ଯୁବ ଦିବସ ଅବସରରେ ପୁରସ୍କୃତ କରି ଉଭୟ ସାହିତ୍ୟକଳା ଓ ସଂଗୀତକଳାକୁ ସମ୍ମାନ ଦିଆଯାଉଛି ବୋଲି ଯୁବ ସାରସ୍ୱତ ସମାରୋହ ଅବସରରେ ଯୋଗଦେଇ ଅତିଥିମାନେ ମତପ୍ରକାଶ କରିଛନ୍ତି । ସୋମବାର ସଂଧ୍ୟାରେ ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନରେ ଅନୁଷ୍ଠାନର ସଭାପତି ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ଡକ୍ଟର ଚନ୍ଦ୍ରଶେଖର ହୋତାଙ୍କୁ 'ନାଥବ୍ରହ୍ମ ଯୁବ ଗବେଷକ ପୁରସ୍କାରଦ ଓ ଡାକ୍ତର



ଅନୁରାଧା ପାଣିଗ୍ରାହୀଙ୍କୁ 'କଳ୍ପନା ବଳ ଯୁବ କଣ୍ଠଶିଳ୍ପୀ ପୁରସ୍କାରଦ ପ୍ରଦାନ କରାଯାଇଥିଲା । ଏହି ଅବସରରେ ପୁରସ୍କାର ବ୍ୟବସ୍ଥା ପାଇଁ ପୃଷ୍ଠପୋଷକତା କରିଥିବା ପଣ୍ଡିତ ଚୈତନ୍ୟ କୁମାର ସାହୁ ଓ ଡକ୍ଟର ସୁନାମଣି ରାଉତ ଉପସ୍ଥିତ ଥିଲେ । ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ସାହିତ୍ୟ ଅକାଦେମି ଓଡ଼ିଆ ଉପଦେଷ୍ଟା ମଣ୍ଡଳୀ ଆବାହକ ଡକ୍ଟର ଗୌରହରି ଦାସ ଅନେକ ପ୍ରତିଭାଧାରୀ ସେମାନଙ୍କ ଯୁବ ବୟସରେ ନିଜ ପ୍ରତିଭାର ଶ୍ରେଷ୍ଠତା ପ୍ରତିପାଦନ କରିଛନ୍ତି ବୋଲି ବହୁ ଦୃଷ୍ଟାନ୍ତ ଉପସ୍ଥାପନ ପୂର୍ବକ ମତବ୍ୟକ୍ତ କରିଥିଲେ । ସମ୍ମାନନୀୟ ଅତିଥି ପ୍ରଗତିବାଦୀର କାର୍ଯ୍ୟକାରୀ ସମ୍ପାଦକ ବିରୂପାକ୍ଷ ତ୍ରିପାଠୀ ଦେଶ ଗଠନରେ ଯୁବଶକ୍ତି ପ୍ରମୁଖ ଭୂମିକା ଗ୍ରହଣ କରିପାରିବେ ବୋଲି କହିଥିଲେ । ଏହି ଉତ୍ସବରେ ପାଠାଗାର ସଂପାଦକ ବ୍ରହ୍ମାନନ୍ଦ ମହାନ୍ତି ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିବା ବେଳେ ସ୍ୱାଗତ ଭାଷଣ ଦେଇଥିଲେ ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ । ସାଧାରଣ ସଂପାଦକ ରାଜୀବ କୁମାର ଷଡ଼ଙ୍ଗୀ ଅତିଥି ପରିଚୟ ପ୍ରଦାନ ଓ ରୀତା ରାୟ ମାନପାତ୍ର ପାଠ କରିଥିଲେ । ସ୍ୱାତୀ ଶ୍ୱେତା ରାଉତ ଭକ୍ତିଗୀତ ଗାଇଥିଲେ ଓ ସଂଗଠନ ସଂପାଦକ ଶଶିକାନ୍ତ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉତ୍ସବରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ କୋଷାଧ୍ୟକ୍ଷ ଦିଲ୍ଲୀପ କୁମାର ଦାସ, କାର୍ଯ୍ୟନିର୍ବାହିକା ସମିତି ସଭ୍ୟ ଆଦିତ୍ୟ ପ୍ରତାପ ଧଳ, ଡକ୍ଟର ବୈଜୟନ୍ତୀମାଳା ଶତପଥୀ, ଡକ୍ଟର ରଘୁ ସାହୁ, ମୀରା ବେଉରା, ଅମିତାଭ ଖିଲାର ପ୍ରମୁଖ ଯୋଗଦେଇଥିଲେ ।

# ୨୦ ଗ୍ରାମ ବ୍ରାଉନ ସୁଗର ଜବତ, ୨ ନିଶା ବେପାରୀ ଗିରଫ

ପୁରୀ, (ସବ୍ୟୁ) : ନିଶା କାରବାରକୁ ରୋକିବା ପାଇଁ ପୁରୀ ପୋଲିସ ପକ୍ଷରୁ ଆରମ୍ଭ କରା ଯାଇ ଥିବା ସ୍ୱତନ୍ତ୍ର ଚକ୍ର ଅଭିଯାନରେ ଟାଉନ ଥାନା ପୋଲିସକୁ




ସଫଳତା ମିଳିଛି। ବୁଧବାର ଦିନ ପୋଲିସ ସ୍ଥାନୀୟ ବଲ୍ଲଭଦ୍ର ଲେନ, ଚୌଧୁରୀ ପଡ଼ିଆ ନିକଟରୁ ଦୁଇ ଜଣ ନିଶା ବେପାରୀଙ୍କ ଉପରେ ଅତର୍କିତ ଭାବେ ଚଢ଼ାଉ କରି ସେମାନଙ୍କ ନିକଟରୁ ୨୦.୫୦ ଗ୍ରାମ ବ୍ରାଉନ ସୁଗାର ଜବତ କରିଛି। ଯାହାର ଆନୁମାନିକ ବଜାର ମୂଲ୍ୟ ୨୦ ଲକ୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ଜଣା ପଡିଛି। ବେଆଇନ ନିଶା ବ୍ରାଉନ ସୁଗାର କାରବାର ଅଭିଯୋଗରେ ପୋଲିସ ଜଣେ ଡ୍ରଗସ ସପ୍ଲାୟର ସମେତ ଜଣେ ବେପାରୀକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଦୁଇ ଜଣଙ୍କ ପରିଚୟ ହେଲା କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ବିଶେଶ୍ୱରି ଲେନର ଚିକୁ ଭୋଇ (୨୪) ଡ୍ରଗସ ସପ୍ଲାୟର ଓ ଟାଉନ ଥାନା ଅଧୀନ ବଳଭଦ୍ର ଲେନର ଜୀବନ ଓରଫ ଜ୍ଞାନ ରଞ୍ଜନ ଦାସ(୨୪), ବିକ୍ରେତା। ଅଭିଯୁକ୍ତଙ୍କ ଠାରୁ ପୋଲିସ ୨୦.୫୦ ଗ୍ରାମ ଓଜନର ବ୍ରାଉନ ସୁଗର ଜବତ କରିଛି। ଏଥି ସହିତ ପୋଲିସ ଅଭିଯୁକଙ୍କ ଠାରୁ ନଗଦ ୬,୫୨୦ ଟଙ୍କା, ୩ ଗୋଟି ସ୍ମାର୍ଟ ଫୋନ ଜବତ କରିଛି। ଏନେଇ ପୋଲିସ ପକ୍ଷରୁ ଟାଉନ ଥାନାରେ ଏଣ୍ଡିପିଏସ ଆକ୍ଟର ବିଭିନ୍ନ ଦଫାରେ ଏକ ମାମଲା ରୁଜୁ କରି ତଦନ୍ତ ଚାଲିଛି। ଟାଉନ ଥାନା ଆଇଆଇସି ଗୋକୁଳ ରଂଜନ ଦାସଙ୍କ ସୂଚନା ମୁତାବକ ବିଶେଷ ସୂତ୍ରରୁ ପୋଲିସ ଖବର ପାଇଥିଲା ସ୍ଥାନୀୟ ବଳଭଦ୍ର ଲେନ, ଚୌଧୁରୀ ପଡ଼ିଆ ନିକଟରେ ଗିରଫ ହୋଇ ଥିବା ଡ୍ରଗସ ସପ୍ଲାୟର ଚିକୁ ନିଶା ବେପାରୀ ଜୀବନ ଓରଫ ଜ୍ଞାନକୁ ବ୍ରାଉନ ସୁଗାର ଯୋଗାଉଛି। ଉକ୍ତ ତଥ୍ୟ ଅନୁସାରେ ପୋଲିସ ର ଏକ ସ୍ୱତନ୍ତ୍ର ଟିମ୍ ସେଠାରେ ଅତର୍କିତ ଭାବେ ଚଢ଼ାଉ କରି ଥିଲା। ଘଟଣା ସ୍ଥଳରୁ ପୋଲିସ ଦୁଇ ଜଣ ନିଶା ବେପାରୀଙ୍କୁ ଗିରଫ କରିବା ସହ ବ୍ରାଉନ ସୁଗାର ଜବତ କରି ଥିଲା। କୋର୍ଟ ଅଭିଯୁକ୍ତଙ୍କ ଜାମିନ ଆବେଦନ ଖାରଜ କରିବାରୁ ପୋଲିସ ସେମାନଙ୍କୁ ଜେଲକୁ ପଠାଇ ଦେଇଛି।

# ପାଟ୍ରୋଲିଂ ବେଳେ ପୁଲିସ ହାତରେ ଧରା ପଡିଲେ ପାଞ୍ଚ ଡକାୟତ

ଜଟଣୀ, (ସବ୍ୟୁ) : ଜଟଣୀ ଥାନାଧିକାରୀ ଷ୍ଟାଲିନ ବିଶ୍ୱାଳଙ୍କ ନିର୍ଧେଶକ୍ରମେ ଅପରାଧିକ କାର୍ଯ୍ୟାବଳୀ ଉପରେ ରୋକ ଲଗାଇବା ଉଧେଶ୍ୟରେ ପେଟ୍ରୋଲିଂ କରାଯାଉଥିବା ବେଳେ ସ୍ଥାନୀୟ ରେଳବାଇ ଲୋକୋ କଲୋନୀ ଅଞ୍ଚଳର ମାଣିଆ ଛକ ନିକଟରେ ହରିପୁର ଓ ଡେଲାଙ୍ଗ ପାର୍ଶ୍ୱକୁ ଯାଉଥିବା ଯାନବାହାନ ଉପରେ ଡକାୟତି କରିବା ଉଦ୍ଦେଶ୍ୟରେ କିଛି ଦୁର୍ବୃତ୍ତ ଏକତ୍ରିତ ହୋଇଥିବା ସମ୍ପର୍କରେ ଏଏସ୍ଆଇ ଆକାଶ କୁମାର ବେହେରା ବିଶ୍ୱସ୍ତ ସୂଚନା ପାଇଥିଲେ। ତୁରନ୍ତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ପୁଲିସ ଦଳ ଜଟଣୀ ଥାନାଧିକାରୀଙ୍କୁ ସୂଚନା ଦେଇ ତାଙ୍କ ନିର୍ଦ୍ଦେଶକ୍ରମେ ଘଟଣାସ୍ଥଳକୁ ଯାଇଥିଲେ। ସତର୍କତାର ସହିତ ଅଞ୍ଚଳକୁ ଘେରାଉ କରି, ଶିବ ମନ୍ଦିର ନିକଟରେ ପାଞ୍ଚ ଜଣ ଅସାମାଜିକ ବ୍ୟକ୍ତିଙ୍କୁ ଏକତ୍ରିତ ହୋଇ ମଦ୍ୟପାନ କରୁଥିବା ଏବଂ ମାରାତ୍ମକ ଅସ୍ତ୍ରଶସ୍ତ୍ର ଧରିଥିବା ଅବସ୍ଥାରେ ଦେଖିଥିଲେ। ପୋଲିସର ଉପସ୍ଥିତି ଦେଖି ସେମାନେ ପଳାଇବାକୁ ଚେଷ୍ଟା କରିଥିଲେ, କିନ୍ତୁ ପୋଲିସ ଦଳ ସମସ୍ତ ପାଞ୍ଚଜଣଙ୍କୁ କାବୁ କରିଥିଲେ। ଅପରାଧୀ ମାନେ ହେଲେ ଯଥାକ୍ରମେ ଖୁଦୁପୁର ଗ୍ରାମର ଜିତେନ୍ଦ୍ର ରାଉତରାୟ (୨୭), ରଥିପୁର ଗ୍ରାମର ଆନସାର ଶାହା (୨୪), ଗଜପତି ନଗର ଅଞ୍ଚଳର ସୁଜିତ କୁମାର ବିଶ୍ୱାଳ (୩୧), ବିବେକାନନ୍ଦ ସାହି ମାଛ ମାର୍କେଟ ଅଞ୍ଚଳର ଶ୍ୟାମ ସୁନ୍ଦର ବେହେରା (୨୧) ଏବଂ ଲୋକୋ କଲୋନୀ ଅଞ୍ଚଳର ମନୋଜ କୁମାର ନାଇକ (୪୦) ପଚରାଉଚରା ସମୟରେ ଅଭିଯୁକ୍ତମାନେ ଘଟଣାସ୍ଥଳରେ ସେମାନଙ୍କ ଉପସ୍ଥିତି ସମ୍ପର୍କରେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରିନଥିଲେ ଏବଂ ମୋଟରସାଇକେଲ ଚାଳକ ଏବଂ ଚାରିଚକିଆ ଯାନ ଚାଳକ ମାନଙ୍କଠାରୁ ଡକାୟତି କରିବା ଉଦ୍ଦେଶ୍ୟରେ ସେମାନେ ଏକତ୍ରିତ ହୋଇଥିବା ସ୍ୱୀକାର କରିଥିଲେ। ଘଟଣାସ୍ଥଳରୁ ଅପରାଧୀ ଅସ୍ତ୍ରଶସ୍ତ୍ର ଓ ଅନ୍ୟାନ୍ୟ ସାମଗ୍ରୀ ଉଦ୍ଧାର କରି ଆଇନଗତ ପ୍ରକ୍ରିୟାରେ ଜବତ କରାଯାଇଥିଲା ।ଅଭିଯୁକ୍ତମାନଙ୍କ ପୂର୍ବ ଅପରାଧିକ ରେକର୍ଡ ଯାଞ୍ଚରୁ ଜଣାପଡ଼ିଛି ଯେ, ଅଭିଯୁକ୍ତ ଜିତେନ୍ଦ୍ର ରାଉତରାୟ ଡକାୟତି ଓ ଅସ୍ତ୍ରଶସ୍ତ୍ର ସହିତ ସଂପୃକ୍ତ ମୋଟ ୩ଟି ପୂର୍ବ ଅପରାଧିକ ମାମଲାରେ ଜଡିତ। ଅଭିଯୁକ୍ତ ଅନସାର ସାହା ଡକାୟତି ପ୍ରସ୍ତୁତି, ଚୋରି, ଆକ୍ରମଣ ଓ ଅସ୍ତ୍ରଶସ୍ତ୍ର ଆଇନ ଉଲ୍ଲଂଘନ ସମେତ ମୋଟ ୧୦ଟି ଗୁରୁତର ପୂର୍ବ ଅପରାଧିକ ମାମଲାରେ ଜଡିତ। ଅଭିଯୁକ୍ତ ସୁଜିତ କୁମାର ବିଶ୍ୱାଳ ୨ଟି ପୂର୍ବ ଅପରାଧିକ ମାମଲାରେ ଜଡିତ ଥିବା ବେଳେ, ଅଭିଯୁକ୍ତ ଶ୍ୟାମସୁନ୍ଦର ବେହେରା ଓ ମନୋଜ କୁମାର ନାୟକଙ୍କ ଅପରାଧିକ ପୂର୍ବାବଲୋକନ ଯାଞ୍ଚାଧୀନ ଅଛି ।ଅଭିଯୁକ୍ତମାନଙ୍କ ବିରୋଧରେ ପର୍ଯ୍ୟାପ୍ତ ପ୍ରାଥମିକ ପ୍ରମାଣ ସ୍ଥାପିତ ହେବା ପରେ, ସମସ୍ତ ଆଇନଗତ ଔପଚାରିକତା ପୂରଣ କରି କେଶ ନମ୍ବର ୨୨/୨୬ ଆଧାରରେ ସେମାନଙ୍କୁ କୋର୍ଟକୁ ଚାଲାଣ କରାଯାଇଛି । ଏହି ମାମଲାର ଅଧିକ ତଦନ୍ତ ଜାରି ରହିଛି ।

# ରାସ୍ତାରୁ ୨୦୦ମିଟର ତଳକୁ ଖସି ପଡିଲା ଯାତ୍ରୀବାହୀ ବସ

ଗଣିଆ, (ସବ୍ୟୁ): ଲାଞ୍ଜିଗଡ଼ ରୁ ଭୁବନେଶ୍ୱରକୁ ଆସୁଥିବା ବୁଲ ବୁଲ ନାମକ ଘରୋଇ ବସ ଦୁର୍ଘଟଣାଗ୍ରସ୍ତ ହୋଇଛି । ଭୋର ୩ ଟାରେ ବସଟି ଦଶପଲ୍ଲା -ଗଣିଆ ଜାତୀୟ ରାଜପଥର ଗଣିଆ ଥାନା ଅନ୍ତର୍ଗତ ଆଡକଟା ଠାରେ ରାସ୍ତା ତଳକୁ ଓଲଟି ପ ଗାଡିର ବେଗ ଏତେ ପ୍ରଖର ଥିଲା ଯେ ବସଟି ରାସ୍ତା ଠାରୁ ୨୦୦ମିଟର ତଳକୁ ଖସି ପଡିଥିଲା । ରାସ୍ତାକୁ ଲାଗିରହିଥିବା ଏଲେଟ୍ରି ପୋଲ ଓ ତାଳ ଗଛକୁ ବାଡ଼େଇ ବିଲ ଭିତରରେ ଓଲଟି ପଡିଥିଲା । ଖବର ପାଇ ଘଟଣା ସ୍ଥଳରେ ଗଣିଆ ଥାନ ଏଏସଆଇ ସାହା ଆଲମ ଖାଁ ଓ ପୋଲିସ କର୍ମଚାରୀ , ୧୦୮ ଆମ୍ବୁଲାନ୍ସ ଓ ଅଗ୍ନିଶମ ବାହିନୀର କର୍ମଚାରୀମାନେ ପହଞ୍ଚି ଲୋକଙ୍କୁ ଉଦ୍ଧାର କରିଥିଲେ । ବିଧିର ବିଧାନ କେ କରିବ ଆନ , ଯାହାକୁ ରଖିବେ ଅନନ୍ତ ତାକୁ କି କରିପରେ ବଳବନ୍ତ ଆମେ କହିବାର ତାପର୍ଯ୍ୟ ଏଭଳି ଏକ ହୃଦୟ ବିଦାରକ ଦୁର୍ଘଟଣା ରେ କୌଣସି ଯାତ୍ରୀ, ଡ୍ରାଇଭର ଓ ହେଲ୍‌ପରଙ୍କର କିଛି ବି କ୍ଷୟ କ୍ଷତି ହୋଇନାହିଁ । ଘଟଣା ସ୍ଥଳରେ ସ୍ଥାନୀୟ ଲୋକ ମାନେ ଉପସ୍ଥିତ ରହି ଲୋକଙ୍କୁ ଉଦ୍ଧାର କରିଥିଲେ ।

ସମୟ

# ନୂଆଦିଲ୍ଲୀ ବିଶ୍ୱ ପୁସ୍ତକ ମେଳା

## ଭାରତର ସାମରିକ ଢାଞ୍ଚାରେ ଓଡିଶାର ବର୍ଦ୍ଧିଷ୍ଣୁ ଭୂମିକା ଉପରେ ଆଲୋଚନା

ନୂଆଦିଲ୍ଲୀ : ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଚାଲୁଥିବା ବିଶ୍ୱ ପୁସ୍ତକ ମେଳାରେ ଚଳିତ ବର୍ଷର ବିଷୟବସ୍ତୁ ରହିଛି '୭୫ ବର୍ଷର ଭାରତର ସାମରିକ ଇତିହାସ ଶୌର୍ଯ୍ୟ ଏବଂ ପ୍ରଜ୍ଞା' । ଏହି ବିଷୟକୁ ନେଇ ନ୍ୟାସନାଲ ବୁକ୍ ଟ୍ରଷ୍ଟ ଇଣ୍ଡିଆ ଦ୍ୱାରା ଆୟୋଜିତ ଏହି ପୁସ୍ତକ ମେଳାରେ ଦେଶର ବିଭିନ୍ନ ଭାଗରୁ ସାମରିକ ଅଧିକାରୀ ଏବଂ ବିଶେଷଜ୍ଞମାନେ ଆସି ଭାରତର ସାମରିକ ଇତିହାସ ଏବଂ ଏହାର ପରାକ୍ରମକୁ ନେଇ ଆଲୋଚନା କରୁଛନ୍ତି। ମେଳାର ଥିମ୍ ମଣ୍ଡପରେ ଆୟୋଜିତ ହୋଇଯାଇଛି ଏକ ମହତ୍ୱପୂର୍ଣ୍ଣ ଆଲୋଚନାଚକ୍ର । ଯାହାର ବିଷୟ ଥିଲା 'ଭାରତର ସାମରିକ ଢାଞ୍ଚାରେ ଓଡିଶାର ବର୍ଦ୍ଧିଷ୍ଣୁ ଭୂମିକା' । ଏହି ଆଲୋଚନାରେ ଅଂଶ ଗ୍ରହଣ କରି କର୍ଣ୍ଣେଲ ଶରତ କୁମାର




ମହାପାତ୍ର, କର୍ଣ୍ଣେଲ ଦେବରାଜ ମଲ୍ଲିକ ଏବଂ ଗ୍ରୁପ୍ କ୍ୟାପଟେନ୍ ସଞ୍ଜିବ କୁମାର ମହାପାତ୍ର, ଭାରତୀୟ ସାମରିକ ଭିତ୍ତିଭୂମିକୁ ଓଡିଶାର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ଚାନ୍ଦିପୁର ସ୍ଥିତ ଡକ୍ଟର ଏପିଜେ ଅବଦୁଲ କଲାମ କେନ୍ଦ୍ରର ପୃଥ୍ୱୀ, ଅଗ୍ନି, ଆକାଶ, ବ୍ରହ୍ମାସ୍ତ୍ର, ନିର୍ଭୟ, ତ୍ରିଶୂଳ, ପିନାକ ଆଦି କ୍ଷେପଣାସ୍ତ୍ର କେବଳ ପରୀକ୍ଷଣ ହୋଇନି ବରଂ ଏଠାରେ ଏହାର ବିକାଶ ହୋଇଥିବା ମଧ୍ୟ ଆଲୋଚକମାନେ କହିଥିଲେ। ସୁନାବେଡା ସ୍ଥିତ ହିନ୍ଦୁସ୍ଥାନ ଏରୋନେଟିକ୍ ଲିମିଟେଡ୍‌ରୁ ମିଗ୍ ବିମାନର ନିର୍ମାଣ, ବଡମାଳର ଗୋଳାବାରୁଦ କାରଖାନାରୁ ଯୁଦ୍ଧାସ୍ତ୍ର ନିର୍ମାଣ ହୋଇ ସେନାବାହିନୀରେ ସାମିଲ ହେବା ପରେ ଦେଶର ଯୁଦ୍ଧ କ୍ଷମତା କିପରି ବିକଶିତ ହୋଇଛି ସେ ସମ୍ପର୍କରେ ମଧ୍ୟ ବକ୍ତାମାନେ ଆଲୋଚନା କରିଥିଲେ। ଏପରିକି ରାଉରକେଲା ଷ୍ଟିଲ ପ୍ଲାଣ୍ଟରୁ ଉନ୍ନତ ଷ୍ଟିଲ୍ ଗଗନଯାନରେ ମଧ୍ୟ ବ୍ୟବହୃତ ହୋଇଛି । ଦେଶର ସାମରିକ କ୍ଷମତା ବୃଦ୍ଧିରେ ଓଡିଶାର ଅନେକ ଅବଦାନ ରହିଥିବା ବକ୍ତାମାନେ କହିଥିଲେ। ଏହି କାର୍ଯ୍ୟକ୍ରମରେ ନ୍ୟାସନାଲ ବୁକ୍ ଟ୍ରଷ୍ଟ ଇଣ୍ଡିଆର ଓଡିଆ ବିଭାଗର ସମ୍ପାଦକ ଡକ୍ଟର ପ୍ରମୋଦ ସର ସ୍ୱାଗତ ଭାଷଣ ଦେବା ସହ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଚଳିତ ମାସ ୧୦ ତାରିଖରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ଉଦ୍‌ଘାଟିତ ଏହି ବିଶ୍ୱ ପୁସ୍ତକ ମେଳା ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ।

### ଡ଼. ନୃସିଂହ ଚରଣ ଷଡ଼ଙ୍ଗୀଙ୍କୁ ବ୍ୟାସକବି ଫକୀର ମୋହନ ଓଡ଼ିଆ ଭାଷା ସମ୍ମାନ

## ବ୍ୟାସକବିଙ୍କ ସାହିତ୍ୟ ଆମ ପାଇଁ ପ୍ରେରଣାର ଉତ୍ସ : ସଂସ୍କୃତି ମନ୍ତ୍ରୀ

ଭୁବନେଶ୍ୱର(ସବ୍ୟୁ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ବିଶିଷ୍ଟ ଗବେଷକ ତଥା ପ୍ରାବନ୍ଧିକ ଡ଼. ନୃସିଂହ ଚରଣ ଷଡ଼ଙ୍ଗୀଙ୍କୁ ବ୍ୟାସକବି ଫକୀର ମୋହନ ଓଡ଼ିଆ ଭାଷା ସମ୍ମାନ-୨୦୨୧ ପ୍ରଦାନ କରାଯାଇଛି । ବ୍ୟାସକବି ଫକୀରମୋହନଙ୍କ ସାହିତ୍ୟ ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ । ସମାଜର ସତ୍ୟତାକୁ ବ୍ୟାସକବି ନିଜର ସାହିତ୍ୟରେ ପରିପ୍ରକାଶ କରୁଥିଲେ । ଆଜିର ସମୟରେ ମଧ୍ୟ ବ୍ୟାସକବିଙ୍କ ଲିଖିତ ଗଳ୍ପ, କବିତା ଓ ଉପନ୍ୟାସର ପ୍ରାସଙ୍ଗିକତା ରହିଛି । ଓଡ଼ିଆ ଭାଷାକୁ ଜୀବନ୍ତ କରି ରଖିବା ସହ ଓଡ଼ିଆ ସାହିତ୍ୟର ପ୍ରଚାର ଓ ପ୍ରସାର ଦିଗରେ ଫକୀରମୋହନ ସେନାପତି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି ବୋଲି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ।

ଏହି କାର୍ଯ୍ୟକ୍ରମରେ ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଫଟୋଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଓଡ଼ିଆ ଭାଷାର ପ୍ରଚାର ଓ ପ୍ରସାର, ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଉତ୍କୃଷ୍ଟ ଓ ନିରନ୍ତର କାର୍ଯ୍ୟ, ଗବେଷଣା ଏବଂ ସାମଗ୍ରିକ ସାହିତ୍ୟ କୃତି ଆଦିକୁ ବିଚାରକୁ ନେଇ ଡ଼. ଷଡ଼ଙ୍ଗୀଙ୍କୁ ବ୍ୟାସକବି ଫକୀରମୋହନ ଓଡ଼ିଆ ଭାଷା ସମ୍ମାନରେ ସମ୍ମାନିତ କରାଯିବା ସହ ୫ଲକ୍ଷ




ଟଙ୍କା ପୁରସ୍କାର ରାଶି, ଅଙ୍ଗବସ୍ତ୍ର ଓ ତାମ୍ର ଫଳକ ପ୍ରଦାନ କରାଯାଇଛି ।

ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ରାଜକବି ଗୋବିନ୍ଦଭଞ୍ଜ ଗ୍ରନ୍ଥାବଳୀ ଏବଂ ସାହିତ୍ୟିକ ଜାନକୀ ବଲ୍ଲଭ ମହାନ୍ତି (ଭରଦ୍ୱାଜ) ପୁସ୍ତକ ଉନ୍ମୋଚିତ ହୋଇଥିଲା । ଏଥିସହ ଉତ୍କଳ ସଂସ୍କୃତି ବିଶ୍ୱ ବିଦ୍ୟାଳୟର ଛାତ୍ରୀମାନେ ସମବେତ ସଙ୍ଗୀତ ପରିବେଷଣ କରିଥିଲେ । ବିଶିଷ୍ଟ କଥାଶିଳ୍ପୀ ଓ ଔପନ୍ୟାସିକ ଶାନ୍ତନୁ ଆଚାର୍ଯ୍ୟ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଡ଼. ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ଼. ଚନ୍ଦ୍ର ଶେଖର ହୋତା ପ୍ରମୁଖ ଆଜିର କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ଲୋକଭବନ ଉଦ୍ୟାନ ପରିଦର୍ଶନରେ ଆସିଥିବା ପିଲାଙ୍କ ସହ ଖୁସି ବାଣ୍ଟିଲେ ରାଜ୍ୟପାଳ

ଭୁବନେଶ୍ୱର, (ସବ୍ୟୁ) : ଓଡ଼ିଶାର ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପାଟି ବୁଧବାର ଅପରାହ୍ନରେ ଲୋକଭବନ ଉଦ୍ୟାନ ପରିଦର୍ଶନରେ ଆସିଥିବା



ପିଲାମାନଙ୍କ ସହ ଖୁସି ବାଣ୍ଟିଛନ୍ତି । ମକର ସଂକ୍ରାନ୍ତି ଅବସରରେ ରାଜ୍ୟପାଳ ପିଲାମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କ ସହ ଭାବ ବିନିମୟ କରିଥିଲେ ଏବଂ ପିଲାମାନଙ୍କୁ ଚିକି, ଚକୋଲେଟ ଓ କଲମ ବଣ୍ଟନ କରିଥିଲେ । ନିଜର ଖୁସି ପ୍ରକାଶ କରି ରାଜ୍ୟପାଳ କହିଥିଲେ ଯେ, "ସବୁଜିମାରେ ଭରପୁର ଉଦ୍ୟାନ ଗୁଡ଼ିକୁ ପରିଦର୍ଶନ କରିବା ସମୟରେ ପିଲାମାନଙ୍କୁ ଭେଟିବା ଏବଂ ସେମାନଙ୍କର ଉତ୍ସାହ ଦେଖିବା ମୋତେ ଅତ୍ୟନ୍ତ ଆନନ୍ଦ ଦିଏ।" ଏପରି ସ୍ଥାନଗୁଡ଼ିକ ପିଲାମାନଙ୍କୁ ଏକ ନିରାପଦ ଏବଂ ପ୍ରାକୃତିକ ପରିବେଶରେ ସୁସ୍ଥ ମନୋରଞ୍ଜନ ଦେବା ସହ ଶିଖିବାର ସୁଯୋଗ ପ୍ରଦାନ କରେ, ଯାହା ସେମାନଙ୍କର ସାମଗ୍ରିକ ବିକାଶ ଏବଂ କଲ୍ୟାଣ ପାଇଁ ପରିପୂରକ ହୋଇଥାଏ ବୋଲି ରାଜ୍ୟପାଳ କହିଛନ୍ତି । ଲୋକଭବନ ଉଦ୍ୟାନ ପରିଦର୍ଶନ ପାଇଁ ଜନସାଧାରଣଙ୍କ ବିପୁଳ ଆଗ୍ରହ ପାଇଁ ମଧ୍ୟ ରାଜ୍ୟପାଳ ସନ୍ତୋଷ ପ୍ରକାଶ କରିଥିଲେ। ଲୋକଭବନ ଉଦ୍ୟାନଗୁଡ଼ିକ ଚଳିତ ଜାନୁଆରୀ ୧୦ ତାରିଖରୁ ଜନସାଧାରଣ ପାଇଁ ଖୋଲାଯାଇଛି ଏବଂଏହା ଜାନୁଆରୀ ୨୦ ତାରିଖ ପର୍ଯ୍ୟନ୍ତ ଖୋଲା ରହିବ। ଖୋଲା ହେବା ପରଠାରୁ ଭୁବନେଶ୍ୱର ତଥା ରାଜ୍ୟର ବିଭିନ୍ନ ଅଞ୍ଚଳରୁ ପ୍ରତିଦିନ ହଜାର ହଜାର ପରିଦର୍ଶକ ଲୋକଭବନ ଉଦ୍ୟାନଗୁଡ଼ିକୁ ପରିଦର୍ଶନ କରୁଛନ୍ତି।

## ରିଜୋନାଲ ସେଣ୍ଟର ଇସିଏଚ୍‌ଏସ୍ ଅନୁଷ୍ଠାନ ପକ୍ଷରୁ ରକ୍ତଦାନ ଶିବିର

ଭୁବନେଶ୍ୱର, (ସବ୍ୟୁ) : ଭୁବନେଶ୍ୱରସ୍ଥିତ ରିଜୋନାଲ ସେଣ୍ଟର ଇସିଏଚ୍‌ଏସ୍ ଅନୁଷ୍ଠାନ ପକ୍ଷରୁ ଡାଇରେକ୍ଟର କର୍ଣ୍ଣେଲ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଏବଂ ପୂର୍ବତନ ସୈନିକମାନେ ଏଥିରେ ଅଂଶଗ୍ରହଣ କରିଥିଲେ । ଏହି ଶିବିରରେ ମୋଟ ୫୩ଟି



କେ.ଜୟପାଳଙ୍କ ଅଧ୍ୟକ୍ଷତାରେ ଅବସରପ୍ରାପ୍ତ ସୈନିକ ଦିବସ ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଉତ୍କଳ ହସ୍ପିଟାଲ ଓ ରେଡ୍‌କ୍ରସ ସୋସାଇଟି ଭୁବନେଶ୍ୱର ମିଳିତ ସହଯୋଗରେ ଏହା ସୂଚାରୁ ରୂପେ ସମାପ୍ତ ହୋଇଛି । ରକ୍ତ ସଂଗ୍ରହ କରାଯାଇଥିଲା । ଯୁଗ୍ମ ନିର୍ଦ୍ଦେଶକ ଲେଫ୍ଟନାଣ୍ଟ କର୍ଣ୍ଣେଲ ଇନ୍ଦ୍ରନିଲ ଗେନ, କମାଣ୍ଡର ଅମିତ ଖଣ୍ଡରୀ ଏବଂ ମେଡ଼ିକାଲ ଅଫିସର ଅବସରପ୍ରାପ୍ତ କର୍ଣ୍ଣେଲ ଅରୁଣରତ୍ନ ପଣ୍ଡାଙ୍କ ସହିତ ସୁବେଦାର ରଞ୍ଜିତ ମହାନ୍ତି ଉପସ୍ଥିତ ରହି ଶିବିରକୁ ପରିଚାଳନା କରିଥିଲେ ।

## ଫକୀର ମୋହନ - ଜୀବନ ହିଁ ଭାଷା ସାହିତ୍ୟର

ଭୁବନେଶ୍ୱର, (ସବ୍ୟୁ) : ବ୍ୟାସ କବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ଉପଲକ୍ଷେ ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କମିଟି ପକ୍ଷରୁ ବୁଧବାର ସକାଳେ ସ୍ଥାନୀୟ ଉତ୍କଳ ବିଶ୍ୱବିଦ୍ୟାଳୟ ସମ୍ମୁଖସ୍ଥ ଉକ୍ତ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ସ୍ମୃତିଚାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଉପସଭାପତି ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ଅଧ୍ୟକ୍ଷତା କରି ଓଡ଼ିଆ ଭାଷାର ଦୁର୍ଦ୍ଦିନରେ ଫକୀର ମୋହନ କିପରି ଭାଷା ବଞ୍ଚାଇବା ପାଇଁ ଉପନ୍ୟାସ, ଗଳ୍ପ, ପ୍ରବନ୍ଧ, କବିତା ଲେଖି ଓଡ଼ିଆ ସାରସ୍ୱତ ଭଣ୍ଡାରକୁ ଋଦ୍ଧିମନ୍ତ କରିଥିଲେ ତା'ର ଅବତାରଣା କରିଥିଲେ । ତାଙ୍କ ସାହିତ୍ୟ ସାଧନାର ଗଭୀର ନିଷ୍ଠା ବିଷୟ ବର୍ଣ୍ଣନା କରିବାକୁ ଯାଇ ନଅଙ୍କ ଦୁର୍ଭିକ୍ଷ ସମୟରେ ପ୍ରାୟ ସମସ୍ତେ ମୁଠାଏ ଖାଇବାକୁ ଚିନ୍ତା କରୁଥିବାବେଳେ ସେ ବାଲେଶ୍ୱରରେ କିପରି ଛାପାଖାନା ବସାଯାଇ ଛପା କାର୍ଯ୍ୟ କରାଗଲେ ଓଡ଼ିଆ ଭାଷା ବଞ୍ଚି ରହିପାରିବ ସେ କଥା ଚିନ୍ତା କରୁଥିବା ବିଷୟ ଉଲ୍ଲେଖ କରିଥିଲେ । ଯାହା ତାଙ୍କ "ଜୀବନ ହିଁ ଭାଷା ସାହିତ୍ୟର" ବାର୍ତ୍ତା ଦେଉଥିଲା । ତାଙ୍କର ତତ୍‌କାଳୀନ ସମାଜରେ ସାଧାରଣ ଜନତାଙ୍କ ପାଇଁ ଥିବା ଦରଦ ଦୃଷ୍ଟିରୁ ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତୋଳନ କରିବା ଏବଂ ରାଜ୍ୟ ଗଠନ ପାଇଁ ଗଠନ କରାଯାଇଥିବା ଉତ୍କଳ ସମ୍ମିଳନୀରେ ସଭାପତିତ୍ୱ କରିବା ଇତ୍ୟାଦି ତାଙ୍କ ରାଜନୈତିକ କାର୍ଯ୍ୟକଳାପର ଗୋଟିଏ ଗୋଟିଏ ନମୁନା ଅଟେ । ଅନ୍ୟତମ ଉପସଭାପତି ପ୍ରାକ୍ତନ ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ମହାନ୍ତି ବ୍ୟାସ କବିଙ୍କ ଗୁଣାବଳୀର ପ୍ରଶଂଶା କରି ଓଡ଼ିଆ ଭାଷା ବଞ୍ଚି ରହିଥିବାରୁ ପରବର୍ତ୍ତୀ କାଳରେ ଆମ୍ଭେମାନେ ସ୍ୱତନ୍ତ୍ର ଓଡ଼ିଶା ରାଜ୍ୟ ପାଇବା ସମ୍ଭବ ହେଲା ବୋଲି କହିଥିଲେ । ତେଣୁ ଆମ ଭାଷା ପ୍ରତି ସର୍ବାଧିକ ଗୁରୁତ୍ୱ ଦେବା ନେଇ ମତ ରଖିଥିଲେ । କାର୍ଯ୍ୟକ୍ରମ ଦ୍ୱୟରେ ଉପସଭାପତି ପ୍ରଫେସର କାଶୀନାଥ ରଥ, ଅଧିବକ୍ତା ଲକ୍ଷ୍ମୀଧର ଦାଶ,ସନ୍ତୋଷ କୁମାର ରାଉତ, ସମ୍ପାଦକ ଡା.




ବାନାମ୍ବର ପରିଡ଼ା, ଇଂ. ବିରଞ୍ଚିନାରାୟଣ ଦାଶ, ଶ୍ରୀମତୀ ସ୍ୱାଗତିକା ରାଉତ, କୋଷାଧ୍ୟକ୍ଷ ତ୍ରିନାଥ ସାମନ୍ତରାୟ କାର୍ଯ୍ୟନିର୍ବାହୀ ସଦସ୍ୟ ଇଂ. ଜିତେନ୍ଦ୍ର କୁମାର ପାଢ଼ୀ, ଦୀନବନ୍ଧୁ ଷଡ଼ଙ୍ଗୀ, ସବ୍ୟସାଚୀ ସାମନ୍ତରାୟ, ପଠାଣି ଜେନା, ତାପସ ଦାସ, ଶିରିଶ ପାତ୍ର ଏବଂ ଅନ୍ୟମାନଙ୍କ ମଧ୍ୟରେ ରନ ରାଉତ, ବଂଶୀଧର ବେହେରା, ପ୍ରକାଶ ବେହେରା ଓ କେଶବ ପାଇକ ପ୍ରମୁଖ ଯୋଗଦେଇଥିଲେ । ଶେଷରେ ସାଧାରଣ ସମ୍ପାଦକ ଡ଼ା. ରାଧାନାଥ ପ୍ରହରାଜ ନିଜେ ଦୀର୍ଘ ବର୍ଷ ଧରି ସବୁ କ୍ଷେତ୍ରରେ ଓଡ଼ିଆରେ ଦସ୍ତଖତ କରି କୌଣସି ଅସୁବିଧାର ସମ୍ମୁଖୀନ ହୋଇନଥିବାରୁ ଏଠାରେ ଉପସ୍ଥିତ ଥିବା ସମସ୍ତେ ଓଡ଼ିଆରେ ଦସ୍ତଖତ କରିବାକୁ ଶପଥ ନେବା ପାଇଁ ଅନୁରୋଧ କରିଥିଲେ ।

## ଦାରୁବ୍ରହ୍ମ ଶ୍ରୀଜଗନ୍ନାଥଙ୍କ ପଖାଳ ଭୋଗ ଓ ପଇତା ଲାଗି ନୀତି ୟୁଟ୍ୟୁବରେ ଲୋକାର୍ପିତ



ଭୁବନେଶ୍ୱର, (ସବ୍ୟୁ) : ପବିତ୍ର ମକର ସଂକ୍ରାନ୍ତି ଅବସରରେ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ସଂସ୍ଥାନ ପକ୍ଷରୁ ଦାରୁ ବ୍ରହ୍ମ ଶ୍ରୀ ଜଗନ୍ନାଥଙ୍କ ନୀତି ୟୁଟ୍ୟୁବରେ ଲୋକାର୍ପଣ କରଯାଇଛି। ସଦସ୍ୟ ଦୀପକ ରାଉତଙ୍କ ଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରଚାରକ, ଡ ନାରାୟଣ ମହାପାତ୍ର ଓ ସଦସ୍ୟ ସୁବାସ ଜଗତିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଲୋକାର୍ପଣ ଉତ୍ସବ ରେ ଦାରୁ ବ୍ରହ୍ମ ଶ୍ରୀ ଜଗନ୍ନାଥ ଙ୍କ ପଖାଳ ଭୋଗ, ଶ୍ରୀ ମନ୍ଦିର ରେ ପଇତା ଲାଗି ନୀତି, ଶ୍ରୀ ମନ୍ଦିର ର ବାଇଶି ପାହାଚ ଓ ଏଆଇରେ କରାଯାଇଥିବା ଭିଡିଓ କାହାଣୀ ଗୁଡ଼ିକ ୟୁଟ୍ୟୁବରେ ଲୋକାର୍ପିତ କରାଯାଇଛି । ମକର ସଂକ୍ରାନ୍ତି ହେଉଛି ସୂର୍ଯ୍ୟଦେବଙ୍କ ପବିତ୍ର ପର୍ବ। ଏହି ଦିନ ସୂର୍ଯ୍ୟଦେବ ଉତ୍ତରାୟଣରେ ପ୍ରବେଶ କରନ୍ତି। ମକର ସଂକ୍ରାନ୍ତିକୁ ଅତ୍ୟନ୍ତ ପବିତ୍ର ଦିନ ଭାବେ ମନାଯାଏ। ମକର ସଂକ୍ରାନ୍ତି ଦିନ ଗଙ୍ଗା ସାଗରରେ ସ୍ନାନ କରିବାକୁ ମହାପୁଣ୍ୟଦାୟକ ବୋଲି ବିଶ୍ୱାସ କରାଯାଏ।

## ଆଇଆଇଟି ମାଡ୍ରାସରେ 'ପୋଙ୍ଗଲ ପର୍ବ ପାଳିଲେ କେନ୍ଦ୍ରମନ୍ତ୍ରୀ

### କୃତଜ୍ଞତା, ସମୃଦ୍ଧି ଏବଂ ସାଂସ୍କୃତିକ ଐତିହ୍ୟର ପ୍ରତୀକ ପୋଙ୍ଗଲ : ଧର୍ମେନ୍ଦ୍ର

ଭୁବନେଶ୍ୱର, (ସବ୍ୟୁ) : କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ଚେନ୍ନାଇ ସ୍ଥିତ ଆଇଆଇଟି ମାଡ୍ରାସ ପରିସରରେ ଛାତ୍ରଛାତ୍ରୀ ଏବଂ ଶିକ୍ଷକମାନଙ୍କ ସହ ପାରମ୍ପରିକ ପୋଷାକ ପିନ୍ଧି ତାମିଲନାଡୁର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ 'ପୋଙ୍ଗଲ ପର୍ବ ପାଳନ କରିଛନ୍ତି ।ପ୍ରତିଷ୍ଠାନର କମ୍ୟୁନିଟି ହଲ୍‌ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ ସାମିଲ ହୋଇ ଅମଳର ଏହି ପର୍ବକୁ ଉପଭୋଗ କରିଥିଲେ । ଏହି ଅବସରରେ ଶ୍ରୀ ପ୍ରଧାନ ତାମିଲନାଡୁବାସୀଙ୍କୁ ଶୁଭେଚ୍ଛା ଜଣାଇ କହିଥିଲେ ଯେ, ପୋଙ୍ଗଲ ହେଉଛି କୃତଜ୍ଞତା, ସମୃଦ୍ଧି ଏବଂ ସାଂସ୍କୃତିକ ଐତିହ୍ୟର ପ୍ରତୀକ । ଏହା ଆମ ସମାଜରେ



ସଦଭାବନା ଏବଂ ଏକତାକୁ ପ୍ରତିଫଳିତ କରିଥାଏ । ଏହି ପର୍ବ ଶିକ୍ଷାୟତନ ପରିସରରେ ଭବ୍ୟ ବାତାବରଣ ସୃଷ୍ଟି କରିବା ସହ ଭାରତୀୟ ସଂସ୍କୃତିର ବିଭିନ୍ନତା ମଧ୍ୟରେ ଏକତାକୁ ଆହୁରି ସୁଦୃଢ଼ କରିଛି । ମନ୍ତ୍ରୀ ଆଇଆଇଟି ମାଡ୍ରାସ ପରିବାର ସହ ସମୟ ବିତାଇବା ନେଇ ଖୁସି ବ୍ୟକ୍ତ କରିବା ସହ ସମସ୍ତଙ୍କର ଉତ୍ତମ ସ୍ୱାସ୍ଥ୍ୟ, ଶାନ୍ତି, ସମୃଦ୍ଧି ଏବଂ ସୁଖମୟ ଜୀବନ କାମନା କରିଛନ୍ତି । ଏହି ସ୍ୱତନ୍ତ୍ର ଉତ୍ସବରେ ଉଚ୍ଚ ଶିକ୍ଷା ବିଭାଗର ସଚିବ ବିନୀତ ଯୋଶୀ, ଆଇଆଇଟି ମାଡ୍ରାସର ନିର୍ଦ୍ଦେଶକ ପ୍ରଫେସର ଭି. କାମାକୋଟି, ବିଭିନ୍ନ ବିଭାଗର ଅଧ୍ୟାପକ, ଛାତ୍ରଛାତ୍ରୀ ଏବଂ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ । ଏହା ପରେ ଶ୍ରୀ ପ୍ରଧାନ କାଶୀ ତାମିଲ ସଙ୍ଗମମ୍ ୪.୦ରେ ସ୍ୱେଚ୍ଛାସେବୀମାନଙ୍କ ସହ ଆଲୋଚନା କରିବା ସହ ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି ଗସ୍ତ କାଳରେ ଆଇଆଇଟି ମାଡ୍ରାସ ପକ୍ଷରୁ ମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା ।

## ଓଡ଼ିଶାର ବରପୁତ୍ର ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେବଙ୍କ ୧୨୬ ତମ ଜୟନ୍ତୀ

ଭୁବନେଶ୍ୱର, (ସବ୍ୟୁ) : ଏ ଜି ଛକ, ଭୁବନେଶ୍ୱର ସ୍ଥିତ ଓଡ଼ିଶାର ବରପୁତ୍ର ରାୟ ବାହାଦୁର ରାମ ଚନ୍ଦ୍ର ମର୍ଦ୍ଦରାଜ ଦେବ (ଖଲିକୋଟ)ଙ୍କ ୧୨୬ ତମ ଜୟନ୍ତୀ ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ପୂଜ୍ୟ ପୂଜା ସଂସ୍କୃତି ସୁରକ୍ଷା ଅନୁଷ୍ଠାନ ଉପସ୍ଥିତି ରେ ଦୀପ ପ୍ରଜ୍ଜ୍ୱଳନ ସହିତ ଆନୁଷ୍ଠାନିକ ଭାବେ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ଓ ରାଜଧାନୀ ସ୍ଥିତ ସମସ୍ତ ସ୍ୱାଧୀନତା ସଂଗ୍ରାମୀ ଏବଂ ବରପୁତ୍ର ମାନଙ୍କ ଇତିହାସ ପୁସ୍ତକର ଲେଖକ କାମଦେବ ମହାପାତ୍ର ସ୍ୱଲିଖିତ ବରପୁତ୍ର ସ୍ମୃତିଚାରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳ ସିଂହ,ପଣ୍ଡିତ ଗିରିଜା ଶଙ୍କର ମହାପାତ୍ର, ଅମିତ ରଞ୍ଜନ ପାତାଳ ସିଂହ, ପୂଜ୍ୟ ପୂଜା ପ୍ରାଣ ଭାଗବତ ଦାଶ, ସମାଜସେବୀ ସଞ୍ଜୟ ପରିଡ଼ା ବରପୁତ୍ରଙ୍କୁ ପୁଷ୍ପାଞ୍ଜଳୀ ଅର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ। ସୂଚନା, ଲୋକସମ୍ପର୍କ ବିଭାଗର ଉପ ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ଓ ଓଡ଼ିଆ ଭାଷା, ସାହିତ୍ୟ ସଂସ୍କୃତି ବିଭାଗ ଅଧିକାରୀ ପ୍ରତ୍ନତତ୍ତ୍ୱବିତ ସହକାରୀ ଯନ୍ତ୍ରୀ ପ୍ରସନ୍ନ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

### ଆମ ବଡଚଣା ମହୋତ୍ସବ ଉଦ୍‌ଯାପିତ

## ମହୋତ୍ସବ ଭାଇଚାରାକୁ ଦୃଢ଼ ଓ ବିକାଶକୁ ତ୍ୱରାନ୍ୱିତ କରିଥାଏ : ଆଇନ ମନ୍ତ୍ରୀ

ଚଣ୍ଡିଖୋଲ,(ସବ୍ୟୁ) ଐତିହ୍ୟ,କଳା,ସଂସ୍କୃତି ଓ ପରମ୍ପରାର ଗଣ ପର୍ବ ଆମ ବଡ଼ଚଣା ମହୋତ୍ସବ ମଙ୍ଗଳବାର ସନ୍ଧ୍ୟାରେ ରଙ୍ଗାରଙ୍ଗ ପରିବେଶ ମଧ୍ୟରେ ଉଦଯାପିତ ହୋଇଯାଇଛି । ଏହି ମହୋତ୍ସବ ଗତ ୭ ତାରିଖ ଠାରୁ ଆରମ୍ଭ ହୋଇଥିଲା। ମହୋତ୍ସବ କମିଟିର ସଭାପତି ତଥା ବଡଚଣା ବିଧାୟକ ଅମରକୁମାର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ପୂର୍ତ୍ତ,ଆଇନ୍ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ମହୋତ୍ସବ ସ୍ଥାନୀୟ ଭାଇଚାରାକୁ ସୁଦୃଢ଼ କରିବା ସହ ସାମଗ୍ରୀକ ବିକାଶ ଧାରାକୁ ତ୍ୱରାନ୍ୱିତ କରିଥାଏ ବୋଲି କହିଥିଲେ। ମହୋତ୍ସବରେ ଜାତି,ଧର୍ମ ଓ ଦଳୀୟ ରାଜନୀତି ଠାରୁ ଉର୍ଦ୍ଧ୍ୱରେ ରହି ସବୁ ବର୍ଗର ଲୋକେ ଏକାଠି ହେବାର ସୁଯୋଗ ପାଇଥାନ୍ତି । ଯାହା ସମ୍ପର୍କକୁ ମଜଭୁତ କରିଥାଏ ! ଆଉ ଏହି ସୁଯୋଗରେ ପରସ୍ପର ମଧ୍ୟରେ ଥିବା ବିଦ୍ୱେଷ ଦୂରହୋଇ ଯାଏ, ଯାହା ସାମୁହିକ ବିକାଶ ପ୍ରକ୍ରିୟାରେ ସହାୟକ ହୋଇଥାଏ ବୋଲି ମନ୍ତ୍ରୀ ମତ ରଖିଥିଲେ । ତେଣୁ ବଡଚଣା ବାସୀ



ନିଶ୍ଚୟ ଏହି ସୁଯୋଗକୁ କାମରେ ଲଗାଇବେ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ଏଥିରେ ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର ଯୋଗଦେଇ ବଡଚଣାର ସାହିତ୍ୟ ସଂସ୍କୃତି, ଐତିହ୍ୟ, ପରମ୍ପରା, ପୌରାଣିକ ଗାଥା ଓ ପର୍ଯ୍ୟଟନର ପ୍ରଚାର ପ୍ରସାର କ୍ଷେତ୍ରରେ ଆମ ବଡଚଣା ମହୋତ୍ସବ ସାହାୟକ ହେବ ବୋଲି କହିଥିଲେ । ତେବେ ଏହି ମହୋତ୍ସବ ଚାଲୁଥିବା ସମୟରେ ଉଦୟଗିରୀଠାରେ ବୁଦ୍ଧିଷ୍ଟ ମାନଙ୍କର ବିଶ୍ୱ ସମ୍ମିଳନୀ ଓ ମାଳିକା ରଚୟିତା ସନ୍ଥ ହାଡ଼ି ଦାସଙ୍କ ଜନ୍ମ ଜୟନ୍ତୀ ଏକ ସଙ୍ଗେ ପାଳିତ ହେଉଥିବାରୁ ଏହା ସମସ୍ତଙ୍କ ପାଇଁ ଏକ ସୌଭାଗ୍ୟର ବାର୍ତ୍ତା ଦେଉଛି ବୋଲି କହିଥିଲେ! ଉଦୟ ଭାରତ ସଂପାଦକ ଦୀପକକୁମାର ରଥ ଏଥିରେ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ବଡଚଣା ବିଧାୟକ ଅମରକୁମାର ନାୟକ ଆମ ବଡଚଣା ମହୋତ୍ସବର ସଫଳତା ପାଇଁ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହିତ ଆଗାମୀ ଦିନରେ ଏହା ବଡଚଣାରେ ସମସ୍ତଙ୍କ ମଧ୍ୟରେ ଭାତୃତ୍ୱଭାବକୁ ସୁଦୃଢ଼ କରିବ ବୋଲି ଆଶାବ୍ୟକ୍ତ କରିଥିଲେ। କମିଟିର ସଂପାଦକ ଦିଲ୍ଲୀପକୁମାର ଚୌଧୁରୀ ସଂପାଦକୀୟ ବିବରଣୀ ପାଠ କରିବା ସହ ଆଗାମୀ ଦିନରେ ଏହି ମହୋତ୍ସବକୁ ଆହୁରି ବ୍ୟାପକ ଓ ସରଶ ସୁନ୍ଦର କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଏହି ଅବସରରେ ଧର୍ମଶାଳା ଅତିରିକ୍ତ ତହସିଲଦାର ଗଗନବିହାରୀ ଦାଶଙ୍କ ସହ ସମାଜର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଧିତ କରାଯାଇଥିଲା। ଏଥିସହିତ ହୋଲି ଜେଶସ୍ ସ୍କୁଲର ଅଧ୍ୟକ୍ଷା କାମିନୀ ନାୟକଙ୍କ ଦ୍ୱାରା ଲିଖିତ ଇଂରାଜୀ ପୁସ୍ତକ ଦି ୱେ ୟୁ କ୍ୟାନକୁ ଅତିଥିମାନେ ଉନ୍ମୋଚନ କରିଥିଲେ।

## ରୋଟାରୀ ଲିଡରସିପ୍ ପ୍ରତିଷ୍ଠାନ ପକ୍ଷରୁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

କଟକ, (ସ୍ୱପ୍ର) : ରୋଟାରୀ ଲିଡରସିପ ପ୍ରତିଷ୍ଠାନ (ଆର୍‌ଏଲଆଇ) ପକ୍ଷରୁ ସ୍ନାତକ ଶିକ୍ଷାଭାଗ ୩ ର ସଫଳ ଭାବରେ ପ୍ରଶିକ୍ଷଣ ସମାପ୍ତ ହୋଇଛି । ଦିନିକିଆ ପ୍ରଶିକ୍ଷଣରେ ମୋଟ୍ ୧୮ ଜଣ ଅଂଶ ଗ୍ରହଣ କରି ଜିଲ୍ଲା ପ୍ରାନ୍ତପାଳ ମନୋଜ କୁମାର ତ୍ରିପାଠୀଙ୍କ ଠାରୁ ପ୍ରମାଣ ପତ୍ର ଓ ଆର୍‌ଏଲଆଇ ପିନ୍ ଗ୍ରହଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆର୍‌ଏଲ୍‌ଆଇର ଜିଲ୍ଲା ସଂଯୋଜକ, ହର୍ଷ ଗୁପ୍ତା, ସହ ସଂଯୋଜକ ପ୍ରକାଶ କର, ପ୍ରଶିକ୍ଷକ କୁମାର ମହାନ୍ତି, ତନ୍ମୟ ମହାନ୍ତି, ଜୟଶ୍ରୀ ମହାନ୍ତି,



ଫାଷ୍ଟ ଲେଡି ମଧୁସ୍ମିତା ତ୍ରିପାଠୀ ତଥା ଆର୍‌ଏଲଆଇର ସାଉଥ୍ ଏସିଆ ସମ୍ପାଦକ ତଥା ପୂର୍ବତନ ପ୍ରାନ୍ତପାଳ ଦିଲ୍ଲୀପ ପଟ୍ଟନାୟକ ଉପସ୍ଥିତ ଥିଲେ । ହୋଷ୍ଟ କ୍ଲବ୍ ରୋଟାରୀ କ୍ଲବ୍ ଅଫ କଟକ ମିଲେନିୟମର ସଭାପତି ସୁଧୀର କୁମାର ରଥ, ସମସ୍ତ ଅତିଥି ଏବଂ ସହଯୋଗୀ ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ସହିତ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ବ୍ରାଉନ ସୁଗର ଜବତ, ଜଣେ ଗିରଫ

ଖୋର୍ଦ୍ଧା,(ସବ୍ୟୁ) : ଖୋର୍ଦ୍ଧା ଅବକାରୀ ମୋବାଇଲ ଟିମ୍ ଗୁରୁଜଙ୍ଗ ରାସ୍ତାପାଶ୍ୱ ନାଗମାତା ମନ୍ଦିର ନିକଟରୁ ଜଣେ ବ୍ରାଉନସୁଗର ବେପାରୀକୁ ଗିରଫ କରିଛି। ଗିରଫ ଜଣକ ହେଲେ ଗୁରୁଜଙ୍ଗ ଭୋଇସାହି ର ଉପେନ୍ଦ୍ର ଭୋଇ (୫୬)। ତାଙ୍କ ଠାରୁ ମୋବାଇଲ ଟିମ୍ ୧୧୫ଗ୍ରାମ ବ୍ରାଉନସୁଗର ଓ ଓଡି.୦୨ଡିଏଚ୍-୮୬୮୯ ନଂ ବିଶିଷ୍ଟ ଏକ ସ୍କୁଟିକୁ ଜବତ କରିଛି। ଏହି ଘଟଣାରେ ଜଣେ ଅଭିଯୁକ୍ତ ଫେରାର ରହିଥିବାବେଳେ ତାକୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଅବକାରୀ ମୋବାଇଲ ଟିମ୍ ପକ୍ଷରୁ କୁହାଯାଇଛି। ଏନେଇ ୪୦୮/୨୬ରେ ଏକ ମାମଲା କରାଯାଇ ଉପେନ୍ଦ୍ରଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଶିମିଳିପାଳରେ କୁମ୍ଭୀର ଗଣଣା ଶେଷ

# କୁମ୍ଭୀର ସଂଖ୍ୟା ୮୪ କୁ ବୃଦ୍ଧି



ବାରିପଦା, (ସବ୍ୟୁ) : ଶିମିଳିପାଳରେ କୁମ୍ଭୀର ସଂଖ୍ୟା ୮୪ କୁ ବୃଦ୍ଧି ପାଇଛି । ଗତବର୍ଷ ଗଣନା ବେଳେ ୮୧ ଟି କୁମ୍ଭୀର ଠାବ କରାଯାଇଥିବା ବେଳେ ଏବର୍ଷ ସଂଖ୍ୟା ଆଉ ୩ଟି ବଢ଼ିଛି । ଜାନୁଆରୀ ୬ରୁ ୮ ତାରିଖ ପର୍ଯ୍ୟନ୍ତ ତିନିଦିନିଆ କୁମ୍ଭୀର ଗଣନା ରିପୋର୍ଟ ଆସିବା ପରେ ଏହା ଜଣାପଡ଼ିଛି ।

ଶିମିଳିପାଳ ଦକ୍ଷିଣ ବନଖଣ୍ଡରେ ୭୮ଟି କୁମ୍ଭୀର ଥିବା ବେଳେ ଉତ୍ତର ବନଖଣ୍ଡରେ ଗୋଟିଏ, ରାମତୀର୍ଥରେ ୫ଟି କୁମ୍ଭୀର ରହିଛନ୍ତି । ପଶ୍ଚିମ ଦେଓ ନଦୀରେ ସର୍ବାଧିକ ୬୦ଟି କୁମ୍ଭୀର ରହିଛନ୍ତି । ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ସୂଚନାନୁଯାୟୀ, ଶିମିଳିପାଳ ଅଭୟାରଣ୍ୟ ଓ ପାଦଦେଶରେ ଥିବା ନଦୀ, ନାଳ ଆଦି ୮ଟି ଜଳଉତ୍ସର ୨୦ଟି ସ୍ଥାନରେ କୁମ୍ଭୀର ଗଣନା କରାଯାଇଥିଲା । ୱେଷ୍ଟ ଦେଓ, ଇଷ୍ଟ ଦେଓ, ଖଇରୀ, ଖଡ଼ଖାଇ, ଠକଠକି ନଦୀ, ସାଳନ୍ଦୀ ନଦୀ ଓ ଖଡ଼ଖାଇ ନାଳ, ବୁଢ଼ାବଳଙ୍ଗ ଆଦି ନଦୀ କୂଳ ସମେତ ରାମତୀର୍ଥସ୍ଥ କୁମ୍ଭୀର ପ୍ରଜନନ କେନ୍ଦ୍ରକୁ ମିଶାଇ ପ୍ରାୟ ୨୦ଟି ସ୍ଥାନରେ ଗଣନା କରାଯାଇଥିଲା । ଅଭୟାରଣ୍ୟରେ ୨୦୨୧ ଗଣନାରେ ୮୧ଟି, ୨୦୨୨ରେ ୮୩ଟି, ୨୦୨୩ରେ ୮୬ଟି କୁମ୍ଭୀର ଠାବ କରାଯାଇଥିବା ବେଳେ ୨୦୨୪ ଗଣନାରେ ୪ଟି କୁମ୍ଭୀର ସଂଖ୍ୟା ହ୍ରାସ ପାଇ ମୋଟ ୮୨ଟି କୁମ୍ଭୀର ରହିଥିଲା । ସେହିପରି ୨୦୨୫ ଗଣନାରେ ସଂଖ୍ୟା ୮୧କୁ ଖସି ଆସିଥିଲା । ତେବେ ଏବର୍ଷ ସଂଖାରେ ୩ଟି ବୃଦ୍ଧି ଘଟି ସଂଖ୍ୟା ୮୪ରେ ପହଞ୍ଚିଥିବା ଜଣାପଡ଼ିଛି ।

# ଡଃ ନିରୋଜ କୁମାର ପୋଥାଲଙ୍କୁ ରକ୍ତବୀର ସମ୍ମାନ

**୨୩ ଥର ପ୍ଲେଟ୍‌ଲେଟ୍**

**୧୩୩ ଥର ରକ୍ତଦାନ**



ବାରିପଦା, (ସବ୍ୟୁ) : ଓଡ଼ିଶାର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଦ ହ୍ୟୁମାନିଟି ଫାଉଣ୍ଡେସନର ବାର୍ଷିକ ଉତ୍ସବ ଓ ସମ୍ମାନ ସମାରୋହ ରାଉରକେଲାର ସିଭିସ ସେଣ୍ଟର୍ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଏହି ସମ୍ମାନ ସମାରୋହରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ନିୟମିତ ରକ୍ତଦାତା ଓ ସମାଜସେବୀ ମାନଙ୍କୁ ନିମନ୍ତ୍ରଣ କରାଯାଇ ଶ୍ରେଷ୍ଠ ସେବା ସମ୍ମାନ ପ୍ରଦାନ କରାଯାଇଥିଲା । ବାରିପଦାର ନିୟମିତ ରକ୍ତଦାତା ଭାବରେ ଡଃ ନିରୋଜ କୁମାର ପୋଥାଲଙ୍କୁ ଚୟନ କରାଯାଇ "ରକ୍ତବୀର ସମ୍ମାନରେ ସମ୍ମାନିତ କରାଯାଇଥିଲା ।

ପ୍ରକାଶ ଥାଉକି ଡଃ ନିରୋଜ କୁମାର ପୋଥାଲ ଆଜି କୁ ୨୩ ଥର କ୍ୟାନସର ପୀଡ଼ିତ ରୋଗୀଙ୍କ ପାଇଁ ପ୍ଲେଟ୍‌ଲେଟ୍ ପ୍ରଦାନ ସହିତ ସମୁଦାୟ ୧୩୩ ଥର ରକ୍ତଦାନ କରିଥିବାରୁ ତାଙ୍କୁ ଏହି ଶ୍ରେଷ୍ଠ ସେବାସମ୍ମାନ ପାଇଁ ମନୋନୀତ କରାଯାଇଥିଲା । ଦ ହ୍ୟୁମାନିଟି ଫାଉଣ୍ଡେସନର ପ୍ରତିଷ୍ଠାତା ବିଜୟାନନ୍ଦ ସୁନ୍ଦରାୟଙ୍କ ସଭାପତିତ୍ୟରେ ସଭାକାର୍ଯ୍ୟ ଓ ସମ୍ମାନିତ ଉତ୍ସବ ଅନୁଷ୍ଠିତ ହୋଇଥିବାବେଳେ ମୁଖ୍ୟଅତିଥି ଭାବରେ ରାଉରକେଲାର ବିଧାୟକ ସାରଦା ପ୍ରସାଦ ନାୟକ, ରଘୁନାଥପଲ୍ଲୀ ବିଧାୟକ ଦୁର୍ଗା ତନ୍ତୀ ଓ ବହୁ ମାନ୍ୟଗନ୍ୟ ବିଶିଷ୍ଟ ବ୍ୟକ୍ତିବିଶେଷ ମାନେ ଉପସ୍ଥିତ ରହି ଡଃ ନିରୋଜ କୁମାର ପୋଥାଲ ଙ୍କୁ ଏହି "ରକ୍ତବୀର ସମ୍ମାନ ପ୍ରଦାନ କରିଥିଲେ। ଅନୁଷ୍ଠାନ ସଭାପତି ଦିପ୍ତିମୟୀ ସୁନ୍ଦରାୟ ସମ୍ପାଦକ ଲୀନା ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ । ଏହି ବାର୍ଷିକ ଉତ୍ସବରେ ବହୁ ଭିନ୍ନକ୍ଷମ ବ୍ୟକ୍ତିକି ମାନଙ୍କୁ ହୁଇଲ ଚେୟାର ଓ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀ ପ୍ରଦାନ କରାଯାଇଥିଲା ।

# ଗୋରେଖନାଥଙ୍କ ପୀଠରେ ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ



ତିର୍ତ୍ତୋଲ, (ସବ୍ୟୁ): ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଜାନକାଦେଇପୁର ଗ୍ରାମପଞ୍ଚାୟତ ହାଇସ୍କୁଲ ସାହାଡା ୧୯୯୫ ବର୍ଷର ପୁରାତନ ଛାତ୍ର ସଂସଦ ପକ୍ଷରୁ ଏକ ବନ୍ଧୁ ମିଳନ ପ୍ରଭୁ ଶ୍ରୀ ଗୋରେଖନାଥ ପୀଠ ଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ଜାନକାଦେଇପୁର ପଞ୍ଚାୟତ ହାଇସ୍କୁଲର ପ୍ରାକ୍ତନ ପ୍ରଧାନଶିକ୍ଷକ ବସନ୍ତ କୁମାର ଦାସ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ ।

କାର୍ଯ୍ୟକ୍ରମ ଆରମ୍ଭରେ ପୁରାତନ ଛାତ୍ର ସଂସଦ ପକ୍ଷରୁ ଛାତ୍ର ସଂସଦର ସଭାପତି ବାସୁଦେବ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ । ଉତ୍ସବରେ ସମସ୍ତ ଛାତ୍ରଛାତ୍ରୀ ମାନେ ମୁଖ୍ୟ ଅତିଥି ଶ୍ରୀ ଦାସଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ । ସମ୍ବର୍ଦ୍ଧନା ଗ୍ରହଣ କରି ଶ୍ରୀ ଦାସ କହିଥିଲେ, ଦୀର୍ଘ ୪୪ ବର୍ଷ ପୂର୍ବର ଉଚ୍ଚ ବିଦ୍ୟାଳୟର ନିର୍ମାଣର କଷ୍ଟସାଧ ମୁହୂର୍ତ୍ତକୁ ବର୍ଣ୍ଣନା କରିଥିଲେ । ପୁରାତନ ଛାତ୍ର ସଂସଦର ମୁଖ୍ୟ ସମ୍ପାଦକ ପୁଷ୍ପଲତା ପ୍ରଧାନ ଉତ୍ସବ ପରିଚାଳନା କରି ଗୁରୁଙ୍କୁ କିଛି ଆର୍ଶୀବଚନ ପ୍ରଦାନ କରିବା ପାଇଁ ନିବେଦନ କରିଥିଲେ। ଉକ୍ତ ଉତ୍ସବରେ ସମାଜସେବୀ ନୃସିଂହ ଚରଣ ସାହୁ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କର ଜୀବନରେ ଉଚ୍ଚ ଶିକ୍ଷା କେତେ ଯେ ଜରୁରୀ ତାହା ବର୍ଣ୍ଣନା କରିଥିଲେ । ଅନ୍ୟତମ ଶିକ୍ଷକ ରବିନ୍ଦ୍ର ପରିଡା, ଛାତ୍ର ସଂସଦର ସଭ୍ୟ ପ୍ରଦୀପ କୁମାର ବେହେରା, ପବିତ୍ର କୁମାର ସାହୁ, ବିସ୍ମିତ କୁମାର ବାରିକ, ଦିଲ୍ଲୀପ କୁମାର ମହାରଣା, ଦିଲ୍ଲୀପ କୁମାର ବେହେରା, ବିଭୂତି ରଞ୍ଜନ ଦାସ, ସୁଧାକର ବାରିକ, ଗୌରାଙ୍ଗ ପ୍ରଧାନ, ବେଣୁଧର ସ୍ୱାଇଁ, ବିପିନ କୁମାର ବେହେରା, ୧୯୯୫ର ଛାତ୍ରୀ ମମତା ସାହୁ, କନକଲତା ସାହୁ, କୁନିଲତା ସାହୁ, ସୁଲୋଚନା ପତି, ଅନ୍ନପୂର୍ଣ୍ଣା ରଥ, ଝିଲି ସ୍ୱାଇଁ, ବେଲବତୀ ସ୍ୱାଇଁ, ପ୍ରମିଳା ବେହେରା, ସସ୍ମିତା ଓଝା ପ୍ରମୁଖ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ସମସ୍ତ ପୁରାତନ ଛାତ୍ରଛାତ୍ରୀ ସେମାନଙ୍କ ପରିବାର ଓ ଅତିଥିମାନଙ୍କ ସହ ପ୍ରଭୁ ଗୋରେଖ ନାଥଙ୍କ ଦର୍ଶନ କରିଥିଲେ । ଅନ୍ୟତମ ଅତିଥି ବନ୍ଧୁ ପ୍ରଶାନ୍ତ କୁମାର ଓଝା ଧନ୍ୟବାଦ ଅର୍ପଣ କରିଥିଲେ ।

# ଖରିଡାକୁ ରାଜସ୍ୱ ଗ୍ରାମ ଘୋଷଣା ଓ ପଟ୍ଟା ବଣ୍ଟନ

ବୁଗୁଡ଼ା, (ସବ୍ୟୁ) : ବୁଗୁଡ଼ା ତହସିଲ ଅନ୍ତର୍ଗତ ଅରଖପୁର ପଞ୍ଚାୟତର ଖରିଡା ଗ୍ରାମକୁ ରାଜସ୍ୱ ଗ୍ରାମ କରିବା ପାଇଁ ଦୀର୍ଘ ୨୭ ବର୍ଷ ଧରି ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇ ଆସୁଥିଲାବେଳେ ଏବେ ତାହା ଫଳପ୍ରଦ ହୋଇଛି । ଆଜି ଖରିଡା ଗ୍ରାମରେ ତହସିଲଦାର ତାପସ ରାଉତଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଖରିଡାକୁ ରାଜସ୍ୱ ଗ୍ରାମ ଭାବେ ଘୋଷଣା ସହ ୩୧ ଜଣ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ବିଡିଓ ଦୁତିକୃଷ୍ଣ ପାତ୍ର, ବୁଗୁଡ଼ା ଥାନା ଅଧିକାରୀ ସୀତାଂଶୁ ଶେଖର ମାନ୍ଧାତା, ବାଲିପଦର ଫାଣ୍ଡି ଅଧିକାରୀ କେ.ନିଳାଦ୍ରୀ ରେଡି, ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି କେ.ନୀଳମାଧବ ଆଚାରୀ ପ୍ରମୁଖ ଉପସ୍ଥିତ ରହିଥିଲେ । ତେବେ ଖରିଡାକୁ ରାଜସ୍ୱ ଗ୍ରାମ ଘୋଷଣା ପରେ ଗ୍ରାମବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଥିବା ଜଣାଯାଇଛି ।

# ପବିତ୍ର ମକର ସଂକ୍ରାନ୍ତି ସମ୍ବାରଲୁ-୨୦୨୬ ସାଂସ୍କୃତିକ ଉତ୍ସବ



ବ୍ରହ୍ମପୁର, (ସବ୍ୟୁ): ପବିତ୍ର ମକର ସଂକ୍ରାନ୍ତି ଅବସରରେ ଆନ୍ଧ୍ର ଭାଷା ବିଭର୍ଦ୍ଧନୀ ସମାଜମ୍ ଓ ତେଲୁଗୁ ଲିଟ୍ରେରୀ, ମ୍ୟୁଜିକ୍, କଲଚର ଏବଂ ସର୍ଭିସ୍ ଆର୍ଗାନାଇଜେସନ୍ ତରଫରୁ ବୁଧବାର ସ୍ଥାନୀୟ ଗିରି ମାର୍କେଟ ସ୍ଥିତ ପ୍ରକାଶମ୍ ହଲ ଠାରେ ସଂକ୍ରାନ୍ତି ସମ୍ବାରଲୁ-୨୦୨୬ ନାମରେ ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ. ଅନୀଲ୍ କୁମାରଙ୍କ ସମେତ ତାଙ୍କ ଧର୍ମ ପନୀ ଯୋଗ ଦେଇଥିଲେ । ଏଠାରେ ଭୋଗୀ କାର୍ଯ୍ୟକ୍ରମ ସହ ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ।

ଚଳଚ୍ଚିତ୍ର ଜଗତର ଗାୟକ ସୁରକ୍ଷା ମୂର୍ତ୍ତି ଦିବା କରେଲା, ଡ଼ି. ପ୍ରକାଶଙ୍କ ଦଳ ଓ ଅନ୍ୟାନ୍ୟ କଳାକାର ଏଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଏଥିରେ କର୍ପୋରେଟର ଟି.କିଶୋରଙ୍କ ସମେତ ବହୁ କର୍ପୋରେଟର ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ପି. ସତ୍ୟନାରାୟଣଙ୍କ ସମେତ ତେଲୁଗୁ ସମ୍ପ୍ରଦାୟର ବହୁ ଭାଇ ଭଉଣୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ମାଁ ମହାମାୟୀଙ୍କ ବ୍ରତ କଥାର ଭିଡ଼ିଓ ରେକର୍ଡିଂ ଉନ୍ମୋଚନ



ବ୍ରହ୍ମପୁର, (ସବ୍ୟୁ): ସ୍ଥାନୀୟ ଗେଟବଜାର ସଘୁନାଥ ମନ୍ଦିର ପ୍ରାଙ୍ଗଣରେ ବୁଧବାର ତଥା ମକର ସଂକ୍ରାତିରେ ମାଁ ମହାମାୟୀଙ୍କ ବ୍ରତ କଥାର ଭିଡ଼ିଓ ରେକଡିଙ୍ଗର ଉନ୍ମୋଚନ ହୋଇଯାଇଛି । ଏହି ବ୍ରତ କଥାର ଗୀତଟି ସମ୍ପୂର୍ଣ୍ଣ ଅଧ୍ୟାମିକ ଉପରେ ପ୍ରକାଶିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନାଟ୍ୟକାର ଡ଼. ତ୍ରିପତି ସାହୁ, ମାୟାଧର ସାହୁ, ରବି କୁମାର, ବ୍ରହ୍ମପୁର କମିଡିଏନ ସତ୍ୟ ନାରାୟଣ ଦାସ, ଏ ମୋହନ ରାଓ, ଧ୍ରୁବ ରଣା ସମେତ ବହୁ ଜ୍ଞାନୀ ଗୁଣି ବ୍ୟକ୍ତି, ନାଟ୍ୟ ଗୁରୁ, ସଂଗୀତ ନିର୍ଦ୍ଦେଶକ, ନାଟ୍ୟ ନିର୍ଦ୍ଦେଶକ ବ୍ୟକ୍ତି ବିଶେଷ ଏହି କାଯ୍ୟକ୍ରମରେ ଯୋଗ ଦେଇ ଏହାକୁ ଉନ୍ମୋଚନ କରିଥିଲେ ।

ଏହି ଭିଡ଼ିଓ ରେକଡିଙ୍ଗଟି ଆରକେ କ୍ରିଏସନ ଓ ଏମଏସ୍ କ୍ରିଏସନ୍‌ର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଯାଇଛି । ଏହି ନାଟକରେ ମୁଖ୍ୟ ଭୂମିକାରେ ଆଶୁତୋଷ ମହାପାତ୍ର, ରଶ୍ମି, ସୁକନ୍ୟା ଏବଂ ରାହୁଲ ସାହୁ, ଅନୁରାଗ ମହାପାତ୍ର ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ।

ଏହି ଭଜନ ଗୀତରେ ନିର୍ଦ୍ଦେଶକ ଭାବେ ଆର.କେ. ରବି କୁମାର, ପ୍ରଯୋଜକ ରଘୁନାଥ ସୁତାର ନିର୍ଦ୍ଦେଶନା ଦେଇଥିଲେ । ଅନ୍ୟ କଳାକାର ମାନଙ୍କ ମଧ୍ୟରେ ଭାରତୀ ସାହୁ, କାହ୍ନୁ ।ଗୌଡ଼, କରିସ୍ମା ସାହୁ, ଲିସ୍ନା ଜେନା, ମନୀଷା ବେହେରା, ପିଙ୍କି ସାବତ, କିରଣ ପାତ୍ର, ସାଗରିକା ଆଚାରି, ସନ୍ତୋଷ କୁମାର ବିଷୋୟୀ, ତେଜସ୍ୱୀନି ପ୍ରଧାନ ପ୍ରମୁଖ ଅଭିନୟ କରିଥିଲେ ।

# ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଶୀତକାଳୀନ ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ




ବାରିପଦା, (ସବ୍ୟୁ) : ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନାର ଶୀତକାଳୀନ ସ୍ୱତନ୍ତ୍ର ଶିବିର ଉଦଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରା ଏବଂ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ବ୍ୟୁରୋ କାର୍ଯ୍ୟକ୍ରମ ଅଧିକାରୀ ଡ଼ଃ ବସନ୍ତ କୁମାର ମହାନ୍ତଙ୍କ ପୌରହିତରେ ଏବଂ ଜାତୀୟ ସେବା ଯୋଜନା ଜିଲ୍ଲା ନଡାଲ ଅଧିକାରୀ ଡ଼ଃ ଅନାମ ଚରଣ ରାଉଳଙ୍କ ତତ୍ତ୍ୱାବଧାନରେ ଶିବିର ଉଦ୍‌ଘାଟିତ ହୋଇଥିଲା। ସ୍ୱଚ୍ଛତା ହିଁ ସେବା, ସ୍ୱାସ୍ଥ୍ୟ ସଚେତନତା, ସଡ଼କ ସୁରକ୍ଷା, ପ୍ଲାଷ୍ଟିକ ମୁକ୍ତ ଇତ୍ୟାଦି କାର୍ଯ୍ୟକ୍ରମ ଆୟୋଜନ କରି ଜନସାଧାରଣଙ୍କୁ ସଚେତନ କରାଇବ ସହିତ ପୋଷ୍ୟ ଗ୍ରାମ ମହାରାଜ ପୁରଠାରେ ମଧ ସଚେତନତା କରିଥିଲେ ସ୍ୱେଚ୍ଛାସେବୀମାନେ ।

ସାତଦିନ ଧରି ଅନୁଷ୍ଠିତ ଏହି ଶିବିରକୁ ବିଭିନ୍ନ ସମୟରେ, ଏମଭିଆଇ ସାଲଖୁ ମୁର୍ମୁ, ପଞ୍ଚମ ବାଟାଲିୟନ ତଥା ପ୍ରାକୃତିକ ବିପର୍ଯ୍ୟୟ ଡେମୋଷ୍ଟ୍ରେଟର ଅରୁଣ ମହାନ୍ତ, ମହାବିଦ୍ୟାଳୟର ଅଧ୍ୟାପକ ଡ଼ଃ ଦୀପକ କୁମାର ବେହେରା, ଡ଼ଃ ସରୋଜ ନାୟକ, ଡ଼ଃ ଅରୁଣ ରାୟ ଅଧ୍ୟାପିକା ଡ଼ଃ ଆଲବର୍ଟିନା ତିର୍କି, ବିଦ୍ୟୁତ୍ ପ୍ରଭା ଦାସ, ସମାଜସେବୀ ସଞ୍ଜୀବ କୁମାର ଘୋଷ, ବରିଷ୍ଠ ସ୍ୱେଚ୍ଛାସେବୀ ସାଇ ରଞ୍ଜନ ଲେଙ୍କା, ସନ୍ଦୀପ ମାଝୀ ଓ ରିଙ୍କୁ ଦାସ ପ୍ରମୁଖ ଶିବିରାର୍ଥୀଙ୍କୁ ସମାଜର ସାମ୍ପ୍ରତିକ ସମସ୍ୟା ଉପରେ ଆଲୋକପାତ କରିଥିଲେ । ଅଧକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରାଙ୍କ ସଭାପତିତ୍ୱରେ ଏବଂ ଜାତୀୟ ସେବା ଯୋଜନା ଜିଲ୍ଲା ନଡାଲ ଅଧିକାରୀ ଡ଼ଃ ଅନାମ ଚରଣ ରାଉଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଏମପିସି ମହାବିଦ୍ୟାଳୟର ଆଲୁମିନି କମିଟି ସଭାପତି ଡ଼ଃ ବିଜୟ କୁମାର ଅଗ୍ରଓ୍ୱାଲ ମୁଖ୍ୟଅତିଥି, ବାରିପଦା ବ୍ଲକ ଉନ୍ନୟନ ଅଧିକାରୀ ଦେବେନ୍ଦ୍ର ପ୍ରସାଦ ବଳ ମୁଖ୍ୟବକ୍ତା, ମହାବିଦ୍ୟାଳୟର ଅଧ୍ୟାପିକା ଡ଼ଃ ଆଲବର୍ଟିନା ତିର୍କି, ମହାବିଦ୍ୟାଳୟ କାର୍ଯ୍ୟକ୍ରମ ଅଧିକାରୀ ଡ଼ଃ ପ୍ରିୟବ୍ରତ ବେହେରା ଏବଂ ମିସ୍ ରଞ୍ଜନା ରାଣୀ ସିଂ ଯୋଗଦେଇ ସ୍ୱେଚ୍ଛାସେବୀଙ୍କୁ ସମାଜ ସେବାରେ ଏବଂ ଦେଶ ଗଠନ ରେ ଯୁବକ/ଯୁବତୀ ମାନଙ୍କ ଭୂମିକା ନିମନ୍ତେ ପ୍ରେରଣା ଦେଇଥିଲେ । ଏହି ସାତଦିନ ଶିବିରରେ ଶ୍ରେଷ୍ଠ ପୁରୁଷ ସ୍ୱେଚ୍ଛାସେବୀ ଭାବେ ରିଙ୍କୁ ଦାସ ଓ ଶ୍ରେଷ୍ଠ ମହିଳା ସ୍ୱେଚ୍ଛାସେବୀ ଭାବେ ଶୁଭଲକ୍ଷ୍ମୀ ମାରାଣ୍ଡି ଏବଂ ୭ଦିନ ଶିବିରରେ ଉତ୍ତମ ଗୁଣ ପାଇଁ ମନାଲ ମହାନ୍ତ, ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ ଓ ଭବେଶ ଜେନାଙ୍କୁ ସ୍ମୃତି ଚିହ୍ନ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ଅବସରରେ ୭ଦିନ ମଧ୍ୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗୀତାରେ, ସଂଗୀତରେ ଶ୍ରୀଧର ବେହେରା ପ୍ରଥମ, ଦାମିନି ଜାନି ଦ୍ୱିତୀୟ, ଜବା ହେମ୍ବ୍ରମ ତୃତୀୟ, ରଚନା ପ୍ରତିଯୋଗୀତାରେ ପ୍ରଥମ ଶ୍ରୀଧର ବେହେରା, ଦ୍ୱିତୀୟ ପ୍ରତିକା ବଳ, ତୃତୀୟ ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ, ନୃତ୍ୟ ପ୍ରତିଯୋଗିତାରେ ପ୍ରଥମ ଶ୍ୱେତାପଦ୍ମା ପତି, ଦିତୀୟ ଶୁଭସ୍ମିତା ଲେଙ୍କା, ତୃତୀୟ ଦାମିନି ଜାନି ଓ ପ୍ରଶ୍ନୋତ୍ତର ପ୍ରତିଯୋଗୀତାରେ ପ୍ରଥମ ଦେବରାଜ ସାମନ୍ତ ସିଂହାର, ଦିତୀୟ ଗପି ଯାଦବ, ତୃତୀୟ ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ ଅତିଥି ମାନେ ପୁରସ୍କୃତ କରିଥିଲେ ଏବଂ ସମସ୍ତ ସ୍ୱେଚ୍ଛାସେବୀମାନଙ୍କୁ ମାନପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସ୍ୱେଚ୍ଛାସେବୀ ଆଦର୍ଶ କୁମାର ରାଉତ, ସାଇ ରଞ୍ଜନ ଲେଙ୍କା, କୁମାର ପି ଜତିରମୟୀ ଦାସ, ପର୍ଶୁରାମ, ରଜତ, ପ୍ରେମ, ଚକା, ବର୍ଷା, ସନ୍ଦୀପ, ସଞ୍ଜୀବ, ଶିବା ଓ ଲକ୍ଷ୍ମୀପ୍ରିୟା ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀ ଶୁଭଲକ୍ଷ୍ମୀ ମାରାଣ୍ଡି ମଞ୍ଚ ପରିଚାଳନା କରିଥିବାବେଳେ ମହାବିଦ୍ୟାଳୟର କାର୍ଯ୍ୟକ୍ରମ ଅଧିକାରୀ ଡ଼ଃ ପ୍ରିୟବ୍ରତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ଗିରି ମାର୍କେଟରୁ ୬ ବର୍ଷୀୟ ଶୁଶୁକନ୍ୟା ଉଦ୍ଧାର

ବ୍ରହ୍ମପୁର, (ସବ୍ୟୁ): ଗିରି ମାର୍କେଟ ଛକରୁ ଜଣେ ୬ ବର୍ଷୀୟ ଶିଶୁକନ୍ୟା ଉଦ୍ଧାର ହୋଇଛି। ଏହି ଶିଶୁଟି ଓଡିଆ ଓ ହିନ୍ଦୀ କହି ପାରୁଛନ୍ତି। ହେଲେ ନିଜ ବାପା-ମାଆ କିମ୍ବା ଠିକଣା ବିଷୟରେ କହି ପାରୁନାହାନ୍ତି। ଏହି ଶିଶୁଟି ଆଜି ଗିରି ମାର୍କେଟ ଅଞ୍ଚଳରେ ଏକୁଟିଆ ବୁଲୁଥିବା କିଛି ଲୋକ ଦେଖିବାକୁ ପାଇଥିଲେ। ଲୋକମାନେ ସେଠାରେ ଉପସ୍ଥିତ ପୁଲିସ କର୍ମଚାରୀଙ୍କୁ ଏ ବିଷୟରେ ଜଣାଇବା ପରେ ଟାଉନ ଥାନା ପୁଲିସ ପହଞ୍ଚି ଶିଶୁଟିକୁ ଉଦ୍ଧାର କରି ଥାନାକୁ ନେଇଥିଲେ। ଶିଶୁଟି ବର୍ତ୍ତମାନ ଥାନାରେ ସୁରକ୍ଷିତ ଭାବେ ରହିଛି ବୋଲି ଥାନା ଅଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି। ଶିଶୁଟିରୁ ପରିବାର ବିଷୟରେ ଜାଣିବାକୁ ପୁଲିସ ଉଦ୍ୟମ ଜାରି ରଖିଛି। ଏହି ଶିଶୁଟିର ଫଟୋ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରାଯାଇ ପରିଚୟ ଜାଣିବାକୁ ସାହଯୋଗରେ ହାତ ବଢାଇବାକୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି।

## ବାଲିପଦରରେ ଐତିହାସିକ ହରିହର ଭେଟ ଓ ମକର ମିଳନ

ବୁଗୁଡା, (ସବ୍ୟୁ): ବୁଗୁଡା ବ୍ଲକ୍ ଅନ୍ତର୍ଗତ ବାଲିପଦର ଗ୍ରାମରେ ମକର ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଗ୍ରାମର ତିନି ମହାପ୍ରଭୁ ଶ୍ରୀ ନୀଳକଣ୍ଠେଶ୍ୱର, ଶ୍ରୀ ଜଗନ୍ନାଥ ଓ ଶ୍ରୀ ରଘୁନାଥ ସ୍ୱତନ୍ତ୍ର ଭାବେ ପୁଷ୍ପ ସଜ୍ଜିତ ବିମାନରେ ଭକ୍ତଙ୍କ ଗହଣରେ ଗ୍ରାମର କେନ୍ଦ୍ରସ୍ଥଳ ମକର ପଡିଆକୁ ଆସି ମିଳନ ହୋଇଥିଲେ । ତିନି ମନ୍ଦିରର କର୍ମକର୍ତ୍ତା ପୂର୍ଣ୍ଣଚନ୍ଦ୍ର ରଣା, ସଂଗ୍ରାମ କେଶରୀ ଗୁରୁ ଓ କେ.ଅଶୋକ ପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମକୁ କୋକରାମ ଜେନା ପରିଚାଳନା କରିଥିବା ବେଳେ ଯୁବ ସ୍ୱେଚ୍ଛାସେବୀମାନେ ଏଥିରେ ସକ୍ରିୟ ସହଯୋଗ କରିଥିଲେ । ସ୍ଥାନୀୟ ପୋଲିସ୍ ପ୍ରଶାସନ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିବା ବେଳେ ଆଖପାଖ ଅଞ୍ଚଳର ଲୋକକଳା ସାଂସ୍କୃତିକ ସଙ୍ଗଠନମାନେ ତିନି ଠାକୁର ସମ୍ମୁଖରେ ନିଜ ନିଜର କଳା ପ୍ରଦର୍ଶନ କରିଥିଲେ । ମାନସିକଧାରୀ ଶ୍ରଦ୍ଧାଳୁମାନେ ତିନି ଠାକୁରଙ୍କ ମିଳନ ବେଳେ ମୁଆଁ ଫିଙ୍ଗି ପରମ୍ପରା ବଜାୟ ରଖିଥିଲେ । ଗ୍ରାମର ମଙ୍ଗଳ ସକାଶେ ମେଳଣ ପରେ ତିନି ଠାକୁର ଏକତ୍ର ହୋଇ ଗ୍ରାମ୍ୟ ପରିକ୍ରମା କରିଥିଲେ । ବାଲିପଦରର ଏହି ପ୍ରାଚୀନ ହରିହର ଭେଟ ବେଳେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା ।

# ଡ୍ରିମ୍‌ସରେ ମକର ମିଳନ

କଟକ, (ସ୍ୱପ୍ର): ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ପବିତ୍ର ମକର ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ବିଶ୍ୱବିଦ୍ୟାଳୟ ପରିସରରେ ରହିଥିବା ଶ୍ରୀ ସଂକଟମୋଚନ ମନ୍ଦିରରେ ହନୁମାନଜିଉଙ୍କୁ ସୁବର୍ଣ୍ଣ କିରିଟି ବେଶ, ପୂଜାର୍ଚ୍ଚନା, ଚାଳିଶା ପାରାୟଣ, ହୋମ ଓ ପୁଷ୍ପାଞ୍ଜଳି ଆୟୋଜିତ ହୋଇଥିଲା । ମହାବୀରଙ୍କୁ ମକର ଚାଉଳ ଭୋଗ ଅର୍ପଣ ପରେ ଉପସ୍ଥିତ ଶ୍ରଦ୍ଧାଳୁମାନଙ୍କୁ ବିତରଣ କରାଯାଇଥିଲା । ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ମକର ସଂକ୍ରାନ୍ତିର ଶୁଭେଚ୍ଛା ଜଣାଇବା ସହ ଶ୍ରୀ ଜଗନ୍ନାଥ ସଂସ୍କୃତି ଓ ପରମ୍ପରାକୁ ଆଧାର କରି ପାଳିତ ହେଉଥିବା ମକର ପର୍ବର ବିଶେଷତ୍ୱ ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ପଦ୍ମିନୀ କେୟାରର ପରିଚାଳନା ନିର୍ଦ୍ଦେଶିକା ନୀଳଞ୍ଜନା ମୁଖାର୍ଜୀ, ଡା. ପିକେ. ମିଶ୍ର, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱବେଦୀ, ସଚିବ ସୁଧାଂଶୁ ଭୂଷଣ କର, ନାରାୟଣ ମିଶ୍ର, ସାରଦା ପଣ୍ଡାଙ୍କ ସମେତ ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ଯୋଗଦେଇଥିଲେ । ପୂଜକ ତପନ କୁମାର ଦାଶ ଠାକୁରଙ୍କ ନୀତିକାନ୍ତି ଓ ଉତ୍ତମ କୁମାର ପଣ୍ଡା, ସୁମନ୍ତ କୁମାର ନାୟକ, ରଶ୍ମୀରଂଜନ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ମକର ମିଳନ ଓ ଫକୀରମୋହନ ଜୟନ୍ତୀ

ବାରିପଦା, (ସବ୍ୟୁ) : ମୟୂରଭଞ୍ଜର ପ୍ରସିଦ୍ଧ ଗଣପର୍ବ ମକର ଉତ୍ସବ ଅବସରରେ ଜିଲ୍ଲାର ପ୍ରମୁଖ ସାରସ୍ୱତ ସଂଗଠନ ମୟୂରଭଞ୍ଜ ସାହିତ୍ୟ ପରିଷଦ ତରଫରୁ ଏକ ସାରସ୍ୱତ ବନ୍ଧୁମିଳନ କାର୍ଯ୍ୟକ୍ରମ ଆଜି ପୂର୍ବାହ୍ନରେ ମହର୍ଷି ପବ୍ଲିକ ସ୍କୁଲର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଓଡ଼ିଆ ଭାଷା ସାହିତ୍ୟର ସେନାପତି ଫକୀରମୋହନ ସେନାପତିଙ୍କ ଜୟନ୍ତୀ ମଧ୍ୟ ପାଳିତ ହୋଇଯାଇଛି । ସାହିତ୍ୟ ପରିଷଦର ବରିଷ୍ଠ ସଦସ୍ୟ ପ୍ରାକ୍ତନ ଜିଲ୍ଲାଶିକ୍ଷାଧିକାରୀ ହିମାଂଶୁ ଶେଖର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପରିଷଦର ପ୍ରାକ୍ତନ ସଭାପତି ତଥା ବିଶିଷ୍ଟ ସାହିତ୍ୟିକ ଅଜିତ କୁମାର କବାଟ ମୁଖ୍ୟଅତିଥି ଭାବରେ ଯୋଗ ଦେଇ ମକର ସଂକ୍ରାନ୍ତିର ତାତ୍ପର୍ଯ୍ୟ ଏବଂ ତହିଁରେ ମୟୂରଭଞ୍ଜର ସାଂସ୍କୃତିକ ଐତିହ୍ୟର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ । ସମ୍ମାନିତ ଅତିଥି ଭାବରେ ନାଟ୍ୟକାର ଓ କବି ଅଜିତ ପାଣିଗ୍ରାହୀ ତଥା କବୟିତ୍ରୀ ବାସନ୍ତୀଲତା ମହାପାତ୍ର ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଓଡ଼ିଆ ଭାଷାର ସ୍ୱାତନ୍ତ୍ର ପ୍ରତିପାଦିତ କରିବା ଦିଗରେ ଫକୀରମୋହନ ସେନାପତିଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ । ପ୍ରାରମ୍ଭରେ ପରିଷଦର ସଭାପତି ପଦ୍ମନାଭ ସାହୁଙ୍କ ଆବାହନରେ କାର୍ଯ୍ୟକ୍ରମ ଆରମ୍ଭ ହେବା ପରେ ପରିଷଦର ସଂପାଦକ ମନୋଜ ଦଳବେହେରା ପରିଷଦର ଆଗାମୀ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିଲେ । କବୟିତ୍ରୀ ସ୍ନେହଲତା ନାୟକ ଏବଂ କବି ଗୋପାଳ ଚନ୍ଦ୍ର ସାଓଙ୍କ ମିଳିତ ସଂଯୋଜନାରେ ଆୟୋଜିତ ଏକ ମନୋଜ୍ଞ କବିତାପାଠ ଆସରରେ ପଣ୍ଡିତ ଭାଗବତ ପଣ୍ଡା, ଡଃ ଶଶିଧର ବିଶ୍ୱାଳ, ନରସିଂହ ବାରିକ, ଅଜୟ କୁମାର ପାଳ, ବନମାଳୀ ପାତ୍ର ଓ ଡଃ ସଂଜୀବ ପାଣିଗ୍ରାହୀ ପ୍ରମୁଖ ଅନେକ କବି ସେମାନଙ୍କ ସ୍ୱରଚିତ କବିତା ପାଠ କରିଥିଲେ । କବି ଶଙ୍କର ଜେନା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



# ମୁଖ୍ୟମନ୍ତ୍ରୀ ବସ୍ ଚାଲିବା ପ୍ରତିବାଦ: ଘରୋଇ ବସ୍ ମାଲିକ ସଂଘର ଚକାବନ୍ଦ ଆନ୍ଦୋଳନ

ଜଗତସିଂହପୁର, (ସବ୍ୟୁ): ଦ୍ୱିତୀୟ ପର୍ଯ୍ୟାୟ ମୁଖ୍ୟମନ୍ତ୍ରୀ ବସ ଚାଲିବା ପ୍ରତିବାଦରେ ଆଜି ଜଗତସିଂହପୁର ଜିଲ୍ଲା ଘରୋଇ ବସ ମାଲିକ ସଂଘ ପକ୍ଷରୁ ଆଜି ଠାରୁ ଧର୍ମଘଟ ଡାକରା ଦିଆଯାଇଛି। ଆଜି ସକାଳୁ ଚକା ବନ୍ଦ ଆନ୍ଦୋଳନ କରି ଜିଲ୍ଲାରେ ଚଳାଚଳ କରୁଥିବା ସମସ୍ତ ବସ ଗୁଡିକୁ ଜଗତସିଂହପୁର ବସଷ୍ଟାଣ୍ଡ ସମେତ ପାରାଦ୍ୱୀପ, ମାଛଗାଁ, ନାଉଗାଁ ଆଦି ଜିଲ୍ଲାର ବିଭିନ୍ନ ବସଷ୍ଟାଣ୍ଡରେ ବସ ଷ୍ଟାଣ୍ଡରେ ରଖି ମାଲିକମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ।ଘରୋଇ ବସ ମାଲିକ ସଂଘର ଅଭିଯୋଗ କ୍ରମେ ପୂର୍ବରୁ ଚାଲୁଥିବା ଲକ୍ଷ୍ମୀ ବସ ଓ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ବସ ଗୁଡିକ ଗ୍ରାମ ପଞ୍ଚାୟତରୁ ବ୍ଲକ ମୁଖ୍ୟାଳୟକୁ ଚାଲୁଥିବା ବେଳ ଏବେ ସରକାରଙ୍କ ନିର୍ଦ୍ଦେଶ କ୍ରମେ ବସ ଗୁଡିକ ବ୍ଲକ ମୁଖ୍ୟାଳୟରୁ ଜିଲ୍ଲା ମୁଖ୍ୟାଳୟକୁ ଚାଲିବାକୁ ନିର୍ଦ୍ଦେଶ ଆସିଥିବା ଜଣାଯାଇଛି। ଫଳରେ ଲୋକମାନେ ସରକାରୀ ବସରେ ମାତ୍ର ୫ ରୁ ୧୦ ଟଙ୍କା ଦେଇ ସଦର ମହକୁମାକୁ ଆସୁଥିବା ବେଳେ ଘରୋଇ ମାଲିକମାନେ କ୍ଷତି ସହିବାକୁ



ପଡୁଥିବା ଅଭିଯୋଗ କରିଛନ୍ତି।

ଏହା ସହିତ ଉକ୍ତ ଗାଡି ଗୁଡିକର କିଛି ନିର୍ଦ୍ଦିଷ୍ଟ ସମୟ ସୀମା ନଥିବା ବେଳେ ଘରୋଇ ବସ ଆଗରେ ଚାଲିବାରୁ ଯାତ୍ରୀମାନେ ଉକ୍ତ ଗାଡି ଗୁଡିକରେ କମ ଖର୍ଚ୍ଚରେ ଯିବା ଆସିବାର ସୁବିଧା ପାଉଛନ୍ତି। ଯାହା ଫଳରେ ଘରୋଇ ଗାଡି ଗୁଡିକରେ ଲୋକ ହେଉନଥିବାରୁ ମାଲିକମାନଙ୍କୁ କ୍ଷତି ସହିବାକୁ ପଡୁଛି ବୋଲି ଅଭିଯୋଗ କରିଛନ୍ତି ଜଗତସିଂହପୁର ଜିଲ୍ଲା ଘରୋଇ ବସ ମାଲିକ ସଂଘର ସଂପାଦକ ଲକ୍ଷ୍ମୀଧର ବିଶ୍ୱାଳ। ଏହାକୁ ନେଇ ଘରୋଇ ମାଲିକ ସଂଘ ପକ୍ଷରୁ ଜିଲ୍ଲାପାଳ, ଜିଲ୍ଲା ପରିବହନ ଅଧିକାରୀଙ୍କୁ ଅବଗତ କରାଇଥିଲେ ହେଁ ତାର ସମାଧାନ ହୋଇ ପାରି ନଥିଲା । ଆଜି ହଠାତ କୌଣସି ସୂଚନା ନଥାଇ ବସ ସେବା ବନ୍ଦ ରହିବାକୁ ନେଇ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଜଗତସିଂହପୁର ସଦର ସ୍ଥିତ ବସଷ୍ଟାଣ୍ଡ ନିକଟରେ ବସ ମାଲିକମାନେ କିଛି ସରକାରୀ ମୁଖ୍ୟମନ୍ତ୍ରୀ ବସକୁ ଅଟକାଇ ଆନ୍ଦୋଳନକୁ ଓହ୍ଲାଇଥିବା ବେଳେ ଘଟଣା ସ୍ଥଳରେ ପୋଲିସ ପହଞ୍ଚିବା ପରେ ଆଲୋଚନା କରିବା ପରେ ସରକାରୀ ଗାଡିକୁ ଛାଡିଥିଲେ । ମାତ୍ର ଏହି ବନ୍ଦ ଡାକରାକୁ ନେଇ କୌଣସୀ ନିର୍ଯ୍ୟାସ ବାହାରି ନପାରିବାରୁ ଆଜି ଜଗତସିଂହପୁର ଜିଲ୍ଲାରେ ସଂପୁର୍ଣ୍ଣ ଘରୋଇ ବସ ଚଳାଚଳ ବନ୍ଦ ରହିଛି। ଏହାର ସମାଧାନ ନହେବା ପର୍ଯ୍ୟନ୍ତ ଗାଡି ଚଳାଚଳ ବନ୍ଦ ରହିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

ଏହି ଆନ୍ଦୋଳନରେ ଜଗତସିଂହପୁର ଘରୋଇ ବସ ମାଲିକ ସଂଘର ସଭାପତି କୈଳାସ ଚନ୍ଦ୍ର ସାହୁ, ଉପସଭାପତି ରମେଶ ବେହେରା, ଆଶୁତୋଷ ବେହେରା, ରବିନ୍ଦ୍ର ବାରିକ, ଚିତ୍ତ ରଞ୍ଜନ ବିଶ୍ୱାଳ, ଦେବାଶିଷ ନାୟକ, ପ୍ରସନ୍ନ କୁମାର ଦାସ ପ୍ରମୁଖ ବହୁ ଗାଡି ମାଲିକ ସାମିଲ ହୋଇଥିଲେ ।

# ତୁଳସୀକ୍ଷେତ୍ରରେ ମକର ଉତ୍ସବ : ପ୍ରବଳ ଭିଡ଼, ୧୭ ସୁନା ଚେନ ଚୋରି

କେନ୍ଦ୍ରାପଡା, (ସବ୍ୟୁ) : କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ଶ୍ରୀବଳଦେବଜୀଉଙ୍କ ମନ୍ଦିର ତଥା ତୁଳସୀକ୍ଷେତ୍ରରେ ମକର ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବୁଧବାର ଭୋର ସମୟରୁ ଦ୍ୱାର ଫିଟା ନୀତି, ଜୟମଙ୍ଗଳା ଆଳତୀ, ନୀତି ସ୍ନାନ ବଲ୍ଲଭ ଧୂପ ଅନୁଷ୍ଠିତ ହୋଇଥିଲା । ସକାଳ ୯ଟା ୩୦ରେ ସକାଳ ଖେଚୁଡ଼ି ଧୂପ ହୋଇଥିଲା । ଭକ୍ତମାନେ ଏହାପରେ ମହାପ୍ରଭୁଙ୍କ ଦର୍ଶନ କରିଥିଲେ । ହଜାର ହଜାର ଭକ୍ତ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଶ୍ରୀଜୀଉମାନଙ୍କୁ ଦର୍ଶନ କରିଥିଲେ । ଅପରାହ୍ନ ୩ଟା ୧୫ ମିନିଟ୍‌ରେ ମକର ବେଢା ନୀତି ପାଇଁ ସେବାୟତମାନଙ୍କ ଦ୍ୱାରା ୪ଥର ବେଢା ପରିକ୍ରମା କରାଯାଇଥିଲା । ସାଢେ ୪ଟାରେ ମକର ଚୌରାଶି ଭୋଗ କରାଯାଇଥିଲା । ଅପରାହ୍ନ ୫ଟାରେ ଦ୍ୱିପହର ଧୂପ ଅନୁଷ୍ଠିତ ହୋଇ ଦିବା ପହୁଡ଼ ହୋଇଥିଲା । ସନ୍ଧ୍ୟା ୭ଟାରେ ପହୁଡ଼ ଖୋଲା ଯାଇ ଉଠାଣି ଧୂପ ତଥା ସନ୍ଧ୍ୟା ଧୂପ ଆଳତୀ ହୋଇଥିଲା । ରାତି ୯ଟାରେ ରାତ୍ର ଧୂପ କରାଯାଇଥିଲା । ଆଜି ଏକାଦଶୀ ତିଥି ଥିବାରୁ ବିଜେ ପ୍ରତିମା ଶ୍ରୀ ଗୋବିନ୍ଦଜୀଉ ବିମାନରେ ବେଢା ପରିକ୍ରମା କରିଥିଲେ । ଶେଷରେ ରାତି ୧୧ଟାରେ ବଡ଼ସିଂହାର ନୀତି ହୋଇ ରାତ୍ର ପହୁଡ଼ ପଡିଥିଲା । ମକର ଉତ୍ସବ ପାଇଁ ତୁଳସୀ କ୍ଷେତ୍ରରେ ୫୦ ହଜାରରୁ ଉର୍ଦ୍ଧ୍ୱର୍ ଭକ୍ତଙ୍କ ସମାଗମ ହୋଇଥିଲା । ପ୍ରଶାସନ ପକ୍ଷରୁ ବାରିକେଡ ବ୍ୟବସ୍ଥା କରାଯାଇଥିବା ବେଳେ କେତେକ ସେବାୟତ ଏହାକୁ ବିରୋଧ କରିଥିଲେ । ବାରିକେଡ ବସାଇଲେ ନୀତିରେ ବିଭ୍ରାଟ କରିବେ ବୋଲି ଧମକ ଦେଇଥିଲେ । ଫଳରେ ପ୍ରଶାସନ ସେବାୟତଙ୍କ ନିକଟରେ ହାର ମାନିଥିଲା । ଯାହା ଫଳରେ ମନ୍ଦିର ମଧ୍ୟରେ ଶୃଙ୍ଖଳିତ ଦର୍ଶନ ହୋଇ ନଥିଲା । ଏହାର ସୁଯୋଗ ନେଇ ଲୁଟିଆମାନେ ୧୭ ଜଣ ଭକ୍ତଙ୍କ ସୁନା ଚେନ ଲୁଟି ନେଇଥିଲେ । ଏହା ସହ ୧୦ରୁ ଅଧିକ ଭକ୍ତଙ୍କ ପକେଟ୍ ମାର ହୋଇଥିଲା । ସ୍ୱଳ୍ପ ସଂଖ୍ୟକ ପୁଲିସ ଥିବାରୁ ଏହି ସମସ୍ୟା ସୃଷ୍ଟି ହେଲା ବୋଲି ଭକ୍ତମାନେ କହିଛନ୍ତି । ମନ୍ଦିର ପ୍ରଶାସନ ପକ୍ଷରୁ ବେଢାରେ ସୂଚନାକେନ୍ଦ୍ର ଖୋଲା ଯାଇ ଭକ୍ତମାନଙ୍କୁ ଡାକବାଜି ଯନ୍ତ୍ର ଯୋଗେ ସଚେତନ କରାଯାଇଥିଲା । ହେଲେ ଭିଡ଼ ନିୟନ୍ତ୍ରଣ କରିବାରେ ପୁଲିସ ବିଫଳ ହେବାରୁ ଭକ୍ତମାନେ ଲୁଟିଆମାନଙ୍କ ଶିକାର ହୋଇଥିଲେ । ପୂର୍ବଦିନ ଅର୍ଥାତ ମଙ୍ଗଳବାର ରାତିରେ ମନ୍ଦିର ପରିସରରେ ନବାଙ୍କ ବେଢା ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ମହାଲକ୍ଷ୍ମୀଙ୍କ ବିଜେ ପ୍ରତିମା ମଣି ବିମାନରେ ବିଜେ କରି ମକଳ ଚାଉଳ, ଫଳମୂଳ ସହ ବେଢା ପରିକ୍ରମା କରିଥିଲେ । ତୁଳସୀକ୍ଷେତ୍ରରେ ମକର ଉତ୍ସବକୁ ଶାନ୍ତି ଶୃଙ୍ଖଳାର ସମାପନ କରିବା ପାଇଁ ଟ୍ରଷ୍ଟବୋର୍ଡ ସଭ୍ୟ ଉପଜିଲାପାଳ ଅରୁଣ କୁମାର ନାୟକ, ସେବକ ଟ୍ରଷ୍ଟି ନୃସିଂହ ପ୍ରସାଦ ପତ୍ରୀ, ସଭ୍ୟ ପଣ୍ଡିତ ହୃଷିକେଶ ରଥ, ସଭ୍ୟ ଧୀରେନ କୁମାର ସାହୁ, ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, ଟାଉନ୍ ଥାନାଧିକାରୀ ଦିଲ୍ଲୀପ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ପାରାଦୀପ କଲେଜ ପାଖରେ ଦୁର୍ଘଟଣା: ଜଣେ ମୃତ

ପାରାଦୀପ, (ଜି.ପ୍ର): ଆଜି ପାରାଦୀପ କଲେଜ ସାମ୍ନା ହମ୍ପସ ପାଖରେ ବିଳମ୍ବିତ ରାତ୍ରିରେ ଦୁର୍ଘଟଣା ଘଟି ଜଣେ ଲୁନା ଚାଳକଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି।

ମୃତକ ଜଣଙ୍କ ହେଲେ ସଣ୍ଡକୁଦ ବସ୍ତିର ଅଜୟ କରଣ। ପ୍ରାୟ ରାତ୍ରି ୧୦ ଟା ସମୟରେ ଓଡ଼ି - ୦୨- ବିଏମ ୦୯୩୩ ଏମଜୀ କାରଟି ସମୁଦ୍ର କୂଳ ଆଡୁ ଅତ୍ୟଧିକ ସ୍ପିଡରେ ଆସି କଲେଜ ପାଖରେ ଥିବା ହମ୍ପସ ପାଖରେ ଭାରସାମ୍ୟ ହରାଇ ସାମ୍ନାରୁ ଆସୁଥିବା ଓଡ଼ି-୨୧-ଜି ୦୯୧୨ ଲୁନାକୁ ଧକ୍କା ଦେଇ ଓଲଟି ପଡିଥିଲା। ଫଳରେ ଘଟଣା ସ୍ଥଳରେ ଲୁନା ଚାଳକଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। କାର ଚାଳକ ଗୁରୁତର ଭାବେ ଆହତ ହୋଇଥିବା ବେଳେ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି।

# ଓଳାଶୁଣୀ ଗୁମ୍ଫାମେଳା ଆରମ୍ଭ

ବାଲିଚନ୍ଦ୍ରପୁର, (ସବ୍ୟୁ) : ଓଡ଼ିଶା ପ୍ରସିଦ୍ଧ ଓଳାଶୁଣୀ ଗୁମ୍ଫାମେଳା ଆଜି ବୁଧବାର ମକର ସଂକ୍ରାନ୍ତି ଠାରୁ ଆରମ୍ଭ ହୋଇଛି । ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ପଲେଇ ପଂଚାୟତରେ ଅବସ୍ଥିତ ଉକ୍ତ ଗୁମ୍ଫାମେଳା ପ୍ରତିବର୍ଷ ମାଘମାସ କୃଷ୍ଣପକ୍ଷ ଏକାଦଶୀ ତିଥିରୁ ଆରମ୍ଭ ହୋଇଥାଏ । ଏହି ଦିନ ମହାପୁରୁଷ ସନ୍ଥ ଅରକ୍ଷିତ ଦାସ ବ୍ରହ୍ମଲିନ ହୋଇଥିଲେ । ଚଳିତ ବର୍ଷ ମହାପୁରୁଷଙ୍କ ୧୮୯ତମ ବ୍ରହ୍ମଲିନ ଦିବସରେ ମହାପୁରୁଷଙ୍କ ସମାଧି ମନ୍ଦିରରେ ପୂଜାର୍ଚ୍ଚନା କରାଯାଇ ମେଳା ଅନୁଷ୍ଠିତ ହୋଇଛି । ଗତ କାଲି ମଙ୍ଗଳବାର ଦଶମୀ ତିଥିରେ ମହାପୁରୁଷଙ୍କର କେଶ ଯାତ୍ରା ସମାପନ ହୋଇଛି । ପ୍ରାତଃ ସମୟରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇ ବଡ଼ଦାଣ୍ଡରେ ପ୍ରସାଦ ସେବନ କରିଥିଲେ । ସତ୍ୟସାଇ ସେବା ସଂଗଠନ ଓ ଅରକ୍ଷିତ ଦାସ ସେବା ସଂଗଠନ ପଲାଇ ପକ୍ଷରୁ ପ୍ରସାଦ ବଣ୍ଟନରେ ସହାୟତା ଯୋଗାଇଦେଇଥିଲେ । ମନ୍ଦିର ପ୍ରାଙ୍ଗଣରେ ମହାପୁରୁଷଙ୍କ ପ୍ରିୟ ଭୋଗ ପୋଡ଼ପୀଠାର ଚାହିଦା ଶ୍ରଦ୍ଧାଳୁ ମାନଙ୍କ ମଧ୍ୟରେ ବିଶେଷ ଭାବରେ ପରିଲକ୍ଷିତ ହୋଇଥିଲା । ସେହିପରି ପାହାଡ଼ର ପୂର୍ବ ପଟରେ ଅବସ୍ଥିତ ମା'ଓଳାଶୁଣୀଙ୍କ ମନ୍ଦିରରେ ପୂଜକ ହୃଷିକେଶ ପଣ୍ଡା ପୂଜାର୍ଚ୍ଚନା ପରେ ମା'ଙ୍କ ପ୍ରାଙ୍ଗଣରେ ଅହରାତ୍ର ଭଜନ କ୍ରୀର୍ତ୍ତନ ଓ ପ୍ରସାଦ ସେବନ କାର୍ଯ୍ୟକ୍ରମ ଜାରି ରହିଛି । ପୂର୍ବପଟ ପାହାଡ଼ର ମଧ୍ୟ ଭାଗରେ ଏକ ସାଧୁ ସେବା ଶିବିର ଆୟୋଜନ କରାଯାଇଛି । ମହାପୁରୁଷଙ୍କ ସମାଧି ମନ୍ଦିର ନିକଟରେ ଥିବା କଳ୍ପବଟ ବୃକ୍ଷ ମୂଳେ ସାଧୁସନ୍ଥ ମାନେ ଅଖଣ୍ଡଦୀପ ଜାଳି ମହାପୁରୁଷଙ୍କୁ ସ୍ମରଣ କରୁଥିବା ଦେଖାଯାଇଥିଲା । ପାହାଡ଼ର ଶୀର୍ଷ ଦେଶରୁ ପାଦଦେଶ ଏବଂ ମେଳା ପଡ଼ିଆରେ ହଜାର ହଜାର ସଂଖ୍ୟାରେ ବ୍ୟବସାୟୀ ମାନେ ସେମାନଙ୍କର ପ୍ରତିଷ୍ଠାନ ଖୋଲିଛନ୍ତି । ବିଭିନ୍ନ ଦୋଳି ସାଙ୍ଗକୁ ଆଲୋକମେଳାରେ ଝଲସୁଛି ମେଳା ପଡ଼ିଆ । ଜିଲ୍ଲା ପ୍ରଶାସନ ପକ୍ଷରୁ ବାଲିଚନ୍ଦ୍ରପୁର ପୋଲିସ ତତ୍ତ୍ୱାବଧାନରେ ବ୍ୟାପକ ପୋଲିସ ମୁତୟନ କରାଯାଇଥିବା ବେଳେ ଅଗ୍ନିସମ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଜଙ୍ଗଲ ବିଭାଗ, ଶକ୍ତି ବିଭାଗ, ତହସିଲ ବିଭାଗ, ପଂଚାୟତରାଜ ଓ ପାନୀୟ ଜଳ ବିଭାଗ ଆଦି ସମସ୍ତ ପ୍ରଶାସନିକ କଳ ସଜାଗ ଥିବା ଦେଖାଯାଇଥିଲା ।

# ଖଣ୍ଡତରି ଗ୍ରାମ୍ୟ ଶିଳ୍ପ ଉଦ୍ୟାନ ଉଦ୍‌ଘାଟିତ

ରଘୁନାଥପୁର, (ସବ୍ୟୁ) : ରାଜ୍ୟ ସରକାରଙ୍କ ପଞ୍ଚାୟତରାଜ ପାନୀୟଜଳ ବିଭାଗ ଓ ଓରମାସ ଦ୍ୱାରା ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଅନ୍ତର୍ଗତ ଖଣ୍ଡତରି ଠାରେ ବହୁ ପ୍ରତିକ୍ଷିତ ଗ୍ରାମ୍ୟ ଶିଳ୍ପ ଉଦ୍ୟାନକୁ ଆଜି ଶିଳ୍ପ,ବୈଷୟିକ ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଆନୁଷ୍ଠାନିକ ଭାବେ ଉଦଘାଟିନ କରିଛନ୍ତି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ତିର୍ତ୍ତୋଲ ବିଧାୟକ ପ୍ରଫେସର ରମାକାନ୍ତ ଭୋଇ, ଜଗତସିଂହପୁର ଏମପି ବିଭୁପ୍ରସାଦ ତରାଇ ଓ ଭାଜପା ନେତା ରାଜକିଶୋର ବେହେରା ଯୋଗଦେଇଥିଲେ। ରଘୁନାଥପୁର ବ୍ଲକ ବିଡିଓ ବିରଞ୍ଚି ନାରାୟଣ ବେହେରାଙ୍କ ପୌରହିତ୍ୟରେ ଅପରାହ୍ନରେ ଆୟୋଜିତ ଉତ୍ସବରେ ମନ୍ତ୍ରୀ ସ୍ୱାଇଁ ଉପସ୍ଥିତ ହୋଇ ଫିତାକାଟି ଏହାକୁ ଉଦଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ସୁଷମା ମଲ୍ଲିକ, ଛପଡା ସରପଞ୍ଚ ଅମିତା ଖୁଣ୍ଟିଆ,ଜିଲ୍ଲାପରିଷଦ ସଭ୍ୟା ରୀନାରାଣୀ ମଲ୍ଲିକ ଓ ଇତିଶ୍ରୀ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଓରମାସ ପକ୍ଷରୁ ୨ ମହିଳା ଗୋଷ୍ଠି ଯଥା ସାଦେଇପୁର ସ୍ଥିତ ଠାକୁର ଅଭିରାମ ଏସଏଚଜିଙ୍କୁ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ(କାଫେ) ଓ ଜଇପୁର ବୟନ




ଗ୍ରାମ ମହିଳା ଉତ୍ପାଦକ ଗୋଷ୍ଠି ଶ୍ରୀରାମ ହ୍ୟାଣ୍ଡଲୁମ ଏଣ୍ଟରପ୍ରାଇସଙ୍କୁ ହସ୍ତତନ୍ତ ଉତ୍ପାଦକ ସାମଗ୍ରୀ ବିପଣ ନିମନ୍ତେ ସୁଯୋଗ ଦିଆଯାଇଛି। ଉତ୍ସବରେ ବିଶେଷ କରି ଜଗତସିଂହପୁର ସୂତା ବ୍ରାଣ୍ଡକୁ ସାର୍ବଜନୀନ କରାଯିବା ସହ ଏହି ଶିଳ୍ପ ଉଦ୍ୟାନରେ ୧୫୦ ରୁ ଉର୍ଦ୍ଧ ମହିଳା ଆତ୍ମନିର୍ଭରଶୀଳ ହୋଇପାରିବେ ବୋଲି ଓରମାସ ଡେପୁଟି ସିଇଓ ମଧୁସ୍ମିତା ସାହୁ ପ୍ରକାଶ କରିଥିଲେ। ସେହିପରି ପଥଚାରିମାନଙ୍କ ପାଇଁ ସୁଲଭ ମୂଲ୍ୟରେ ମହିଳାଙ୍କ ହାତ ତିଆରି ଖାଦ୍ୟ ସାମଗ୍ରୀ ଉପଲବ୍ଧ ହୋଇପାରିବ ବୋଲି ଡେପୁଟି ସିଇଓ ସାହୁ ପ୍ରକାଶ କରିଥିଲେ। ଜିଲ୍ଲାପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ ଉପସ୍ଥିତ ହୋଇ ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ। ଏହି କାର୍ଯ୍ୟକ୍ରମରେ ତହସିଲଦାର ରାଜଲକ୍ଷ୍ମୀ ନାୟକ,ସିଡିପିଓ ତୃପ୍ତିଲତା ମହାନ୍ତି,ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୁଚିସ୍ମିତା ବେହେରା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଏଲଏମ ବିଭାଗର ବିପିଏମ ଲିପିକା ଷଡଙ୍ଗୀ ସମସ୍ତ କାର୍ଯ୍ୟ ପରିଚାଳନା କରିଥିବାବେଳେ ମିଶନ ଶକ୍ତି ବିପିସି ଶଶାଙ୍କ ଶେଖର ସ୍ୱାଇଁ,ଭବେଶ କୁମାର ବେହେରା, ବିଏଲସି ବିଶ୍ୱଜିତା ଦାଶ, ମୀନାରାଣୀ ଦାସ, ତ୍ରୀଲୋଚନ ଦାସଙ୍କ ସମେତ ସମସ୍ତ ବ୍ଲକ କର୍ମଚାରୀମାନେ ସହଯୋଗ କରିଥିଲେ।

# ମେଗା ସ୍ୱାସ୍ଥ୍ୟ ଶିବିର ଉଦଘାଟନ କଲେ ଆଇନ ମନ୍ତ୍ରୀ




କୁହୁଡ଼ି, (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ବାଣପୁର ବ୍ଲକ ନାଚୁଣୀ କଲେଜ ପରିସରରେ କିମ୍ସ ହିସ୍ପିଟାଲ ପକ୍ଷରୁ ଆୟୋଜିତ ନିଃଶୁଳ୍କ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉଦଘାଟନ କରିଥିଲେ । କିମ୍ସ ହିସ୍ପିଟାଲର ଅଭିଜ୍ଞ ବିଶେଷଜ୍ଞ ଡାକ୍ତରମାନେ ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣାରେ ଔଷଧ ବଣ୍ଟନ କରିଥିଲେ । ଏହି ଶିବିରରେ ମେଡ଼ିସିନ, ଶିଶୁରୋଗ, ଚର୍ମ ରୋଗ, ଶଲ୍ୟ ଚିକିତ୍ସା, ସ୍ତ୍ରୀଓ ପ୍ରସୂତି ଚିକିତ୍ସା, ଚକ୍ଷୁ ଚିକିତ୍ସା, ଦାନ୍ତ ଚିକିତ୍ସା, ହୃଦ ରୋଗ ଏହିଭଳି ୨୦ରୁ ଉର୍ଦ୍ଧ ବିଭାଗ ଓ ପରୀକ୍ଷା କରାଯାଇଥିଲା ଏହି ଅବସରରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ପୁରୀ ସାଂସଦ ସମ୍ବିତ ପାତ୍ର ଚିଲିକା ନିର୍ବାଚନ ମଣ୍ଡଳୀର ଜନସାଧାରଣମାନଙ୍କୁ ଖାଦ୍ୟ ପରିବେଷଣ କରିଥିଲେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କିଟ ଓ କିମ୍ସର ପ୍ରତିଷ୍ଠାତା ଡ଼ ଅଚ୍ୟୁତ ସାମନ୍ତ ଓ ଡାକ୍ତରମାନଙ୍କୁ କୃତଜ୍ଞତା ଜଣାଇଛନ୍ତି ଏହି କାର୍ଯ୍ୟକ୍ରମରେ ପୁରୀ ସଂସଦ ଡ଼ ସମ୍ବିତ ପାତ୍ର, ଚିଲିକାରେ ପୂର୍ବତନ ବିଧାୟକ ବିଭୁତି ଭୂଷଣ ହରିଚନ୍ଦନ, କିଟ ଓ କିମ୍ସ ପ୍ରତିଷ୍ଠାତା ଡ଼ ଅଚ୍ୟୁତ ସାମନ୍ତ, କିଟ ଓ କିମ୍ସର ଉପଦେଷ୍ଟା ଡ଼ ଶଶାଙ୍କ ଶେଖର ଚୂଡ଼ାମଣି, ବାଣପୁର ବ୍ଲକ ଅଧକ୍ଷ ଅମରେନ୍ଦ୍ର ରଣସିଂହ, ଚିଲିକା ବ୍ଲକ ଅଧକ୍ଷା ଜ୍ୟୋସ୍ନାରାଣୀ ବେହେରା, ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ଦୁଷ୍ମନ୍ତ ହରିଚନ୍ଦନ, ନାଚୁଣୀ କଲେଜ ଅଧକ୍ଷ ଡ଼ ସୁନୀଲ ପଟ୍ଟନାୟକ ଓ ଜନପ୍ରତିନିଧି, ଅଧ୍ୟାପକ, କର୍ମଚାରୀ ସମସ୍ତ ଉପସ୍ଥିତ ରହି ଏହି ସଓ୍ୱାସ୍ଥ୍ୟ ଶିବିରକୁ ସଫଳ କରିଥିଲା ।

# ମକର ଚାଉଳ ସୁବାସରେ ମହକିଲା ସାକ୍ଷୀଗୋପାଳ ମନ୍ଦିର

ସାକ୍ଷୀଗୋପାଳ ,(ସବ୍ୟୁ): ପବିତ୍ର ମକର ସଂକ୍ରାନ୍ତି. ମକର ଚାଉଳ ସୁବାସରେ ସାକ୍ଷୀଗୋପାଳ ମନ୍ଦିର ମହକି ଉଠିଥିଲା. ସାକ୍ଷୀଗୋପାଳ ମନ୍ଦିର ପରିସରରେ ମକର ଚାଉଳ ପ୍ରସ୍ତୁତି, ମକର ଚାଉଳ ଭୋଗ ଅର୍ପଣ, ଠାକୁରଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା ନିମନ୍ତେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମରେ ଉତ୍ସବ ମୁଖର ହୋଇଥିଲା ।

ସାକ୍ଷୀଗୋପାଳ ଠାକୁର ଉତ୍ତର ଭାରତରୁ ଆସି ଥିବାରୁ ଉତ୍ତର ଭାରତ ପରମ୍ପରା ଅନୁଯାଇ ସାକ୍ଷୀଗୋପାଳ ମନ୍ଦିରରେ ଉତ୍ତର ଭାରତ ରୀତିନୀତି ଅନୁଯାଇ ବର୍ଷସାରା ଠାକୁରଙ୍କୁ ଗହମରୁ ପ୍ରସ୍ତୁତ ସାମଗ୍ରୀ ଭୋଗ ନୈବେଦ୍ୟ ଅର୍ପଣ କରାଯାଏ । କେବଳ ମକରସଂକ୍ରାନ୍ତି ଗୋଟିଏ ଦିନ ଅରୁଆ ଚାଉଳରେ ପ୍ରସ୍ତୁତ ମକର ଚାଉଳ ଭୋଗ ନୈବେଦ୍ୟ ଅର୍ପଣ କରାଯାଏ । ସ୍ଥାନୀୟ ଭକ୍ତ ଓ ଶ୍ରଦ୍ଧାଳୁମାନେ ଆଗ୍ରହର ସହିତ ଅପେକ୍ଷା କରିଥାନ୍ତି । ଗତକାଲି ମଙ୍ଗଳବାର ଦିନ ମହାଲକ୍ଷ୍ମୀଙ୍କ ପିତ୍ରାଳୟ ବସନ୍ତ ପୁର ଗ୍ରାମରୁ ଓଳିଆରେ ଆସିଥିବା ମକର ସାମଗ୍ରୀରେ ମକର ଚାଉଳ ପ୍ରସ୍ତୁତ କରି ଦ୍ୱିପହର ଧୂପରେ ଠାକୁରଙ୍କୁ ଅର୍ପଣ କରାଯାଇଥିଲା. ମକର ବେଢ଼ା ପରିକ୍ରମା, ଆଳତୀ ଓ ଉପଚାର ଅନୁଷ୍ଠିତ ହୋଇଥିଲା. ଭକ୍ତ ଓ ଶ୍ରଦ୍ଧାଳୁ ମାନେ ମନ୍ଦିର ବେଢାରେ ଅରୁଆ ଚାଉଳରେ ଦୁଗ୍ଧ, ଚିନି, ଦେଶୀ କମଳା, ଅଳେଇଚ, ଗୁଜୁରାତି, ନଡ଼ିଆ, ଛେନା ବିଭିନ୍ନ ପ୍ରକାର ଫଳ , ଖୁଆ ଓ ମୁଆଁ, କାଜୁ, ଖିସମିସ ଓ ଲବଙ୍ଗ ଆଦି ସାମଗ୍ରୀ ମିଶ୍ରଣ କରି ପ୍ରସ୍ତୁତ ମକର ଚାଉଳ ଠାକୁରଙ୍କୁ ଅର୍ପଣ କରିଥିଲେ. ମକର ଚାଉଳ ସୁବାସରେ ମନ୍ଦିର ପରିସର ମହକି ଉଠିଥିଲା. ହଜାର ହଜାର ଭକ୍ତଙ୍କ ସମାଗମରେ ମନ୍ଦିର ପରିସର ଓ ଚତୁର୍ପାର୍ଶ୍ୱ ଉତ୍ସବ ମୁଖର ହୋଇଥିଲା ।

# ବିଭିନ୍ନ ବିକାଶ କାର୍ଯ୍ୟ ପରିଦର୍ଶନ କଲେ ଖୋର୍ଦ୍ଧା ଜିଲ୍ଲାପାଳ

ବାଲିପାଟଣା , (ସବ୍ୟୁ) : ଖାର୍ଦ୍ଧା ଜିଲ୍ଲାପାଳ ଅମୃତ ଋତୁରାଜ ବାଲିପାଟଣା ଆସି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ତଦାରଖ କରିଛନ୍ତି । ବଲଭଦ୍ରପୁର୍ ଗ୍ରାମରେ କେବଳ ମହିଳାଙ୍କ ଦ୍ୱାରା ପରିଚାଳିତ କଦଳୀ ଗଛ ରୁ କାଗଜ ଓ ସବୁଜ ସାର ପ୍ରସ୍ତୁତି କାର୍ଯ୍ୟକ୍ରମ ଓ ସାମାଜିକ ସନ୍ତୁଳନ ନିମନ୍ତେ ହେଉଥିବା ୫୦ ଜଣ ମହିଳା ଙ୍କ ତାଲିମ କାର୍ଯ୍ୟକ୍ରମ ସମ୍ପର୍କରେ ପଚାରି ବୁଝିଥିଲେ । ଏହାପୂର୍ବରୁ ପମ୍ପାଲୋ ପଞ୍ଚାୟତ ନିକଟରେ ଥିବା ଅଙ୍ଗନଓ୍ୱାଡ଼ି କେନ୍ଦ୍ର ଓ ବଡପୋଖରି ଉନ୍ନତୀକରଣ ଯୋଜନା ସହିତ ସରାଟ ମନ୍ତ୍ରୀ ପୋଖରୀ ସୌନ୍ଦର୍ଯ୍ୟିକରଣ କାର୍ଯ୍ୟକ୍ରମ ବୁଲି ଦେଖିଥିଲେ ।

ଜିଲ୍ଲାପାଳଙ୍କ ସହିତ ବିଡ଼ିଓ ଶୁଭ୍ରାଂଶୁ ଶେଖର ପାଢୀ,ସହକାରୀ ଯନ୍ତ୍ରୀ ଅର୍ଚ୍ଚନା ଦାସ, ସିଡିପିଓ ରୁନୁବାଳା ସାହୁ, ଜେ ଇ ସଂଗୀତା ବେହେରା,ସୁଶ୍ରୀ ବେହେରା, ବିପିସି ଦିବ୍ୟରଞ୍ଜନ ମହାପାତ୍ର, ଏ ଏଫ ଓ ମୋନାଲିସା ରାଉତ, ଜେ ଏଫ ଟି ଓ ପ୍ରକାଶ ବେହେରା, ବି ଏଲ ସି ନଳିନୀ ସେଠୀ ଓ ଏମ ବି କେ ବିଜୟଲକ୍ଷ୍ମୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

ଧର୍ମଶାଳା, ( ସ ବ୍ୟୁ) ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଂଚାୟତ ନୂଆଗାଁ ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ କ୍ରୀଡା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସଭାପତି ମଳୟ କୁମାର ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ଭବ ପତ୍ରିକାର ସମ୍ପାଦକ ଅଖିଳ କୁମାର ସ୍ୱାଇଁ, ଆଜିର ଆହ୍ୱାନର ସଂପାଦକ ମାନସ ରଞ୍ଜନ ଜେନା ଅତିଥି ଭାବେ ଯୋଗଦେଇ କ୍ରୀଡା ଛାତ୍ରଛାତ୍ରୀଙ୍କୁ ମାନସିକ ଓ ଶାରୀରିକ ସନ୍ତୁଳନ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ । ସ୍କୁଲର ନିର୍ଦ୍ଦେଶକ ବିନୋଦ କୁମାର ମିଶ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ ।

# ପିଏମଶ୍ରୀ ମହୋତ୍ସବ

କଣ୍ଟାପଡ଼ା, (ସବ୍ୟୁ): କଣ୍ଟାପଡ଼ା ବ୍ଲକ ଅଡ଼ଶପୁରସ୍ଥିତ ପିଏମଶ୍ରୀ ପ୍ରାଚୀ ନୋଡ଼ାଲ ଏକାଡ଼େମୀରେ ପିଏମଶ୍ରୀ ଉତ୍ସବ ସମାରୋହରେ ପାଳିତ ହୋଇଛି । ଏହି ଉପଲକ୍ଷେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷିକା ସ୍ୱସ୍ତିପ୍ରିୟା ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମାଧମିକ ଶିକ୍ଷା ପରିଷଦ ସଭାପତି ଶ୍ରୀକାନ୍ତ ତରାଇ, ଅବସରପ୍ରାପ୍ତ ଅତିରିକ୍ତ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ କୃଷ୍ଣଚନ୍ଦ୍ର ନାୟକ, କାପଡ଼ା ମଣ୍ଡଳ ଶିକ୍ଷାଧିକାରୀ ରବୀନ୍ଦ୍ରକୁମାର ସାହୁ, ଶିକ୍ଷକ ନେତା ଅଶୋକକୁମାର ମହାପାତ୍ର, ପ୍ରାଚୀ ଏକାଡ଼େମୀର ପୂର୍ବତନ ପ୍ରଧାନ ଶିକ୍ଷକ ଅଜୟକୁମାର ପାତ୍ର, ଚତୁର୍ଭୁଜ ମହାପାତ୍ର ଓ ଡାକ୍ତର ଦୀନବନ୍ଧୁ ମହାରଣା ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ ।

ହାଇସ୍କୁଲର ପ୍ରାକ୍ତନ ପ୍ରଧାନ ଶିକ୍ଷକ ଶରତକୁମାର ପାଢ଼ୀ କାର୍ଯକ୍ରମ ସଞ୍ଚାଳନ କରିଥିଲାବେଳେ ସୁନ୍ଦରଗ୍ରାମ ହାଇସ୍କୁଲ ଶିକ୍ଷକ ସଂଗ୍ରାମକେଶରୀ ରାଉତରାୟ ବିଚାରକଭାବେ ଯୋଗଦେଇଥିଲେ । ଏହି ଅବସରରେ ଛାତ୍ରଛାତ୍ରୀଙ୍କଦ୍ୱାରା ପ୍ରସ୍ତୁତ ତିନୋଟି ପାଭିଲିୟନକୁ ଅତିଥିମାନେ ବୁଲି ଦେଖିବା ସହିତ ସେଗୁଡ଼ିକର ମୂଲାଙ୍କନ କରିଥିଲେ । ଶେଷରେ ସାଂସ୍କୃତିକ କାର୍ଯକ୍ରମ ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା ।

# ପୂର୍ବତନ ପିସିସି ସଭ୍ୟଙ୍କ ପରଲୋକ

ବାଲିପାଟଣା, (ସବ୍ୟୁ): ବାଲିପାଟଣା ବ୍ଲକ ଗାରେଡ଼ିପାଞ୍ଚଣ ପଞ୍ଚାୟତ ଗ୍ରାମର ପ୍ରାକ୍ତନ ସରପଞ୍ଚ ସ୍ୱର୍ଗତ ଅଭିମନ୍ୟୁ ସେନାପତିଙ୍କ ପୁଅ ମନୋରଞ୍ଜନ ସେନାପତି ଓରଫ ଟୁବୁଲା ( ୫୪ )ଙ୍କ ଦେହାନ୍ତ ଘଟିଛି ସେ ଦୀର୍ଘ ଦିନ ହେଲା କୀଡୀନି ରୋଗ ରେ ଆକ୍ରାନ୍ତ ଥିଲେ ମସ୍ତିଷ୍କ ସମସ୍ୟା ଯୋଗୁଁ କିଛି ଦିନ ହେବ ଭୁବନେଶ୍ୱର ର ଏକ ଘରୋଇ ହସ୍ପିଟାଲ ରେ ଭର୍ତି ହୋଇଥିଲେ ଆଜି ମଧ୍ୟାହ୍ନରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି ହସ୍ପିଟାଲରୁ ମୃତ ଦେହ ପୈତୃକ ଘର କୁ ମୃତ ଦେହ ଆସିବା ପରେ ପରିବାର ଲୋକେ, ସମ୍ପର୍କୀୟ, ବନ୍ଧୁ ବାନ୍ଧବ, ଗ୍ରାମବାସୀ ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ ଅପରାହ୍ନ ରେ ଗାଁ ସ୍ମଶାନ ରେ ଶେଷ କୃତ୍ୟ ସମ୍ପନ୍ନ ହୋଇଛି ପୁତୁରା ବିଦ୍ୟା ସାଗର ସେନାପତି ମୁଖାଗ୍ନି ଦେଇଥିଲେ ବାଲିପାଟଣାରେ ସାଗର କୋଚିଂ ସେଣ୍ଟର ର ପ୍ରତିଷ୍ଠାତା ଥିଲେ ।

ଅନ୍ୟପକ୍ଷରେ ସ୍ୱର୍ଗତ ସେନାପତି ବାଲିପାଟଣା ବ୍ଲକ କଂଗ୍ରେସ ପିସିସି ମେମ୍ବର ଓ ସାଙ୍ଗଠନିକ ସମ୍ପାଦକ ରହିଥିଲେ କ୍ରୀଡା ଓ ରାଜନୀତି ଏବଂ କଲେଜ ଛାତ୍ର ରାଜନୀତିରେ ତାଙ୍କ ଭୂମିକା ଅତୁଳନୀୟ ଥିଲା ଶେଷ ଶଯ୍ୟା ନିକଟରେ ବଡ଼ ଭାଇ ସ୍ମୃତି ରଞ୍ଜନ ସେନାପତି , ମଝିଆଁ ଭାଇ ରଶ୍ମି ରଞ୍ଜନ ସେନାପତି , ସାନ ଭାଇ ନିରଞ୍ଜନ ସେନାପତି , ପନୀ , ଝିଅ , ଝିଆରୀ , ଦାଦା ଜୟମୁନ ସେନାପତି ,ପୁତୁରା ତାପସ ରଞ୍ଜନ ସେନାପତି ଏବଂ କଂଗ୍ରେସ ବରିଷ୍ଠ ନେତା ବେଣୁଧର ଭୋଇ , ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ବଟକୃଷ୍ଣ ରାଉତରାୟ , ବିଜେପି ନେତା ମାଗୁଣି ସେଠି , ସଞ୍ଜୟ ମଲ୍ଲିକ , ଆତ୍ମୀୟ ସ୍ୱଜନ, ଛାତ୍ର, ଛାତ୍ରୀ ପ୍ରମୁଖ ଶେଷ ଦର୍ଶନ କରିଥିଲେ ।

# ମା' ଭୂଇଁଆଣୀଙ୍କ ପୀଠରେ ମକର ଯାତ୍ରା ଓ ଶକ୍ତି ଯଜ୍ଞ

ଶରଣକୁଳ, (ସବ୍ୟୁ) : ଶରଣକୁଳ ନିକଟ ସୋଲୋପଟାର ପଥରାଠାରେ ଅବସ୍ଥିତ ମା' ଭୂଇଁଆଣୀଙ୍କ ପୀଠରେ ମକରଯାତ୍ରା ଉପଲକ୍ଷେ ପାଞ୍ଚ ଦିନବ୍ୟାପି ଚାଲିଥିବା ଶକ୍ତିଯଜ୍ଞ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଶନିବାର ଅଙ୍କୁରା ରୋପଣ ହୋଇ ଆରମ୍ଭ ହୋଇଥିବା ଏହି ଶକ୍ତି ଯଜ୍ଞ ତିନି ଦିନ ଧରି ଆହୁତି ପ୍ରଦାନ ପରେ ବୁଧବାର ପବିତ୍ର ମକର ସଂକ୍ରାନ୍ତୀରେ ପୂର୍ଣ୍ଣାହୁତି ହୋଇଥିଲା । ପାଞ୍ଚ ଦିନ ଧରି ଚାଲିଥିବା ଏହି ଯାତ୍ରାରେ ମା'ଙ୍କ ଦର୍ଶନ ଲାଗି ପ୍ରବଳ ଭିଡ ଦେଖିବାକୁ ମିଳିଥିଲା । ଦୀର୍ଘ ବର୍ଷ ଧରି ପରମ୍ପରା ଅନୁଯାୟୀ ଅନୁଷ୍ଠିତ ଏହି ମକର ଯାତ୍ରା ଆଜି ସମାପନ ହୋଇଯାଇଅଛି । ପୀଠର ନିକଟବର୍ତ୍ତୀ ସୋଲପଟା, ଗୋଡିସାହି, ମଗରବନ୍ଧ, ଭାଟସାହି, ଲେଙ୍କୁଡ଼ିପଡା, ମାଛିପଡା ଆଦି ୬ଖଣ୍ଡ ଗ୍ରାମବାସୀମାନଙ୍କର ମା ଭୂଇଁଆଣୀଙ୍କ ପ୍ରତି ରହିଥିବା ନିଷ୍ଠା, ଭକ୍ତି ଏବଂ ଆର୍ଥିକ ସହଯୋଗ ଯୋଗୁ ସଫଳ ରୂପେ ମହା ଆଡମ୍ବରରେ ପାଳିତ ହୋଇପାରିଛି ବୋଲି ଯାତ୍ରା କମିଟି ସମ୍ପାଦକ କୁବେର ବିଶ୍ୱାଳ ପ୍ରକାଶ କରିଛନ୍ତି । ଏହି ଯାତ୍ରାରେ ପାଞ୍ଚ ଦିନ ଧରି ପୌରାଣିକ ନାଟକ, ସଂକୀର୍ତନ, ଭଗବତ ପରାୟଣ ଏବଂ କଳିଙ୍ଗ କନ୍ୟା ଗଣନାଟ୍ୟ ଅପେରା ପ୍ରଦର୍ଶିତ ହେବା ସହ ବିଭିନ୍ନ ପ୍ରକାର ଦୋକାନ, ଭୋଗ ଦୋକାନ ଓ ଖାଦ୍ୟ ସାମଗ୍ରୀ ଦୋକାନରେ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା । ଆଜି ରଣପୁର ବିଧାୟିକା ତଥା ବାଚସ୍ପତି ସୁରମା ପାଢ଼ୀ ମା'ଙ୍କ ଦର୍ଶନ ଲାଭ କରିବା ସହ ପୀଠର ଉର୍ନ୍ନତି ପାଇଁ ଗୁରୁିବ ଦେଇଛନ୍ତି । ପରେ ପୂର୍ବତନ ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ବିଭୁ ପ୍ରସାଦ ମିଶ୍ର ଆଦି ମା' ଙ୍କ ଦର୍ଶନ ଲାଭ କରିଥିଲେ । ଏହି ଯାତ୍ରାରେ ଲକ୍ଷାଧିକ ଭକ୍ତ ଶାନ୍ତି ଶୃଙ୍ଖଳାର ସହ ମା'ଙ୍କୁ ଦର୍ଶନ କରିବା ସହ ମନୋରଞ୍ଜନ କାର୍ଯ୍ୟକ୍ରମକୁ ଉପଭୋଗ କରିଛନ୍ତି ବୋଲି ଭୂୟାଣୀ ଯାତ୍ରା କମିଟିର ସଭାପତି ଯୋଗେନ୍ଦ୍ର ଲେଙ୍କା ପ୍ରକାଶ କରିଛନ୍ତି । ଶରଣକୁଳ ଥାନା ଅଧିକାରୀ ସୁଜିତ କୁମାର ଦାସ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ବନ୍ଦୋବସ୍ତ କରିଥିଲା ।

# କଣ୍ଟୁଣିଆରେ ବ୍ୟାସକବି ଜୟନ୍ତୀ ଓ ମକର ଉତ୍ସବ ପାଳିତ

ନାଉଗାଁ, (ସବ୍ୟୁ): ନାଉଗାଁ ବ୍ଲକ ଅନ୍ତର୍ଗତ କଣ୍ଟୁଣିଆ ସ୍ଥିତ ଫକୀରମୋହନ ସେନାପତି ସ୍ମୃତି ପାଠାଗାର ପକ୍ଷରୁ ବ୍ୟାସକବି ଫକୀରମୋହନ ଜୟନ୍ତୀ ଓ ମକର ଉତ୍ସବ ପାଳିତ ହୋଇ ଯାଇଛି । ପାଠାଗାର ଆନୁକୁଲ୍ୟରେ ଆୟୋଜିତ ସାହିତ୍ୟ ସଭାରେ ମୁଖ୍ୟଅତିଥି ଭାବେ ଡ.ସୁରେନ୍ଦ୍ର ନାଥ ତ୍ରିପାଠୀ, ମୁଖ୍ୟ ବକ୍ତା ଡ଼. ଦିଲ୍ଲୀପ କୁମାର ସେନାପତି, ସମ୍ମାନୀତ ଅତିଥି ଭାବରେ ନଳିନୀକାନ୍ତ ମହାପାତ୍ର ଯୋଗ ଦେଇଥିବା ବେଳେ କବୟିତ୍ରୀ କଳ୍ପନା ବିଶ୍ୱାଳ ସଭା ସଂଯୋଜନା କରିଥିଲେ। ଆୟୋଜିତ ରାଜ୍ୟସ୍ତରୀୟ କବି ସମ୍ମିଳନୀରେ ୧୦୦ରୁ ଉର୍ଦ୍ଧ କବି ଓ କବୟିତ୍ରୀ ନିଜର ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଅତିଥି ମାନଙ୍କ ଦ୍ୱାରା ପାଠାଗାରର ମୁଖପତ୍ର ଅକ୍ଷର ପତ୍ରିକାର ଉନ୍ମୋଚନ କରାଯାଇଥିଲା । ଏହି ଅବସରରେ ଆୟୋଜିତ ସାଧାରଣ ସଭାରେ ଉଦଘାଟକ ଭାବରେ ଜଗତସିଂହପୁର ସାଂସଦ ଡ଼. ବିଭୁ ପ୍ରସାଦ ତରାଇ ଯୋଗଦେଇଥିବା ବେଳେ ମୁଖ୍ୟଅତିଥି ଭାବରେ ଜଗତସିଂହପୁର ଜିଲ୍ଲାପାଳ ଜେ. ସୋନାଲ, ମୁଖ୍ୟବକ୍ତା ଭାବରେ ଗୁରୁକୃପା କୁଟୀରର ବାବା ସତ୍ୟାନନ୍ଦ ଦାସ, ସମ୍ମାନୀତ ଅତିଥି ଭାବରେ ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ, ସ୍ୱାମୀ ବିବେକାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ଜଗତସିଂହପୁରର ଅଧ୍ୟକ୍ଷା ଡ. ସୁଜାତା ଓତା ଓ ପାଠାଗାରର ସଭାପତି ରୁଦ୍ର ପ୍ରସନ୍ନ ପ୍ରଧାନ ଯୋଗ ଦେଇଥିଲେ। ପାଠାଗାରର ସମ୍ପାଦକ ହିମାଂଶୁ କୁମାର ମହାନ୍ତି ସଂପାଦକୀୟ ବିବରଣୀ ପାଠ କରିଥିବା ବେଳେ ଶିକ୍ଷକ ଅକ୍ଷୟ କୁମାର ରାଉତ ସ୍ୱାଗତ ଭାଷଣ ଓ ଶିକ୍ଷକ ବସନ୍ତ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଘରେ ଘରେ ଅକ୍ଷର ଶିଳ୍ପର ପ୍ରତିଷ୍ଠା ହେଉ ବୋଲି ଉଦଘାଟକ ଶ୍ରୀ ତରାଇ ମତବ୍ୟକ୍ତ କରିଥିଲେ।



ଶିକ୍ଷକ ତ୍ରିଲୋଚନ ପାଢୀ ମଞ୍ଚ ସଞ୍ଚାଳନ କରିଥିଲେ ଛଏହି ଅବସରରେ ପାଠାଗାରର ମୁଖ୍ୟ ଉପଦେଷ୍ଟା ଅଜି ରାୟ, ଉପସଭାପତି ପ୍ରଦୀପ୍ତ କୁମାର ରାୟ, ଶିକ୍ଷକ ବୁଲାକି ସେଠୀ, କୋଷାଧ୍ୟକ୍ଷ ସ୍ମୃତିରଞ୍ଜନ ପରିଡ଼ା, ସୁଧିର କୁମାର ବିଶ୍ୱାଳ,ସାଂସଦ ପ୍ରତିନିଧି ଲଲାଟେନ୍ଦୁ ପରିଡ଼ାଙ୍କ ତତ୍ତ୍ୱାବଧାନରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ପାଠାଗାରର କର୍ମକର୍ତ୍ତା ଉଲ୍ଲାସ ପ୍ରଧାନ, ବ୍ରଜକିଶୋର ମହାନ୍ତି, ରବୀନ୍ଦ୍ର ଦାସ, ଦିଲ୍ଲିପ ମହାନ୍ତି, ହେମନ୍ତ ମହାନ୍ତି, ରଶ୍ମିରଞ୍ଜନ ରାୟ, ବିଷ୍ଣୁ ସେଠୀ, କୈଳାସ ସାହୁ, ଶଙ୍କର ରାଉତ, ଦିଲ୍ଲୀପ ପାଳ, ବାରେଶ ଦାସ, ସୁଧାଂଶୁ ବେହେରା, ମନୋଜ ନାୟକ, ତେଜସ୍ୱିନୀ ମିଶ୍ର, ପ୍ରଦୋଷ ମିଶ୍ର,ବସନ୍ତ କୁମାର ଓଝା, ତପନ ପାଢୀ, ମାନଗୋବିନ୍ଦ ଦାସ, ସତ୍ୟବାନ୍ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ। ପାଠାଗାରର ସହ ସଂପାଦକ ପ୍ରସନ୍ନଜିତ ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ। ଆଗାମୀ ଦିନରେ ପାଠାଗାର ଜରିଆରେ ଶିକ୍ଷା ସମେତ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକୁ ହାତକୁ ନିଆଯିବ ବୋଲି ପାଠାଗାରର ପ୍ରତିଷ୍ଠାତା ତଥା ଆବାହକ ପ୍ରତାପ କୁମାର ମିଶ୍ର ମତବ୍ୟକ୍ତ କରିଥିଲେ ।

# ୭ ମେଣ୍ଢାଙ୍କୁ ମାରିଦେଲା ଅଜଣା ଜନ୍ତୁ

ଡେଲାଙ୍ଗ,(ସବ୍ୟୁ): ପୁରୀଜିଲ୍ଲା ଡେଲାଙ୍ଗ ବ୍ଲକ ଚାଇଁପୁର ପଞ୍ଚାୟତର ପଥରଡିହ ଗ୍ରାମର ଗୋବିନ୍ଦ ବେହେରାଙ୍କ ଗୋଟିଏ ଗୁହାଳ ଘରୁ ୭ମେଣ୍ଢାଙ୍କ ମୃତଦେହ ବୁଧବାର ଦିନ ଠାବ କରାଯାଇଛି। କୌଣସି ଅଜଣା ଜନ୍ତୁ ରାତିରେ ମେଣ୍ଢା ଗୁଡିକୁ ମାରିପକାଇଥିବା ପରିବାର ଲୋକେ ସନ୍ଦେହ କରୁଥିବା ଜଣାପଡିଛି।ଗାବିନ୍ଦ ବେହେରା ଦୀର୍ଘ ବର୍ଷଧରି ମେଣ୍ଢା ପାଳନ କରି ନିଜ ପରିବାର ପ୍ରତିପୋଷଣ କରନ୍ତି ମଙ୍ଗଳବାର ବିଳମ୍ବିତ ରାତି ପ୍ରାୟ ୩ଟା ସମୟରେ ତାଙ୍କ ଗୁହାଳ ଘରୁ ମେଣ୍ଢାଙ୍କ ଚିତ୍କାର ଶୁଣିଥିବା ପରିବାର ଲୋକେ କହିଛନ୍ତି । ସକାଳୁ ଦେଖିବା ବେଳକୁ ଗୁହାଳ ଘରେ ୭ଟି ମେଣ୍ଢା ମରି ପଡିଥିଲେ। ଏନେଇ ଖବର ପାଇବାପରେ ବ୍ଲକ ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ପ୍ରିତିତୋଷ ମହାପାତ୍ର ଘଟଣାସ୍ଥଳକୁ ୩ଜଣିଆ ଡାକ୍ତରୀଦଳ ପଠାଇ ପ୍ରାଥମିକ ତଦନ୍ତ ଆରମ୍ଭ କରିଥିଲେ। ମୃତ ଅବସ୍ଥାରେ ପଡିଥିବା ମେଣ୍ଢାଙ୍କର ପେଟ ଭିତରୁ ଅନ୍ତବୁଜୁଳା ବାହାରି ଆସିଥିବାରୁ ଏହା କୌଣସି ଶକ୍ତିଶାଳୀ ହିଂସ୍ର ଜନ୍ତୁର କାର୍ଯ୍ୟ ବୋଲି ସନ୍ଦେହ କରାଯାଉଛି। ପଥରଡିହ ନିକଟରେ ଥିବା ମୁଣ୍ଡିଆରୁ କୌଣସି ବନ୍ୟଜନ୍ତୁ ଗାଁ ଭିତରକୁ ଚାଲିଆସି ମେଣ୍ଢାଙ୍କୁ ଆକ୍ରମଣ କରିଥିବା ସ୍ଥାନୀୟ ଅଂଚଳରେ ଚର୍ଚ୍ଚା ଜୋର ଧରିଛି। ସ୍ଥାନୀୟ ବନ ବିଭାଗ ଏଥିପ୍ରତି ସଜାଗ ରହିବାକୁ ଦାବି ହୋଇଛି।

# ସିଦ୍ଧେଶ୍ୱର ମହାଦେବଙ୍କ ଦକ୍ଷିଣାୟନ

କଣ୍ଟିଲୋ,(ସବ୍ୟୁ):ପବିତ୍ର ମକର ସଂକ୍ରାନ୍ତି ଅବସରରେ ସୂର୍ଯ୍ୟଦେବଙ୍କ ଉତ୍ତରାୟଣ ଗତି ହୋଇଛି। ଅନୁରୂପ ଭାବେ ନୀଳମାଧ ପୀଠରେ ପାର୍ଶ୍ୱ ଦେବତା ରୂପେ ଅଧିଷ୍ଠିତ ସିଦ୍ଧେଶ୍ୱର ମହାଦେବ ଆଜି ଠାରୁ ସୂର୍ଯ୍ୟଙ୍କ ଗତି ବିପରୀତ ଦକ୍ଷିଣକୁ ଢଳିଛନ୍ତି। ସିଦ୍ଧେଶର ମହାଦେବଙ୍କ ମହିମା ସମ୍ପର୍କ ରେ କପିଳ ସଂହିତା ରେ ବର୍ଣିତ ରହିଛି ।କର୍କଟ ସଂକ୍ରାନ୍ତିରେ ସୂର୍ଯ୍ୟଙ୍କ ଦକ୍ଷିଣାୟନ ଗତି ସମୟ ରେ ସିଦ୍ଧେଶ୍ୱର ଉତ୍ତର କୁ ଢଳିଥାନ୍ତି ଏବଂ ୬ମାସ ପରେ ଆଜି ମକର ସଂକ୍ରାନ୍ତି ରେ ବାବା ସିଦ୍ଧେଶ୍ୱର ଦକ୍ଷିଣକୁ ଆପଣାଛାଏଁ ଢିଥିବା ଦୃଶ୍ୟମାନ ହୋଇଛି। ଏହି ଜାଗତିକ ଦୃଶ୍ୟ ପାଇଁ ନୀଳମାଧ ପୀଠ ରେ ଶ୍ରଦ୍ଧାଳୁଙ୍କ ବହୁ ସମାଗମ ହୋଇଥିଲା।

## ଓଡ଼ିଶା ସରକାର
## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଢେଙ୍କାନାଳ (ଶିଳ୍ପ ସମ୍ପର୍କିତ ପ୍ରକଳ୍ପ)
## ଅଧିସୂଚନା

ନମ୍ବର : ୧୮୨୦୮ ତାରିଖ : ୦୧.୧୨.୨୦୨୫

**II-17 :** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ଢେଙ୍କାନାଳ ଜିଲ୍ଲାର ଏମ/ଏସ ରୁଙ୍ଗଟା ମାଇନ୍ସ ଲିମିଟେଡ୍ ଦ୍ବାରା ୨.୮୫ ଏମଟିପିଏ ଇଣ୍ଟିଗ୍ରେଟେଡ୍ ଷ୍ଟିଲ ପ୍ଲାଣ୍ଟ ପ୍ରକଳ୍ପର ସମ୍ପ୍ରସାରଣ । ନିର୍ମାଣ ନିମନ୍ତେ ମୌଜା– ବଡ଼ମୁଣ୍ଡା, ଥାନା–ବାଲିମି ନଂ–୩୬, ତହସିଲ–ହିନ୍ଦୋଳ, ଜିଲ୍ଲା–ଢେଙ୍କାନାଳରେ ନିମ୍ନ ତଫସିଲ ମତେ ପ୍ରାୟ ଏ. ୪୭.୪୭୦୦ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ ର ଧାରା ୧୧(୧) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ : ଏମ/ଏସ୍ ରୁଙ୍ଗଟା ମାଇନ୍ସ ଲିମିଟେଡ ଦ୍ୱାରା ୨.୮୫ ଏମଟିପିଏ ଇଣ୍ଟିଗ୍ରେଟେଡ୍ ଷ୍ଟିଲ ପ୍ଲାଣ୍ଟ ପ୍ରକଳ୍ପର ସମ୍ପ୍ରସାରଣ ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – **IDCO** (ଶିଳ୍ପ ଭିତ୍ତିଭୂମି ବିକାଶ ନିଗମ)
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ : For Installation and Expansion of M/s Rungta Mines Ltd. Dhenkanal Steel Plant of Phase-II., ଏମ/ଏସ୍ ରୁଙ୍ଗଟା ମାଇନ୍ସ ଲିମିଟେଡ ଦ୍ୱାରା ୨.୮୫ ଏମଟିପିଏ ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ ପ୍ଲାଣ୍ଟ ପ୍ରକଳ୍ପର ସମ୍ପ୍ରସାରଣ ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ : ଏଥି ସହିତ ସଂଲଗ୍ନ କରାଯାଇଛି ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ : ଉପ ଜିଲ୍ଲାପାଳ, ହିନ୍ଦୋଳ
୬. ଜମିର ବିବରଣୀ : ଏଥିସହିତ ଜମି ସଂଲଗ୍ନ କରାଯାଇଛି ।

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ–ଅର୍ଜନ ଅଧିକାରୀ, ଏମ/ଏସ୍ ରୁଙ୍ଗଟା ମାଇନ୍ସ ଲିମିଟେଡ ଦ୍ୱାରା ୨.୮୫ ଏମଟିପିଏ ଇଣ୍ଟିଗ୍ରେଟେଡ୍ ଷ୍ଟିଲ ପ୍ଲାଣ୍ଟ ପ୍ରକଳ୍ପର ସମ୍ପ୍ରସାରଣ । ଢେଙ୍କାନାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ । ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଢେଙ୍କାନାଳ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ । ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ ର ଧାରା ୧୫ ର ବ୍ୟବସ୍ଥା ଅନୁଯାୟୀ ଢେଙ୍କାନାଳ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା/- ଜିଲ୍ଲାପାଳ. ଢେଙ୍କାନାଳ

**ମୌଜା : ବଡ଼ମୁଣ୍ଡା, ଥାନା : ବାଲିମି-୩୬, ତହସିଲ - ହିନ୍ଦୋଳ , ଜିଲ୍ଲା- ଢେଙ୍କାନାଳ**
**ମୋଟ ରକବା - ଏ ୪୭.୪୭୦**

| କ୍ରମିକ ନଂ | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ | ଖାତା ନଂ | ପ୍ଲଟ ନଂ | କିସମ | ମୋଟ ରକବା | ଅର୍ଜିତ ରକବା | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ଅର୍ଜୁନ ନାଏକ, ପି-ଭଗତ ନାଏକ, ଜା- ପାଣ, ବା-ନିଜଗାଁ | ୪ | ୬୨୨ | ଶାରଦ-୩ | ୦.୪୦୦ | ୦.୪୦୦ | |
| ୨ | | ୪ | ୬୨୮ | ଶାରଦ-୧/୫ | ୧.୧୧୦ | ୧.୧୧୦ | |
| ୩ | | ୪ | ୬୩୩ | ପଡିତ | ୦.୨୮୦ | ୦.୨୮୦ | |
| ୪ | | ୪ | ୬୩୭ | ଶାରଦ-୧ | ୦.୨୧୦ | ୦.୨୧୦ | |
| ୫ | | ୪ | ୬୮୬ | ଶାରଦ-୨ | ୦.୩୯୦ | ୦.୩୯୦ | |
| ୬ | | ୪ | ୬୮୯ | ତଇଲା-୨ | ୦.୨୬୦ | ୦.୨୬୦ | |
| ୭ | | ୪ | ୬୪୪ (ସ୍ମ) | ଶାରଦ-୩ | ୦.୩୩୦ | ୦.୫୧୦ | |
| ୮ | ଅରକ୍ଷିତ ଜେନା, ପି- ଗୋପୀ ଜେନା, ଜା-ଗୋପାଳ, ବା-ନିଜଗାଁ | ୬ | ୫୨୩ | ଶାରଦ ଦୋ ଫସଲି-୧ | ୦.୧୦୦ | ୦.୧୦୦ | |
| ୯ | | ୬ | ୫୭୩ | ଶାରଦ-୩ | ୦.୧୦୦ | ୦.୧୦୦ | |
| ୧୦ | | ୬ | ୫୮୧ | ଶାରଦ-୧ | ୦.୫୩୦ | ୦.୫୩୦ | |
| ୧୧ | | ୬ | ୫୮୨ | ଶାରଦ-୧ | ୦.୫୩୦ | ୦.୫୩୦ | |
| ୧୨ | | ୬ | ୫୯୩ | ଶାରଦ-୨ | ୦.୨୦୦ | ୦.୨୦୦ | |
| ୧୩ | | ୬ | ୫୯୫ | ଶାରଦ-୨ | ୦.୨୩୦ | ୦.୨୩୦ | |
| ୧୪ | | ୬ | ୫୯୬ | ଶାରଦ-୨ | ୦.୧୬୦ | ୦.୧୬୦ | |
| ୧୫ | ଅଲେଖ ଜେନା, ପି- ବାସୁ ଜେନା, ଜା-ଗୋପାଳ, ବା-ନିଜଗାଁ | ୮ | ୫୦୫/୧୪୬୦ | ତଇଲା-୧ | ୦.୪୨୦ | ୦.୪୨୦ | |
| ୧୬ | ଆନନ୍ଦ ନାଥ, ପି-ହାଡ଼ିବନ୍ଧୁ ନାଥ, ଜୟ କୃଷ୍ଣ ନାଥ, ପି- ବିଦେଇ ନାତ, ଜା-ବ୍ରାହ୍ମଣ, ବା-ନିଜଗାଁ | ୯ | ୬୯୪ | ଶାରଦ-୨ | ୦.୩୩୦ | ୦.୩୩୦ | |
| ୧୭ | | ୯ | ୭୦୨ | ଶାରଦ-୨ | ୦.୧୦୦ | ୦.୧୦୦ | |
| ୧୮ | | ୯ | ୭୦୮ | ଶାରଦ-୩ | ୦.୧୩୦ | ୦.୧୩୦ | |
| ୧୯ | | ୯ | ୭୦୯ | ଶାରଦ-୨ | ୦.୩୮୦ | ୦.୩୮୦ | |
| ୨୦ | | ୯ | ୭୦୯ | ଶାରଦ-୨ | ୦.୧୨୦ | ୦.୧୨୦ | |
| ୨୧ | ଅକ୍ଷୟ ନାଏକ, ଭାରତୀ ନାଏକ, ସୁମତୀ ନାଏକ, କୁମତୀ ନାଏକ, | ୧୧ | ୫୬୨ | ଶାରଦ-୩ | ୦.୨୨୦ | ୦.୨୨୦ | |
| ୨୨ | ପି- ଗୋପାଳ ନାଏକ, ବେଢ଼ି ନାଏକ, ସ୍ୱା-ଗୋପାଳ ନାଏକ, ବିଜୟ ନାଏକ, ସଂକୁ ନାଏକ, ପି-ବିକଳ ନାଏକ, ସୁନିଲ ନାଏକ, ସୁନୀତା ନାଏକ, ସବିତା ନାଏକ, ମାଣିକ ନାଏକ, ସୀତା ନାଏକ, ପି-କାରୁଣା ନାଏକ, ଲଳିତା ନାଏକ, ସ୍ୱା-କାରୁଣା ନାଏକ, କଜ୍ଜଳା ନାଏକ, କାଜଲ ନାଏକ, ପି-ତ୍ରିନାଥ ନାଏକ, ଈଶ୍ୱର ନାଏକ, ପି- ଗାଣ୍ଠୁ ନାଏକ, ଜା-ପାଣ, ବା-ବଡ଼ମୁଣ୍ଡା | ୧୧ | ୫୬୩ | ଶାରଦ ଦୋ ଫସଲି-୧ | ୦.୧୫୦ | ୦.୧୫୦ | |
| ୨୩ | ଉଗୁରି ନାଏକ, ପି- ଭଗତ ନାଏକ, ଜା- ପାଣ, ବା-ନିଜଗାଁ | ୧୨ | ୬୧୯ | ଶାରଦ-୨ | ୦.୨୧୦ | ୦.୨୧୦ | |
| ୨୪ | | ୧୨ | ୬୨୩ | ଶାରଦ-୩ | ୦.୨୦୦ | ୦.୨୦୦ | |
| ୨୫ | | ୧୨ | ୬୩୦ | ଶାରଦ-୧ | ୦.୫୮୦ | ୦.୫୮୦ | |
| ୨୬ | | ୧୨ | ୬୩୧ | ତଇଲା-୨ | ୦.୨୭୦ | ୦.୨୭୦ | |
| ୨୭ | | ୧୨ | ୬୪୦ | ଶାରଦ-୨ | ୦.୨୮୦ | ୦.୨୮୦ | |
| ୨୮ | | ୧୨ | ୬୪୨ | ଶାରଦ-୩ | ୦.୧୦୦ | ୦.୧୦୦ | |
| ୨୯ | | ୧୨ | ୬୮୧ | ଶାରଦ-୨ | ୦.୧୨୦ | ୦.୧୨୦ | |
| ୩୦ | | ୧୨ | ୬୮୩ | ଶାରଦ-୩ | ୦.୨୧୦ | ୦.୨୧୦ | |
| ୩୧ | କବି ନାଥ, ଛବି ନାଥ, ଗିରି ନାଥ, ପି- ବିଶ୍ୱସର ନାଥ, ଚକ୍ରଧର ନାଥ, ପି- ପିତେଇ ନାଥ, ରବି ନାଥ, ସୁଧାକର ନାଥ, ସୁରେଶ ନାଥ, ଜ୍ୟୋସ୍ନା ଦେଇ, ପି-ମହେଶ୍ୱର ନାଥ, ଚିତ୍ର ଦିବ୍ୟା ସ୍ୱା-ମହେଶ୍ୱର ନାଥ, ଜା- ବ୍ରାହ୍ମଣ, ବା-କଡ଼ଲା | ୧୪ | ୬୯୫ | ତଇଲା-୩ | ୦.୨୨୦ | ୦.୨୨୦ | |
| ୩୨ | | ୧୪ | ୭୦୧ | ଶାରଦ-୧ | ୦.୩୭୦ | ୦.୩୭୦ | |
| ୩୩ | | ୧୪ | ୭୦୭ | ଶାରଦ-୨ | ୦.୨୧୦ | ୦.୨୧୦ | |
| ୩୪ | | ୧୪ | ୭୧୨ | ଶାରଦ-୨ | ୦.୨୧୦ | ୦.୨୧୦ | |
| ୩୫ | | ୧୪ | ୭୨୭ (ସ୍ମ) | ଶାରଦ-୨ | ୦.୪୧୦ | ୦.୧୦୦ | |
| ୩୬ | ଜମ୍ବୁ ପ୍ରଧାନ, ପି- ମଦନ ପ୍ରଧାନ, ଜା-କୁମ୍ଭାର, ବା-କଡ଼ଲା | ୧୫ | ୫୫୮ | ଶାରଦ ଦୋ ଫସଲି-୧ | ୦.୨୨୦ | ୦.୨୨୦ | |
| ୩୭ | କୃଷ୍ଣ ନା,କ, ପି- ଭଗତ ନାଏକ, ଜା- ପାଣ, ବା-ନିଜଗାଁ | ୨୩ | ୫୯୭ | ଶାରଦ-୩ | ୦.୪୭୦ | ୦.୪୭୦ | |
| ୩୮ | | ୨୩ | ୬୨୪ | ଶାରଦ-୧ | ୦.୭୨୦ | ୦.୭୨୦ | |
| ୩୯ | | ୨୩ | ୬୨୬ | ତଇଲା-୨ | ୦.୩୦୦ | ୦.୩୦୦ | |
| ୪୦ | | ୨୩ | ୬୮୦ | ଶାରଦ-୨ | ୦.୨୬୦ | ୦.୨୬୦ | |
| ୪୧ | | ୨୩ | ୬୯୦ | ଶାରଦ-୨ | ୦.୨୮୦ | ୦.୨୮୦ | |
| ୪୨ | | ୨୩ | ୬୯୧ | ତଇଲା-୨ | ୦.୧୭୦ | ୦.୧୭୦ | |
| ୪୩ | | ୨୩ | ୬୪୬ (ସ୍ମ) | ଶାରଦ-୩ | ୦.୫୧୦ | ୦.୩୬୦ | |
| ୪୪ | କେଶରୀ ଜେନା, ବାଳ କୃଷ୍ଣ ଜେନା, ଅଲେଖ ଜେନା, ପି- ବାସୁ ଜେନା, ହଡ଼ିବାନ୍ଧୁ ଜେନା, ଜଗବନ୍ଧୁ ଜେନା, ପି- ମାଗୁଣି ଜେନା, ତୁଲେଇ ଜେନା, ସ୍ୱା- ମାଗୁଣୀ ଜେନା, ଜା-ଗୋପାଳ, ବା-ନିଜଗାଁ | ୨୫ | ୫୧୮ | ଶାରଦ-୨ | ୦.୨୦୦ | ୦.୨୦୦ | |
| ୪୫ | | ୨୫ | ୫୨୦ | ଶାରଦ-୨ | ୦.୦୫୦ | ୦.୦୫୦ | |
| ୪୬ | | ୨୫ | ୫୨୬ | ଶାରଦ ଦୋ ଫସଲି-୧ | ୦.୧୪୦ | ୦.୧୪୦ | |
| ୪୭ | | ୨୫ | ୫୨୭ | ଶାରଦ ଦୋ ଫସଲି-୧ | ୦.୩୦୦ | ୦.୩୦୦ | |
| ୪୮ | | ୨୫ | ୫୨୮ | ଶାରଦ ଦୋ ଫସଲି-୧ | ୦.୦୮୦ | ୦.୦୮୦ | |
| ୪୯ | କ୍ଷେତ୍ର ଜେନା, ପି- ପଠାଣି ଜେନା, ଜା-ଗୋପାଳ, ବା-ନିଜଗାଁ | ୨୬ | ୫୭୨ | ଶାରଦ-୧ | ୦.୩୦୦ | ୦.୩୦୦ | |
| ୫୦ | | ୨୬ | ୫୮୬ | ଶାରଦ-୨ | ୦.୨୨୦ | ୦.୨୨୦ | |
| ୫୧ | | ୨୬ | ୫୮୮ | ତଇଲା-୨ | ୦.୧୬୦ | ୦.୧୬୦ | |
| ୫୨ | | ୨୬ | ୫୮୯ | ଶାରଦ-୨ | ୦.୧୬୦ | ୦.୧୬୦ | |
| ୫୩ | ଗୁରୁବାରୀ ବେହେରା, ପି- କାଶି ବେହେରା, ଜା- ଗୋପାଳ, ବା-ନିଜଗାଁ | ୩୨ | ୫୪୦ | ଶାରଦ ଦୋ ଫସଲି-୧ | ୦.୭୨୦ | ୦.୭୨୦ | |
| ୫୪ | ଗୋପିନାଥ ନାଏକ, ପୂର୍ଣ୍ଣ ଚନ୍ଦ୍ର ନାଏକ, ପି-ସାଧୁ ନାଏକ, ଜା-ଚଷା, ବା-କନ୍ତିମିଲି | ୩୫ | ୬୯୬ | ଶାରଦ-୨ | ୦.୨୦୦ | ୦.୨୦୦ | |
| ୫୫ | | ୩୫ | ୭୧୦ | ଶାରଦ-୧ | ୦.୪୨୦ | ୦.୪୨୦ | |
| ୫୬ | ହାଡିବନ୍ଧୁ ପ୍ରଧାନ, ଛାୟା ପ୍ରଧାନ, ରଙ୍ଗବତୀ ପ୍ରଧାନ, ପି-ଆନନ୍ଦ ପ୍ରଧାନ, ଚତୁରୀ ପ୍ରଧାନ, ସ୍ୱା- ଭାସ୍କର ପ୍ରଧାନ, ଶରତ ପ୍ରଧାନ, ଶୁଶାନ୍ତ ପ୍ରଧାନ, ନୟନୀ ପ୍ରଧାନ, ଶାନ୍ତି ପ୍ରଧାନ, ପୁଷ୍ପ ପ୍ରଧାନ, ପି-ଭାସ୍କର ପ୍ରଧାନ, ହୃଷିକେଶ ପ୍ରଧାନ, ଦୁଷ୍ମନ୍ତ ପ୍ରଧାନ, ବିରଞ୍ଚି ପ୍ରଧାନ, ଦୁହିତା ପ୍ରଧାନ, ପି-ବିଦ୍ୟାଧର ପ୍ରଧାନ, ମେଘିନି ପ୍ରଧାନ, ସ୍ୱା-ବିପିନି ପ୍ରଧାନ, ସୁନା ପ୍ରଧାନ, ସ୍ୱା-କୈଳାସ ପ୍ରଧାନ, ପ୍ରତାପ ପ୍ରଧାନ, ପ୍ରକାଶ ପ୍ରଧାନ, ସୁଲୋଚନା ପ୍ରଧାନ, ପି- କୈଳାସ ପ୍ରଧାନ, ଜା-କୁମ୍ଭାର, ବା-କଡ଼ଲା | ୪୦ | ୫୪୨ | ଶାରଦ-୨ | ୦.୨୧୦ | ୦.୨୧୦ | |
| ୫୭ | ଯଦୁ ନାଏକ, ସହଦେବ ନାଏକ, ପି-ରାମ ନାଏକ, ଜା-ପାଣ, ବା-ନିଜଗାଁ | ୪୨ | ୭୨୦ | ଶାରଦ-୨ | ୦.୧୮୦ | ୦.୧୮୦ | |
| ୫୮ | | ୪୨ | ୬୧୮ | ଶାରଦ-୩ | ୦.୨୨୦ | ୦.୨୨୦ | |
| ୫୯ | | ୪୨ | ୬୨୫ | ଶାରଦ-୧ | ୦.୦୮୦ | ୦.୦୮୦ | |
| ୬୦ | | ୪୨ | ୬୨୫ | ଶାରଦ-୧ | ୦.୨୭୦ | ୦.୨୭୦ | |
| ୬୧ | | ୪୨ | ୬୩୪ | ଶାରଦ-୩ | ୦.୨୨୦ | ୦.୨୨୦ | |
| ୬୨ | | ୪୨ | ୭୩୫ | ଶାରଦ-୧ | ୦.୦୮୦ | ୦.୦୮୦ | |
| ୬୩ | | ୪୨ | ୬୩୯ | ଶାରଦ-୨ | ୦.୬୮୦ | ୦.୬୮୦ | |
| ୬୪ | | ୪୨ | ୬୪୩ | ଶାରଦ-୩ | ୦.୪୪୦ | ୦.୪୪୦ | |
| ୬୫ | | ୪୨ | ୬୮୨ | ଶାରଦ-୨ | ୦.୨୪୦ | ୦.୨୪୦ | |
| ୬୬ | | ୪୨ | ୬୮୫ | ଶାରଦ-୨ | ୦.୪୦୦ | ୦.୪୦୦ | |
| ୬୭ | | ୪୨ | ୬୮୮ | ଶାରଦ-୨ | ୦.୩୨୦ | ୦.୩୨୦ | |
| ୬୮ | | ୪୨ | ୬୯୭ | ଶାରଦ-୨ | ୦.୧୫୦ | ୦.୧୫୦ | |
| ୬୯ | | ୪୨ | ୭୦୪ | ଶାରଦ-୩ | ୦.୨୬୦ | ୦.୨୬୦ | |
| ୭୦ | ଦୁଃଖିଆ ବେହେରା, ପି- ଭୁବନ ବେହେରା, ଜା-ଗୋପାଳ, ବା-କଡ଼ଲା | ୫୫ | ୫୯୦ | ତଇଲା-୨ | ୦.୨୮୦ | ୦.୨୮୦ | |
| ୭୧ | | ୫୫ | ୫୯୨ | ଶାରଦ-୨ | ୧.୩୦୦ | ୧.୩୦୦ | |
| ୭୨ | ବିଭୂତି ନାଏକ, ଆସିଲି ନାଏକ, ପି-ଧନେଶ୍ୱର ନାଏକ, ଜା-ପାଣ, ବା-ବଡ଼ମୁଣ୍ଡା | ୫୮ | ୫୬୪ | ଶାରଦ ଦୋ ଫସଲି-୧ | ୦.୨୫୦ | ୦.୨୫୦ | |
| ୭୩ | ନଂରସିଂହ ନାଥ, କୁଞ୍ଜ ନାଥ, ପି-ପାଣ୍ଡୁ ନାଥ, ଜା-ବ୍ରାହ୍ମଣ, ବା-ନିଜଗାଁ | ୬୧ | ୭୧୧ | ଶାରଦ-୧ | ୦.୧୫୦ | ୦.୧୫୦ | |
| ୭୪ | | ୬୧ | ୭୧୩ | ତଇଲା-୨ | ୦.୦୬୦ | ୦.୦୬୦ | |
| ୭୫ | | ୬୧ | ୭୧୫ | ଶାରଦ-୧ | ୦.୨୯୦ | ୦.୨୯୦ | |
| ୭୬ | | ୬୧ | ୭୧୬ | ଶାରଦ-୨ | ୦.୩୫୦ | ୦.୩୫୦ | |
| ୭୭ | | ୬୧ | ୭୧୯ | ଶାରଦ-୩ | ୦.୧୨୦ | ୦.୧୨୦ | |
| ୭୮ | ନାକଫୋଡ଼ି ନାଏକ, ପି- ଗୁରୁବାରି ନାଏକ, ଜା-ପାଣ, ବା-ନିଜଗାଁ | ୬୪ | ୫୬୮ | ଶାରଦ ଦୋ ଫସଲି-୧ | ୦.୩୦୦ | ୦.୩୦୦ | |
| ୭୯ | | ୬୪ | ୬୮୭ | ଶାରଦ-୧ | ୦.୫୨୦ | ୦.୫୨୦ | |
| ୮୦ | ନିତ୍ୟାନନ୍ଦ ଜେନା, ଭିକାରି ଜେନା, ପି-ସତ୍ୟବାଦୀ ଜେନା, ଜା-ଗୋପାଳ, ବା-ଚନ୍ଦ୍ରଶେଖରପୁର | ୬୬ | ୫୩୧ (ସ୍ମ) | ଶାରଦ ଦୋ ଫସଲି-୧ | ୦.୨୧୦ | ୦.୧୭୦ | |
| ୮୧ | | ୬୬ | ୫୪୬ | ତଇଲା-୧ | ୦.୬୮୦ | ୦.୬୮୦ | |
| ୮୨ | | ୬୬ | ୫୪୭ | ଶାରଦ-୩ | ୦.୩୭୦ | ୦.୩୭୦ | |
| ୮୩ | | ୬୬ | ୫୪୮ | ଶାରଦ-୨ | ୦.୨୧୦ | ୦.୨୧୦ | |
| ୮୪ | | ୬୬ | ୫୫୧ | ଶାରଦ ଦୋ ଫସଲି-୧ | ୦.୨୧୦ | ୦.୨୧୦ | |
| ୮୫ | | ୬୬ | ୫୫୩ | ଶାରଦ ଦୋ ଫସଲି-୧ | ୦.୨୩୦ | ୦.୨୩୦ | |
| ୮୬ | | ୬୬ | ୫୫୫ | ଶାରଦ ଦୋ ଫସଲି-୧ | ୧.୫୩୦ | ୧.୫୩୦ | |
| ୮୭ | ବରକୁ ଜେନା, ଧନି ଜେନା, ପି- ମଣି ଜେନା ଜା-ଗୋପାଳ, ବା-ନିଜଗାଁ | ୭୩ | ୫୭୧ | ଶାରଦ-୧ | ୧.୦୧୦ | ୦.୦୧୦ | |
| ୮୮ | | ୭୩ | ୫୮୩ | ଶାରଦ-୧ | ୦.୪୦୦ | ୦.୪୦୦ | |
| ୮୯ | | ୭୩ | ୫୮୫ | ତଇଲା-୨ | ୦.୨୯୦ | ୦.୨୯୦ | |
| ୯୦ | | ୭୩ | ୫୮୭ | ତଇଲା-୨ | ୦.୨୨୦ | ୦.୨୨୦ | |
| ୯୧ | | ୭୩ | ୬୭୯ (ସ୍ମ) | ଶାରଦ-୨ | ୦.୭୮୦ | ୦.୧୬୦ | |
| ୯୨ | | ୭୩ | ୭୦୬ (ସ୍ମ) | ଶାରଦ-୨ | ୦.୪୩୦ | ୦.୨୬୦ | |
| ୯୩ | ବାନାମ୍ବର ନାଏକ, ପଞ୍ଚୁ ନାଏକ, ପର୍ଶୁ ନାଏକ, ପି- ମୋଟିଆ ନାଏକ ବାନ୍ଧିଆ ନାଏକ, ପି-ମଲିଆ ନାଏକ, ଜା-ପାଣ, ବା-ନିଜଗାଁ | ୭୮ | ୫୬୫ | ଶାରଦ ଦୋ ଫସଲି-୧ | ୦.୬୨୦ | ୦.୬୨୦ | |
| ୯୪ | ଭିକାରି ଜେନା, ପି- ସତ୍ୟବାସୀ ଜେନା, ଜା-ଗୋପାଳ, ବା-ଚନ୍ଦ୍ରଶେଖରପୁର | ୯୧ | ୫୩୨ (ସ୍ମ) | ଶାରଦ-୨ | ୦.୪୯୦ | ୦.୨୦୦ | |
| ୯୫ | ମାଧବ ବେହେରା, ପି- କାଶୀ ବେହେରା, ଜା-ଗୋପାଳ, ବା-ନିଜଗାଁ | ୯୯ | ୫୩୬ | ଶାରଦ ଦୋ ଫସଲି-୧ | ୦.୦୫୦ | ୦.୦୫୦ | |
| ୯୬ | ଲକ୍ଷ୍ମୀଧର ନାଏକ, ପି- ଭଗତ ନାଏକ, ଜା-ପାଣ, ବା-ନିଜଗାଁ | ୧୦୮ | ୬୨୧ | ଶାରଦ-୩ | ୦.୨୨୦ | ୦.୨୨୦ | |
| ୯୭ | | ୧୦୮ | ୬୨୭ | ଶାରଦ-୨ | ୦.୩୫୦ | ୦.୩୫୦ | |
| ୯୮ | | ୧୦୮ | ୬୩୨ | ତଇଲା-୨ | ୦.୩୮୦ | ୦.୩୮୦ | |
| ୯୯ | | ୧୦୮ | ୬୩୮ | ଶାରଦ-୧ | ୦.୮୨୦ | ୦.୮୨୦ | |
| ୧୦୦ | | ୧୦୮ | ୬୪୧ | ଶାରଦ-୩ | ୦.୩୫୦ | ୦.୩୫୦ | |
| ୧୦୧ | | ୧୦୮ | ୬୪୫ | ଶାରଦ-୩ | ୦.୭୮୦ | ୦.୭୮୦ | |
| ୧୦୨ | | ୧୦୮ | ୬୯୨ | ତଇଲା-୨ | ୦.୧୪୦ | ୦.୧୪୦ | |
| ୧୦୩ | | ୧୦୮ | ୬୯୩ | ଶାରଦ-୨ | ୦.୧୯୦ | ୦.୧୯୦ | |
| ୧୦୪ | | ୧୦୮ | ୭୦୩ | ଶାରଦ-୩ | ୦.୩୯୦ | ୦.୩୯୦ | |
| ୧୦୫ | | ୧୦୮ | ୭୦୫ (ସ୍ମ) | ଶାରଦ-୩ | ୦.୧୮୦ | ୦.୧୮୦ | |
| ୧୦୬ | | ୧୦୮ | ୬୯୦/୧୬୦୬ | ଶାରଦ-୩ | ୦.୧୨୦ | ୦.୧୨୦ | |
| ୧୦୭ | ଲିଙ୍ଗରାଜ ଜେନା, ପି- ବୈରାଗି ଜେନା, ମହର୍ଗା ଜେନା, ଗଣେଶ୍ୱର ଜେନା ସୁନିଆଁ ଜେନା, ଟେରୁ ଜେନା, ପି-ଗଡ଼ା ଜେନା, ସୁଲୁ ଦେଇ, ଗୁଲୁ ଦେଇ, ପି- ବିର ଜେନା, ଜା-ଗୋପାଳ, ବା-ନିଜଗାଁ | ୧୧୦ | ୫୨୧ | ଶାରଦ-୨ | ୦.୧୧୦ | ୦.୧୧୦ | |
| ୧୦୮ | | ୧୧୦ | ୫୨୫ | ଶାରଦ ଦୋ ଫସଲି-୧ | ୦.୧୩୦ | ୦.୧୩୦ | |
| ୧୦୯ | | ୧୧୦ | ୫୨୯ | ଶାରଦ ଦୋ ଫସଲି-୧ | ୦.୦୮୦ | ୦.୦୮୦ | |
| ୧୧୦ | | ୧୧୦ | ୫୭୭ | ଶାରଦ ଦୋ ଫସଲି-୧ | ୦.୩୪୦ | ୦.୩୪୦ | |
| ୧୧୧ | | ୧୧୦ | ୫୯୪ | ଶାରଦ-୨ | ୦.୧୫୦ | ୦.୧୫୦ | |
| ୧୧୨ | ସଦେଇ ବେହେରା, ପି- କାଶି ବେହେରା, ଜା-ଗୋପାଳ, ବା-ନିଜଗାଁ | ୧୧୬ | ୫୬୯ | ତଇଲା-୨ | ୦.୪୯୦ | ୦.୪୯୦ | |
| ୧୧୩ | ଶ୍ରୀନିବାସ ଜେନା, ବିଶ୍ୱମ୍ବର ଜେନା, ପି-ଧର୍ମୁ ଜେନା, ଜା-ଗୋପାଳ, ବା-ନିଜଗାଁ | ୧୨୪ | ୫୭୪ | ଶାରଦ-୩ | ୦.୦୭୦ | ୦.୦୭୦ | |
| ୧୧୪ | | ୧୨୪ | ୫୮୦ | ଶାରଦ ଦୋ ଫସଲି-୧ | ୦.୦୨୦ | ୦.୦୨୦ | |
| ୧୧୫ | ହଟିଆ ପଧାନ, ମଦନ ପଧାନ, ପି- ସଛ ପଧାନ, ହିରା ବେବା, ସ୍ୱା-ନଟିଆ ପଧାନ, ଜା-କୁମ୍ଭାର, ବା-ବଡ଼ଲା, ସ.ଡ଼ି-ଅନୁଗୋଳ | ୧୩୩ | ୫୧୫ (ସ୍ମ) | ଶାରଦ-୨ | ୦.୧୦୦ | ୦.୦୫୦ | |
| ୧୧୬ | | ୧୩୩ | ୫୧୬ (ସ୍ମ) | ଶାରଦ-୨ | ୦.୧୩୦ | ୦.୦୬୦ | |
| ୧୧୭ | | ୧୩୩ | ୫୪୩ | ଶାରଦ-୨ | ୦.୨୭୦ | ୦.୨୭୦ | |
| ୧୧୮ | | ୧୩୩ | ୫୪୪ | ଶାରଦ-୨ | ୦.୨୦୦ | ୦.୨୦୦ | |
| ୧୧୯ | | ୧୩୩ | ୫୫୬ | ଶାରଦ-୨ | ୦.୨୫୦ | ୦.୨୫୦ | |
| ୧୨୦ | | ୧୩୩ | ୫୫୭ | ଶାରଦ-୨ | ୦.୨୨୦ | ୦.୨୨୦ | |
| ୧୨୧ | ହରି ବାଡ଼ିଆ, ପି-ଅନନ୍ତ ବାଡ଼ିଆ, ଜା-ଗୋପାଳ, ବା-ନିଜଗାଁ | ୧୩୫ | ୫୩୩ | ଶାରଦ-୨ | ୦.୪୭୦ | ୦.୪୭୦ | |
| ୧୨୨ | | ୧୩୫ | ୫୩୯ | ଶାରଦ-୨ | ୦.୭୧୦ | ୦.୭୧୦ | |
| ୧୨୩ | ଲୋଚନ ସାହୁ, ପି- ବିକାରି ସାହୁ, ଜା-ତେଲି, ବା-କଡ଼ଲା | ୧୪୧ | ୫୦୫ | ଘରବାରି | ୦.୩୨୦ | ୦.୩୨୦ | |
| ୧୨୪ | ବେଣୁଧର ପଣ୍ଡା, ଧରଣିଧର ପଣ୍ଡା, ପି-ଉଗ୍ରେଶ୍ୱର ପଣ୍ଡା, ଜା-ବ୍ରାହ୍ମଣ, ବା-ବେଣିପଥର | ୧୬୯ | ୫୭୦ | ତଇଲା-୨ | ୦.୧୩୦ | ୦.୧୩୦ | |
| ୧୨୫ | | ୧୬୯ | ୫୬୩/୧୬୫୦ | ଶାରଦ ଦୋ ଫସଲି-୧ | ୦.୪୦୦ | ୦.୪୦୦ | |
| ୧୨୬ | ଉପେନ୍ଦ୍ର ପ୍ରଧାନ, ପି- ଅର୍ଜୁନ ପ୍ରଧାନ, ଜା-ପାଣ, ବା-କଡ଼ଲା | ୧୭୬ | ୫୬୭ | ଶାରଦ ଦୋ ଫସଲି-୧ | ୦.୧୬୦ | ୦.୧୬୦ | |
| ୧୨୭ | | ୧୭୬ | ୫୬୬/୧୬୫୧ | ଶାରଦ ଦୋ ଫସଲି-୧ | ୦.୬୩୦ | ୦.୬୩୦ | |
| ୧୨୮ | କୈଳାସ ଚନ୍ଦ୍ର ଜେନା, ପି- ନିତ୍ୟାନନ୍ଦ ଜେନା, ଜା-ଗୋପାଳ, ବା-ଚନ୍ଦ୍ରଶେଖରପୁର | ୧୭୮ | ୫୫୯/୧୫୨୪ | ଶାରଦ-୩ | ୦.୧୧୦ | ୦.୧୧୦ | |
| ୧୨୯ | | ୧୭୮ | ୫୫୯/୧୫୨୫ | ଶାରଦ-୩ | ୦.୧୨୦ | ୦.୧୨୦ | |
| ୧୩୦ | କୈଳାସ ଚନ୍ଦ୍ର ଜେନା, ପି- ନିତ୍ୟାନନ୍ଦ ଜେନା, ଜା- ଗୋପାଳ, ବା-ଚନ୍ଦ୍ରଶେଖରପୁର | ୧୮୦ | ୫୩୭ | ଶାରଦ ଦୋ ଫସଲି-୧ | ୦.୪୪୦ | ୦.୪୪୦ | |
| ୧୩୧ | | ୧୮୦ | ୫୫୯ | ତଇଲା-୨ | ୦.୧୨୦ | ୦.୧୨୦ | |
| ୧୩୨ | | ୧୮୦ | ୫୫୯/୧୫୨୨ | ଶାରଦ-୩ | ୦.୧୨୦ | ୦.୧୨୦ | |
| ୧୩୩ | | ୧୮୦ | ୫୫୯/୧୫୨୩ | ଶାରଦ-୩ | ୦.୧୨୦ | ୦.୧୨୦ | |
| ୧୩୪ | ଧନେଶ୍ୱର ପ୍ରଧାନ, ପି- ଅର୍ଜୁନ ପ୍ରଧାନ, ଜା-ପାଣ, ବା-କଡ଼ଲା | ୧୮୪ | ୬୯୯ | ଶାରଦ-୧ | ୦.୧୬୦ | ୦.୧୬୦ | |
| ୧୩୫ | | ୧୮୪ | ୬୨୫/୧୬୨୯ | ଶାରଦ-୧ | ୦.୨୪୦ | ୦.୨୪୦ | |
| ୧୩୬ | ମାଳତୀ ଦେଇ, ସ୍ୱା- ଭୋଳେଶ୍ୱର ପ୍ରଧାନ, ଜା-ପାଣ, ବା-କଡ଼ଲା | ୧୯୨ | ୬୨୫/୧୬୪୩ | ଶାରଦ-୧ | ୦.୨୨୦ | ୦.୨୨୦ | |
| ୧୩୭ | ସୁଦର୍ଶନ ସାହୁ, ପି- ରାହାସ ସାହୁ, ଜା-ତେଲି, ବା-କଡ଼ଲା | ୨୦୨ | ୫୩୬/୧୬୫୮ | ଶାରଦ ଦୋ ଫସଲି-୧ | ୦.୨୫୦ | ୦.୨୫୦ | |
| ୧୩୮ | ବସନ୍ତ କୁମାର ଜେନା, ଚକ୍ରଧର ଜେନା, ମକରା ଜେନା, ପି-ଭିକାରି ଜେନା ଜା- ଗୋପାଳ, ବା-ଚନ୍ଦ୍ରଶେଖରପୁର | ୨୦୯ | ୫୩୫ | ଶାରଦ ଦୋ ଫସଲି-୧ | ୦.୩୫୦ | ୦.୩୫୦ | |
| ୧୩୯ | ବଂଶିଧର ଜେନା, ପି- ଭିକାରି ଜେନା, ଜା- ଗୋପାଳ, ବା-ଚନ୍ଦ୍ରଶେଖରପୁର | ୨୨୩ | ୫୪୧ | ଶାରଦ-୨ | ୦.୪୧୦ | ୦.୪୧୦ | |
| ୧୪୦ | ଚକ୍ରଧର ଜେନା, ପି- ଭିଭାରି ଜେନା, | ୨୩୨ | ୫୭୫ | ଶାରଦ-୩ | ୦.୧୦୦ | ୦.୧୦୦ | |
| ୧୪୧ | | ୨୩୨ | ୫୩୧/୧୬୯୬ | ଶାରଦ ଦୋ ଫସଲି-୧ | ୦.୧୬୦ | ୦.୧୬୦ | |
| ୧୪୨ | ସରୋଜିନୀ ଜେନା, ସ୍ୱା- ବସନ୍ତ କୁମାର ଜେନା, ଜା-ଗୋପାଳ, ବା-ଚନ୍ଦ୍ରଶେଖରପୁର | ୨୩୩ | ୫୧୯ | ଶାରଦ-୨ | ୦.୧୪୦ | ୦.୧୪୦ | |
| ୧୪୩ | | ୨୩୩ | ୫୨୨ | ଶାରଦ ଦୋ ଫସଲି-୧ | ୦.୧୧୦ | ୦.୧୧୦ | |
| ୧୪୪ | | ୨୩୩ | ୫୭୬ | ଶାରଦ ଦୋ ଫସଲି-୧ | ୦.୨୧୦ | ୦.୨୧୦ | |
| ୧୪୫ | ବସନ୍ତ କୁମାର ଜେନା, ପି- ଭିକାରି ଜେନା ଜା-ଗୋପାଳ, ବା- ଚନ୍ଦ୍ରଶେଖରପୁର | ୨୩୬ | ୫୬୨/୧୬୫୨ | ଶାରଦ-୩ | ୦.୨୨୦ | ୦.୨୨୦ | |
| ୧୪୬ | | ୨୩୬ | ୫୮୦/୧୬୪୪ | ଶାରଦ ଦୋ ଫସଲି-୧ | ୦.୦୮୦ | ୦.୦୮୦ | |
| ୧୪୭ | | ୨୩୬ | ୫୮୦/୧୬୪୭ | ଶାରଦ ଦୋ ଫସଲି-୧ | ୦.୦୭୦ | ୦.୦୭୦ | |
| ୧୪୮ | ଦିବାକର ପ୍ରଧାନ, ପି- ଡମ୍ବରୁଧର ପ୍ରଧାନ, ଜା-ପାଣ, ବା-କଡ଼ଲା | ୨୦୭ | ୬୯୮ | ଶାରଦ-୧ | ୦.୧୧୦ | ୦.୧୧୦ | |
| ୧୪୯ | ଶିଶିର କୁମାର ପ୍ରଧାନ, ଗିରିଶ ପ୍ରଧାନ, ଦିବାକର ପ୍ରଧାନ, ନିରାକାର ପ୍ରଧାନ, | ୨୪୮ | ୬୩୬ | ଶାରଦ-୧ | ୦.୪୬୦ | ୦.୪୬୦ | |
| ୧୫୦ | ବିପିନ ବିହାରୀ ପ୍ରଧାନ, ପି- ଡମ୍ବରୁଧର ପ୍ରଧାନ, ଜା-ପାଣ, ବା-କଡ଼ଲା | ୨୪୮ | ୭୦୦ | ଶାରଦ-୧ | ୦.୧୧୦ | ୦.୧୧୦ | |
| ୧୫୧ | | ୨୪୮ | ୬୩୫/୧୬୮୮ | ଶାରଦ-୧ | ୦.୨୨୦ | ୦.୨୨୦ | |
| ୧୫୨ | | ୨୪୮ | ୬୮୧/୧୬୮୭ | ଶାରଦ-୨ | ୦.୫୬୦ | ୦.୫୬୦ | |
| ୧୫୩ | ବସନ୍ତ କୁମାର ଜେନା, ପି- ଭିକାରୀ ଜେନା, ଜା-ଗୋପାଳ, ବା-ଚନ୍ଦ୍ରଶେଖରପୁର | ୨୬୦ | ୫୩୦ (ସ୍ମ) | ଶାରଦ ଦୋ ଫସଲି-୧ | ୦.୧୬୦ | ୦.୦୮୦ | |
| ୧୫୪ | | ୨୬୦ | ୫୫୨ | ଶାରଦ-୨ | ୦.୪୮୦ | ୦.୪୮୦ | |
| ୧୫୫ | ସତ୍ୟବାଦୀ ବେହେରା, ପି- ମୂଳିଆ ବେହେରା, ଜା- ଗୋପାଳ, ବା-ବଡ଼ମୁଣ୍ଡା | ୨୭୩ | ୫୭୮ | ଶାରଦ ଦୋ ଫସଲି-୧ | ୦.୨୨୦ | ୦.୨୨୦ | |
| ୧୫୬ | | ୨୭୩ | ୫୭୯ | ଶାରତ ଦୋ ଫସଲି-୧ | ୦.୨୦୦ | ୦.୨୦୦ | |
| ୧୫୭ | | ୨୭୩ | ୫୬୪/୧୫୨୧ | ଶାରଦ-୧ | ୦.୨୫୦ | ୦.୨୫୦ | |
| ୧୫୮ | କବି ଜେନା, ପି-ହାଡ଼ିବନ୍ଧୁ ଜେନା ଜା- ଗୋପାଳ, ବା-ନିଜଗାଁ | ୨୯୧ | ୫୨୦/୧୭୩୧ | ଶାରଦ-୨ | ୦.୦୪୦ | ୦.୦୪୦ | |
| ୧୫୯ | | ୨୯୧ | ୫୨୬/୧୭୩୦ | ଶାରଦ ଦୋ ଫସଲି-୧ | ୦.୧୩୦ | ୦.୧୩୦ | |
| ୧୬୦ | ବସନ୍ତ କୁମାର ଜେନା, ପବନା ଜେନା, ଚକ୍ରଧର ଜେନା, ମକରା ଜେନା, ପି-ଭିକାରୀ ଜେନା, ଜା-ଗୋପାଳ, ବା-ଚନ୍ଦ୍ରଶେଖରପୁର | ୧୪୯/୦୨ | ୫୩୮ | ଶାରଦ ଦୋ ଫସଲି-୧ | ୦.୭୨୦ | ୦.୭୨୦ | |
| ୧୬୧ | କୈଳାସ ଚନ୍ଦ୍ର ଜେନା, ପି- ନିତ୍ୟାନନ୍ଦ ଜେନା, ଜା-ଗୋପାଳ, ବା-ଚନ୍ଦ୍ରଶେଖରପୁର, ଥା- କଣ୍ଟାବଣିଆ, ଜି-ଢେଙ୍କାନାଳ | ୧୪୯/୨୦ | ୫୬୦ | ତଇଲା-୨ | ୦.୪୯୦ | ୦.୪୯୦ | |
| ୧୬୨ | | ୧୪୯/୨୦ | ୫୩୪ | ଶାରଦ-୨ | ୦.୩୨୦ | ୦.୩୨୦ | |
| ୧୬୩ | ପ୍ରମୋଦ କୁମାର ସାହୁ, ପି- କାହ୍ନୁରୁ ସାହୁ ଜା-ତେଲି, ବା-କଡ଼ଲା | ୨୬/୨୫୩ | ୫୭୨/୧୬୯୬ | ଶାରଦ-୧ | ୦.୯୬୦ | ୦.୯୬୦ | |
| ୧୬୪ | | ୨୬/୨୫୩ | ୫୭୭/୧୬୪୯ | ଶାରଦ ଦୋ ଫସଲି-୧ | ୦.୦୮୦ | ୦.୦୮୦ | |
| | | | | | ମୋଟ | ଏ.୪୭.୪୭୦ | |

ସ୍ୱା/- ଅମିନ୍, ତହସିଲ କାର୍ଯ୍ୟାଳୟ, ହିନ୍ଦୋଳ
ସ୍ୱା/- ତହସିଲଦାର ତଥା-ଭୂ-ଅର୍ଜନ ଅଧିକାରୀ, ହିନ୍ଦୋଳ
ସ୍ୱା/- ଜିଲ୍ଲାପାଳ, ଢେଙ୍କାନାଳ

**(ଶ୍ରୀମଭଗବଦ୍ ଗୀତା ୨/୧୪)**

**ସାଂଖ୍ୟଯୋଗଃ**

**ଶ୍ରୀଭଗବାନୁବାଚ**

**ଯଂ ହି ନ ବ୍ୟଥୟନ୍ତ୍ୟେତେ ପୁରୁଷଂ ପୁରୁଷର୍ଷଲ !**
**ସମଦୁଃଖସୁଖଂ ଧୀରଂ ସୋଽମୃତତ୍ୱାୟ କଳ୍ପତେ ।। ୧୫ ।।**

(ତତ୍ ପ୍ରତିକାରପ୍ରଯତ୍ନାଦପି ତତ୍ସହନଂ ଏବ ଉଚିତଂ ମହାଫଳତ୍ୱାତ୍ ଇତ୍ୟାହ )-ଏତେ (ମାତ୍ରାସ୍ପର୍ଶାଃ ବିଷୟେନ୍ଦ୍ରିୟସଂଯୋଗାଃ) ଯଂ ଧୀରଂ (ଆତ୍ମନିଷ୍ଠଂ) ସମଦୁଃଖସୁଖଂ (ସମେ ଦୁଃଖସୁଖେ ଯସ୍ୟ ସଃ ତଂ) ପୁରୁଷଂ ନ ବ୍ୟଥୟନ୍ତି (ଅଭିଭବନ୍ତି, ପୀଡ଼ୟନ୍ତି), ହେ ପୁରୁଷର୍ଷଭ ! (ପୁରୁଷଶ୍ରେଷ୍ଠ !) ସଃ ଅମୃତତ୍ୱାୟ (ମୋକ୍ଷାୟ) କଳ୍ପତେ (ଯୋଗ୍ୟଃ ଭବତି) ।। ୧୫ ।।

# ଗରିବ ଛାତ୍ରଙ୍କ ପାଇଁ ସର୍ବୋଚ୍ଚ ଅଦାଲତଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

ଶିକ୍ଷାଧିକାର ଆଇନ ଅନୁଯାୟୀ ମୌଳିକ ସ୍ତରରେ ସବୁ ସ୍କୁଲରେ ଗରିବ ଛାତ୍ରଛାତ୍ରୀଙ୍କ ପାଇଁ ୨୫ ପ୍ରତିଶତ ମାଗଣା ଶିକ୍ଷାଦାନର ବ୍ୟବସ୍ଥା କରିବାକୁ ସର୍ବୋଚ୍ଚ ଅଦାଲତ ଦେଇଥିବା ରାୟ ଗୁରୁତ୍ୱପୂର୍ଣ୍ଣ ଓ ଐତିହାସିକ ବୋଲି ମନେ ହୋଇଥାଏ । ସାମ୍ବିଧାନିକ ଭ୍ରାତୃଭାବ ଜରିଆରେ ଜଣେ ରିକ୍ସାଚାଳକର ପିଲା ମଧ୍ୟ ଜଣେ କୋଟିପତିର ପିଲା ବା ସର୍ବୋଚ୍ଚ ଅଦାଲତର ବିଚାରପତିଙ୍କ ପିଲା ସହିତ ଏକା ସ୍କୁଲରେ ଏକାଠି ବସି ପାଠ ପଢ଼ିବାର ସୁଯୋଗ ପାଇ ପାରିବ ବୋଲି ସର୍ବୋଚ୍ଚ ଅଦାଲତ ଗତ ତା ୧୩/୦୧/୨୦୧୬ରେ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି ।

ସର୍ବୋଚ୍ଚ ଅଦାଲତର ବିଚାରପତି ପି.ଏସ୍. ନରସିଂହା ଏବଂ ଏ.ଏସ୍. ଚନ୍ଦ୍ରଶେଖରଙ୍କୁ ନେଇ ଏକ ଖଣ୍ଡପୀଠ ସେମାନଙ୍କ ରାୟରେ କହିଛନ୍ତି ଯେ ଶିକ୍ଷାଧିକାର ଆଇନ (Right to Education Act) ପ୍ରାଥମିକ ସ୍ତରରେ ସବୁ ଛାତ୍ରଛାତ୍ରୀଙ୍କ ପାଇଁ ବିନା ଭେଦଭାବରେ ଏପରିକି ଜାତି, ଶ୍ରେଣୀ, ଲିଙ୍ଗଗତ ପ୍ରଭେଦ ଓ ଆର୍ଥିକ ଅବସ୍ଥାକୁ ବିଚାରକୁ ନ ନେଇ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିବା ଉଚିତ । ବିଚାରପତି ନରସିଂହା ଉଲ୍ଲେଖ କରିଛନ୍ତି ଯେ ସାଧାରଣ ଭାବେ ଜଣେ କୋଟିପତିର ପିଲା ହେଉ ବା ସର୍ବୋଚ୍ଚ ଅଦାଲତର ବିଚାରପତିଙ୍କ ପିଲା ହେଉ, ଗୋଟିଏ ସ୍କୁଲରେ ଗୋଟିଏ କ୍ଲାସରୁମର ବେଞ୍ଚରେ ଜଣେ ଅଟୋରିକ୍ସା ଚାଳକ ବା ରାସ୍ତା ବିକାଳୀର ପିଲାଙ୍କ ସାଙ୍ଗରେ ପାଠ ପଢ଼ିବାର ସୁଯୋଗ ପାଇବା ଉଚିତ । ସାମ୍ବିଧାନିକ ନୀତି ନିୟମକୁ ସୁଦୃଢ଼ କରି ଭ୍ରାତୃତ୍ୱ ଭାବ ସୃଷ୍ଟି କରିବା ବିଷୟ ଏହି ଶିକ୍ଷାଧିକାର ଆଇନର ଧାରା ୧୨ରେ ସୂଚୀତ କରାଯାଇଛି । ଏଥିପାଇଁ ୨୫ ପ୍ରତିଶତ ସ୍ଥାନ ନଥିଲାବାଲାଙ୍କ ପାଇଁ ସଂରକ୍ଷିତ ରଖିବାକୁ ସୁପ୍ରିମକୋର୍ଟର ଡିଭିଜନ ବେଞ୍ଚ ସେମାନଙ୍କ ରାୟରେ ଉଲ୍ଲେଖ କରିଛନ୍ତି । ଏହାଦ୍ୱାରା ଭ୍ରାତୃତ୍ୱ ଭାବର ଉଦ୍ରେକ ହେବା ସହିତ ପିଲାର ବିକାଶ ମଧ୍ୟ ସମ୍ଭବ ହେବ ବୋଲି ସର୍ବୋଚ୍ଚ ଅଦାଲତ ସମ୍ବିଧାନର ଅଧ୍ୟାୟ ୨୧ (କ) ଓ ୩୯ (ଚ) ଦୃଷ୍ଟାନ୍ତ ଦେଇ ଉଲ୍ଲେଖ କରିଛନ୍ତି ।

ସର୍ବୋଚ୍ଚ ଅଦାଲତର ଏହି ଖଣ୍ଡପୀଠ ମଧ୍ୟ ମାନବିକ ସମ୍ବଳ ବିକାଶ (HRD) ମନ୍ତ୍ରଣାଳୟର ବିବୃତିକୁ ଉଦ୍ଧାର କରି ଦର୍ଶାଇଛନ୍ତି ଯେ ନଥିଲାବାଲା ବା ଦୁର୍ବଳ ଶ୍ରେଣୀର ପିଲାମାନେ ମଧ୍ୟ ଥିଲାବାଲା ବା ଧନୀକ ଶ୍ରେଣୀର ଲୋକଙ୍କ ପିଲାମାନଙ୍କ ସହ ଏକତ୍ର ପାଠ ପଢ଼ିବା ପରିବେଶର ସୁଯୋଗ ଲାଭ କରିପାରିବେ ଏବଂ ଏପରି ଶିକ୍ଷାଦାନ ଓ ଶିକ୍ଷା ଲାଭର ପ୍ରଣାଳୀ ମଧ୍ୟ ଶିକ୍ଷକଙ୍କୁ ପ୍ରେରଣା ଦେଇପାରିବ ।

ସ୍ୱାଧୀନତାର ୭୩ ବର୍ଷ ପରେ ଆମ ଶିକ୍ଷାନୀତିକୁ ୨୦୨୦ରେ ପରିବର୍ତ୍ତନ କରାଯାଇ ଏହାକୁ ଅଧିକ ଉନ୍ନତ କରା ଯାଇଥିଲା । ପୂର୍ବରୁ ଆମ ଶିକ୍ଷା ପଦ୍ଧତିରେ ବାରମ୍ବାର ପରୀକ୍ଷାନୀରିକ୍ଷା ଓ ପ୍ରୟୋଗ କରାଯିବା ଫଳରେ ଆମର ଶିକ୍ଷାନୀତିରେ ଉନ୍ନତି ପରିଲକ୍ଷିତ ହୋଇ ନଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିର୍ଦ୍ଦେଶରେ ବିଦେଶୀ ଇଂରାଜୀ ଭାଷା ଉପରେ ଏହି ଶିକ୍ଷା ନୀତିରେ ଗୁରୁତ୍ୱ ଦିଆ ନ ଯାଇ ମାତୃଭାଷାକୁ ଆଧାର କରି ଆମର ପାଠ୍ୟ ପୁସ୍ତକମାନ ମଧ୍ୟ ପ୍ରସ୍ତୁତ କରାଯାଇଛି । ଏପରିକି ଡାକ୍ତରୀ ଓ ବୈଷୟିକ ଶିକ୍ଷାର ପାଠ୍ୟକ୍ରମ ମଧ୍ୟ ମାତୃଭାଷାରେ ଏବେ କରାଯାଇ ପାରିଛି । ସାମଗ୍ରିକ ରାଷ୍ଟ୍ରର ବିକାଶ ଇଂରାଜୀ ଭାଷାରେ ନୁହେଁ, ମାତୃଭାଷାରେ ହେବ ବୋଲି ଗାନ୍ଧିଜୀ ମଧ୍ୟ କହି ଆସୁଥିଲେ ।

ଏବେ ୨୦୨୦ରେ ଭାରତରେ ନୂତନ ଶିକ୍ଷାନୀତି ପ୍ରବର୍ତ୍ତିତ କରାଯାଇଛି ଏବଂ ସ୍କୁଲଗୁଡ଼ିକରେ ୫+ ୩+୩ +୪ ପଦ୍ଧତିରେ ଶିକ୍ଷାଦାନର ନୂତନ ବ୍ୟବସ୍ଥା କରାଯାଇ ବୃତ୍ତିଭିତ୍ତିକ ଶିକ୍ଷାଦାନରେ ତାହାକୁ ପରିବର୍ତ୍ତନ କରାଯିବା ସହିତ ବଞ୍ଚିତ ଶ୍ରେଣୀର ପିଲାଙ୍କୁ ଶିକ୍ଷାଦାନର ସୁଯୋଗ ମିଳିବା ଲାଗି ମଧ୍ୟ ବିଚାର କରାଯାଇଛି । ଏହି ଶିକ୍ଷାନୀତିରେ ଅଧିକ ସଂଶୋଧନ ଓ ପରିବର୍ତ୍ତନ କରାଯାଇ ଏହାକୁ ଏକ ସର୍ବୋତ୍କୃଷ୍ଟ ଶିକ୍ଷାନୀତିରେ ପରିଣତ କରିବା ପାଇଁ ଉଭୟ ଭାରତ ସରକାର ଓ ଓଡ଼ିଶା ସରକାର ଏବେ ମନଧ୍ୟାନ ଦେଉଥିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କୁହାଯାଇ ପାରିବ ।

## ଯଶ

**ସମୟ ସହିତ ତାଳ ଦେଇ ଭଲ କାମ କରିପାରିଲେ ଜୀବନ ଧନ୍ୟ ହୁଏ । ଜୀବନ କ୍ଷଣସ୍ଥାୟୀ । ଏଣୁ ଜୀବନର ପ୍ରତିଟି ମୁହୂର୍ତ୍ତକୁ ଭଲ କାର୍ଯ୍ୟରେ ଉପଯୋଗ କରାଯିବା ଆବଶ୍ୟକ । ଏ ଶରୀର, କାମନା, ଆଶା, ଆକାଂକ୍ଷା, ଧନ ସମ୍ପତ୍ତି ସବୁ କିଛି ଧ୍ୱଂସ ହୋଇଯାଏ ମୃତ୍ୟୁରେ । ମୃତ୍ୟୁ ଆଗରୁ ଏମିତି କିଛି କାମ କରାଯିବା ଆବଶ୍ୟକ, ଯାହା ଫଳରେ କାଳ କବଳିତ କରିପାରିବନି ଯଶ ଓ ସୁନାମକୁ ।**

***ଲେଖକ-ଡ. ପ୍ରଦୀପ କୁମାର ଚୌଧୁରୀ***

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଓଡ଼ିଶାର ନାରୀ ସ୍ୱାଧୀନତା ସଂଗ୍ରାମୀ: ବିରଳ ବୀରାଙ୍ଗନା ଜାହ୍ନବୀ ଓ କୋକିଳା ଦେବୀ



**ପ୍ରହ୍ଲାଦ କୁମାର ସିଂହ**

'ଯେତେବେଳେ ଭାରତୀୟ ସ୍ୱାଧୀନତା ସଂଗ୍ରାମର ପୂର୍ଣ୍ଣାଙ୍ଗ ଇତିହାସ ଲେଖାଯିବ ସେଥିରେ ମହିଳାମାନଙ୍କ ଅଭୂତପୂର୍ବ ତ୍ୟାଗର ଗାଥା ନିଶ୍ଚିତ ଭାବେ ପ୍ରମୁଖ ସ୍ଥାନ ପାଇବ '- ଏ ବକ୍ତବ୍ୟ ହେଉଛି ଆମ ସ୍ୱାଧୀନତା ସଂଗ୍ରାମର ସତ୍ୟାଗ୍ରହୀ ସେନାପତି ତଥା ଜାତିର ଜନକ ମହାମାନବ ମହାତ୍ମା ଗାନ୍ଧିଙ୍କର । ସ୍ୱାଧୀନତା ଆନ୍ଦୋଳନ ସହ ସାମାଜିକ ଓ ଆର୍ଥିକ ସଂସ୍କାର ପାଇଁ ଗାନ୍ଧିଜୀ ମାତୃଜାତିର ଆଶୀର୍ବାଦ ଓ ସହଯୋଗ ଭିକ୍ଷା କରୁଥିଲେ । ଜନସଂଖ୍ୟାର ଅନ୍ୟୁନ ଅଧା ମହିଳା ଥିବାରୁ ସେମାନଙ୍କୁ ପରଦା ଆଢୁଆଳରେ ଘର କଣରେ ରଖି ସ୍ୱାଧୀନତାର ପରିକଳ୍ପନା କରାଯାଇପାରିବ ନାହିଁ ବୋଲି ରୋକ୍‌ଠୋକ୍ ବକ୍ତବ୍ୟ ରଖି ଗାନ୍ଧିଜୀ କହିଥିଲେ ଯେ ନାରୀ ହେଉଛି ତ୍ୟାଗ, ଅହିଂସା ଓ କରୁଣାର ମୂର୍ତ୍ତିମନ୍ତ ପ୍ରତୀକ। ସତ୍ୟାଗ୍ରହ ଆନ୍ଦୋଳନରେ ମହିଳାମାନଙ୍କ ଯୋଗଦାନ ଯେତେ ଅଧିକ ହେବ ସତ୍ୟ ଓ ଅହିଂସାର ମାର୍ଗ ସେତେ ପ୍ରଶସ୍ତ ହେବ ବୋଲି ଗାନ୍ଧିଜୀଙ୍କ ନିବେଦନ ଓଡ଼ିଶା ସମେତ ଦେଶର କୋଣଅନୁକୋଣରେ ପ୍ରତିଧ୍ୱନିତ ହେବାବେଳେ ଭଦ୍ରକର ତାଳପଦା ଗାଁରେ ଦୁଇ ଭଉଣୀଙ୍କୁ ଏହା ମୁକ୍ତି ଯଜ୍ଞର ବେଦୀକୁ ଟାଣି ଆଣିଲା । ଏ ଦୁଇ ଜଣ ହେଲେ ଓଡ଼ିଶାର ରାଜ୍ୟଗାନ 'ବନ୍ଦେ ଉତ୍କଳ ଜନନୀ'ର ଅମରସ୍ରଷ୍ଟା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଦୁଇ ଭଉଣୀ ଜାହ୍ନବୀ ଦେବୀ ଓ କୋକିଳା ଦେବୀ ।

କାନ୍ତକବିଙ୍କ ପିତା ଚୌଧୁରୀ ଭାଗବତ ପ୍ରସାଦ ସାମନ୍ତରାୟ ମହାପାତ୍ର ଥିଲେ ବିହାର ଓଡ଼ିଶା ବିଧାନ ପରିଷଦର ସଦସ୍ୟ ତଥା ଉପାଧ୍ୟକ୍ଷ । ଜଣେ ନୀତିନିଷ୍ଠ ଦେଶପ୍ରେମୀ ଭାବେ ତାଙ୍କର ଯେଉଁ ସଂସ୍କାର ଥିଲା, ସେଥିରେ ଉଦ୍‌ବୁଦ୍ଧ ହୋଇଥିଲେ ପୁଅଝିଅମାନେ। ପରବର୍ତ୍ତୀ ସମୟରେ କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ସୁପୁତ୍ର ନିତ୍ୟାନନ୍ଦ ଓ ଗୌରଚନ୍ଦ୍ର ମଧ୍ୟ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିଲେ । ଦେଶ ସ୍ୱାଧୀନତା ପ୍ରାପ୍ତିର ଅମୃତ କାଳ ପାଳନ କରୁଥିବାବେଳେ ଜାହ୍ନବୀ ଦେବୀ ଓ କୋକିଳା ଦେବୀଙ୍କ ଭଳି ସଂଗ୍ରାମୀ ଓ ସଙ୍ଗଠିକାମାନଙ୍କ ସମ୍ପର୍କରେ ବିଶେଷ ଆଲୋଚନା ହୁଏ ନାହିଁ, କାରଣ ଏଯାବତ୍ ଦେଶର ସ୍ୱାଧୀନତା ଆନ୍ଦୋଳନରେ ମାତୃଶକ୍ତିର ଯୋଗଦାନ ସମ୍ପର୍କରେ ପୂର୍ଣ୍ଣାଙ୍ଗ ଇତିହାସ ଲେଖା ଯାଇନାହିଁ ।

ସେ ସମୟର ସାମାଜିକ ବ୍ୟବସ୍ଥାରେ ଝିଅମାନଙ୍କୁ ବେଶୀ ପାଠ ପଢା ଯାଉନଥିଲା ଏବଂ ସେମାନଙ୍କ ଉପରେ ବାଲ୍ୟ ବିବାହ ଲଦି ଦିଆଯାଉଥିଲା । ଜାହ୍ନବୀଙ୍କୁ ବିବାହ କରିଥିଲେ ସେତେବେଳର ଜଣାଶୁଣା ଓକିଲ ଓ ସଂସ୍କାରକ ମୁକୁନ୍ଦ ପ୍ରସାଦ ଦାସ । ପରବର୍ତ୍ତୀ ସମୟରେ ମୁକୁନ୍ଦ ପ୍ରସାଦ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇ କାରାବରଣ କରିବା ସହିତ ଅନେକ ସଂଗ୍ରାମୀଙ୍କୁ ସୃଷ୍ଟି କରିଥିଲେ । ଓଡ଼ିଶା ବିଧାନସଭାର ବାଚସ୍ପତି ଭାବେ ସେ ସୁନାମ ଅର୍ଜନ କରିଥିଲେ । ୧୯୨୭ ଡିସେମ୍ବର ମାସରେ ଓଡ଼ିଶା ଗସ୍ତବେଳେ ଗାନ୍ଧିଜୀ ମୁକୁନ୍ଦପ୍ରସାଦ ଦାସଙ୍କ ଆତିଥେୟତା ଗ୍ରହଣ କରି ତାଙ୍କ ବାଲେଶ୍ୱର ଘରେ ରହିଥିଲେ । କନିକା ପ୍ରଜା ଆନ୍ଦୋଳନର ନିର୍ଯାତିତ ପ୍ରଜାମାନଙ୍କୁ ମୁକୁନ୍ଦ ପ୍ରସାଦ ସେତେବେଳେ ମୁକ୍ତ ମନରେ ଓ ମାଗଣାରେ ସହାୟତା ଦେଉଥିଲେ । କୋକିଳାଙ୍କୁ ବାଲେଶ୍ୱର ଖନ୍ତାପଡାର ଅନ୍ୟତମ ଜମିଦାର ଡାକ୍ତର ମାନଗୋବିନ୍ଦ ଦାସଙ୍କ ସହ ବାହା କରିଦିଆଯାଇଥିଲା । ବିବାହର ୧୦ ବର୍ଷରେ ମେଲେରିଆରେ ସ୍ୱାମୀଙ୍କ ମୃତ୍ୟୁ ହେତୁ ବିଧବା ହୋଇଯାଇଥିଲେ କୋକିଳା । ଏ ତିନି ଭାଇ ଭଉଣୀଙ୍କ ଜନ୍ମ ୧୯୦୦ ମସିହା ପୂର୍ବରୁ ।

ଏଠାରେ ଉଲ୍ଲେଖନୀୟ ଯେ ୧୯୨୧ ମାର୍ଚ୍ଚ ମାସରେ ଗାନ୍ଧିଜୀଙ୍କ ପ୍ରଥମ ଓଡ଼ିଶା ଗସ୍ତବେଳେ କଟକ ବିନୋଦ ବିହାରୀରେ ଆୟୋଜିତ ମହିଳା ସଭାରେ ୪୦ଜଣ ପର୍ଯ୍ୟନ୍ତ ପ୍ରତିନିଧି ବି ନଥିଲେ ।



**(୧୯୩୧ ମସିହାରେ ଗାନ୍ଧିଜୀଙ୍କ ଡାକରାରେ ବାଲେଶ୍ୱରରେ ଅନୁଷ୍ଠିତ ପ୍ରଥମ ନାରୀ ସମ୍ମିଳନୀର ପ୍ରସ୍ତୁତି ବୈଠକରେ ଫଟୋର ଉପର ଧାଡ଼ିରେ ବାମପଟୁ ରମା ଦେବୀ, କୁନ୍ତଳା କୁମାରୀ ସାବତ, ଜାହ୍ନବୀ ଦେବୀ, ପୁରୁବାଇ ଓ ତଳ ଧାଡ଼ିରେ ସରଳା ଦେବୀ ଓ କୋକିଳା ଦେବୀ)**

କିନ୍ତୁ ଓଡ଼ିଶାର ମାତୃଶକ୍ତି ଏଭଳି ଜାଗ୍ରତ ହେଲା ଯେ, ୧୯୩୦ର ଲବଣ ସତ୍ୟାଗ୍ରହରେ ଅନେକ ମହିଳା କାରାବରଣ କଲେ । ସେତେବେଳେ ଇଞ୍ଚୁଡି, ଶ୍ରୀଜଙ୍ଗ ଆଦି ଅଞ୍ଚଳରେ ମହିଳାମାନଙ୍କ ଲବଣ ସତ୍ୟାଗ୍ରହରେ ସକ୍ରିୟ ଅଂଶଗ୍ରହଣ କ୍ଷେତ୍ରରେ ବଡ଼ ଭୂମିକା ଥିଲା ଦୁଇ ଭଉଣୀ ଜାହ୍ନବୀ ଓ କୋକିଳାଙ୍କର ।

ବାଲେଶ୍ୱରରେ ୧୯୧୩ରେ ଉତ୍କଳ ଭାରତୀ ଡାକ୍ତର କୁନ୍ତଳା କୁମାରୀ ସାବତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମହିଳା ସମ୍ମିଳନୀରେ ହଜାରେରୁ ଅଧିକ ନାରୀ ଯୋଗଦେବା କ୍ଷେତ୍ରରେ ବି ଥିଲା ଏହି ଦୁଇ ଭଉଣୀଙ୍କ ଅକ୍ଳାନ୍ତ ପରିଶ୍ରମ । ଏହି ସମ୍ମିଳନୀ ଲାଗି ଗଠିତ ଅଭ୍ୟର୍ଥନା ସମିତିର ଅଧ୍ୟକ୍ଷା ଥିଲେ ଜାହ୍ନବୀ ଦେବୀ ଏବଂ ଗାଁ ଗାଁରେ ବୁଲି ଏ କାମରେ ବଡ଼ ଭଉଣୀଙ୍କୁ ପୂର୍ଣ୍ଣ ସହଯୋଗ ଦେଇଥିଲେ ସାନ ଭଉଣୀ କୋକିଳା । ଏହି ସମ୍ମିଳନୀରେ ରମାଦେବୀ, ସରଳା ଦେବୀ, ପୁରୁବାଇଙ୍କ ସମେତ ଡାକ୍ତର କୁନ୍ତଳା କୁମାରୀ ସାବତ, ଜାହ୍ନବୀ ଦେବୀ ଓ କୋକିଳା ଦେବୀ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଉତ୍କଳ ଭାରତୀ ଡାକ୍ତର କୁନ୍ତଳାକୁମାରୀ ଥିଲେ ଅଗ୍ନିବର୍ଷୀ କବୟିତ୍ରୀ । ସ୍ୱାଧୀନତା ସଂଗ୍ରାମ ପାଇଁ ତାଙ୍କ ରଚିତ ଆହ୍ୱାନ ଉପରେ ସେତେବେଳେ ବ୍ରିଟିଶ୍ ସରକାର କଟକଣା ଲଗାଇଥିଲେ ବି ତାହା କୁନ୍ତଳା କୁମାରୀଙ୍କୁ ରୋକିପାରି ନଥିଲା । ଉତ୍କଳ ଜନନୀର ଅନେକ ସୁପୁତ୍ରୀଙ୍କ ମଧ୍ୟରୁ ଏହି ପଞ୍ଚକନ୍ୟାଙ୍କର ଏକ ବିରଳ ଫଟୋଚିତ୍ର ସେତେବେଳେ ଉତ୍ତୋଳନ କରାଯାଇଥିଲା ଯାହା ଏହି ଆଲେଖ୍ୟ ସହ ପୁନଃ ପ୍ରକାଶ କରାଯାଉଛି ।

ଦୁଇ ଭଉଣୀ ଜାହ୍ନବୀ ଓ କୋକିଳା ୧୯୩୦ ଦଶକରେ ଗିରଫ ହୋଇ ଭାଗଲପୁର କେନ୍ଦ୍ରୀୟ ଜେଲ୍‌ରେ ବନ୍ଦୀ ଥିଲେ । ୧୯୩୪ରେ ଓଡ଼ିଶାରେ ଗାନ୍ଧିଜୀଙ୍କ ହରିଜନ ପଦଯାତ୍ରାରେ ଏମାନଙ୍କ ପରିବାର ପ୍ରତ୍ୟକ୍ଷ ଭୂମିକା ନିଭାଇବା ସହ ନିଜ ଅଞ୍ଚଳରେ ଅସ୍ପୃଶ୍ୟତା ନିବାରଣ କାର୍ଯ୍ୟ ଚଳାଇଥିଲେ । ଓଡ଼ିଶା ବାହାରେ ଅନୁଷ୍ଠିତ କଂଗ୍ରେସର ବିଭିନ୍ନ ଅଧିବେଶନରେ ବି ଏହି ଦୁଇ ଭଉଣୀ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଓଡ଼ିଶାରେ ନାରୀ ଜାଗରଣ କ୍ଷେତ୍ରରେ ରମାଦେବୀ, ସରଳା ଦେବୀ, ମାଳତୀ ଦେବୀ ଆଦିଙ୍କ ପରି ଜାହ୍ନବୀ ଦେବୀ ଓ କୋକିଳା ଦେବୀ ଅନେକ ଦୁଃସାହସିକ କାର୍ଯ୍ୟ କରିଯାଇଛନ୍ତି । ଜମିଦାର ପରିବାରର ଝିଅ ଓ ବୋହୂ ହୋଇ ମଧ୍ୟ ଏମାନେ ସ୍ୱାଧୀନତା ଓ ସମାଜ ପାଇଁ ସ୍ୱେଚ୍ଛାକୃତ ଦାରିଦ୍ର୍ୟ ବରଣ କରିଥିଲେ । କେବଳ ସେତିକି ନୁହେଁ, ଏ ଦୁଇ ଭଉଣୀ ମଧ୍ୟ ସାହିତ୍ୟ ଓ ସମାଜସେବା କ୍ଷେତ୍ରରେ ସେମାନଙ୍କ ଅମ୍ଳାନ ସ୍ୱାକ୍ଷର ଛାଡି ଯାଇଛନ୍ତି । ରମାଦେବୀ, ସରଳା ଦେବୀ, ମାଳତୀ ଦେବୀଙ୍କ ଭଳି ଅଗ୍ରଗଣ୍ୟ ସ୍ୱାଧୀନତା ସଂଗ୍ରାମୀମାନେ ଏମାନଙ୍କୁ ବଡ଼ଭଉଣୀ ପରି ସମ୍ମାନ ଦେଉଥିଲେ । ଅନନ୍ୟା ସଂଗ୍ରାମୀ ଅନ୍ନପୂର୍ଣ୍ଣା ମହାରଣା ଜାହ୍ନବୀଙ୍କୁ ଜହ୍ନ ମାଉସୀ ଓ କୋକିଳାଙ୍କୁ କକ ମାଉସୀ ଭାବେ ସମ୍ବୋଧନ କରୁଥିଲେ । ଏଠାରେ ଉଲ୍ଲେଖନୀୟ ଯେ ସ୍ୱାଧୀନତା ଆନ୍ଦୋଳନ କାଳରେ ରମାଦେବୀ, ସରଳା ଦେବୀ, ସୁଭଦ୍ରା ମହତାବ, ମାଳତୀ ଦେବୀ, ଜମ୍ବୁବତୀ ଦେବୀ, କିଶୋରମଣି ଦେବୀଙ୍କ ଭଳି ବହୁ ମହିଳା ସଂଗ୍ରାମୀ ଓଡ଼ିଶା ଭିତରେ ଓ ବାହାରେ ବିଭିନ୍ନ ଜେଲ୍‌ରେ କାରାରୁଦ୍ଧ ଥିଲେ । ବର୍ତ୍ତମାନର ଭଦ୍ରକ ଜିଲ୍ଲାର ଇରମ୍‌ଠାରେ ଭାରତଛାଡ ଆନ୍ଦୋଳନ ସମୟରେ ହୋଇଥିବା ପୁଲିସ ଗୁଳିରେ ପରି ବେୱା ନାମ୍ନୀ ଜଣେ ମହିଳାଙ୍କ ସମେତ ୨୯ଜଣ ଶହୀଦ ହୋଇଥିଲେ । ସୁବର୍ଣ୍ଣପୁରର ସୁନାଝିଅ ଗରବାରୀ ମେହେରଙ୍କ ବଳିଦାନ ଇତିହାସର ଅମରଗାଥା । ଅନେକ ବୀରାଙ୍ଗନାଙ୍କ ସାରା ପରିବାର ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇ କାରାବରଣ କରିଥିଲେ ।

କାରାମୁକ୍ତ ସରଳାଙ୍କୁ ସ୍ୱାଗତ କରି କୁନ୍ତଳା କୁମାରୀ ଲେଖିଥିଲେ, ବୀରବାଳା ମା ସରଳା କିବୋଲି ତତେ ବନ୍ଦିବୁ // ରୁଧିରେ ଅବିର ବୋଳି ରଣେ ଅଗ୍ରସର ହେବୁ। ରମାଦେବୀ, ଜାହ୍ନବୀ ଦେବୀ, କୋକିଳା ଦେବୀ, ସୁଭଦ୍ରା ମହତାବ, ଜମ୍ବୁବତୀ ଦେବୀ ଆଦି ଜେଲ୍‌ରୁ ଖଲାସ ହେବାପରେ ସେମାନଙ୍କୁ ବିପୁଳ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ବର୍ତ୍ତମାନର ପିଢି ବିଶ୍ୱାସ କରିପାରିବେ ନାହିଁ ଯେ ସେତେବେଳେ ସ୍ୱାଧୀନତା ସଂଗ୍ରାମୀ ବିଶେଷ କରି ମହିଳାମାନେ କିଭଳି ନିର୍ଯାତିତା ହେଉଥିଲେ । ଏମିତିକି ଜେଲ୍ ଭିତରେ ବି ନିର୍ଯାତନାର ଅନ୍ତ ନଥିଲା। ଅନେକ ଅବିବାହିତା ଓ ସଦ୍ୟ ପରିଣିତା ଝିଅ ବି ଜେଲ୍ ଯାଉଥିଲେ । ସରଳା ଦେବୀ ଗିରଫ ହେବା ବେଳକୁ ତାଙ୍କ କୁନି ପୁଅକୁ ଘରେ ଛାଡି ଆସିଥିଲେ । ସେ ତାଙ୍କ ଜୀବନର ସ୍ମରଣୀୟ ଘଟଣାରେ ଲେଖିଛନ୍ତି, ଗାଁରେ ଛାଡି ଆସିଥିବା ଛୋଟ ପୁଅ କଥା ଭାବି ମୁଁ ବିକଳ ହୋଇ ଉଠୁଥିଲି । ସେହି ମୁହୂର୍ତ୍ତରେ ମନକୁ ବୁଝାଇଲି ଯେ ମୁଁ ଶହ ଶହ ପୁଅଙ୍କ ଉଦ୍ଧାର ପାଇଁ କାମ କରିବାକୁ ସଙ୍କଳ୍ପ ନେଇଛି ଗୋଟିଏ ପୁଅ କଥା ଭାବି ବିଚଳିତ ହେବା ଠିକ୍ ନୁହେଁ । ମାଳତୀ ଦେବୀଙ୍କ ପାଖରେ ଜେଲ୍‌ରେ କିଛିଦିନ ତାଙ୍କ ଦୁଗ୍ଧପୋଷ୍ୟ ଶିଶୁ ରହିଥିଲା । ନବକୃଷ୍ଣ ଚୌଧୁରୀ ଓ ମାଳତୀ ଦେବୀଙ୍କ ସହ ତାଙ୍କ ଝିଅ ଉତ୍ତରା ବି ଜେଲ୍ ଯାଇଥିଲେ । ସେହିପରି ରମାଦେବୀ ଓ ଗୋପବନ୍ଧୁ ଚୌଧୁରୀ ଜେଲ୍‌ରେ ଥିବାବେଳେ ସେମାନଙ୍କ ପୁଅ ମନମୋହନ ଓ ଝିଅ ଅନ୍ନପୂର୍ଣ୍ଣା ବି କାରାଗାରରେ ବନ୍ଦୀ ଥିଲେ । ପଣ୍ଡିତ ନୀଳକଣ୍ଠ, ହରେକୃଷ୍ଣ ମହତାବ, ଅଟଳ ବିହାରୀ ଆଚାର୍ଯ୍ୟଙ୍କ ସମେତ ବହୁ ସଂଗ୍ରାମୀ ସସ୍ତ୍ରୀକ କାରାବରଣ କରିଥିଲେ । ବିବାହର ଅଳ୍ପଦିନ ମଧ୍ୟରେ ଶରତ ଚନ୍ଦ୍ର ମହାରଣା ଓ ଅନ୍ନପୂର୍ଣ୍ଣା ଏବଂ ବିନୋଦ କାନୁନ୍‌ଗୋ ଓ ଶଶିବାଳାଙ୍କ ଭଳି ଅନେକ ବି କାରାରୁଦ୍ଧ ହୋଇଥିଲେ । କିରଣଲେଖା, ଗୋଦାବରୀ, ହାରାମଣୀ, ପାର୍ବତୀ, ଶକୁନ୍ତଳାଙ୍କ ପରି ବହୁ ଅବିବାହିତା ଝିଅ ବି ଭାରତ ଛାଡ଼ ଆନ୍ଦୋଳନ ସମୟରେ ବନ୍ଦୀ ହୋଇଥିଲେ । ଓଡ଼ିଶାରେ ସେବା କରିବା ପାଇଁ ଆସିଥିବା ପୁରୁବାଇଙ୍କ ଭଳି ସାମାଜିକ କର୍ମୀଙ୍କୁ ଏପରି ସୁବର୍ଣ୍ଣ ସୁଯୋଗ ମିଳିଥିଲା ।

**ସ୍ୱାଧୀନତାର ଅମୃତ କାଳରେ ଗୋଟିଏ ପଟେ ନାରୀ ସଶକ୍ତିକରଣ ଏବଂ ବିଧାନସଭା ଓ ସଂସଦରେ ମହିଳାଙ୍କ ପାଇଁ ସ୍ଥାନ ସଂରକ୍ଷଣର ନାରା ଉଠୁଛି ଏବଂ ଅନ୍ୟପଟେ ମହିଳା ଓ ଶିଶୁଙ୍କ ପ୍ରତି ବଢ଼ି ଚାଲିଥିବା ଅପରାଧ ସହ ନିଶା, ହିଂସା, ବେକାରୀ, ବେରୋଜଗାରୀ, ଆର୍ଥିକ ଅସମାନତା, ଦାରିଦ୍ର୍ୟ, ନିରକ୍ଷରତା ଆଦି ଆମ କଷ୍ଟଲବ୍ଧ ସ୍ୱାଧୀନତାକୁ ବିପନ୍ନ କରୁଛି । ଯେଉଁ ସ୍ୱାଧୀନତା ପାଇଁ ଲକ୍ଷ ଲକ୍ଷ ସଂଗ୍ରାମୀ କାରା ଓ ନିର୍ଯାତନା ବରଣ କଲେ ଓ ହଜାର ହଜାର ଦେଶପାଇଁ ଶହୀଦ ହେଲେ, ସେ ସ୍ୱାଧୀନତାର ସୁରକ୍ଷା ଆମ ସମସ୍ତଙ୍କ ପାଇଁ ବଡ଼ ଆହ୍ୱାନ । ହୁଏତ କୋକିଳର କୁହୁ ତାନରେ କୋକିଳା ଦେବୀ ଓ ଜହ୍ନର ଆଲୋକରେ ଜାହ୍ନବୀ ଦେବୀଙ୍କ ଭଳି ସଂଗ୍ରାମୀମାନଙ୍କ ଅମ୍ଳାନ ଆତ୍ମା ସ୍ୱାଧୀନ ଭାରତର ସ୍ୱରୂପକୁ ଅନୁଭବ କରି ବିଳପୁ ଥିବେ । ଯେଉଁମାନେ ଏତେ ଯନ୍ତ୍ରଣା ସହି ଆମକୁ ସୁରାଜ ଦେବା ଲାଗି ସ୍ୱରାଜ ଆଣିଲେ, କୃତଜ୍ଞତାର ସହ ସେମାନଙ୍କୁ ସ୍ମରଣ କରିବା ସଙ୍ଗେ ସଙ୍ଗେ ସ୍ୱରାଜକୁ ସୁରକ୍ଷିତ ଓ ସମୃଦ୍ଧ କରିବା ଦାୟିତ୍ୱ ଆମ ସମସ୍ତଙ୍କର ।**

(ଓଡ଼ିଶାର ଜଣେ ବିଶିଷ୍ଟ ଲେଖକ ଓ ଗାନ୍ଧିବାଦୀ ଭାବେ ପରିଚିତ)
ମୋ-୯୪୩୭୦୧୭୩୯୫
E-mail:prahalladsinha@gmail.com

# ଛିଙ୍କିବା ସମୟରେ ଆଖି ବନ୍ଦ ହୋଇଯାଏ କାହିଁକି ?



**ନାରାୟଣ ଚନ୍ଦ୍ର ବିଶ୍ୱାଳ**

ଏବେ ଥଣ୍ଡାର ପ୍ରକୋପ ଚାଲିଛି । ଚାରିଆଡ଼େ କୁହୁଡ଼ିର ପ୍ରାଦୁର୍ଭାବ ଏଣେ ବାୟୁ ପ୍ରଦୂଷଣକୁ ନେଇ ସବୁଠି ଏକ ପ୍ରକାର ଆତଙ୍କ ଜନିତ ପରିବେଶ । ଛିଙ୍କିବା ଆମ ଶରୀରର ଏକ ପ୍ରାକୃତିକ ପଦ୍ଧତି, ଯାହାଦ୍ୱାରା ନାକ ନିଜକୁ ସଫା କରିଥାଏ । ଯେବେ ଆମ ନାକ ବା ଶ୍ୱସନ ତନ୍ତ୍ରରେ ଧୂଳି, ପରାଗ, ଧୂଆଁ ଅଥବା ଅନ୍ୟ କୌଣସି ବାହ୍ୟ ଅବାଞ୍ଛିତ କଣିକା ପ୍ରବେଶ କରେ, ଏହାକୁ ବାହାର କରିବା ଲାଗି ନାକର କୋମଳ ଆସ୍ତରଣ ସକ୍ରିୟ ହୋଇଯାଏ । ଏକ ସଙ୍କେତ ରୂପରେ ଏହି ବାର୍ତ୍ତା ଆମର ମସ୍ତିଷ୍କ ପର୍ଯ୍ୟନ୍ତ ପହଞ୍ଚିଥାଏ । ମସ୍ତିଷ୍କକୁ ଏହି ସଙ୍କେତ ମିଳିବା କ୍ଷଣି ମସ୍ତିଷ୍କ ଶରୀରକୁ ଛିଙ୍କିବା ପାଇଁ ନିର୍ଦ୍ଦେଶ ଦିଏ । ଛିଙ୍କ ହୁଏ । ଆଉ ଛିଙ୍କିବା ସମୟରେ ଆଖି ବନ୍ଦ ହୋଇଯାଏ, ଜିଭ ଉପରକୁ ଉଠିଯାଏ ଓ ଶରୀରର ମାଂସପେଶୀ ସଙ୍କୁଚିତ ହୋଇଯାଏ । ଏହି ପୁରା ପ୍ରକ୍ରିୟା କେଇ ସେକେଣ୍ଡ ଭିତରେ ସମ୍ପୂର୍ଣ୍ଣ ହୋଇଯାଏ ।

ଆମ ନାକରେ ଏକ ପତଳା ଆର୍ଦ୍ର ଆସ୍ତରଣ ଥାଏ, ଯାହାକୁ ମ୍ୟୁକସ୍ ଝିଲି କୁହାଯାଏ । ଏହି ଆସ୍ତରଣରେ ଅନେକ ଛୋଟ ଛୋଟ କୋଷ ଥାଏ, ଯାହା କି ସହଜରେ ଯେ କୌଣସି ପରିବର୍ତ୍ତନକୁ ଅନୁଭବ କରିନିଏ । ଯେତେବେଳେ କୌଣସି ଧୂଳି ଅବା ପରାଗ କଣିକା ଏହି ଆସ୍ତରଣକୁ ଛୁଏଁ କୋଷଗୁଡ଼ିକ ସକ୍ରିୟ ହୋଇଯାଏ ଓ ମସ୍ତିଷ୍କକୁ ସଙ୍କେତ ପଠାଏ । ଆଉ ମସ୍ତିଷ୍କ ଶରୀରକୁ ଆଦେଶ ଦିଏ କି ସେ ଛିଙ୍କୁ ଓ ହଇରାଣ କରୁଥିବା ବସ୍ତୁ ବାହାରକୁ ବାହାରିଯାଉ ।

କେବେ କେବେ ଧୂଳି ଅବା ପାଉଡ଼ର ଭଳି କଣିକା ନାକକୁ ଚାଲିଯାଏ ଓ ନାକରେ ଜ୍ୱଳନ ହୁଏ, ଯାହାକି ଛିଙ୍କର କାରଣ ସାଜେ । ଏହାବାଦ ଆଲର୍ଜି ଓ ତୀବ୍ର ଆଲୋକ ମଧ୍ୟ ଛିଙ୍କିବାର କାରଣ ହୋଇପାରେ । ଏହି କଣିକା ଓ ଆଲର୍ଜି ନାକର ନର୍ଭଗୁଡ଼ିକୁ ସକ୍ରିୟ କରିଥାଏ । ଫଳରେ ଶରୀର ତାକୁ ବାହାର କରିବା ପାଇଁ ଛିଙ୍କ ହୁଏ। ଛିଙ୍କିବା ସମୟରେ ଆଖି ବନ୍ଦ ହେବା ପଛର କାରଣ ଛିଙ୍କ ମାଧ୍ୟମରେ ଆମ ନାକ ହାନିକାରକ କଣିକାଗୁଡ଼ିକୁ ବାହାରକୁ ବାହାର କରିଦେଇ ଶରୀରକୁ ସଂକ୍ରମଣରୁ ରକ୍ଷା କରେ । ପାଟିରୁ ଲକ୍ଷ ଲକ୍ଷ ମାଇକ୍ରୋବ୍ସ, ବ୍ୟାକ୍ଟେରିଆ ଓ କ୍ଷୁଦ୍ର କ୍ଷୁଦ୍ର କଣିକା ବାହାରିଯାଏ । ଯଦି ଆଖି ଖୋଲା ରହୁଥାନ୍ତା ତେବେ ଏହି ମାଇକ୍ରୋବ୍ସ ବ୍ୟାକ୍ଟେରିଆ ଓ କଣିକାଗୁଡ଼ିକ ଆଖିର ସମ୍ବେଦନଶୀଳ ଅଂଶରେ ପହଞ୍ଚି ଯାଇଥାନ୍ତା ।

ଆଖି ବନ୍ଦ ହେବା ଯୋଗୁଁ ଆଖି ସଂକ୍ରମଣରୁ ବଞ୍ଚିଯାଏ । ଏହା ଏକ ପ୍ରୋଟେକ୍ଟିଭ ରିଫ୍ଲେକ୍ସ, ଯାହା ରୋଗ ହେବାର ଆଶଙ୍କାରୁ ବଞ୍ଚାଇ ଥାଏ । ଛିଙ୍କିବା ସମୟରେ ଆଖି ବନ୍ଦ ହେବା ଏକ ସାଧାରଣ କଥା। ଯେବେ ଆମେ ଛିଙ୍କୁ ଆମ ମସ୍ତିଷ୍କ ଆଖିକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଏ । ଏହା ଏକ ଅନିଚ୍ଛାକୃତ କ୍ରିୟା। ଅର୍ଥାତ୍ ଏହାକୁ ଆମେ ଆମ ଇଚ୍ଛାଦ୍ୱାରା ନିୟନ୍ତ୍ରଣ କରିପାରିବା ନାହିଁ । ଆମେ ଯେତେ ଚେଷ୍ଟା କଲେ ବି ଛିଙ୍କିବା ସମୟରେ ଆଖି ଖୋଲା ରଖିବା ଅସମ୍ଭବ ।

ଛିଙ୍କିବା ସମୟରେ ଅନେକ ପରିବର୍ତ୍ତନ ହୁଏ । ମାଂସପେଶୀ ସଙ୍କୁଚିତ ହୋଇଯାଏ । ଆଉ ଏହା ଏବେ ତୀବ୍ର ଗତିରେ ହୁଏ ଯେ, ଲାଗେ ସତେ ଯେମିତି ହୃଦସ୍ପନ୍ଦନ ବନ୍ଦ ହୋଇଯାଏ କିଛି କ୍ଷଣ ପାଇଁ । ହେଲେ ହୃଦସ୍ପନ୍ଦନ ଅବିରତ ଚାଲିଥାଏ । ଛିଙ୍କ ହୋଇଗଲା ପରେ ସବୁକିଛି ସାଧାରଣ ଅବସ୍ଥାକୁ ଫେରିଆସେ । ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଛିଙ୍କକୁ ଆଦୌ ଅଟକାଇବା ଉଚିତ ନୁହେଁ । ଛିଙ୍କ ଏକ ପ୍ରାକୃତିକ ପଦ୍ଧତି, ଯାହାକି ଶରୀରର ହାନିକାରକ ପଦାର୍ଥ ଠାରୁ ଦୂରେଇବାରେ ସାହାଯ୍ୟ କରିଥାଏ । ଯେବେ ଛିଙ୍କ ଖୁବ୍ ଜୋରରେ ଆସେ ଓ ଆପଣ ଏହାକୁ ଅଟକାନ୍ତି, ତେବେ ଏହା ଆଖି, ନାକ ଓ କାନ ପରଦାରେ ବ୍ଲଡ୍ ଭେସଲ୍ସ ଉପରେ ଚାପ ପକାଇପାରେ । ତେଣୁ ଯେତେବେଳେ ଛିଙ୍କ ଆସେ, ଏହାକୁ ନିର୍ମଳ ଭାବେ ହେବାକୁ ଦେବା ଉଚିତ ।

**ଛିଙ୍କିବା ସମୟରେ ଆଖି ବନ୍ଦ ହେବା ପଛର କାରଣ ଛିଙ୍କ ମାଧ୍ୟମରେ ଆମ ନାକ ହାନିକାରକ କଣିକାଗୁଡ଼ିକୁ ବାହାରକୁ ବାହାର କରିଦେଇ ଶରୀରକୁ ସଂକ୍ରମଣରୁ ରକ୍ଷା କରେ । ପାଟିରୁ ଲକ୍ଷ ଲକ୍ଷ ମାଇକ୍ରୋବ୍ସ, ବ୍ୟାକ୍ଟେରିଆ ଓ କ୍ଷୁଦ୍ର କ୍ଷୁଦ୍ର କଣିକା ବାହାରିଯାଏ । ଯଦି ଆଖି ଖୋଲା ରହୁଥାନ୍ତା ତେବେ ଏହି ମାଇକ୍ରୋବ୍ସ ବ୍ୟାକ୍ଟେରିଆ ଓ କଣିକାଗୁଡ଼ିକ ଆଖିର ସମ୍ବେଦନଶୀଳ ଅଂଶରେ ପହଞ୍ଚି ଯାଇଥାନ୍ତା । ଆଖି ବନ୍ଦ ହେବା ଯୋଗୁଁ ଆଖି ସଂକ୍ରମଣରୁ ବଞ୍ଚିଯାଏ । ଏହା ଏକ ପ୍ରୋଟେକ୍ଟିଭ ରିଫ୍ଲେକ୍ସ, ଯାହା ରୋଗ ହେବାର ଆଶଙ୍କାରୁ ବଞ୍ଚାଇ ଥାଏ ।**

ଛିଙ୍କ ସହ ଜଡ଼ିତ ମାନ୍ୟତା ଭିନ୍ନ ଭିନ୍ନ ସଂସ୍କୃତିରେ ଛିଙ୍କକୁ ନେଇ ଅଲଗା ଅଲଗା ମାନ୍ୟତା ରହିଛି । କିଛି ସଂସ୍କୃତିରେ ଛିଙ୍କକୁ ସୌଭାଗ୍ୟର ପ୍ରତୀକ ଭାବେ ଗ୍ରହଣ କରାଯାଏ ତ ଅନ୍ୟ କେଉଁ ସଂସ୍କୃତିରେ ଏହାକୁ ଅଶୁଭ ମଣାଯାଏ । ଯେମିତି କି କିଛି ଏସୀୟ ସଂସ୍କୃତିରେ ଛିଙ୍କିବା ଅର୍ଥ କେହି ଆପଣଙ୍କ ପାଇଁ ଖରାପ ଚିନ୍ତା କରୁଛନ୍ତି ଧରାଯାଏ । କିଛି ପରମ୍ପରାରେ ଛିଙ୍କିବାବେଳେ 'ଗଡ଼ ବ୍ଲେସ୍ ୟୁ' କୁହାଯାଏ । କାରଣ ସେମାନଙ୍କ ମତରେ ଛିଙ୍କିବା ବେଳେ କିଛି ସମୟ ପାଇଁ ଆତ୍ମା ଶରୀର ଠାରୁ ବାହାରି ଯାଏ । ଆଉ 'ଗଡ଼ ବ୍ଲେସ ୟୁ' କୁହାଯାଏ। ଆତ୍ମାକୁ ସୁରକ୍ଷିତ ଭାବେ ଶରୀର ଭିତରକୁ ଆଣିବା ପାଇଁ । ଆଉ ଏକ ସିଦ୍ଧାନ୍ତ ଅନୁସାରେ ପ୍ରାଚୀନ ରୋମରେ ବ୍ୟୁବୋନିକ ପ୍ଲେଗ ପ୍ରକୋପରେ ଛିଙ୍କିବା ଏକ ସାଧାରଣ ଲକ୍ଷଣ ଥିଲା ।

ପୋପ ଗ୍ରେଗୋରୀ ସପ୍ତମ ପ୍ଲେଗରୁ ବଞ୍ଚିବା ଲାଗି ଛିଙ୍କିବା ପରେ 'ଗଡ଼ ବ୍ଲେସ ୟୁ' କହିବାକୁ ପରାମର୍ଶ ଦେଇଥିଲେ ।

ଏମିତି ଭାବେ ଛିଙ୍କିବା କେବଳ ଶରୀରର ଏକ ପ୍ରାକୃତିକ ପଦ୍ଧତି ନୁହେଁ ବରଂ ଏହାର ସମ୍ପର୍କ ଅନ୍ୟ କିଛି ସହ ବି ରହିଛି । ତେବେ ଛିଙ୍କିବା ଏକ ସାଧାରଣ ସ୍ୱାସ୍ଥ୍ୟଗତ ପ୍ରକ୍ରିୟା ହୋଇପାରେ କିନ୍ତୁ ବାରମ୍ବାର ଛିଙ୍କ ଆପଣଙ୍କ ନାକର ଅଭ୍ୟନ୍ତରଜନିତ ସମସ୍ୟାକୁ ସୂଚୀତ କରୁଛି । ଏ କ୍ଷେତ୍ରରେ ତୁରନ୍ତ କର୍ଣ୍ଣ-ନାସା-ଗଳା ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ ।

**ବାକ୍‌ଶ୍ରବଣ ବିଶେଷଜ୍ଞ, 'ଧ୍ୱନୀ' କାଠଗୋଲା ରୋଡ଼, କଟକ, ମୋ- ୯୪୩୮୨୭୬୭୬୦**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଇରାନ...

ସୃଷ୍ଟି ହେଉଛି । ଆମେରିକା ରାଷ୍ଟ୍ରପତି ଡ୍ରୋନାଲ୍ଡ ଟ୍ରମ୍ପ ମଧ୍ୟ ସାମରିକ କାର୍ଯ୍ୟାନୁଷ୍ଠାନ ନେଇ ଧମକ ଦେଇଛନ୍ତି । ଇରାନର ପରିସ୍ଥିତି ଦିନକୁ ଦିନ ବିଗୁଡୁଥିବାରୁ ସତର୍କ ରହିବାକୁ କୁହାଯାଇଛି ।

### ଗଙ୍ଗାସାଗରରେ...

କରାଯାଉଛି ।ମେଳାରେ ଆସାମର ମିଠୁ ମଣ୍ଡଳ (୫୧) ହୃଦଘାତ ଜନିତ କାରଣରୁ ମୃତ୍ୟୁ ହୋଇଥିବାର ସରକାରୀ ଭାବେ ଘୋଷଣା କରାଯାଇଛି ।ଏଥିସହିତ ବିହାରର ୨, ଉତ୍ତର ପ୍ରଦେଶର ୨ ଓ ହରିୟାଣାର ୧ ଜଣଙ୍କୁ ଗୁରୁତର ରୋଗୀଙ୍କୁ ଜରୁରୀ ଭିତ୍ତିରେ ଏୟାରଲିଫଟ ଯୋଗେ କଲକାତା ସରକାରୀ ହାସପାତାଳକୁ ସ୍ଥାନାନ୍ତରିତ କରାଯାଇଛି । ପୁରୀ ଗୋବର୍ଦ୍ଧନ ପୀଠର ଜଗତଗୁରୁ ଶଙ୍କରାଚାର୍ଯ୍ୟ ସଓ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ଆଦିତ୍ୟ ବାହିନୀ ସହିତ ବିଶଶାନ୍ତି ପାଇଁ ସମୁଦ୍ର ଆଳତି କରି ମକରବୁଡ଼ଦେଇ ଫେରିଛନ୍ତି । ମେଳାରେ ନାଗାସନ୍ୟାସୀ ବିଭିନ୍ନ ଢଙ୍ଗରେ ଶ୍ରଦ୍ଧାଳୁଙ୍କୁ ଆଶୀର୍ବାଦ ଦେବା ଭିନ୍ନ ଏକ ଆକର୍ଷଣ ହୋଇଛି । ଭାରତ ସେବାଶ୍ରମ ସଂଘ ରେ ୧୨ ହଜାର ତୀର୍ଥଯାତ୍ରୀ ଙ୍କୁ ବିଭିନ୍ନ ପରିସେବା ଯୋଗାଇ ଦିଆଯାଉଛି ବୋଲି ମହନ୍ତ ନିମାଇଁ ମହାରାଜ ସୂଚନା ଦେଇଥିବାବେଳେ ଇସ୍କନ ପରି ଶତାଧିକ ସାମାଜିକ ଅନୁଷ୍ଠାନ ଲକ୍ଷାଧିକ ତୀର୍ଥଯାତ୍ରୀଙ୍କ ସକାଶେ ନିଃଶୁଳ୍କ ଖାଦ୍ୟ ଓ ପରିସେବା ଯୋଗାଇ ଦିଆଯାଇଛି । ପ୍ରସିଦ୍ଧ ମେଳାରେ ୬୭୨ ଜଣ ଅସାମାଜିକ ଲୋକଙ୍କୁ ଗିରଫ କରାଯାଇଛି । ଭାରତ ପ୍ରସିଦ୍ଧ ଗଙ୍ଗାସାଗର ମେଳାକୁ ଜାତୀୟ ମେଳା ଘୋଷଣା କରିବାକୁ ପଶ୍ଚିମବଙ୍ଗ ସରକାର ଓ ବହୁ ଧର୍ମଗୁରୁ ମାନଙ୍କ ପକ୍ଷରୁ ଦାବି କରିଛନ୍ତି । ମେଳାରେ ପଶ୍ଚିମବଙ୍ଗ ସହିତ ଭିନ୍ନ ରାଜ୍ୟର ମନ୍ତ୍ରୀ, ପ୍ରଶାସକ, ବିଚାରପତି ଓ ବିଦେଶୀ ପର୍ଯ୍ୟଟକ ଆସିଥିବାର ସୂଚନା ଦିଆଯାଇଛି । ଅପରପକ୍ଷରେ ଦୀଘା, ଉଦୟପୁର, ତାଳସାରୀ, କୀର୍ତ୍ତିନିଆ, ଚୌମୁଖ, ଡଗରା ସହିତ ସୁବର୍ଣ୍ଣରେଖା ନଦୀକୂଳରେ ଲକ୍ଷାଧିକ ଶ୍ରଦ୍ଧାଳୁ ବୁଡ ମାରିଥିବାର ସୂଚନା ମିଳିଛି ।

### ଆଜି...

ନେଇ ଆଇ-ପ୍ୟାକ୍ ଅଫିସରେ ଇଡି ଚଢ଼ାଉ କରିଥିଲା । ଚଢ଼ାଉ ସମୟରେ ମମତା ସେଠାରେ ପହଞ୍ଚି ଇଡି ଅଧିକାରୀଙ୍କ ସହ ମୁହାଁମୁହିଁ ହୋଇଥିଲେ । ଇଡି ଅଭିଯୋଗ କରିଛି ଯେ ସେଠାରୁ ମମତା କିଛି ଫାଇଲ ଓ କମ୍ପ୍ୟୁଟର ନେଇଯାଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଏମାନେ ଜବତ କରିଥିବା ତଥ୍ୟକୁ ବାଦ୍ ଦେବାପାଇଁ କୁହାଯାଇଥିଲା । ସ୍ୱାଧୀନ ଭାବେ ଇଡିକୁ କାର୍ଯ୍ୟ କରିବାକୁ ଦିଆଯାଇନଥିଲା । ପଶ୍ଚିମବଙ୍ଗ ପୋଲିସ ମଧ୍ୟ ଇଡି ଅଧିକାରୀଙ୍କ ନାମରେ ଏତଲା ରୁଜୁ କରିଛନ୍ତି । ଇଡି ପକ୍ଷରୁ ଏହି ଘଟଣାର ତଦନ୍ତ ସିବିଆଇ ଦ୍ୱାରା କରିବାକୁ ଦାବି କରାଯାଇଛି । ତେବେ ଆସନ୍ତାକାଲିର ସୁପ୍ରିମ୍‌କୋର୍ଟଙ୍କ ରାୟ ଉପରେ ସଭିଙ୍କ ନଜର ରହିଛି ।

### ହାଡ଼...

ଓ ଶୁକ୍ରବାର ଦୁଇଦିନ ଧରି ରାଜ୍ୟରେ ଶୀତ ଲହରୀ ଜାରି ହେବ । ଭଦ୍ରକ, କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଖୋର୍ଦ୍ଧା, ଢେଙ୍କାନାଳ, ଅନୁଗୁଳ, କେନ୍ଦୁଝର, କନ୍ଧମାଳ, ସୋନପୁର, ସୁନ୍ଦରଗଡ଼ ଓ ଝାରସୁଗୁଡ଼ାରେ ରାତିର ତାପମାତ୍ରା ୧୦ ଡିଗ୍ରୀ ତଳେ ରହିବା ସହିତ ଶୀତ ଲହରୀ ଲାଗି ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

### ଚିନ୍ତାରେ...

ହେବ । ସୀମା ପୁନଃନିର୍ଦ୍ଧାରଣ ସମୟରେ ଭୌଗୋଳିକ ସ୍ଥିତି ଓ ଜନସଂଖ୍ୟାକୁ ଗୁରୁତ୍ୱ ଦିଆଯିବ । ଏହି ପରିପ୍ରେକ୍ଷୀରେ ଅଢ଼େଇ ଲକ୍ଷରୁ ଅଧିକ ଭୋଟର ଥିବା ବିଧାନସଭାକୁ ଭଙ୍ଗାଯାଇ ନୂଆ ବିଧାନସଭା ହୋଇପାରେ । ୧୯୭୧ ଜନଗଣନା ବେଳେ ରାଜ୍ୟ ଜନସଂଖ୍ୟା ୨ କୋଟି ୧୯ ଲକ୍ଷ ଥିଲା, ଏବେ ସାଢ଼େ ୪ କୋଟି ହେଲାଣି । ୨୦୨୫ ଭୋଟର ତାଲିକା ଅନୁଯାୟୀ ରାଜ୍ୟରେ ୩୨ଟି ବିଧାନସଭା କ୍ଷେତ୍ର ଏଭଳି ରହିଛି ଯେଉଁଠି ଅଢ଼େଇ ଲକ୍ଷରୁ ଉର୍ଦ୍ଧ୍ୱ ଭୋଟର ଅଛନ୍ତି । ପାଟଣାଗଡରେ ୩ ଲକ୍ଷ ୯ ହଜାର ୧୧୪ ଭୋଟର ଥିବାବେଳେ ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀରେ ୨ ଲକ୍ଷ ୯୨ ହଜାର ୧୩୪, କଣ୍ଟାବାଞ୍ଜିରେ ୨ ଲକ୍ଷ ୮୩ ହଜାର ୩୩୯ ଭୋଟର ଅଛନ୍ତି । ଏହି ନିର୍ବାଚନମଣ୍ଡଳୀଗୁଡ଼ିକୁ ଭଙ୍ଗାଯାଇ ନୂଆ ନିର୍ବାଚନମଣ୍ଡଳୀ ହୋଇପାରେ । ୨ ଲକ୍ଷ ୭୦ ହଜାରରୁ ଅଧିକ ଭୋଟର ୬ ନିର୍ବାଚନମଣ୍ଡଳୀରେ ରହିଥିବାବେଳେ ଅଢ଼େଇ ଲକ୍ଷରୁ ଉର୍ଦ୍ଧ୍ୱ ଭୋଟର ୨୫ ନିର୍ବାଚନମଣ୍ଡଳୀରେ ରହିଛନ୍ତି । ଏହି ନିର୍ବାଚନମଣ୍ଡଳୀକୁ ଭଙ୍ଗାଯାଇ ସଂଖ୍ୟା ବଢ଼ିପାରେ । ଭୌଗୋଳିକ ପରିସୀମା ଅନୁଯାୟୀ ମଧ୍ୟ ନିର୍ବାଚନମଣ୍ଡଳୀ କରାଯିବ । ଯାହା ଏବେ ନେତାଙ୍କ ଚିନ୍ତାର କାରଣ ହୋଇଛି । ଏହାଛଡା ୨୦୨୯ ନିର୍ବାଚନରେ ମହିଳାମାନଙ୍କ ଲାଗି ଏକ ତୃତୀୟାଂଶ ଆସନ ସଂରକ୍ଷିତ ରହିବ ବୋଲି ପୂର୍ବରୁ ସଂସଦରେ ବିଲ୍ ପାରିତ ହୋଇଛି । ବିଲ୍ ପାରିତ ହେବା ସମୟରେ ସଂସଦରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ ୨୦୨୯ରୁ ଏହା ଲାଗୁ ହେବ । ଯଦି ମହିଳା ସଂରକ୍ଷଣ ଲାଗୁ ହୁଏ ବହୁ ନେତାଙ୍କ ରାଜନୈତିକ ଭବିଷ୍ୟତ ଉପରେ ପୂର୍ଣ୍ଣଚ୍ଛେଦ ଲାଗିପାରେ । ତେବେ ଆଗୁଆ ସତର୍କ ନ୍ୟାୟରେ ନେତାମାନେ ଏବେ ସମ୍ଭାବ୍ୟ ପୁନଃନିର୍ଦ୍ଧାରଣକୁ ଆକଳନ କରି ନିଜ ପାଇଁ ସୁରକ୍ଷିତ ଆସନ ଖୋଜିବାରେ ବ୍ୟସ୍ତ ଅଛନ୍ତି ।

### ମକର...

ପାଇଁ ସେବାୟତ, ସେବାୟତଙ୍କ ପାଇଁ ପ୍ରଭୁ ଶ୍ରୀଲିଙ୍ଗରାଜ ନୁହଁନ୍ତି । ନୀତିକ୍ରାନ୍ତିରେ ବିଭ୍ରାନ୍ତ କରୁଥିବା ସେବାୟତଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ ବୋଲି ଏକାମ୍ର ବିଧାୟକ ବାବୁ ସିଂ ଗଣମାଧ୍ୟମକୁ କହିଛନ୍ତି । ଶ୍ରୀଲିଙ୍ଗରାଜ ମନ୍ଦିରରେ ବର୍ଷକୁ ପ୍ରାୟ ୨/୩ଥର ବିବାଦରୁ ନୀତିକ୍ରାନ୍ତିରେ ବିଭ୍ରାଟ ଘଟେ । ମକର ସଂକ୍ରାନ୍ତିରେ ଶହ ଶହ ଶ୍ରଦ୍ଧାଳୁ ଆସି ଫେରୁଥିବାରୁ ସେବାୟତଙ୍କୁ ନେଇ ବିଶୋଦଗାର କରୁଛନ୍ତି । ଆସନ୍ତାକାଲିଠୁ ନତିକ୍ରାନ୍ତି ଠିକ୍ ହେବ ବୋଲି ସୂଚନା ମିଳିଛି । ମଙ୍ଗଳବାର ସନ୍ଧ୍ୟାରୁ ମକର ସଂକ୍ରାନ୍ତିର ଦିନରାତି ଠାକୁର ଖାଡା ଉପବାସରେ ରହିବେ । କେବଳ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମନ୍ଦିର ନୁହେଁ, ପୁରୀ ଶ୍ରୀମନ୍ଦିରରେ ମଧ୍ୟ ସେବାୟତଙ୍କ ବିବାଦରୁ ନୀତିକ୍ରାନ୍ତି ବିଭ୍ରାଟ ପରିଲକ୍ଷିତ ହୁଏ । ନୀତିକ୍ରାନ୍ତି ବିଭ୍ରାଟକୁ ସଂସ୍କୃତି ଗବେଷକମାନେ ତୀବ୍ର ନିନ୍ଦା କରିଛନ୍ତି ।

## ଅତ୍ରୀରେ ମକର ମେଳା : ଛୁଆ ପାଇଁ ଗୁଆ ଖୋଜିଲେ ୪ ଶହରୁ ଉର୍ଦ୍ଧ୍ୱ ମାନସିକଧାରୀ



ଖୋର୍ଦ୍ଧା/ବୋଲଗଡ, (ସବ୍ୟୁ) : ବାଘମାରୀ ଅତ୍ରି ଗ୍ରାମରେ ଥିବା ଆରାଧ ଦେବତା ଏକାଦଶ ଧବଳ ରୁଦ୍ର ପରିବେଷ୍ଟିତ ହଟକେଶ୍ୱର ମହାପ୍ରଭୂଙ୍କର ପ୍ରସିଦ୍ଧ ମକର ପର୍ବ ପାଳିତ ହୋଇଯାଇଛି। ହଟକେଶ୍ୱର ଦେବଙ୍କ ମନ୍ଦିର ସ୍ଥାପନ ନେଇ କୌଣସି ନିର୍ଦ୍ଦିଷ୍ଟ କିଛି ସୂଚନା ନାହିଁ କେଉଁ ଆବାହାନ କାଳରୁ ହୋଇଆସୁଥିବା ରୀତିନୀତି ର ମକର ସଂକ୍ରାନ୍ତି ଦିନ ଭୋର ୩ଟା ସମୟରେ ପହଡ ଖୋଲାଯିବା ପରେ ପ୍ରଚଳିତ ପରମ୍ପରା ଅନୁଯାଇ ଅତ୍ରି ଗ୍ରାମର ଦଳ ବେହେରା ପରିବାର ପ୍ରଥମେ ଠାକୁରଙ୍କର ସ୍ନାନ, ମଙ୍ଗଳ ଆଳତି ଭୋଗଲାଗି କରିଥିଲେ। ପରେ ବହୁ ଦୁରଦୁରାନ୍ତରୁ ଆସିଥିବା ଶ୍ରଦ୍ଧାଳୁମାନେ ଲାମ୍ବା ଧାଡିରେ ଯାଇ ମଧ୍ୟାହ୍ନ ପର୍ଯ୍ୟନ୍ତ ଠାକୁରଙ୍କୁ ଦର୍ଶନ କରି ଆଶିଷ ଲାଭ କରିଥିଲେ। ପରମ୍ପରା ଅନୁଯାଇ ଶଙ୍ଖୁଡି ଭୋଗ ପରେ ମଧ୍ୟାହ୍ନରେ ହଟକେଶ୍ୱର ମହାପ୍ରଭୂ ସଂକିର୍ତନ ବାଜା, ବାଣ, ରୋଷଣି ଯାତ୍ରାରେ କାମଦହନ କୁଣ୍ଡ କୁହାଯାଉଥିବା ଏବଂ କେହି କେହି କୂଆ କୁଣ୍ଡ ବୋଲି କହୁଥିବା ଉଷ୍ଣ ପ୍ରସବଣ କୁଣ୍ଡ ନିକଟକୁ ଯାଇଥିଲେ। । ପରେ କେଉଁ ଆବାହାନ କାଳରୁ ପୁରୀ ଗଜପତି ମହାରାଜା ପଠାଇ ଆସୁଥିବା ପାଟବସ୍ତ୍ର ପ୍ରଭୂ ହଟକେଶ୍ୱର ଏବଂ ମା'ପାର୍ବତୀଙ୍କ ଠାରେ ଲାଗି ହେବା ପରେ ପୂଜା ସମଗ୍ରୀ ଲାଗି ସହିତ ମକର ଚାଉଳ ଭୋଗ କରାଯାଇଥିଲା। ସନ୍ତାନ ପାଇବା ଅଶାରେ ଠାକୁରଙ୍କ ଅଲୌଠିକିକ ଶକ୍ତି ଉପରେ ବିଶାସ ରଖି ବହୁ ମାନସିକ ଧାରୀ ମହିଳା ଏହି ପବିତ୍ର ମକର ସଙ୍କ୍ରାନ୍ତିର ଭୋର ୩ଟା ସମୟରୁ ସୂର୍ଯ୍ୟ ଉଦୟ ପର୍ଯ୍ୟନ୍ତ ଦଳକ କୁଣ୍ଡ କୁହାଯାଉଥିବା ମାନସିକ କୁଣ୍ଡରେ ୪ଶହ ରୁ ଉର୍ଦ୍ଧ୍ୱର୍ ମାନସିକ ଧାରୀ ମହିଳା ଶୀତ କାକରରେ ଦୀର୍ଘ ସମୟ ଧରି ସନ୍ତାନ ପାଇଁ ଗୁଆ ଖୋଜୁଥିବାର ଦେଖିବାକୁ ମିଳିଥିଲା। ଶୁଣିବାକୁ ମିଳେ ଗୁଆ ଖୋଜିବା ସମୟରେ ମାନସିକ ଧାରୀ ମହିଳାମାନେ ମାନସିକ କୁଣ୍ଡରୁ ଯାହା ପାଇଥାନ୍ତି କାହାରିକୁ ନଦେଖାଇ କାମ ଦହନ କୁଣ୍ଡ ନିକଟରେ ପୂଜା କରି ସେବନ କରିଥାନ୍ତି। ସେହିପରି ଉଷ୍ଣପ୍ରସବଣ ଜଳରେ ସ୍ନାନ କଲେ ଚର୍ମ ରୋଗରୁ ଉପଶମ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଚଳିତ ବର୍ଷ ଅତ୍ରି ଉଷ୍ଣପ୍ରସବଣ ଠାରେ ରାଜ୍ୟ ଏବଂ ରାଜ୍ୟ ବାହାରୁ ବହୁ ଶ୍ରଦ୍ଧାଳୁ ସମାଗମ ହୋଇଛନ୍ତି। ଲକ୍ଷାଧିକ ଭକ୍ତ ସମାଗମ ହୋଇଥିବାରୁ ହଟକେଶ୍ୱର ଦେବଃଙ୍କ ପୀଠରେ ଦର୍ଶନ କୁ ଶୃଙ୍ଖଳିତ କରିବାକୁ ଓ ଉଷ୍ଣପ୍ରସବଣ ନିକଟରେ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଛି।

## ଅରୁଧା ହାଇବ୍ରିଡ ଲଙ୍ଗ-ସର୍ଟ ଫଣ୍ଡର ଶୁଭାରମ୍ଭ

ଭୁବନେଶ୍ୱର (ସବ୍ୟୁ) : ବନ୍ଧନ ମ୍ୟୁଚୁଆଲ ଫଣ୍ଡର ଅରୁଧା ଏସଆଇଏଫ ପକ୍ଷରୁ ଏହାର ପ୍ରଥମ ଏସଆଇଏଫ ରଣନୀତି- ଅରୁଧା ହାଇବ୍ରିଡ ଲଙ୍ଗ୍-ସର୍ଟ ଫଣ୍ଡର ଶୁଭାରମ୍ଭ ଘୋଷଣା କରାଯାଇଛି । ଏହା ହେଉଛି ଏକ ଅନ୍ତରାଳ ନିବେଶ ରଣନୀତି ଯାହା ବିପଦ ପରିଚାଳନା ଓ ଟିକସ ପରବର୍ତ୍ତୀ ଦକ୍ଷତା ଉପରେ ଗୁରୁତ୍ୱ ସହିତ ଉନ୍ନତ ରିଟର୍ଣ୍ଣ ପ୍ରଦାନ କରିବା ପାଇଁ ଲକ୍ଷ୍ୟ ରଖିଛି। ଏହି ରଣନୀତି ସମ୍ପୂର୍ଣ୍ଣ ସୁରକ୍ଷିତ ବଜାର-ନିରପେକ୍ଷ ଇକ୍ୱିଟି ସ୍ଥିତି ପାଇଁ ସର୍ବନିମ୍ନ ୩୫% ଆବଂଟନ ବଜାୟ ରଖି ସ୍ୱଳ୍ପରୁ ମଧ୍ୟମ ଅବଧି ଋଣ ଓ ଆର୍ଥିକ ବଜାର ଉତ୍ପାଦ କ୍ଷେତ୍ରରେ ୬୫% ପର୍ଯ୍ୟନ୍ତ ଆବଂଟନ କରିବା ପାଇଁ ଲକ୍ଷ୍ୟ ରଖିଛି । ଏହି ଶୁଭାରମ୍ଭ ସମ୍ପର୍କରେ ବନ୍ଧନ ଏଏମସି ଲିମିଟେଡର ସିଇଓ ବିଶାଲ କପୁର କହିଛନ୍ତି, ଅରୁଧା ହାଇବ୍ରିଡ ଲଙ୍ଗ-ସର୍ଟ ଫଣ୍ଡକୁ ଏଚଏନଆଇ, ଆନୁଷ୍ଠାନିକ ନିବେଶକ, ପାରିବାରିକ କାର୍ଯ୍ୟାଳୟଗୁଡିକ ଭଳି ସମ୍ଭ୍ରାନ୍ତ ନିବେଶକଙ୍କ ପାଇଁ ଡିଜାଇନ କରାଯାଇଛି । ଅରୁଧା ହାଇବ୍ରିଡ ଲଙ୍ଗ୍-ସର୍ଟ ଫଣ୍ଡ ଏକକ, ସୁବ୍ୟବସ୍ଥିତ ରଣନୀତି ମାଧ୍ୟମରେ ପରିବ୍ୟାପ୍ତ ନିର୍ଦ୍ଦିଷ୍ଟ ଉଚ୍ଚମାନର ଉତ୍ପାଦ ଓ ଇକ୍ୱିଟି ଆର୍ବିଟ୍ରେଜରେ ସଂଗୃହିତ ଆୟ ଓ ସୁଯୋଗ ପାଇଁ ପହଂଚ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି, ଯାହା ମୁଖ୍ୟ ରୂପେ ଉଚ୍ଚମାନର ଋଣ ଉତ୍ପାଦ ସହ ସମ୍ପୂର୍ଣ୍ଣ ସୁରକ୍ଷିତ ବଜାର-ନିରପେକ୍ଷ ଇକ୍ୱିଟି ସ୍ଥିତିକୁ ଏକତ୍ରିତ କରିଥାଏ ।

## ବ୍ରାଉନସୁଗର ସହ ବନ୍ଧୁକ ଜବତ : ଜଣେ ଗିରଫ

ଖୋର୍ଦ୍ଧା/ବୋଲଗଡ, (ସବ୍ୟୁ) : ବାଙ୍କୋଇ ଫାଣ୍ଡି ନିକଟରୁ ପୁଲିସ ଜଣେ ବ୍ରାଉନସୁଗର ବେପାରୀକୁ ଗିରଫ କରିଛି। ତା ନିକଟରୁ ୫୨ଗ୍ରାମ ବ୍ରାଉନସୁଗର ସମେତ ଗୋଟିଏ ୭ଏମଏମ ଦେଶୀ ପିସ୍ତଲ, ୩ରାଉଣ୍ଡ ଜୀବନ୍ତ ଗୁଳି, ନଗଦ ୧୧ଶହ ଟଙ୍କା, ଏକ ବାଇକ ଓ ମୋବାଇଲ କୁ ପୁଲିସ ଜବତ କରିଛି। ଏହି ଘଟଣାରେ ମାଣିକପୁର ର ଲିପୁ ଜେନା ଓରଫ୍ ଗୁଡୁ (୨୩) କୁ ବୋଲଗଡ ପୁଲିସ ଗିରଫ କରିଛି ବୋଲି ଆଜି ଏସପି ଅଫିସ ରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଶ୍ରୀନିବାସ ମହାନ୍ତି କହିଛନ୍ତି। ଗୁଡୁ ବ୍ରାଉନସୁଗର ନେଇ ଆସୁଥିବା ପୁଲିସ ବିଶେଷ ସୂତ୍ରରୁ ଖବର ପାଇଥିଲା। ଏସ୍‌ପି ବିବେକାନନ୍ଦ ଶର୍ମାଙ୍କ ନିର୍ଦ୍ଦେଶ କ୍ରମେ ତାକୁ ଧରବାକୁ ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନ ଓ ବୋଲାଗଡ଼ ଥାନା ଅଧିକାରୀ ସୁକାନ୍ତ ଦଳାଇଙ୍କ ତତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇଥିଲା। ଏସଆଇ ହାଡୁବନ୍ଧୁ ଦାଶଙ୍କ ନେତୃତ୍ୱରେ ଏଏସଆଇ ମିହିର ରଞ୍ଜନ ପ୍ରଧାନ ଓ ଅନ୍ୟ ସଦସ୍ୟମାନେ ଆଜି ବାଙ୍କୋଇ ଫାଣ୍ଡି ନିକଟରେ ସମସ୍ତ ଗାଡି ଗୁଡିକର ଯାଂଚ କରିଥିଲେ। ତେବେ ସାଢେ ଗୋଟେ ସମୟରେ ଏକ ବାଇକ କୁ ଯାଂଚବେଳେ ସେଥିରେ ବ୍ରାଉନସୁଗର ଥିବା ଜାଣିଥିଲେ। ଏହାପରେ ବାଇକ ଆରୋହୀ ଗୁଡୁଙ୍କୁ ଯାଞ୍ଚ ବେଳେ ତା ନିକଟରୁ ଦେଶୀ ତିଆରି ୭ ଏମଏମ ପିସ୍ତଲ୍ ସହ ତିନୋଟି ଗୁଳି, ନଗଦ ୧୧,୦୦୦ ଟଙ୍କା , ତାର ଗାଡି ଓ ଫୋନ କୁ ପୁଲିସ ଜବତ କରିଥିଲା। ଏନେଇ ୧୪/୨୬ରେ ଏକ ମାମଲା ରୁଜୁ କରି ଗୁଡୁ କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ସାମ୍ବାଦିକ ସମ୍ମିଳନୀରେ ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନ ଓ ବୋଲାଗଡ଼ ଥାନା ଅଧିକାରୀ ସୁକାନ୍ତ ଦଳାଇ ପ୍ରମୂଖ ଉପସ୍ଥିତଥିଲେ। ।

## ସିଂଘନାଥ ଦେବଙ୍କ ବାଲି ମକର ଯାତ୍ରାରେ ଲକ୍ଷାଧିକ ଶ୍ରଦ୍ଧାଳୁ

ବଡ଼ମ୍ବା ,(ସବ୍ୟୁ):ବଡ଼ମ୍ବାର ଐତିହାସିକ ପ୍ରସିଦ୍ଧ ସିଂଘନାଥ ପୀଠରେ ମକର ସଂକ୍ରାନ୍ତି ଅବସରରେ ବାଲି ମକରଯାତ୍ରା ଅନୁଷ୍ଠିତ ହୋଇଯାଇଛି ।ଏହି ଅବସରରେ ପ୍ରାତଃକାଳରୁ ବିଜେ ଶ୍ରୀ ସିଂଘନାଥ ଦେବଙ୍କ ପହଡ଼ ନୀତି ସମ୍ପର୍ଣ୍ଣ ହେବା ସହ ସ୍ନାନ, ମଙ୍ଗଳଆଳତୀ, ଅବକାଶ ଓ ଦ୍ୱାରପୂଜା ସୂର୍ଯ୍ୟପୂଜା ଆଦି ସମାପନ ପରେ ଶ୍ରଦ୍ଧାଳୁ ମାନଙ୍କ ପାଇଁ ଧାଡ଼ି ଦର୍ଶନ ବ୍ୟବସ୍ଥା କରାଯାଇଥିଲା ପ୍ରଶାସନିକ ସୂଚନା ମୁତାବକ ସନ୍ଧ୍ୟା ସୁଦ୍ଧା ଏକ ଲକ୍ଷରୁ ଉର୍ଦ୍ଧ ସଂଖ୍ୟାରେ ଶ୍ରଦ୍ଧାଳୁ ଦିଅଁଦର୍ଶନ ଓ ଯାତ୍ରା ବୁଲିବା ପାଇଁ ଆସିଛନ୍ତି ।ସମାନ୍ତରାଳ ଭାବେ ମକର ଯାତ୍ରା ଓ ସାଂସ୍କୃତିକ ମଞ୍ଚକୁ ଆନୁଷ୍ଠାନିକ ଭାବେ



ଉଦଘାଟନ କରିଛନ୍ତି ବିଧାୟକ ବିଜୟ କୁମାର ଦଳବେହେରା ।ଉକ୍ତ କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ପଞ୍ଚାୟତ ସମିତି ଅଧ୍ୟକ୍ଷ ରଘୁପତି ମହାନ୍ତି, ପୂର୍ବ ଅଧ୍ୟକ୍ଷ ବିଭୁଦତ୍ତ ପଟ୍ଟନାୟକ, ଦେବୋତ୍ତର ଅଧିକାରୀ ତଥା ତହସିଲଦାର ପ୍ରମୋଦ କୁମାର ବାସ୍କେ, ବିଡିଓ ଡ଼ଃ ଚିତ୍ତରଞ୍ଜନ ଦାସ, ନରସିଂହପୁର ବିଡିଓ ପ୍ରଳୟାନନ୍ଦ ଶତପଥି ତହସିଲଦାର ଅମିତା ସାହୁ ପ୍ରମୁଖ ମଞ୍ଚାସୀନ ଅତିଥି ଭାବେ ଯୋଗ ଦେଇଥିଲେ । ବିଭୁକୃପା ଲାଭ କରିବା ପାଇଁ ପୂର୍ବ ବିଧାୟକ ଦେବୀ ପ୍ରସାଦ ମିଶ୍ରଙ୍କ ସମେତ ବିଜେଡି ବ୍ଲକ ସଭାପତି ରବୀନ୍ଦ୍ର କୁମାର ସାହୁ ଓ ବହୁ ବିଜେଡି ନେତା ପ୍ରଭୁ ସିଂଘନାଥଙ୍କୁ ଦର୍ଶନ କରିଥିଲେ । ଭିଡ଼ ନିୟନ୍ତ୍ରଣ ତଥା ମହାନଦୀ ମଧ୍ୟରେ ହୋଇଥିବା ପାଦଚଲା ରାସ୍ତାର ସୁରକ୍ଷା ଦୃଷ୍ଟିରୁ ବଡ଼ମ୍ବା ସମେତ ଆଠଗଡ଼, ତିଗିରିଆ, ନରସିଂହପୁର, ବାଙ୍କି ତହସିଲଦାର, ଅତିରିକ୍ତ ତହସିଲଦାରଙ୍କ ସମେତ ୮ ଜଣ ମାଜିଷ୍ଟ୍ରେଟ ସ୍ଥିତି ତଦାରଖ କରୁଥିଲେ ଏହାସହ ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା, କଟକ ଗ୍ରାମାଞ୍ଚଳ ଅତିରିକ୍ତ ଆରକ୍ଷୀ ନିରୀକ୍ଷକ ଶୁଭ ନାରାୟଣ ମୁଦୁଲିଙ୍କ ସମେତ ବଡ଼ମ୍ବା, ନରସିଂହପୁର, ବୈଦେଶର, ବାଙ୍କି, ଖୁଣ୍ଟୁଣୀ ସମେତ ବିଭିନ୍ନ ଥାନା ଅଧିକାରୀଙ୍କ ସମେତ ୪୦୦ ପୋଲିସ ଫୋର୍ସ ମୁତୟନ ହୋଇଥିଲେ ଅସ୍ଥାୟୀ ସଓ୍ୱାସ୍ଥ୍ୟକେନ୍ଦ୍ର, ବିପଦପୂର୍ଣ୍ଣ ସ୍ଥାନମାନଙ୍କରେ ଓଡ୍ରାଫ ଟିମ ଅଗ୍ନିଶମ ବିଭାଗ ମଧ୍ୟ ସଜାଗ ରହିଥିଲେ ଏହିଅବସରରେ ବଡ଼ମ୍ବା ସମେତ ବାଙ୍କି, ନରସିଂହପୁର, ଖଣ୍ଡପଡା, ଅନୁଗୁଳ, ଖୋର୍ଦ୍ଧା, ଢେଙ୍କାନାଳ ଆଦି ଅଞ୍ଚଳରୁ ପ୍ରବଳ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଅପରାହ୍ନରେ ଓ ସୁନାମଧନ୍ୟ ସଙ୍ଗୀତ ଅନୁଷ୍ଠାନ ସରାଞ୍ଜଳୀର କଳାକାର ମାନଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା ।ଏହାସହ ମହାନଦୀ ବାଲିଶଯ୍ୟାରେ ଏକ ହଜାରରୁ ଉର୍ଦ୍ଧ ସଂଖ୍ୟାରେ ବ୍ୟବସାୟୀ ନିଜ ନିଜର ପସରା ଖୋଲିବା ସହ ଘରୋଇ ଉପକରଣ, ସରଞ୍ଜାମ, ଖାଦ୍ୟପେୟ, ମନୋହରୀ ଦୋକାନ ଆଦି ଖୋଲିଥିଲା ।

## ବାଇକରୁ ପଡ଼ି ପର୍ଯ୍ୟଟକ ଗୁରୁତର

ଗୋପ,(ସବ୍ୟୁ): ର ବିଶ୍ୱ ପ୍ରସିଦ୍ଧ କୋଣାର୍କ ଚନ୍ଦ୍ରଭାଗା ବେଳାଭୂମିରେ ପର୍ଯ୍ୟଟନ ବିଭାଗ ଓ ପୋଲିସ ଆଖି ଆଢୁଆଳରେ ଚାଲିଛି ବେଆଇନ ଏଟିଭି ବାଇକ । ଯାହାକି ପର୍ଯ୍ୟଟକମାନଙ୍କ ଲାଗି ଜୀବନ ନେବା ଭଳି ପରିସ୍ଥିତି ସୃଷ୍ଟି ହେଉଥିବା ବେଳେ ବୁଧବାର ଦିନ ଦିଲ୍ଲୀ ଗୁରୁଗ୍ରାଁ ର ଜୟ ମାରବା ନାମକ ଜଣେ (୧୯) ବର୍ଷର ଯୁବକ ।ଚନ୍ଦ୍ରଭାଗା ବେଳାଭୂମି ସହିତ ରାମଚଣ୍ଡୀ ବେଳାଭୂମି ପର୍ଯ୍ୟନ୍ତ ଶହଶହ ବେଆଇନ ଭାବରେ ଏଟିଭି ବାଇକ ସହିତ ଆଉ କେତକ ଅତ୍ୟାଧୁନିକ ମେସିନ ଚାଳିତ ଗାଡ଼ି ପର୍ଯ୍ୟଟକ ମାନଙ୍କୁ ଆକୃଷ୍ଟ କରି ମୋଟା ଅଙ୍କର ଟଙ୍କା ନେଇ ବାଲିରେ ଏହି ବାଇକ ଚଲାଉଛନ୍ତି । ବୁଧବାର ଦିଲ୍ଲୀ ଗୁରୁଗ୍ରାଁ ର ଗୋଟିଏ ପରିବାରର ୧୧ ଜଣ ସଦସ୍ୟ କୋଣାର୍କ ସୂର୍ଯ୍ୟ ମନ୍ଦିର ବୁଲିବା ପରେ ଚନ୍ଦ୍ରଭାଗା ସମୁଦ୍ରକୂଳ ବୁଲିଥିଲେ । ଏହି ସମୟରେ ଜୟ ମାରବା ନାମକ ଏହି ଯୁବକ ସ୍ୱିଡ ଏଟିଭି ଚଲାଇ ଥିଲେ । ଯୁବକ ଜଣଙ୍କ ଏହି ଏଟିଭି ବାଇକ ଚଲାଇବା ବେଳେ ଦୁର୍ଘଟଣା ହୋଇଥିଲେ । ସଙ୍ଗେ ସଙ୍ଗେ ଯୁବକ ଙ୍କୁ ଗୁରୁତର ଅବସ୍ଥାରେ ଗୋପ ଡାକ୍ତରଖାନା କୁ ଅଣା ଯାଇଥିଲା । ଡାକ୍ତର ସବ୍ୟସାଚୀ ସ୍ୱାଇଁ ପ୍ରାଥମିକ ଚିକିତ୍ସା କରିବା ପରେ ଯୁବକଙ୍କ ବାମ ଗୋଡ ଭାଙ୍ଗି ଯାଇଥିବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତରିତ କରିଥିଲେ । ଏଠାରେ ସୂଚନାଯୋଗ୍ୟ ଯେ ଏହି ସ୍ୱିଡ ବାଇକ ରେ ଛୋଟ ଛୋଟ ପିଲାଙ୍କ ଠାରୁ ଆରମ୍ଭ କରି ବୟୋଜ୍ୟେଷ୍ଠ ପର୍ଯ୍ୟଟକ ମାନେ ବୁଲୁଥିବା ବେଳେ ତାଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଦିଆ ଯାଉ ନ ଥିବା ଜଣାପଡିଛି । କେମିତି କାହା ନିର୍ଦ୍ଦେଶରେ ଏହି ସ୍ୱିଡ ବାଇକ ସହିତ ଅନ୍ୟ ଗାଡ଼ି ଘୋଡା ଚାଲୁଛି ତାକୁ ନେଇ ଏବେ ପର୍ଯ୍ୟଟକଙ୍କ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏପରି ଘଟଣା ଉପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଦାବି କରା ଯାଇଛି ।

## ପ୍ରଫେସର ଧୀରେନ୍ଦ୍ର କୁମାର ମିଶ୍ର ସମ୍ବର୍ଦ୍ଧିତ

ସମ୍ବଲପୁର,(ସବ୍ୟୁ): ଓଡିଶା ପଚ୍ଛିଆଞ୍ଚଳ ବେସରକାରୀ କଲେଜ ଶିକ୍ଷକ କର୍ମଚାରୀ ସଂଘ ପକ୍ଷରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଫେସର ଧିରେନ୍ଦ୍ର କୁମାର ମିଶ୍ରଙ୍କୁ ସ୍ଥାନୀୟ ପ୍ରଧାନପଡା ସ୍ଥିତ ବାସଭବନରେ କର୍ମକର୍ତ୍ତା ମାନେ ଉତ୍ତରୀୟ , ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ପ୍ରଫେସର ମିଶ୍ର ତାଙ୍କର ବିଭିନ୍ନ କଲେଜରେ ଅଧ୍ୟାପନା। ଅନୁଭୂତି , ୧୯୭୬ରେ ସମସ୍ତ ବର୍ଗର ଅଧ୍ୟାପକ ମାନଙ୍କୁ ଅନୁଦାନ ଦେବା ପାଇଁ ଗାନ୍ଧୀ ଭବନରେ ଅନଶନ ଓ ୧୯୯୦ରେ ହୋଇଥିବାୟୁଜିସି ସ୍କେଲ ଦରମା ପାଇଁ ଆନ୍ଦୋଳନ ବିଷୟରେ ବଖାଣିଥିଲେ। ଏଥିରେ କାର୍ଯ୍ୟକାରୀ ସଭାପତି ଡ. ଅଶ୍ୱିନୀ କୁମାର ସୁପକାର, ଉପଦେଷ୍ଟା ଅଶୋକ କୁମାର ବହିଦାର, ଉପସଭାପତି ଡ. ଦିପେନ କୁମାର ପଟ୍ଟନାୟକ, ଡ. ସୂର୍ଯ୍ୟନାରାୟଣ ଅଗସ୍ତି, ଶଶିକାନ୍ତ ପଣ୍ଡା ,ପ୍ରଫେସର ସୁଧୀର ମିଶ୍ର ଓ ସିଦ୍ଧାର୍ଥ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

## ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତର ପକ୍ଷ ପାଳନ

ଫୁଲନଖରା , (ସବ୍ୟୁ): : କଟକ ଜିଲ୍ଲା ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ପ୍ରତାପନଗରୀ ସ୍ଥିତ ଓ୍ୱାଲମି ସମ୍ମିଳନୀ କକ୍ଷରେ ୧୩ ତାରିଖ ଦିନ ୧୧ ଘଟିକା ସମୟରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ, ମୁଖ୍ୟ ବକ୍ତା ଭାବେ ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଓ୍ୱାଲମୀର ନିର୍ଦ୍ଦେଶକ ତଥା ସଫେଇ ବିଭାଗର ମୁଖ୍ୟ ଯନ୍ତ୍ରୀ ଇଂ. ଅବିନାଶ ରାଉଳ, ଜଳସେଚନ ବିଭାଗ ମୁଖ୍ୟ ଯନ୍ତ୍ରୀ ଇଂ. ଦିଲ୍ଲୀପ କୁମାର ରାଉତ, ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଇଂ. ସୁଶାନ୍ତ କୁମାର ସୁନା, କଟକ ଅତିରିକ୍ତ ଜିଲ୍ଲାପାଳ ଲିପସା ପ୍ରିୟଦର୍ଶିନୀ ମିଶ୍ର, ଓ୍ୱାଲମୀ ବିଶେଷଜ୍ଞ ସାଧୀନ ଚନ୍ଦ୍ର ପାତ୍ର ପ୍ରମୁଖ ଯୋଗ ଦେଇ ପାଣି ପଞ୍ଚାୟତ ଉପରେ ବକ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରାଚୀ ଜଳସେଚନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ରଘୁନାଥ ସଓ୍ୱାଇଁ, ସଫେଇ ବିଭାଗ ନିର୍ବାହୀ ଯନ୍ତ୍ରୀ ସୌରଭ କୁମାର ସାହୁ, ନର୍ଥ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ. ସନ୍ଦୀପ କୁମାର, ସାଉଥ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ. ସିଦ୍ଧାନ୍ତ ଶେଖର ଦାସ, ବ୍ୟାରେଜ ବିଭାଗର ନିର୍ବାହୀ ଯନ୍ତ୍ରୀ ଚନ୍ଦ୍ରଶେଖର ସେଠୀ, ପ୍ରତାପନଗରୀ ଜଳ ସମ୍ପଦ ଉପନିର୍ବାହୀ ଯନ୍ତ୍ରୀ ଇଂ. ଅଜୟ କୁମାର ବେହେରା ପ୍ରତ୍ୟେକ ଡିଭିଜନରେ ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ , ଓ୍ୱାଲମୀ ଓ ପ୍ରତାପନଗରୀ ଜଳ ସମ୍ପଦର ସମସ୍ତ ଯନ୍ତ୍ରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।ପାଣିପଞ୍ଚାୟତ ପକ୍ଷରୁ ଲଳିତ କୁମାର ଦାଶ ଏବଂ ସମରେନ୍ଦ୍ର ହାତୀ ପାଣି ପଞ୍ଚାୟତର ବିଭିନ୍ନ ସମସ୍ୟା ଉପରେ ମଞ୍ଚାସୀନ ଅତିଥିମାନଙ୍କୁ ଅବଗତ କରି ପ୍ରସ୍ତାବ ଦେଇଥିଲେ କି, ଯେଉଁ କେନାଲ ଶେଷମୁଣ୍ଡକୁ ପାଣି ନ ଯାଉଛି ସେଥିରେ ପାଣି ଛାଡିବାର ବନ୍ଦୋବସ୍ତ କରିବା, ପାଣି ପଞ୍ଚାୟତର ସତନ୍ତ୍ର ହେଡ ଜଳସେଚନ ବିଭାଗ ପକ୍ଷରୁ ଖୋଲିବା ସକାଶେ ପ୍ରସ୍ତାବମାନ ଦେଇଥିଲେ ଏବଂ ଗ୍ରାଣ୍ଟିନେଟ ହେକଫର ପିଛା ଯୋଗାଇ ଦେବାକୁ ପ୍ରସ୍ତାବ ରଖିଥିଲେ ସେହିପରି ଅରଡିଆପଦା ମୌଜାରେ ନକ୍ସାରେ ଚକ ରାସ୍ତା ଥିଲେ ମଧ୍ୟ ଏହା କାହିଁକି ରାସ୍ତା ନିର୍ମାଣ ନ ହୋଇ ଜଙ୍ଗଲ ହୋଇ ପଡ଼ିଛି ବୋଲି ଦାବି କରିଥିଲେ , କେତେଗୁଡ଼ିଏ କାଡ଼ାନାଳି ନିର୍ମାଣ କରାଯାଇଥିଲା ମଧ୍ୟ ଆଉ କେତେଗୁଡ଼ିଏ ନିର୍ମାଣରୁ ବାଦ ପଡ଼ିଛି । ଏହା ଉପରେ ସତନ୍ତ୍ର ଦୃଷ୍ଟିଦେବାକୁ ମଧ୍ୟ ଦାବି କରାଯାଇଥିଲା । କେନାଲକୁ ଲାଗିଥିବା ଚାଷଜମି ବିଲଡରମାନେ କିଣି କିପରି ଘରବାରି କରୁଛନ୍ତି ଜଳସେଚନ ବିଭାଗ କି ପାଣିପଞ୍ଚାୟତ କୌଣସି ସାର୍ଟିଫିକେଟ ନିଆଯାଇନାହିଁ ବୋଲି ଅଭିଯୋଗ କରିଥିଲେ । ଏହା ଖୁବ ଶୀଘ୍ର ବିଚାର କରାଯିବ ବୋଲି ମଞ୍ଚାସିନ ଅତିଥିମାନେ କହିଥିବାର ଜଣାପଡିଥିଲା । ଏହି ଅବସରରେ ୧୦ ଗୋଟି ବିଦ୍ୟାଳୟର ପାଣି ପଞ୍ଚାୟତ ପକ୍ଷ ପାଳନ ଉପରେ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା ଓ କୃତି ଛାତ୍ରଛାତ୍ରୀମାନଙ୍କୁ ଏହି ମଞ୍ଚରେ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar dt. 12.01.2026. I, **Sri Manoj Ranjan Dash,** Son of Late Basudev Dash, resident 564/1284, Basudev Nagar, Basuaghai, Bhubaneswar-02, declare that my correct/actual name is **Manoj Ranjan Dash** as mentioned in my all Educational Certificate, Aadhaar & Pan Card etc. But it has been recorded in some documents as **Rabi Narayan Dash,** S/o- Basudev Dash in R.O.R. under Mouza-Biramachandrapur, Khata No. 956, and Mouza-Talapada, Khata No.127 and **Manoranjan Dash,** S/o- Basudev Dash under Mouza-Talapada, Khata No.93, Mouza : Biramachandrapur, Khata No. 946. **Manoj Ranjan Dash, Rabi Narayan Dash and Manoranjan Dash** is one & same person i.e. myself.

**AFFIDAVIT**

I, Animesh Rout S/o Nanda Kishore Rout R/o Tentol, Cuttack, Odisha - 754200, have changed my name and shall hereafter be known as to Bhagyadhar Rout.

## ମାର୍ଜାକୁଦରେ ହିନ୍ଦୁ ସମ୍ମିଳନୀ

ବୌଦ୍ଧ,(ସବ୍ୟୁ): ସନାତନ ଧର୍ମ, ସଂସ୍କୃତି ତଥା ସାମାଜିକ ଏକତାର ପ୍ରତିକ ହିନ୍ଦୁ ସମ୍ମିଳନୀ ବୁଧବାର ବୌଦ୍ଧ ନଗରର ହନୁମାନ ବସତିର ମାର୍ଜାକୁଦ ଶିବ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ହିନ୍ଦୁ ସମାଜର ବସତି ସଭାପତି ତଥା ମର୍ଯାକୁଦ ଗୌନ୍ତିଆ ଉପେନ୍ଦ୍ର ମଝିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଅଲେଖ ମହିମା ଧର୍ମୀ ସାଧୁ ଅନନ୍ତ ମେହେର ଏବଂ ସମ୍ମାନିତ ଅତିଥି ଭାବେ ହିନ୍ଦୁ ସମ୍ମିଳନୀ ନଗର ସଂଜଯୋକ ସାର ପ୍ରଧାନ ଯୋଗ ଦେଇଥିବାବେଳେ ମୁଖ୍ୟ ବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରାନ୍ତ ସହ ପ୍ରଚାର ପ୍ରମୁଖ ପ୍ରଣବ କୁମାର ନାୟକ ଯୋଗଦେଇ ରାଷ୍ଟ୍ରର ସୁରକ୍ଷା ପାଇଁ ସମସ୍ତ ହିନ୍ଦୁ ଭେଦଭାବ ଭୁଲି ଏକତ୍ରିତ ରହିବାକୁ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମରେ ସମ୍ମାନିତ ବକ୍ତା ଭାବେ ସମାଜସେବୀ ହେମନ୍ତ ମେହେର ଯୋଗଦେଇ ହିନ୍ଦୁ ସମ୍ମିଳନୀର ଆଭିମୁଖ୍ୟ ପୋଷଣ କରିଥିଲେ । ଜିଲ୍ଲା ସହ ବ୍ୟବସ୍ଥା ପ୍ରମୁଖ ପଦ୍ମଚରଣ ମେହେର ମଞ୍ଚ ପରିଚାଳନା କରିଥିବାବେଳେ ଜିଲ୍ଲା ବୌଦ୍ଧିକ ପ୍ରମୁଖ ଶିବରାମ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

କାର୍ଯ୍ୟକ୍ରମ ପ୍ରାରମ୍ଭରେ ଗାୟତ୍ରୀ ପରିବାର ପକ୍ଷରୁ ହୋମଯଜ୍ଞ, ସ୍ଥାନୀୟ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥିଭାବେ ବୌଦ୍ଧ ବିଧାୟକ ତଥା ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ଯୋଗଦେବାସହ ଅନ୍ୟାନ ବିଶିଷ୍ଟ ବ୍ୟକ୍ତି, ସେବିକା ସମିତି ସଦସ୍ୟା, ବଜରଙ୍ଗ ଦଳ, ବିଦ୍ୟାର୍ଥୀ ପରିଷଦ ସଦସ୍ୟ ସହ ନୁଆସାହି ଓ ମର୍ଜାକୁଦର ଶତାଧିକ ବ୍ୟକ୍ତି ଯୋଗ ଦେଇଥିଲେ ।

### ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୨୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢ଼େଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୮ ।

# ଭୁବନେଶ୍ୱରରେ ଅନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନର ଜାତୀୟ କର୍ମଶାଳା

## ପୁଷ୍ଟିଯୁକ୍ତ ଧାନ ଉତ୍ପାଦନ ଓ ପ୍ରସାର ଉପରେ ଗୁରୁତ୍ୱ

ଭୁବନେଶ୍ୱର, (ସବ୍ୟୁ) : ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଏବଂ ଅନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନର ମିଳିତ ସହଯୋଗରେ ଓଡ଼ିଶାର ଖାଦ୍ୟ ବ୍ୟବସ୍ଥାରେ ପୁଷ୍ଟିଯୁକ୍ତ ଧାନ ଉତ୍ପାଦନ ଓ ପ୍ରସାର ପ୍ରସଙ୍ଗ ଭିତ୍ତିରେ ଭୁବନେଶ୍ୱରଠାରେ ଦୁଇ ଦିବସୀୟ ଜାତୀୟ କର୍ମଶାଳା ଆୟୋଜିତ ହୋଇଯାଇଛି । ଏହି କର୍ମଶାଳାରେ ଜାତୀୟ ଓ ଅନ୍ତର୍ଜାତୀୟ କୃଷି ବୈଜ୍ଞାନିକ, ନୀତି ନିର୍ଦ୍ଧାରକ, ସରକାରୀ ଏବଂ ବେସରକାରୀ ବିହନ ଉତ୍ପାଦନକାରୀ ସଂସ୍ଥା, କୃଷକ ଓ ଉତ୍ପାଦକ ସଂଗଠନ, ସ୍ୱୟଂସହାୟକ ଗୋଷ୍ଠୀର କର୍ମକର୍ତ୍ତା, ବିଭିନ୍ନ ଉନ୍ନୟନ ଏବଂ ଗବେଷଣା ସଂସ୍ଥାଗୁଡ଼ିକ ଗୋଟିଏ ମଞ୍ଚରେ ଏକତ୍ରିତ ହୋଇ ଓଡ଼ିଶା ତଥା ସମଗ୍ର ଭାରତରେ ଜିଙ୍କ୍, ଲୌହସାର, ପୁଷ୍ଟିସାର, ଲୋ-ଜିଆଇ, କିସମର ଧାନକୁ ସାଧାରଣ ଜନତାଙ୍କ ନିକଟରେ ଆଦୃତ କରାଇବା ନିମନ୍ତେ ଭବିଷ୍ୟତର କାର୍ଯ୍ୟପନ୍ଥା



ପ୍ରସ୍ତୁତ କରିଥିଲେ । ଓଡ଼ିଶା କୃଷି ଓ ବୈଷୟକ ମହା ବିଦ୍ୟାଳୟର କୁଳପତି ପ୍ରଫେସର୍ ପ୍ରଭାତ କୁମାର ରାଉଳ ଏହି କର୍ମଶାଳାକୁ ଉଦଘାଟନ କରି ପୁଷ୍ଟିଯୁକ୍ତ ଚାଉଳରେ ପ୍ରସ୍ତୁତ ଖାଦ୍ୟ ପଦାର୍ଥ ଶରୀର ପାଇଁ ଏକାନ୍ତ ଜରୁରୀ ବୋଲି ମତବ୍ୟକ୍ତ କରିବା ସହ ଓଡ଼ିଶା ଖାଦ୍ୟ ଏବଂ କୃଷି ବ୍ୟବସ୍ଥାରେ ଧାନ ଏବଂ ଚାଉଳର ଉପାଦେୟତା ଉପରେ ଆଲୋକପାତ କରିଥିଲେ । ଅନ୍ୟତମ ଅତିଥି ଭାବେ କୃଷି ବିଭାଗର ନିର୍ଦ୍ଦେଶିକା ଲିଟି ପଟ୍ଟନାୟକ ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଏବଂ ଅନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନର ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ । ଅନ୍ୟାନ୍ୟ ଅତିଥିମାନଙ୍କ ମଧ୍ୟରେ ଜାତୀୟ ଧାନ ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ଡ. ଜି. ଏ. କେ କୁମାର ସ୍ୱତନ୍ତ୍ର କିସମର ଧାନକୁ ସର୍ବଭାରତୀୟ ସ୍ତରରେରେ ପଞ୍ଜୀକୃତ କରାଇବା ନିମନ୍ତେ ଜାତୀୟ ଧାନ ଗବେଷଣା କେନ୍ଦ୍ରର ପ୍ରୟାସ ଏବଂ ଇରି, ଓଡ଼ିଶା ବିହନ ନିଗମ, ବିଭିନ୍ନ କୃଷକ ସଂଗଠନମାନଙ୍କ ସହାୟତାରେ ଏହାର ବିସ୍ତାରିକରଣ ପ୍ରକୃତରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେ ବୋଲି କହିଥିଲେ । ଅନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନର ସାଉଥ୍ ଏସିଆ ଆଞ୍ଚଳିକ କେନ୍ଦ୍ରର ନିର୍ଦ୍ଦେଶକ ଶ୍ରୀ ସୁଧାଂଶୁ ସିଂହ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନର ଭାରତର ପ୍ରବନ୍ଧକ ସ୍ୱାତି ନାୟକ ଏହି କର୍ମଶାଳାର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ । ଶେଷରେ ଶୁଭସ୍ମିତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଫକୀର ମୋହନ ସେନାପତିଙ୍କ ସ୍ମୃତିରେ ମାଲ୍ୟାର୍ପଣ

ଭୁବନେଶ୍ୱର(ସବ୍ୟୁ): ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ମାଲ୍ୟାର୍ପଣ କରାଯାଇଛି । ଉତ୍କଳ ବିଶ୍ୱ ବିଶ୍ୱବିଦ୍ୟାଳୟ ବାଣୀବିହାର ଛକସ୍ଥିତ ଫକୀର ମୋହନ ସେନାପତିଙ୍କ ପ୍ରତିମୂର୍ତ୍ତିରେ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ (ବୈଷୟିକ) ଗୁରବୀର ସିଂ, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ, ଉପ ନିର୍ଦ୍ଦେଶକ ଅଶ୍ୱିନୀ କୁମାର ଭୋଇ, ରାଜ୍ୟସ୍ତରୀୟ ବ୍ୟାସ କବି ଫକୀର ମୋହନ ସ୍ମୃତି ସଂସଦର ସଭାପତି ଜୀବନ କୁମାର ମହାପାତ୍ର, ଆଚାର୍ଯ୍ୟ ବିହାର ପରିଷଦର ସଭାପତି ଭାଗବତ ଦାସ ଉପସ୍ଥିତ ରହି ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ସୂଚନା ଓ ଲୋକସମ୍ପର୍କ ବିଭାଗ



ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ବ୍ୟକ୍ତିବିଶେଷ ମାନଙ୍କ ସହ ବିଭାଗର ବହୁ ଅଧିକାରୀ ଓ କର୍ମଚାରୀଙ୍କ ସହ ଓଡ଼ିଆ ସାହିତ୍ୟ ପ୍ରେମୀ, ବୁଦ୍ଧିଜୀବୀ, ଛାତ୍ରଛାତ୍ରୀ ଓ ବିଭିନ୍ନ ସାମାଜିକ-ସାଂସ୍କୃତିକ ସଂଗଠନର ପ୍ରତିନିଧିମାନେ ଉପସ୍ଥିତ ରହି ମହାନ ସାହିତ୍ୟକଙ୍କ ସ୍ମୃତିଚାରଣ କରିଥିଲେ । ଫକୀର ମୋହନ ସେନାପତିଙ୍କ ସାହିତ୍ୟକ ଦର୍ଶନ, ସାମାଜିକ ସଚେତନତା ଓ ଭାଷାଭିତ୍ତିକ ସଂଗ୍ରାମ ଓଡ଼ିଆ ଜାତିର ଚେତନାକୁ ସଦା ସଜାଗ ରଖିବ ବୋଲି ଉପସ୍ଥିତ ବକ୍ତିବିଶେଷ ମତବ୍ୟକ୍ତ କରିଥିଲେ ।

# ହାଇଟେକ୍‌ରେ ଜାତୀୟ ଯୁବ ଦିବସ ପାଳନ

ଭୁବନେଶ୍ୱର, (ସବ୍ୟୁ) : ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ ପରିସରସ୍ଥ ପ୍ରେକ୍ଷାଳୟରେ ସହସ୍ରାଧିକ ବିଦ୍ୟାର୍ଥୀଙ୍କ ଗହଣରେ ଜାତୀୟ ଯୁବ ଦିବସ ପାଳିତ ହୋଇଛି । ଏଥରେ ହାଇଟେକ୍ ମେଡିକାଲ କଲେଜ, ଡେଣ୍ଟାଲ କଲେଜ, ଫାର୍ମାସୀ କଲେଜ, ଫିଜିଓଥେରାପି କଲେଜ, ନର୍ସିଂ ସ୍କୁଲ ଓ କଲେଜ, ଯୁକ୍ତଦୁଇ ବିଜ୍ଞାନ ଓ ବାଣିଜ୍ୟ ମହାବିଦ୍ୟାଳୟ, ପବ୍ଲିକ୍ ସ୍କୁଲର ସହସ୍ରାଧିକ ବିଦ୍ୟାର୍ଥୀ ଯୋଗଦେଇ ଆଜିର ଦିନରେ ସ୍ୱଦେଶୀ



ଜାଗରଣ ବା ସ୍ୱଦେଶୀ ଭାବନା ଉପରେ ଆଲୋକପାତ କରିଥିଲେ । କୁଟି ଖାଅ, କାଟି ପିନ୍ଧ ଏହି କଥାକୁ ବିଦ୍ୟାର୍ଥୀମାନଙ୍କ ସ୍ତରରୁ ପ୍ରଚାର ପ୍ରସାର ହେଲେ ବିଦ୍ୟାର୍ଥୀମାନେ ନିଜେ ସ୍ୱାବଲମ୍ବୀ ଏବଂ ରୋଜଗାରକ୍ଷମ ହୋଇ ଦେଶ ଜାତି ପାଇଁ ଗୌରବ ଆଣିବେ ବୋଲି ଅତିଥି ଭାବେ ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରିନ୍ସିପାଲ ପ୍ରଫେସର ଡ. ଦେବାନନ୍ଦ ମହାପାତ୍ର, ଭାଇସ୍-ପ୍ରିନ୍ସିପାଲ ପ୍ରଫେସର ଡ. ଲିସା ଷଡଙ୍ଗୀ, ହାଇଟେକ୍ ବିଜ୍ଞାନ ଓ ବାଣିଜ୍ୟ ମହାବିଦ୍ୟାଳୟ ଓଡିଆ ଅଧ୍ୟାପକ ତଥା ଅନ୍ତରାଷ୍ଟ୍ରୀୟ ଓଡିଶୀ ନୃତ୍ୟଶିଳ୍ପୀ ଡ. ଚିତ୍ତ ରଞ୍ଜନ ସାହାଣୀ ଏବଂ ହାଇଟେକ୍ ଡେଣ୍ଟାଲ କଲେଜର ପ୍ରଶାସନିକ ଅଧିକାରୀ ଡ. ଅଭିତୋଷ ଦେବତା ଯୋଗଦେଇ ବିଦ୍ୟାର୍ଥୀମାନଙ୍କୁ ଆହ୍ୱାନ ଦେଇଥିଲେ । ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ସ୍ୱଦେଶୀ ଜାଗରଣ ଉପରେ ପ୍ରତିଯୋଗୀତାରେ ଯୁକ୍ତଦୁଇ ମହାବିଦ୍ୟାଳୟର ଦିବ୍ୟାରଞ୍ଜିତା ପୃଷ୍ଟି ପ୍ରଥମ, ହାଇଟେକ୍ ଡେଣ୍ଟାଲ କଲେଜର ସମକ୍ଷା ଦାଶ ଦ୍ୱିତୀୟ, ହାଇଟେକ୍ ମେଡିକାଲ କଲେଜର ଶୁଭଙ୍କର ଶତପଥୀ ତୃତୀୟ ସ୍ଥାନ ହାସଲ କରିଥିବାବେଳେ ଅତିଥିମାନେ ସେମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି ।

# ହାଇକୋର୍ଟରେ ରାଜ୍ୟ ସରକାରଙ୍କ ଅପିଲ ଖାରଜ

## ୱାର୍କ-ଚାର୍ଜଡ କର୍ମଚାରୀଙ୍କୁ ପେନସନ ଦେବାକୁ ନିର୍ଦ୍ଦେଶ

କଟକ, (ସବ୍ୟୁ): ୱାର୍କଚାର୍ଜଡ ଓ କାଜୁଆଲ ଭାବେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରିଥିବା କର୍ମଚାରୀଙ୍କୁ ପେନସନ ଲାଭ ଦେବା ସମ୍ପର୍କିତ ଏକ ମାମଲାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଦାୟର ହୋଇଥିବା ରିଟ୍ ଅପିଲକୁ ଓଡ଼ିଶା ହାଇକୋର୍ଟ ଖାରଜ କରିଦେଇଛନ୍ତି । ଜଷ୍ଟିସ ଦୀକ୍ଷିତ କୃଷ୍ଣ ଶ୍ରୀପଦ ଓ ଜଷ୍ଟିସ ଚିତ୍ତ ରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ଜଣିକିଆ ବିଚାରପତିଙ୍କ ଆଦେଶକୁ କାଏମ ରଖିବା ସହ ସମାନ ପରିସ୍ଥିତିରେ ଥିବା ଅନ୍ୟ କର୍ମଚାରୀଙ୍କୁ ପୂର୍ବରୁ ପେନସନ ପ୍ରଦାନ କରାଯାଇଥିବା ବେଳେ ଏହି ଆବେଦନକାରୀଙ୍କୁ ବଞ୍ଚିତ କରିବା ସମ୍ବିଧାନ ବିରୋଧୀ ବୋଲି କହିଛନ୍ତି । ସରକାର ଜଣେ 'ଆଦର୍ଶ ନିଯୁକ୍ତିଦାତାଦ ଭାବେ କାର୍ଯ୍ୟ କରିବା ଉଚିତ ବୋଲି ରାୟରେ କହିଛନ୍ତି । ଏକ ମାମଲାରେ ଜଣିକିଆ ବିଚାରପତି ସରକାରଙ୍କୁ ଆବେଦନକାରୀଙ୍କ ପେନସନ ସୁବିଧା ପ୍ରଦାନ ପାଇଁ ତାଙ୍କ ଆବେଦନକୁ ବିଚାର କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ଆଦେଶକୁ ଚାଲେଞ୍ଜ କରି ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ ପକ୍ଷରୁ ହାଇକୋର୍ଟରେ ରିଟ୍ ଅପିଲ ଦାୟର କରାଯାଇଥିଲା । ରାଜ୍ୟ ସରକାରଙ୍କ ପକ୍ଷରୁ ଯୁକ୍ତି ରଖାଯାଇଥିଲା ଯେ ଓଡ଼ିଶା ସିଭିଲ ସର୍ଭିସେସ (ପେନସନ) ନିୟମ ୧୯୯୨ ଅନୁଯାୟୀ କାଜୁଆଲ ବା ୱାର୍କଚାର୍ଜଡ କର୍ମଚାରୀମାନେ ପେନସନ ପାଇବାକୁ ଯୋଗ୍ୟ ନୁହନ୍ତି । ତେବେ ଅଦାଲତ ଏହି ଯୁକ୍ତିକୁ ଗ୍ରହଣ କରିନାହାନ୍ତି । ଅଦାଲତ ସରକାରଙ୍କ ଅପିଲକୁ ଖାରଜ କରିଦେଇଛନ୍ତି । ପ୍ରତିପକ୍ଷ ଅଶୋକ କୁମାର ପଟ୍ଟନାୟକ ଓ ଅନ୍ୟମାନଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ମନୋଜ କୁମାର ମିଶ୍ର ମାମଲା ପରିଚାଳନା କରୁଥିଲେ ।

# ମିଳିଲାନି ୪୨ଲକ୍ଷ ନିବେଶ ଟଙ୍କା, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ନିବେଶ କରିଥିବା ୪୨ଲକ୍ଷ ଟଙ୍କା ମିଳିଲା ନାହିଁ କିମ୍ବା ଲାଭାଂଶ ମିଳିଲାନି । ଉପାୟଶୂନ୍ୟ ହୋଇ ନିବେଶକାରୀ ପ୍ରତାପ କୁମାର ସ୍ୱାଇଁ ବଡଗଡ ଥାନାରେ ଅଭିଯୋଗ କରିଥିଲେ । ତାଙ୍କ ଅଭିଯୋଗ ଅନୁଯାୟୀ ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତ ପ୍ରମୋଦ କୁମାର ଦୋରା (୪୩)କୁ ଗିରଫ କରି କୋର୍ଟଚାଲାଣ କରିଛି । ୨୦୨୦ ମସିହାରେ କୋଭିଡ୍ ମହାମାରୀ ସମୟରେ ଅଭିଯୋଗକାରୀ ଅଶୋକ ଆଚାର୍ଯ୍ୟଙ୍କ ମାଧ୍ୟମରେ ଅଭିଯୁକ୍ତ ପ୍ରମୋଦ ସହ ପରିଚିତ ହୋଇଥିଲେ । ଅଭିଯୁକ୍ତ ଜଣେ ଫଳ ହୋଲ୍‌ସେଲର । ତାଙ୍କ ଫଳ ବ୍ୟବସାୟରେ ଟଙ୍କା ନିବେଶ କଲେ ଅଳ୍ପ ସମୟ ମଧ୍ୟରେ ଅଧିକ ଲାଭ ମିଳିବ ବୋଲି ଅଭିଯୋଗକାରୀଙ୍କୁ ପ୍ରଲୋଭିତ କରିଥିଲା । ଅଭିଯୋଗକାରୀ ପ୍ରତାପ ବ୍ୟାଙ୍କ ଟ୍ରାଞ୍ଜାକ୍ସନ ଚେକ୍, ନଗଦ ଦେୟ ଏବଂ ନୋଟାରୀକୃତ ଚୁକ୍ତିନାମା ମାଧ୍ୟମରେ ବିଭିନ୍ନ କିସ୍ତିରେ ୪୨ଲକ୍ଷ ଟଙ୍କା ପ୍ରମୋଦଙ୍କ ବ୍ୟବସାୟରେ ନିବେଶ କରିଥିଲେ । ଲାଭ ତ ଦୂରର କଥା ମୂଳ ଟଙ୍କା ମିଳିଲା ନାହିଁ । ବାରମ୍ବାର ମାଗିବାରୁ ଅଭିଯୁକ୍ତ ପ୍ରମୋଦ ତାଙ୍କୁ ଗାଳିଗୁଲଜ କରିବା ସହ ଅବରୋଧ କରି ରଖିଥିଲା । ଯାହା ଫଳରେ ପ୍ରତାପ ଗୁରୁତର ମାନସିକ, ଶାରୀରିକ ଯନ୍ତ୍ରଣାର ସାମ୍ନା କରିଥିଲେ । ବଡଗଡ ଥାନା ଅଞ୍ଚଳରୁ ଅଭିଯୁକ୍ତ ଫେରାର ହୋଇଯାଇ ଗଞ୍ଜାମ ଜିଲ୍ଲା ଦିଗପହଣ୍ଡିରେ ଥିବା ନିର୍ଭରଯୋଗ୍ୟ ସୂତ୍ରରୁ ସୂଚନା ମିଳିଥିଲା । ସୂଚନା ଅନୁଯାୟୀ ଦିଗପହଣ୍ଡି ଥାନା ସହାୟତାରେ ତଦନ୍ତକାରୀ ପୋଲିସ ଟିମ୍ ଅଭିଯୁକ୍ତ ପ୍ରମୋଦ କୁମାର ଦୋରାକୁ ଗିରଫ କରି ବଡଗଡ ଥାନାକୁ ଆଣିବା ପରେ ବୁଧବାର କୋର୍ଟଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

# ସାର୍ଥକ ହସ୍ପିଟାଲରେ ଚିକିତ୍ସା ଅବହେଳାରୁ ରୋଗୀର ମୃତ୍ୟୁ

## ପୁରୀଘାଟ ଥାନାରେ ଲିଖିତ ଅଭିଯୋଗ, ପୋଲିସ ତଦନ୍ତ ଆରମ୍ଭ

କଟକ, (ସବ୍ୟୁ):ଯାଜପୁର ଜିଲ୍ଲା ସଦାନନ୍ଦପୁର ନିବାସୀ ସୁଦାମ ଚରଣ ଦାସଙ୍କ ୩୬ ବର୍ଷୀୟ ଏକମାତ୍ର ପୁଅ ସୁନୀତ କୁମାର ଦାସଙ୍କ ମୃତ୍ୟୁକୁ କେନ୍ଦ୍ର କରି କଟକ ହରିପୁର ରୋଡ଼ ସ୍ଥିତ ସାର୍ଥକ ହସ୍ପିଟାଲ ବିରୁଦ୍ଧରେ ଗୁରୁତର ଚିକିତ୍ସା ଅବହେଳାର ଅଭିଯୋଗ ଆସିଛି । ଛାତି ଯନ୍ତ୍ରଣାରେ ପୀଡ଼ିତ ସୁନୀତ କୁମାର ଦାସ ସାର୍ଥକ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ । ଚିକିତ୍ସା କାଳରେ ରୋଗୀଙ୍କ ପ୍ରତି ଗୁରୁତର ଅବହେଳା ହେଉଥିବା ଅଭିଯୋଗ ହୋଇଛି । ଏହା ଦେଖି ରୋଗୀ ଓ ତାଙ୍କ ପିତା ଅନ୍ୟତ୍ର ଚିକିତ୍ସା କରାଇବା ପାଇଁ ହସ୍ପିଟାଲ କର୍ମଚାରୀ ଓ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରି, ରୋଗୀଙ୍କ ପୁରୁଣା ପ୍ରେସ୍କ୍ରିପସନ ଓ ଚିକିତ୍ସା ସମ୍ବନ୍ଧୀୟ ଟେଷ୍ଟ ରିପୋର୍ଟ ଦେବାକୁ କହିଥିଲେ । କିନ୍ତୁ ହସ୍ପିଟାଲ ପକ୍ଷରୁ ସେହି ଆବଶ୍ୟକ ଦଲିଲ ଦିଆଯାଇନଥିବା ଅଭିଯୋଗ ହୋଇଛି । ପରେ ରୋଗୀଙ୍କ ମୃତ୍ୟୁ ହେବା ସହିତ ହସ୍ପିଟାଲ କର୍ମଚାରୀମାନେ ତତକ୍ଷଣାତ୍ ମୃତଦେହକୁ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ହସ୍ପିଟାଲକୁ ପଠାଇ ଦେଇଥିଲେ । ସେଠାରେ ଡାକ୍ତରମାନେ ରୋଗୀଙ୍କ ମୃତ୍ୟୁ ସାର୍ଥକ ହସ୍ପିଟାଲରେ ହୋଇଥିବା ସ୍ପଷ୍ଟ କରିଥିଲେ । ଏକମାତ୍ର ପୁଅଙ୍କ ମୃତ୍ୟୁକୁ ନେଇ ଗଭୀର ଦୁଃଖ ଓ କ୍ଷୋଭ ପ୍ରକାଶ କରି, ପିତା ସୁଦାମ ଚରଣ ଦାସ ପୁରୀଘାଟ ଥାନାରେ ଲିଖିତ ଅଭିଯୋଗ ଦାଖଲ କରିଛନ୍ତି । ଥାନା ଅଧିକାରୀ ଏହାକୁ ଗୁରୁତର ଅପରାଧ ଭାବେ ଗ୍ରହଣ କରି ମାମଲାର ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି । କେଶ ନଂ-୦୭, ଭାରତୀୟ ନ୍ୟାୟ ସଂ ଧାରା ୧୦୬ (୧),୩୧୮ (୪) ଓ ୩ (୫) ବଳରେ ପୋଲିସ ତଦନ୍ତ କରୁଛନ୍ତି ।

## ଗଞ୍ଜେଇ ବୋଝେଇ କାର ଜବତ ଜଣେ ଗିରଫ

ଖୋର୍ଦ୍ଧା, (ସବ୍ୟୁ) : ଖୋର୍ଦ୍ଧା ଅବକାରୀ ଟିମ୍ ପକ୍ଷରୁ ୧୬ନଂ ଜାତୀୟ ରାଜପଥର ମଳିପଡା ଛକ ପୂର୍ବ ଓଭରବ୍ରିଜ ନିକଟରୁ ଏକ ଗଞ୍ଜେଇ ବୋଝେଇ କାରକୁ ଜବତ କରାଯାଇଛି। ଏହି ଘଟଣାରେ ଅବକାରୀ ଟିମ୍ ବେଗୁନିଆ ଥାନା କାଟରାର ସୁଶାନ୍ତ କୁମାର ସାହୁ (୩୯) କୁ ଗିରଫ କରିଛି। ତାଙ୍କ ନିକଟରୁ ୧୪୦କେଜି ଗଞ୍ଜେଇ ଓ ଚାଲାଣ ରେ ବ୍ୟବହୃତ କାର (ନଂ-ଏପି-୩୦ଏପି-୫୨୪୦) କୁ ଜବତ କରିଛି। ଏନେଇ ଅବକାରୀ ଟିମ୍ ୨୫୯/୨୬ରେ ଏକ ମାମଲା ରୁଜୁ କରି ସୁଶାନ୍ତକୁ କୋର୍ଟ ଚାଲାଣ କରିଛି।

# ଇଣ୍ଡିକୁବ ଭୁବନେଶ୍ୱରକୁ ସମ୍ପ୍ରସାରିତ

ଭୁବନେଶ୍ୱର, (ସବ୍ୟୁ) : ଭାରତର ଅନତମ ଅଗ୍ରଣୀ ପ୍ରଯୁକ୍ତି ସମର୍ଥିତ କାର୍ଯ୍ୟସ୍ଥଳ ସମାଧାନକାରୀ ପ୍ଲାଟଫର୍ମ ଇଣ୍ଡିକୁବ ଭୁବନେଶ୍ୱରକୁ ଏହାର ସମ୍ପ୍ରସାରଣ ସମ୍ପର୍କରେ ଘୋଷଣା କରିଛି । ଏହାଦ୍ୱାରା ସମଗ୍ର ଭାରତରେ ଏହାର ବବସାୟ ପରିଚାଳନା ୧୭ତମ ସହରରେ ପହଁଚିଛି । ଏହି ଶୁଭାରମ୍ଭ କୋଲକାତା ପରେ ଭୁବନେଶ୍ୱରକୁ ପୂର୍ବ ଭାରତରେ ଇଣ୍ଡିକୁବର ଦ୍ୱିତୀୟ ସହର ଭାବରେ ପ୍ରତିଷ୍ଠିତ କରାଇବା ସହିତ କମ୍ପାନୀର ସର୍ବଭାରତୀୟ ଉପସ୍ଥିତିକୁ ପୁନଃ ସୁଦୃଢ଼ କରିଛି



ଏବଂ ନୂତନ ବଜାରଗୁଡିକରେ ପରିମାଣାତ୍ମକ କାର୍ଯ୍ୟସ୍ଥଳ ନିର୍ମାଣ ଦିଗରେ ଏହାର ପ୍ରତିବଦ୍ଧତାକୁ ପୁନଃ ସୁଦୃଢ଼ୀକରଣ କରିଛି । ଏହି ନୂଆ ସେଣ୍ଟର ଭୁବନେଶ୍ୱର ପଟିଆସ୍ଥିତ ଇନଫୋସିଟିରେ ୪୫,୦୦୦ ବର୍ଗମିଟର ପରିମିତ ଅ*ଳରେ ଅବସ୍ଥିତ, ଯାହା ଏକ ପ୍ରମୁଖ ବବସାୟିକ ସ୍ଥଳ ଏବଂ ଭୁବନେଶ୍ୱରର ଅନତମ ସର୍ବାଧିକ ପ୍ରସିଦ୍ଧ ବବସାୟିକ ପେଣ୍ଟସ୍ଥଳ ଭାବରେ ପରିଚିତ । ଏହି ସମ୍ପ୍ରସାରଣ ସହିତ ଇଣ୍ଡିକୁବ ଭାରତର ନୂତନ ଉଦୋଗ ଏବଂ ପ୍ରତିଭା ଦୃଶପଟ୍ଟ ସହିତ ମେଳଖୁଆଇ ଉଚ୍ଚ- ସାମର୍ଥସଂପନ୍ନ ଟିୟର ୨ ସହରଗୁଡିକରେ ନିଜର ଉପସ୍ଥିତିକୁ ନିରନ୍ତର ଭାବରେ ଅଧିକ ମଜଭୁତ କରୁଛି ।

## କ୍ୟାପିଟାଲ ରିଜନ ଅର୍ବାନ ଟ୍ରାନ୍ସପୋଟ (କ୍ରୁଟ) ପାଇଁ

# ଏକା ମୋବିଲିଟି ପକ୍ଷରୁ ବୈଦ୍ୟୁତିକ ବସ୍ ପ୍ରଚଳନ

ଭୁବନେଶ୍ୱର, (ସବ୍ୟୁ) : ଇଲେକଟ୍ରିକ ମୋବିଲିଟି କ୍ଷେତ୍ରରେ ଏକ ଅଗ୍ରଣୀ କମ୍ପାନୀ ଏକା ମୋବିଲିଟି, ଜାପାନର ମିଟସୁଇ ଆଣ୍ଡ କୋ. ଲିଃ. ଏବଂ ନେଦରଲାଣ୍ଡସ୍‌ର ଭିଡ଼ିଏଲ ଗ୍ରୁପ୍‌କୁ ଇକ୍ୟୁଟି ଅଂଶୀଦାର ଭାବରେ ନେଇ, କ୍ୟାପିଟାଲ ରିଜନ ଅର୍ବାନ ଟ୍ରାନସପୋର୍ଟ (କ୍ରୁଟ୍) ପାଇଁ ଅତ୍ୟାଧୁନିକ ଏକା ୯ଏମ ଇଲେକ୍ଟ୍ରିକ ବସ ପ୍ରଚଳନ କରିଛି । ଟ୍ରାଭେଲ ଟାଇମ ମୋବିଲିଟି ପ୍ରା.ଲିଃ. ସହ ମିଳିତ ସହଯୋଗରେ ଭାରତରେ ସ୍ଥାୟୀ ଏବଂ ଦକ୍ଷ ସହରୀ ପରିବହନ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଏଭଳି ଏକ ପଦକ୍ଷେପ ନିଆଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଅନଲାଇନ / ଭର୍ଚୁଆଲ



ମାଧ୍ୟମରେ ଏହି ବସ ଗୁଡ଼ିକର ଶୁଭାରମ୍ଭ କରିଛନ୍ତି, ଯାହା ରାଜ୍ୟର ସ୍ଥାୟୀ ସାର୍ବଜନୀନ ପରିବହନ କ୍ଷେତ୍ରରେ ଏକ ନୂତନ ମାଇଲଖୁଣ୍ଟ ସ୍ଥାପନ କରିଛି । ରୋହିତ୍ ଶ୍ରୀବାସ୍ତବ, ବିଜନେସ ହେଡ଼ ଏବଂ ଚିଫ ଗ୍ରୋଥ ଅଫିସର, ଏକା ମୋବିଲିଟି ମତବ୍ୟକ୍ତ କରି କହିଛନ୍ତି, ଭାରତରେ ସ୍ଥାୟୀ ସାର୍ବଜନୀନ ପରିବହନ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ପାଇଁ ଏକା ମୋବିଲିଟିରେ ଆମେ ପ୍ରତିବଦ୍ଧ । କ୍ରୁଟ ପାଇଁ ଆମର ଏକା ୯ଏମ ବୈଦ୍ୟୁତିକ ବସର ପ୍ରଚଳନ ପରିଷ୍କାର, ସ୍ମାର୍ଟ ଏବଂ ଦକ୍ଷ ସହରୀ ପରିବହନ ସମାଧାନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଟ୍ରାଭେଲ ଟାଇମ ସହିତ ଆମର ସହଭାଗୀତା ମାଧ୍ୟମରେ ଆମେ ଯାତ୍ରୀଙ୍କ ଅଭିଜ୍ଞତାକୁ ଉନ୍ନତ କରିବା, ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ କରିବା ଏବଂ ରାଜ୍ୟର ପରିବହନ ଲକ୍ଷ୍ୟରେ ସହାୟକ ହେବା ପାଇଁ ଲକ୍ଷ୍ୟ ରଖିଛୁ ।

# ମଧୁମେହ ରୋଗ ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର, (ସବ୍ୟୁ) : ମଧୁମେହ ରୋଗ ଏବଂ ବୋନ୍ ହେଲ୍‌ଥ ଆୱାରନେସ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସେହି ଉଦ୍ଦେଶ୍ୟରେ ରକ୍ତ ପରୀକ୍ଷା, ରକ୍ତଚାପ ପରୀକ୍ଷା, ଇସିଜି ଆଦି ଲିଙ୍ଗରାଜ ବିହାର ପାଠାଗାର ଓ ସୂଚନା କେନ୍ଦ୍ରରେ କରାଯାଇଥିଲା । ଏହି ଅବସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ଡା. ଶିଶିର କୁମାର ମହାପାତ୍ର ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ଓଡ଼ିଶା ରାଜ୍ୟ ମହିଳା କମିଶନର ସଭ୍ୟ ଶ୍ରୀମତୀ ଉର୍ମିଳା ମହାପାତ୍ର ଯୋଗ ଦେଇଥିଲେ । ଡା. ଶିଶିର କୁମାର ମହାପାତ୍ର ତାଙ୍କ ଅଭିଭାଷଣରେ ମଧୁମେହ ରୋଗର ପ୍ରକାର, ନିରୂପଣ ଓ ଚିକିତ୍ସା ସମ୍ବନ୍ଧରେ ବିଶଦ ଭାବେ ଆଲୋଚନା କରିଥିଲେ । ସେହିପରି ବର୍ତ୍ତମାନ ସମୟରେ ଅସ୍ଥିସ୍ୱାସ୍ଥ୍ୟ ରକ୍ଷା ନିମନ୍ତେ ସଚେତନତା ସୃଷ୍ଟି କରିବା ପାଇଁ ସଭାରେ ଉପସ୍ଥିତ ଲୋକଙ୍କୁ ଆବଶ୍ୟକୀୟ ପରୀକ୍ଷା ଓ ଚିକିତ୍ସା ବିଷୟରେ ପ୍ରାଞ୍ଜଳ ଭାବେ ବୁଝାଇଥିଲେ ଏବଂ ଏସବୁ ରୋଗର ନିରୂପଣ ଓ ଚିକିତ୍ସା ଉପରେ ଗୁରୁତ୍ୱ ଦେବା ପାଇଁ ସମସ୍ତଙ୍କୁ ଅନୁରୋଧ କରିଥିଲେ । ଏହା ସଙ୍ଗେସଙ୍ଗେ ପ୍ରାତଃଭ୍ରମଣ, ବ୍ୟାୟାମ ଓ ପ୍ରାଣାୟାମ କରିବା ବିଧେୟ ବୋଲି କହିଥିଲେ । ମୁଖ୍ୟଅତିଥି ଶ୍ରୀମତୀ ମହାପାତ୍ର ତାଙ୍କ ଭାଷଣରେ ସ୍ୱାସ୍ଥ୍ୟ ହିଁ ସର୍ବୋପରି ବୋଲି କହିଥିଲେ । ସେ ସୁଷମ ଖାଦ୍ୟ ସେବନ ଓ ଫାଷ୍ଟ ଫୁଡ୍ ପ୍ରତି ସାବଧାନ ରହିବା ପାଇଁ ସତର୍କ କରାଇଥିଲେ । ମୂଳତଃ ନାରୀ ହେଉଛି ମାତ୍ରୀ, ଧାତ୍ରୀ ଓ ଶିକ୍ଷୟିତ୍ରୀ ବୋଲି ବର୍ଣ୍ଣନା କରିଥିଲେ ।

# ବ୍ୟାସକବିଙ୍କ ଜୟନ୍ତୀର ଦ୍ୱିତୀୟ ଦିବସରେ ସମ୍ବର୍ଦ୍ଧନା ସଭା

ବାଲେଶ୍ୱର ,(ସବ୍ୟୁ): କବିତୀର୍ଥ ଶାନ୍ତିକାନନରେ ବୁଧବାର ଦ୍ୱିତୀୟ ଦିବସରେ ସଂକ୍ରାନ୍ତି ପୁରୁଷ କଥାସମ୍ରାଟ ଫକୀର ମୋହନଙ୍କପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ମୁଖ୍ୟ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହୋଇଥିଲା ।ସକାଳେ ଛତୁଆ ପୋଖରୀ ନିକଟସ୍ଥସମାଧି ପୀଠରେ ପୁଷ୍ପାର୍ଘ୍ୟଅର୍ପଣ ପରେ ଶାନ୍ତି କାନନ ପରିସରରେ ଫକୀର ମୋହନଙ୍କ ପ୍ରତିମୂର୍ତ୍ତିରେ ବରିଷ୍ଠ କଥାକାର ତଥା ପୂର୍ବତନ ମୁଖ୍ୟଯ ଶାସନସଚିବ,ସଭାର ମୁଖ୍ୟ ଅତିଥି ତରୁଣକାନ୍ତି ମିଶ୍ର ଓ ଅନ୍ୟତମ ବରିଷ୍ଠ କଥାକାର ତଥା ବରେଣ୍ୟ ଅତିଥି ପ୍ରଫେସର ରାମଚନ୍ଦ୍ର ବେହେରା ପୁଷ୍ପମାଲ୍ୟ ପ୍ରଦାନ ପରେ ସଭାକାର୍ଯ୍ୟ ଓ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଥିଲା ।ଫକୀର ମୋହନ ସାହିତ୍ୟପରିଷଦର ସଭାପତି ଡ. ସୁବାସ ଚନ୍ଦ୍ର ପାତ୍ର ଉକ୍ତ ସଭାରେ ପୌରୋହିତ୍ୟ କରିଥିଲେ ।ସମ୍ପାଦକ ଡ.ରନାକର ସିଂହ ପ୍ରାକ କଥନ ରଖିଥିବାବେଳେ କାଯ୍ୟକାରୀ ସଭାର ସଦସ୍ୟ ଡ. ସାରଙ୍ଗଧର ତ୍ରିପାଠୀ ମଞ୍ଚ ଆହ୍ୱାନ କରିଥିଲେ ।ପ୍ରାରମ୍ଭରେ ଫକୀର ମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଇଂରାଜୀ ପ୍ରଫେସର ବିଜୟ କୁମାର ଦେ ଫକୀର ମୋହନ ସାହିତ୍ୟ ପରିଷଦର ଇତିବୃତ୍ତ ବର୍ଣ୍ଣନା କରିଥିଲେ ।ଏହି ଅବସରରେ ସାହିତ୍ୟ ପରିଷଦର ମୁଖପତ୍ର ସାହିତ୍ୟବାହିକା ଉନ୍ମୋଚିତ ହୋଇଥିଲା ଏବଂ ଭ୍ରମଣ ସାହିତ୍ୟରେ ସମ୍ବର୍ଦ୍ଧିତ ପ୍ରତିଭା ପୁଷ୍ପାଞ୍ଜଳି କରଙ୍କର ଭିନ୍ନ ଦେଶ ଭିନ୍ନ ପ୍ରକୃତି ମଧ୍ୟ ଉନ୍ମୋଚିତ ହୋଇଥିଲା ।ଶେଷରେ ପୁରସ୍କାର ଓ ସମ୍ବର୍ଦ୍ଧନା ଉତ୍ସବକୁ କୋଷାଧକ୍ଷ ତପନ ରାୟ ପରିଚାଳନା କରିବା ସହ ଶେଷକଥା ରଖିଥିଲେ ।

# ୧୬ରୁ ପର୍ଣ୍ଣିଚର, ଇଣ୍ଟେରିୟର, ଲାଇଫ ଷ୍ଟାଇଲ ଏକ୍ସପୋ

ଭୁବନେଶ୍ୱର(ସବ୍ୟୁ): ଚନ୍ଦ୍ରଶେଖରପୁରସ୍ଥିତ କ୍ଲବ ଟାଉନ ଗ୍ରାଉଣ୍ଡ ଠାରେ ଆସନ୍ତା ୧୬ ତାରିଖରୁ ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରା.ଲିଃ. ପକ୍ଷରୁ ଦ୍ୱିତୀୟ ପର୍ଣ୍ଣିଚର, ଇଣ୍ଟେରିୟର, ଲାଇଫଷ୍ଟାଇଲ ଏକ୍ସପୋ ଆୟୋଜନ ହେବାକୁ ଯାଉଛି । ଏହା ୧୧ ଦିନ ଅର୍ଥାତ ୨୬ ତାରିଖ ପର୍ଯ୍ୟନ୍ତ ବିଶ୍ୱସ୍ତରୀୟ ସାମଗ୍ରୀ ଦେଖିବାକୁ ମିଳିବ । ବୁଧବାର ରେଡକ୍ରସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପରିଚାଳନା ନିର୍ଦ୍ଦେଶକ ସୁଜିତ କୁମାର ଗୁପ୍ତା ଓ ନିର୍ଦ୍ଦେଶିକା ପାୟଲ ଆଚାର୍ଯ୍ୟ କହିଥିଲେ, ଏହା ଏକ ପ୍ରଦର୍ଶନୀ ନୁହେଁ, ବରଂ ବିଶ୍ୱ ସ୍ତରୀୟ ସାମଗ୍ରୀର ମିଳନ । ଏହି ଏକ୍ସପୋରେ ଇରାନୀ ଗାଲିଚା, କାଶ୍ମୀର ପର୍ଣ୍ଣିଚର ଏବଂ ଆର୍ଟିକ ପିତ୍ତଳ କାରୁକାର୍ଯ୍ୟ, କୋରାଆନର ସରଞ୍ଜାମ, ଦୁବାଇର ପୋଷାକ, ଥାଇଲ୍ୟାଣ୍ଡର ଅଳଙ୍କାର ସହିତ ଆଫଗାନିସ୍ତାନର ୨୦୦ରୁ ଅଧିକ



ପ୍ରକାରର ଡ୍ରାଏ ଫ୍ରୁଟ୍ସ ଏବଂ ଚମ୍ପାରଣର ପ୍ରସିଦ୍ଧ ମଟମ ମିଳିବ । ଏଥି ସହିତ ଭୁବନେଶ୍ୱରରେ ପ୍ରଥମ ଥର କରି ଜଳପରୀ ଶୋ ପ୍ରଦର୍ଶନ ହେବ । ଏହି ଏକ୍ସପୋକୁ ସ୍ୱଚ୍ଛ, ସବୁଜ ଓ ପ୍ଲାଷ୍ଟିକମୁକ୍ତ କରିବାକୁ ଲକ୍ଷ୍ୟ ରଖାଯାଇଛି ।

## ଗର୍ଭାବସ୍ଥାରେ ପୋଷକତତ୍ତ୍ୱର ପ୍ରମୁଖ ଭୂମିକା

# ବିଶ୍ୱରେ ରକ୍ତହୀନତାରୁ ୫୦୦ ନିୟୁତ ମହିଳା ପ୍ରଭାବିତ

ଭୁବନେଶ୍ୱର(ସବ୍ୟୁ) : ଗର୍ଭାବସ୍ଥା ଯତ୍ନ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଦେଇ ଗତି କରୁଛି । ଏହି ପରିବର୍ତ୍ତନ ଦର୍ଶାଉଛି ଯେ ଏକ ସୁସ୍ଥ ଗର୍ଭାବସ୍ଥା ଓ ଏକ ବିକଶିତ ଶିଶୁ ଅନେକ ଅତ୍ୟାବଶ୍ୟକୀୟ ପୋଷଣତତ୍ୱ ଉପରେ ନିର୍ଭର କରିଥାଏ । ଅନେକ ମହିଳା, ବିଶେଷ କରି ଭାରତ ଭଳି ଅଞ୍ଚଳରେ ପୋଷଣତତ୍ୱ ଅଭାବ ସହ ଗର୍ଭାବସ୍ଥା ଆରମ୍ଭ କରିଥାନ୍ତି । ଏସମ୍ପର୍କରେ ରାଉରକେଲାର ସ୍ତ୍ରୀ ରୋଗ ବିଶେଷଜ୍ଞ ଓ ପ୍ରସୂତି ବିଶେଷଜ୍ଞ ଡା. ତୃପ୍ତିବାଳା ପଟ୍ଟନାୟକ କହିଛନ୍ତିଯେ, ଏହି ସଂଖ୍ୟା ଚିନ୍ତାଜନକ ଅଟେ । ଆନେମିଆ ବା ରକ୍ତହୀନତା ବିଶ୍ୱବ୍ୟାପୀ ପ୍ରାୟ ୫୦୦ ନିୟୁତ ମହିଳାଙ୍କୁ ପ୍ରଭାବିତ କରୁଛି (୨୦୧୯ରେ ୩୦% ଗର୍ଭବତୀ ନଥିବା ଓ ୩୭% ଗର୍ଭବତୀ ମହିଳା) ।

ଡା. ତୃପ୍ତିବାଳା କହିଛନ୍ତିଯେ, ବିଜ୍ଞାନ ବର୍ତ୍ତମାନ ପୋଷଣତତ୍ୱଗୁଡିକର ଏକ ସମୃଦ୍ଧ ଶୃଙ୍ଖଳାକୁ ଗୁରୁତ୍ୱ ଦେଉଛି, ପ୍ରତ୍ୟେକ ପୋଷଣତତ୍ୱ ଉନ୍ନତ ମାତୃଓ ଭ୍ରୂଣ ସ୍ୱାସ୍ଥ୍ୟ ପାଇଁ ଅପରିହାର୍ଯ୍ୟ ଅଟେ । ଆଇରନ, ହିମୋଗ୍ଲୋବିନ ଓ ଅକ୍ସିଜେନ ପରିବହନ ପାଇଁ ଗୁରୁତ୍ୱପୂର୍ଣ୍ଣ, ଯାହା ପ୍ରତ୍ୟକ୍ଷ ରୂପେ ରକ୍ତହୀନତାର ମୁକାବିଲା କରିଥାଏ ।ଫଲିକ ଏସିଡ ଓ ଭିଟାମିନ ବି୧୨ ସୁସ୍ଥ ଲାଲ ରକ୍ତ କୋଷିକା ଗଠନ ଓ ସ୍ନାୟୁଗତ ବିକାଶ ପାଇଁ ଜରୁରୀ । ଭିଟାମିନ ସି, ଶରୀରର ଉଦ୍ଭିଦ-ଭିତିକ ଆଇରନର ଅବଶୋଷଣକୁ ବହୁମାତ୍ରାରେ ଉନ୍ନତ କରିବା ପାଇଁ ବୈଜ୍ଞାନିକ ରୂପେ ପ୍ରମାଣିତ । ଭିଟାମିନ ଡି ଓ କ୍ୟାଲସିୟମ, ଏହି ଶକ୍ତିଶାଳୀ ମିଶ୍ରଣ ଶିଶୁର ହାଡ ଓ ଦାନ୍ତ ଗଠନ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ ଏବଂ ଏହା ମା'ର ହାଡର ଘନତାକୁ ସୁରକ୍ଷିତ ରଖିଥାଏ । ସେହିଭଳି ଓମେଗା-୩ ଫ୍ୟାଟି ଏସିଡ, ଜିଙ୍କ, ପ୍ରୋଟିନ ଓ ବିଭିନ୍ନ ବି ଭିଟାମିନ ଓ ମ୍ୟାଗ୍ନେସିୟମ ମଧ୍ୟ ଅତ୍ୟନ୍ତ ଜରୁରୀ ।

ବୌଜ୍ଞାନିକ ତଥ୍ୟଗୁଡିକ ସ୍ପଷ୍ଟ ପରିଣାମ ପ୍ରକାଶ କରେ ଯେ, ଯେତେବେଳେ ଏଭଳି ଗୁରୁତ୍ୱପୂର୍ଣ୍ଣ ପୋଷଣତତ୍ୱଗୁଡ଼ିକର ଅଭାବ ଦେଖାଦେଇଥାଏ, ସେତେବେଳେ ଗର୍ଭାବସ୍ଥା ଓ ଶିଶୁ ଜନ୍ମ ସମୟରେ ମାର ସ୍ୱାସ୍ଥ୍ୟ ପ୍ରତି ବର୍ଦ୍ଧିତ ବିପଦ, ରୋଗ ପ୍ରତିରୋଧକ ଶକ୍ତି ହ୍ରାସ, ଦୁର୍ବଳ ଭ୍ରୂଣ ବିକାଶ ଏବଂ ମସ୍ତିଷ୍କ ବିକାଶ ଭଳି ସମସ୍ୟା ସୃଷ୍ଟି ହୋଇଥାଏ । ଏହି ଶକ୍ତିଶାଳୀ ବୈଜ୍ଞାନିକ ଫଳାଫଳଗୁଡ଼ିକ ବର୍ତ୍ତମାନ ଏକ ବହୁମୁଖୀ ଆଭିମୁଖ୍ୟକୁ ଦର୍ଶାଉଛି ବୋଲି ଡା. ତୃପ୍ତିବାଳା କହିଛନ୍ତି । ବିବିଧ, ଅଣପ୍ରକ୍ରିୟାକୃତ ଖାଦ୍ୟଗୁଡ଼ିକୁ ପ୍ରାଥମିକତା ଦେବା, କାରଣ ବିଜ୍ଞାନ ସେଗୁଡିକର ଉତ୍କୃଷ୍ଟ ପୋଷଣ ଲାଭକୁ ନିଶ୍ଚିତ କରୁଛି । ଉଚ୍ଚ ମାନର ପ୍ରିନାଟାଲ ଭିଟାମିନ ଓ ସ୍ୱତନ୍ତ୍ର ସପ୍ଲିମେଂଟ (ଆଇରନ, ଫଲିକ ଏସିଡ, ବି୧୨, ଭିଟାମିନ ଡି) ବୈଜ୍ଞାନିକ ରୂପେ ବୈଧ ସୁରକ୍ଷା ଢାଲ ଭାବେ କାର୍ଯ୍ୟ କରିଥାଏ । ମହିଳାମାନଙ୍କୁ ନିଜ ପାଇଁ ଓ ନିଜ ପରିବାର ପାଇଁ ସୂଚିନ୍ତିତ ସ୍ୱାସ୍ଥ୍ୟଗତ ନିଷ୍ପତ୍ତି ନେବା ପାଇଁ ସଦ୍ୟତମ ବୈଜ୍ଞାନିକ ସୂଚନା ପ୍ରଦାନ କରିବା । ଗର୍ଭାବସ୍ଥା ଯତ୍ନର ଏହି ନୂତନ ଯୁଗ ବିସ୍ତୃତ ବୈଜ୍ଞାନିକ ତଥ୍ୟ ଦ୍ୱାରା ସମୃଦ୍ଧ ଅଟେ, ଯାହା ଆମକୁ ପୁରୁଣା ଧାରଣାଗୁଡିକରୁ ଆଗକୁ ବଢିବା ପାଇଁ ସକ୍ଷମ କରିଥାଏ । ଆଗାମୀ ପିଢିଗୁଡିକ ପାଇଁ ମା ଓ ଶିଶୁଙ୍କର ସ୍ୱାସ୍ଥ୍ୟ ଓ ଭବିଷ୍ୟତକୁ ସକାରାତ୍ମକ ଭାବେ ପ୍ରଭାବିତ କରିଥାଏ ।

### ▸▸ ନୂଆଦିଲ୍ଲୀରେ ପୋଙ୍ଗଲ ସମାରୋହ

# ବିଶ୍ୱସ୍ତରୀୟ ପର୍ବ ପାଲଟିଛି ପୋଙ୍ଗଲ

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀରେ ପୋଙ୍ଗଲ ଉତ୍ସବକୁ ସମ୍ବୋଧିତ କରିଛନ୍ତି। ତାମିଲ ଭାଷାରେ ଶୁଭେଚ୍ଛା ଜଣାଇ ଶ୍ରୀ ମୋଦୀ କହିଥିଲେ ଯେ, "ପୋଙ୍ଗଲ ଆଜି ଏକ ବିଶ୍ୱସ୍ତରୀୟ ପର୍ବ ପାଲଟିଛି। ଏହି ପର୍ବକୁ ତାମିଲ ସମ୍ପ୍ରଦାୟ ଏବଂ ବିଶ୍ୱବ୍ୟାପୀ ତାମିଲ ସଂସ୍କୃତିକୁ ଆଦର କରୁଥିବା ଲୋକମାନେ ଉତ୍ସାହର ସହିତ ପାଳନ କରନ୍ତି ଏବଂ ସେ ମଧ୍ୟ ସେମାନଙ୍କ ମଧ୍ୟରୁ ଜଣେ । ଏହି ବିଶେଷ ପର୍ବକୁ ସମସ୍ତଙ୍କ ସହିତ ଏକାଠି ପାଳନ କରିବା ତାଙ୍କ ପାଇଁ ସୌଭାଗ୍ୟର କଥା। ପ୍ରଧାନମନ୍ତ୍ରୀ କହିଥିଲେ ଯେ, ତାମିଲ ଜୀବନରେ, ପୋଙ୍ଗଲ ଏକ ସୁଖଦ ଅଭିଜ୍ଞତା ଭଳି, ଯାହା କୃଷକ, ପୃଥିବୀ ଏବଂ ସୂର୍ଯ୍ୟଙ୍କ ପରିଶ୍ରମ ପ୍ରତି କୃତଜ୍ଞତାକୁ ମୂର୍ତ୍ତିମନ୍ତ କରିଥାଏ।ଏହା ପ୍ରକୃତି, ପରିବାର ଏବଂ ସମାଜରେ ସନ୍ତୁଳନ ରକ୍ଷାପାଇଁ ଆମକୁ ମାର୍ଗଦର୍ଶନ କରିଥାଏ। ଏହି ସମୟରେ ଦେଶର ବିଭିନ୍ନ ଅଂଶ ମଧ୍ୟ ଲୋହରୀ, ମକର ସଂକ୍ରାନ୍ତି, ମାଘ ବିହୁ ଏବଂ ଅନ୍ୟାନ୍ୟ ପର୍ବପର୍ବାଣୀରେ ବୁଡ଼ି ରହିଛି ବୋଲି ଶ୍ରୀ ମୋଦୀ ଉଲ୍ଲେଖ କରିଥିଲେ। ସେ ପୋଙ୍ଗଲ ଉପଲକ୍ଷେଭାରତ ଏବଂ ବିଶ୍ୱବ୍ୟାପୀ ସମସ୍ତ ତାମିଲ ଭାଇ ଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଥିଲେ ଏବଂ ସମସ୍ତ ପର୍ବପର୍ବାଣୀ ପାଇଁ ଶୁଭକାମନା ଦେଇଥିଲେ। ଗତବର୍ଷ ତାଙ୍କୁ ତାମିଲ ସଂସ୍କୃତି ସହିତ ଜଡିତ ଅନେକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାର ସୁଯୋଗ ମିଳିବା ତାଙ୍କ ପାଇଁ ବହୁତ ଖୁସିର ବିଷୟ ବୋଲି ଶ୍ରୀମୋଦୀ କହିଥିଲେ। ସେ ତାମିଲନାଡୁର ହଜାର ବର୍ଷ ପୁରୁଣା ଗଙ୍ଗାଇକୋଣ୍ଡାଲପୁରମମନ୍ଦିରରେ ପ୍ରାର୍ଥନା କରିଥିଲେ। ବାରାଣସୀରେ କାଶୀ ତାମିଲ ସଙ୍ଗମରେ ସେନିରନ୍ତର ସାଂସ୍କୃତିକ ଏକ ତାର ଶକ୍ତିକୁ ଅନୁଭବ କରୁଥିଲେ ଏବଂ ତାହା ସହିତ ଯୋଡ଼ି ହୋଇ ରହିଥିଲେ। ଯେତେବେଳେ ଉଦଘାଟନ ପାଇଁ ରାମେଶ୍ୱରମ ଗସ୍ତ କରିଥିଲେ, ସେତେବେଳେ ସେ ପୁଣିଥରେ ତାମିଲ ଇତିହାସର ମହାନତା ଦେଖିଥିଲେ। ତାମିଲ ସଂସ୍କୃତି ସମଗ୍ରଦେଶ ଏବଂ



ପ୍ରକୃତରେ ସମଗ୍ର ମାନବତାର ଏକ ସହଭାଗୀଐତିହ୍ୟ। ଶ୍ରୀମୋଦୀ କହିଥିଲେ ଯେ' ଏକ ଭାରତ ଶ୍ରେଷ୍ଠ ଭାରତର ଭାବନା ସମ୍ପର୍କରେ ସେ ପ୍ରାୟତଃ କହିଥାନ୍ତି, ଯାହା ପୋଙ୍ଗଲ ଭଳି ପର୍ବ ଦ୍ୱାରା ଆହୁରି ମଜବୁତ ହୁଏ। ବିଶ୍ୱର ପ୍ରାୟ ସମସ୍ତ ସଭ୍ୟତା ଫସଲ ସହିତ ଜଡିତ କିଛି ପର୍ବ ପାଳନ କରିଥାନ୍ତି ବୋଲି ସେ ଉଲ୍ଲେଖ କରିଥିଲେ। ତାମିଲ ସଂସ୍କୃତିରେ ଚାଷୀଙ୍କୁ ଜୀବନର ଆଧାର ଭାବରେ ବିବେଚନା କରାଯାଏ। କୃଷି ଏବଂ କୃଷକମାନଙ୍କ ଉପରେ ବ୍ୟାପକ ଭାବରେ ଉଲ୍ଲେଖ କରାଯାଇଛି। କୃଷକମାନେ ରାଷ୍ଟ୍ର ନିର୍ମାଣରେ ଦୃଢ଼ ଅଂଶୀଦାର ଏବଂ ସେମାନଙ୍କ ପ୍ରୟାସ ଆତ୍ମନିର୍ଭର ଭାରତ ଅଭିଯାନକୁ ବହୁତଶକ୍ତି ପ୍ରଦାନ କରୁଛି। କେନ୍ଦ୍ର ସରକାର ମଧ୍ୟ ଚାଷୀମାନଙ୍କୁ ସଶକ୍ତ କରିବା ପାଇଁ ନିରନ୍ତର କାର୍ଯ୍ୟ କରିବାକୁ ପ୍ରତିବଦ୍ଧ। ମାଟିକୁ ସୁସ୍ଥ ରଖିବା, ଜଳସଂରକ୍ଷଣ କରିବା ଏବଂ ପରବର୍ତ୍ତୀ ପିଢ଼ି ପାଇଁ ସନ୍ତୁଳିତ ଉପାୟରେ ସମ୍ବଳ ବ୍ୟବହାର କରିବା ସବୁଠାରୁ ଜରୁରୀ। ସେ ଉଲ୍ଲେଖ କରିଥିଲେ ଯେ ମିଶନ ଲାଇଫ୍ ,ଅମୃତସରୋବର ଭଳି ଅଭିଯାନ ଏହି ଭାବନାକୁ ଆଗକୁ ବଢାଇଥାଏ।

## ଜୈସ-ଲସ୍କର ଗୁପ୍ତ ବୈଠକ

# ଆକ୍ରମଣ ଷଡଯନ୍ତ୍ର କରୁଛି ପାକିସ୍ତାନ



**ଇସଲମାବାଦ:** ଅପରେସନ ସିନ୍ଦୂରରେ ଅଣ୍ଟାଭାଙ୍ଗି ଯାଇଥିବା ଦୁଇଟି ପାକିସ୍ତାନୀ ଆତଙ୍କବାଦୀ ସଂଗଠନ ଲସ୍କର-ଏ-ତୈବା ଏବଂ ଜୈସ-ଏ-ମହମ୍ମଦ ଏକ ମେଣ୍ଟ ଗଠନ କରିବା ନେଇ ଚିନ୍ତା କରୁଛନ୍ତି ବୋଲି ଚର୍ଚ୍ଚା ହେଉଛି। ଭାରତୀୟ ଗୁଇନ୍ଦା ସଂସ୍ଥାଗୁଡ଼ିକ ଅନୁସାରେ ଜୈଶର ଗଡ଼ରେ ଲସ୍କରର ଶୀର୍ଷ ଆତଙ୍କବାଦୀଙ୍କୁ ଠାବ କରାଯାଇଛି। ମଙ୍ଗଳବାର ଦିନ, ସମସ୍ତ ଶୀର୍ଷ ଲସ୍କର ଆତଙ୍କବାଦୀ ବାହାୱାଲପୁରର ଏକ ବଡ଼ ମଦ୍ରାସାରେ ଏକାଠି ହୋଇଥିଲେ।ବାହାୱାଲପୁରକୁ ଜୈସର ଗଡ଼ ବୋଲି ବିବେଚନା କରାଯାଇଥାଏ। ଜୈସ ମୁଖ୍ୟ ମାସୁଦ ଆଝାରର ମୁଖ୍ୟ ଶିବିର ସେଠାରେ ରହିଛି।ସୂତ୍ର ଅନୁଯାୟୀ, ବାହାୱାଲପୁରରେ ହୋଇଥିବା ବୈଠକରେ ଲସ୍କରର ଶୀର୍ଷ ଆତଙ୍କବାଦୀ ହାଫିଜ୍ ସଇଦଙ୍କ ପୁଅ ତଲହା ସଇଦ, ଲସ୍କରର ଉପମୁଖ୍ୟ ସୈଫୁଲ୍ଲା କସୁରୀ ଏବଂ ହାଫିଜ୍ ଅବଦୁଲ ରଉଫ ଯୋଗ ଦେଇଥିଲେ। ଏହି ବୈଠକ ପରେ ଗୁଇନ୍ଦା ସଂସ୍ଥାଗୁଡ଼ିକ ହାଇ ଆଲର୍ଟରେ ଅଛନ୍ତି। ସୂତ୍ର ଅନୁଯାୟୀ ଲସ୍କର ଆତଙ୍କବାଦୀମାନେ ଜୈଶ ଆତଙ୍କବାଦୀଙ୍କ ସହ ମଧ୍ୟ ସାକ୍ଷାତ କରିଥିଲେ।ତେବେ ଏହାର ଫଟୋ ଏପର୍ଯ୍ୟନ୍ତ ସାମ୍ନାକୁ ଆସିନାହିଁ।ଗୁଇନ୍ଦା ରିପୋର୍ଟ ଅନୁସାରେ ଜୈସ-ଏ-ମହମ୍ମଦର ମୁଖ୍ୟ ମୌଲାନା ମାସୁଦ ଆଝାର ଏବଂ ତାଙ୍କର ଡେପୁଟି ରଉଫ ଅସଗର ଭାରତରେ ଆତଙ୍କବାଦୀ ଆକ୍ରମଣ ଯୋଜନା ଏବଂ ପରିଚାଳନା କରୁଛନ୍ତି। ଗୁଇନ୍ଦା ସଂସ୍ଥାଗୁଡ଼ିକ ଚିନ୍ତା ପ୍ରକାଶ କରିଛନ୍ତି ଯେ, ଜୈସ ଭବିଷ୍ୟତରେ ଆଇଇଡି ଆକ୍ରମଣ କରିପାରେ।ଜୈସ-ଏ-ମହମ୍ମଦର ଏକ ବଡ଼ ଆତଙ୍କବାଦୀ ଷଡ଼ଯନ୍ତ୍ର ବିଷୟରେ ଗୁଇନ୍ଦା ସଂସ୍ଥାଗୁଡ଼ିକ ସତର୍କ କରାଇ ଦେଇଛନ୍ତି। ସେମାନେ କହିଛନ୍ତି, ଜୈସର ଅଲ୍-କାଏଦା, ତାଲିବାନ ଏବଂ ହକ୍କାନି ନେଟୱାର୍କ ସହିତ ଦୃଢ଼ ସମ୍ପର୍କ ଅଛି ଏବଂ ଏହି ସଂଗଠନଗୁଡ଼ିକ ମିଳିତ ଭାବରେ ଆଇଇଡି ଆକ୍ରମଣ ଯୋଜନା କରିଥାନ୍ତି।ରିପୋର୍ଟରେ ଉଲ୍ଲେଖ କରାଯାଇଛି, ଜୈସ କମାଣ୍ଡର ମହମ୍ମଦ ମୁସାଦିକ ଏବଂ ମାସୁଦ କାଶ୍ମୀରୀ ଜମ୍ମୁ-କାଶ୍ମୀରରେ ଆତଙ୍କବାଦୀମାନଙ୍କୁ ବିଭିନ୍ନ ଆକ୍ରମଣ ପାଇଁ ନିର୍ଦ୍ଦେଶ ଦେଉଛନ୍ତି। ମହମ୍ମଦ ମୁସାଦିକ ସୀମା ପାର କରାଇ ଭାରତରେ ଜୈସ ଆତଙ୍କବାଦୀଙ୍କୁ ଅନୁପ୍ରବେଶ କରାଇବା ପାଇଁ ମଧ୍ୟ କାମ କରୁଥିବା ଗୁଇନ୍ଦା ରିପୋର୍ଟ ପ୍ରକାଶ ପାଇଛି।ସେହିପରି ଆତଙ୍କବଦୀ ମାସୁଦ ଇଲିଆସ କାଶ୍ମୀରୀ, ଓରଫ ଆବୁ ମହମ୍ମଦ, ଜୈସର ଅମୀର ଯୁବ ପାକିସ୍ତାନୀଙ୍କୁ ଜୈଶ ସଂଗଠନରେ ଭର୍ତ୍ତି କରି ସେମାନଙ୍କୁ ତାଲିମ ପାଇଁ ଆତଙ୍କବାଦୀ ଶିବିରକୁ ପଠାଉଛନ୍ତି।ଜୈସ ଏବଂ ଲସ୍କର-ଏ-ତୈବା ମଧ୍ୟରେ ମେଣ୍ଟ ହେବାର କଳ୍ପନାଜଳ୍ପନା ମଧ୍ୟରେ, ଲସ୍କର କମାଣ୍ଡର ଆବୁ ମୁସାରଙ୍କର ଏକ ଭିଡିଓ ସାମ୍ନାକୁ ଆସିଛି। ରିପୋର୍ଟ ଅନୁଯାୟୀ, ଏହି ଭିଡିଓଟି ନିୟନ୍ତ୍ରଣ ରେଖା ନିକଟରେ ରାୱାଲକୋଟ ଜିଲ୍ଲାର ପୁଞ୍ଚ ଅଞ୍ଚଳର ହାଜିରା ତହସିଲର ତାତ୍ରିନୋଟରେ। ଭିଡିଓରେ, ଲସ୍କର-ଏ-ତୈବା ସହିତ ଜଡିତ ସଂଗଠନ ଜେକେୟୁଏମ୍ ଜଣେ କୁଖ୍ୟାତ ଆତଙ୍କବାଦୀ କମାଣ୍ଡର ଆବୁ ମୁସାର କାଶ୍ମୀରୀ ଖୋଲାଖୋଲି ଘୃଣା ଏବଂ ହିଂସା ପ୍ରସାର କରୁଥିବା ଦେଖାଯାଉଛି।ତାଙ୍କ ଭାଷଣରେ, ଆବୁ ମୁସା କହୁଥିବା ଶୁଣାଯାଉଛି,କାଶ୍ମୀରର ସ୍ୱାଧୀନତା ଭିକ୍ଷା ମାଗି ନୁହେଁ, ବରଂ ହିନ୍ଦୁମାନଙ୍କର ମୁଣ୍ଡ କାଟି ହାସଲ କରାଯିବ।



କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଅମିତ ଶାହ ଅହମ୍ମଦାବାଦର ଶ୍ରୀ ଜଗନ୍ନାଥ ମନ୍ଦିର ପରିଦର୍ଶନ କରିଛନ୍ତି। ସେ ଏକ୍ସରେ ଏକ ପୋଷ୍ଟରେ କହିଛନ୍ତି, "ଜୟ ଜଗନ୍ନାଥ! ପ୍ରତିବର୍ଷ ପରି, ଏହି ବର୍ଷ ମଧ୍ୟ ମୋତେ ଉତ୍ତରାୟଣର ପବିତ୍ର ଅବସରରେ ଅହମ୍ମଦାବାଦର ଶ୍ରୀ ଜଗନ୍ନାଥ ମନ୍ଦିରରେ ପ୍ରାର୍ଥନା କରିବାର ସୌଭାଗ୍ୟ ମିଳିଛି। ମହାପ୍ରଭୁଙ୍କ ଆଶୀର୍ବାଦ ସର୍ବଦା ଦେଶବାସୀଙ୍କ ସହିତ ରହୁ।

## ମାତ୍ରାଧିକ ନିଶା ସେବନ ଜୁବିନଙ୍କ ମୃତ୍ୟୁର କାରଣ

**ନୂଆଦିଲ୍ଲୀ:** ଲୋକପ୍ରିୟ ଭାରତୀୟ ଗାୟକ ଜୁବିନ ଗର୍ଗଙ୍କୁ ହତ୍ୟା କରାଯାଇନି। ସେ ଅତ୍ୟଧିକ ନିଶାରେ ଥିଲେ ଏବଂ ଲାଇଫ ଜ୍ୟାକେଟ୍ ପାଇଁ ମନା କରିଥିଲେ। ଫଳରେ ଲାଜାରୁସ ଦ୍ୱୀପରେ ବୁଡ଼ିଯାଇ ତାଙ୍କର ମୃତ୍ୟୁ ହୋଇଯାଇଛି। ସିଙ୍ଗାପୁର ପୁଲିସ ଆଜି କୋର୍ଟଙ୍କୁ ଏହି ସୂଚନା ପ୍ରଦାନ କରିଛି। ଉଲ୍ଲେଖଯୋଗ୍ୟ ଯେ ୫୨ ବର୍ଷୀୟ ଗର୍ଗ ସେପ୍ଟେମ୍ବର ୨୫ ତାରିଖରେ ଏକ ୟାଚ୍ ପାର୍ଟି ସହ ଥିଲେ। ସିଙ୍ଗାପୁରରେ ଉତ୍ତର ପୂର୍ବ ଭାରତ ଉତ୍ସବରେ ପ୍ରଦର୍ଶନ କରିବାର ଦିନକ ପୂର୍ବରୁ ତାଙ୍କର ପାଣିରେ ବୁଡ଼ି ମୃତ୍ୟୁ ହୋଇଥିଲା।ଉକ୍ତ ମାମଲାର ତଦନ୍ତ କରିଥିବା ମୁଖ୍ୟ ତଦନ୍ତକାରୀ ଅଧିକାରୀ କୋର୍ଟଙ୍କୁ ଅବଗତ କରିଛନ୍ତି ଯେ , ଜୁବିନ ପ୍ରଥମେ ଲାଇଫ ଜ୍ୟାକେଟ୍ ପିନ୍ଧିଥିଲେ। କିନ୍ତୁ ସେ ଏହାକୁ କାଢ଼ି ଦେଇଥିଲେ। ତାଙ୍କୁ ଅନ୍ୟ ଏକ ଲାଇଫ ଜ୍ୟାକେଟ୍ ଦିଆଯାଇଥିଲେ ମଧ୍ୟ ସେ ମନା କରିଥିଲେ। ସେ ସମୟରେ ଗର୍ଗ ପ୍ରବଳ ନିଶାଶକ୍ତ ଥିଲେ। ସେ ନୌକା ନିକଟକୁ ଆସିବାପାଇଁ ପହଁରିବାକୁ ଚେଷ୍ଟା କରିବାବେଳେ ସଜ୍ଞାହୀନ ହୋଇ ଯାଇଥିଲେ ଏବଂ ପାଣିରେ ଭାସିଥିବା ଲୋକମାନେ ଦେଖିଥିଲେ। ତାଙ୍କୁ ତୁରନ୍ତ ଉଦ୍ଧାର କରି ନୌକାକୁ ଅଣାଯାଇଥିଲା ଏବଂ ସିପିଆର୍ ଦିଆଯାଇଥିଲା। କିନ୍ତୁ ତାଙ୍କୁ ବଞ୍ଚାଇ ହୋଇନଥିଲା। ସିଙ୍ଗାପୁର ପୁଲିସ ଜୁବିନ ଗର୍ଗଙ୍କ ମୃତ୍ୟୁ ପଛରେ କୌଣସି ଷଡ଼ଯନ୍ତ୍ର ଥିବା ସନ୍ଦେହ କରିନି ବୋଲି କହିଛି। ଏହି ମାମଲାରେ ମୋଟ୍ ୩୫ ସାକ୍ଷୀଙ୍କୁ ପଚରା କରାଯାଇଛି। ମୁଖ୍ୟ ତଦନ୍ତକାରୀ ଅଧିକାରୀ କୋର୍ଟଙ୍କୁ ଅବଗତ କରିଛନ୍ତି ଯେ ଗର୍ଗ ଏବଂ ତାଙ୍କ ବନ୍ଧୁ ଓ ସହକର୍ମୀଙ୍କ ସମେତ ମୋଟ୍ ୨୦ ଜଣ ନୌକାରେ ଥିଲେ। ସେମାନେ ନୌକାରେ କିଛି ସ୍ନାକ୍ସ ଏବଂ ଆଲକୋହଲ ନେଇଥିଲେ।

## ବିସ୍ଫୋରଣରେ ପୋଲିସ୍ ଗାଡି ଛାରଖାର: ୭ ମୃତ

**ଇସ୍କଲାମବାଦ:** ଖାୟବର ପାଖତୁନଖ୍ୱାରେ ସୋମବାର ସନ୍ଧ୍ୟାରେ ପୁଲିସକୁ ଟାର୍ଗେଟ କରି ବିସ୍ଫୋରଣ ହୋଇଥିଲା। ଗାଡ଼ିଟି ପୁଲିସ୍ କର୍ମଚାରୀଙ୍କୁ ଧରି ଯାଉଥିବା ବେଳେ ଭୟଙ୍କର ବିସ୍ଫୋରଣର ସାମ୍ନା କରିଥିଲା। ଏଥିରେ ୭ ଜଣ ପୁଲିସ୍ କର୍ମଚାରୀଙ୍କ ମୃତ୍ୟୁ ହୋଇଛି। ଟାଙ୍କ ଜିଲ୍ଲାରେ ପାଟ୍ରୋଲିଂ ଡ୍ୟୁଟିରେ ଥିବା ଏହି ପୁଲିସ୍ ଗାଡ଼ିକୁ ତେହରିକ-ଇ-ତାଲିବାନ ପାକିସ୍ତାନ(ଟିଟିପି) ପକ୍ଷରୁ ଟାର୍ଗେଟ କରାଯାଇଥିଲା। ଗାଡ଼ିଟି ଯିବାକୁ ଥିବା ରାସ୍ତାରେ



ପୂର୍ବରୁ ହିଁ ଆଇଇଡି ଖଞ୍ଜା ଯାଇଥିଲା। ଗାଡ଼ିଟି ଆଇଇଡି ସଂସ୍ପର୍ଶରେ ଆସିବା କ୍ଷଣି ଭୟଙ୍କର ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣ ପରେ ଗାଡ଼ିଟି ଛିନଛତ୍ର ହୋଇ ଯାଇଥିବା ବେଳେ ଏହା ମଧ୍ୟରେ ଥିବା ୭ ଜଣ ପୁଲିସ୍ କର୍ମଚାରୀଙ୍କ ମୃତଦେହ ରାସ୍ତାରେ ଛିଟିକି ହୋଇ ପଡ଼ିଥିଲା। ମୃତଦେହ ରାସ୍ତାରେ ପଡ଼ିଥିବା ବେଳେ ଟିଟିପି ସଦସ୍ୟମାନେ ନାରାବାଜୀ କରୁଥିବା ଭିଡିଓରେ ଦେଖାଯାଉଛି। ଟାଙ୍କ ଡେପୁଟି ପୁଲିସ ମୁଖ୍ୟ ପରଭେଜ ଶାହ କହିଛନ୍ତି ଯେ ବିସ୍ଫୋରଣ ଯୋଗୁ ଘଟଣା ସ୍ଥଳରେ ୫ ଜଣ ଓ ହସ୍ପିଟାଲରେ ଆଉ ୨ ଜଣ ପୁଲିସ୍ କର୍ମଚାରୀ ପ୍ରାଣ ହରାଇଛନ୍ତି। ରିମୋଟ ଦ୍ୱାରା ଏପରି ବୋମା ବିସ୍ଫୋରଣ କରାଯାଇଥିଲା। ମୃତକଙ୍କ ମଧ୍ୟରେ ଜଣେ ଷ୍ଟେସନ ହାଉସ ଅଫିସର, ଜଣେ ସବ ଇନସପେକ୍ଟର, ୩ ଜଣ ଏଲିଟ ଫୋର୍ସ କର୍ମଚାରୀ ଓ ଜଣେ ଡ୍ରାଇଭର ରହିଛନ୍ତି। ବାଲୋଚିସ୍ତାନ ଓ ଖାୟବର ପାଖତୁନଖ୍ୱାରେ ପୁଲିସ୍ ବା ପାକିସ୍ତାନ ସେନାକୁ ଟାର୍ଗେଟ କରି ଏପରି ଆକ୍ରମଣ ନୂଆ କଥା ନୁହେଁ। ଏହି ଦୁଇ ପ୍ରଦେଶରେ ପାକିସ୍ତାନ ସରକାର ବିରୋଧୀ ତୀବ୍ର ହେଉଥିବା ବେଳେ ବାରମ୍ବାର ଏଠାରେ ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରି ଆକ୍ରମଣ କରାଯାଉଛି। ଆକ୍ରମଣ ପାଇଁ ଆଫଗାନ ତାଲିବାନକୁ ପାକିସ୍ତାନ ଦାୟୀ କରିଛି। ଟିଟିପିକୁ ଆଫଗାନରେ ସବୁ ପ୍ରକାରର ସହାୟତା ତାଲିବାନ ପକ୍ଷରୁ କରାଯାଉଥିବା ପାକିସ୍ତାନ କହି ଆସୁଛି। ତେବେ କାବୁଲ ଏହାକୁ ଖଣ୍ଡନ କରି ଚାଲିଛି।

# କର୍ଣ୍ଣାଟକ ନେତୃତ୍ୱ ବିବାଦ ଟାଳିବାକୁ ରଣକୌଶଳ

**ନୂଆଦିଲ୍ଲୀ:** ରାହୁଲଙ୍କ ସହ ସିଦ୍ଦରମୈୟା ଓ ଶିବ କୁମାର କର୍ଣ୍ଣାଟକା ମୁଖ୍ୟମନ୍ତ୍ରୀ ପଦକୁ ନେଇ ସବୁବେଳେ ଚର୍ଚ୍ଚା ଲାଗି ରହୁଛି। ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ କରୁଥିବା ସିଦ୍ଦରମୈୟାଙ୍କ ଠାରୁ ଏହି ପଦ ପ୍ରତ୍ୟାହାର କରି ଉପ ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କୁ ଦିଆଯିବ ବୋଲି ରିପୋର୍ଟ ପ୍ରକାଶ ପାଇବାରେ ଚର୍ଚ୍ଚା ଲାଗିଛି। ଏହି ଚର୍ଚ୍ଚାକୁ ନେଇ ଉଭୟ ସିଦ୍ଦରମୈୟା ଓ ଶିବ କୁମାରଙ୍କ କ୍ୟାମ୍ପରେ ଦ୍ୱନ୍ଦ୍ୱ ଦେଖା ଯାଉଛି। ଏହି ସବୁ ଦ୍ୱନ୍ଦ୍ୱ ଓ ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ଟାଣିବାକୁ କଂଗ୍ରେସ ନେତା ରାହୁଲ ଗାନ୍ଧିଙ୍କୁ କହିଛନ୍ତି ସିଦ୍ଦରମୈୟା ଓ ଶିବ କୁମାର। ମଙ୍ଗଳବାର ରାହୁଲ ଗାନ୍ଧି କର୍ଣ୍ଣାଟକା ଆସିଥିବା ବେଳେ ତାଙ୍କୁ ଦୁଇ ବରିଷ୍ଠ ନେତା ଏକଥା କହିଥିବା ଜଣାପଡ଼ିଛି। ସୂତ୍ର ଅନୁସାରେ, ମୁଖ୍ୟମନ୍ତ୍ରୀ ପଦକୁ ନେଇ ହାଇକମାଣ୍ଡଙ୍କ ଯୋଜନାରେ ଉଭୟ ସିଦ୍ଦରମୈୟା ଓ ଶିବ କୁମାର ସ୍ପଷ୍ଟତା ଚାହୁଁଛନ୍ତି। ଏଥିସହ ଆକଳନ ଓ ଆଲୋଚନାକୁ ହାଇକମାଣ୍ଡ ତୁରନ୍ତ ଶେଷ କରନ୍ତୁ। ଏହାବାଦ ମୁଖ୍ୟମନ୍ତ୍ରୀ ସିଦ୍ଦରମୈୟା



କ୍ୟାବିନେଟ ଅଦଳବଦଳ କରିବାକୁ ଚାହୁଁଥିବା ମଧ୍ୟ ରାହୁଲ ଗାନ୍ଧିଙ୍କୁ କହିଛନ୍ତି। ଏକଥା ଶୁଣିବା ପରେ ରାହୁଲ ଗାନ୍ଧି ଉଭୟ ସିଦ୍ଦରମୈୟା ଓ ଶିବ କୁମାରଙ୍କୁ ଆଲୋଚନା ପାଇଁ ଦିଲ୍ଲୀ ଡାକିଛନ୍ତି। ତେବେ ଆଲୋଚନା ପାଇଁ ନିର୍ଦ୍ଦିଷ୍ଟ ତାରିଖ ଧାର୍ଯ୍ୟ ହୋଇନାହିଁ। ମଙ୍ଗଳବାର ରାହୁଲ ଗାନ୍ଧି ମହୀଶୂରରେ ପହଞ୍ଚିବା ପରେ ତାଙ୍କୁ ସିଦ୍ଦରମୈୟା, ଶିବକୁମାରଙ୍କ ସେମତ ଅନ୍ୟ କଂଗ୍ରେସ ନେତାମାନେ ସ୍ୱାଗତ କରିଥିଲେ।

# ବିଷ ଇଞ୍ଜେକ୍ସନ ଦେଇ ୫୦୦ ବୁଲା କୁକୁରଙ୍କୁ ହତ୍ୟା

**ହାଇଦ୍ରାବାଦ:** ତେଲଙ୍ଗାନାର ବିଭିନ୍ନ ଗାଁରେ ବୁଲା କୁକୁରଙ୍କୁ ବିଷ ଇଞ୍ଜେକସନ ଦେଇ କରାଯାଉଛି ହତ୍ୟା। ୧୫ ଦିନ ମଧ୍ୟରେ ୫୦୦ଟି ବୁଲା କୁକୁରଙ୍କ ଜୀବନ ଯିବା ପରେ ଆକ୍ସନ ମୋଡକୁ ଆସିଛି ପୁଲିସ୍। ବୁଲା କୁକୁରମାନଙ୍କ ସଂହାର ଘଟଣାରେ ପୁଲିସ ୧୫ ଜଣଙ୍କ ବିରୋଧରେ ଆରମ୍ଭ କରିଛି ଆଇନଗତ କାର୍ଯ୍ୟାନୁଷ୍ଠାନ। ଏମାନଙ୍କ ମଧ୍ୟରେ ହାନମକୋଣ୍ଡା ଓ କାମାରେଡ୍ଡୀ ଜିଲ୍ଲାରେ ଥିବା ୭ ଗାଁର ମୁଖିଆ ବି ରହିଛନ୍ତି। ସେମାନଙ୍କୁ ପୁଲିସ ପକ୍ଷରୁ ନୋଟିସ କରାଯାଇଛି। ନୂଆ ବର୍ଷର ପ୍ରଥମ ଦୁଇ ସପ୍ତାହ ମଧ୍ୟରେ ଏତେ ସଂଖ୍ୟକ ବୁଲା କୁକୁରଙ୍କୁ ବିଷ ଓ ଇଞ୍ଜେକେସନ ଦେଇ ହତ୍ୟା କରିବା ତେଲଙ୍ଗାନା ତଥା ଦେଶ ଇତିହାସରେ ପ୍ରଥମ ଘଟଣା। ପୂରା ଦେଶରେ ଏହାକୁ ନେଇ ହଇଚଇ ସୃଷ୍ଟି ହୋଇଛି। ସ୍ଥାନୀୟ ନିର୍ବାଚନ ବେଳେ କିଛି ଜନ ପ୍ରତିନିଧି ଗାଁକୁ ବୁଲା କୁକୁର ମୁକ୍ତ କରିବାର ଗୋଟିଏ ଆଶ୍ଚର୍ଯ୍ୟଜନକ ପ୍ରତିଶ୍ରୁତି ଦେଇଥିଲେ। ଏବେ ଏହାକୁ ପୂରଣ କରିବା ପାଇଁ ନିରୀହ ବୁଲା କୁକୁରଙ୍କ ସଂହାର କରାଯାଉଥିବା ଜଣାପଡ଼ିଛି। ସ୍ଥାନୀୟ ଗଣମାଧ୍ୟମର ରିପୋର୍ଟ ଅନୁସାରେ, ଗ୍ରାମ ପଞ୍ଚାୟତ ନିର୍ବାଚନ ବେଳେ ଏକାଧିକ ପ୍ରାର୍ଥୀ ଲୋକମାନଙ୍କୁ



ବୁଲା କୁକୁର ମୁକ୍ତ ଗାଁର ପ୍ରତିଶ୍ରୁତି ଦେଇଥିଲେ। ବିଭିନ୍ନ ଗାଁରେ ବୁଲା କୁକୁର ଆତଙ୍କ ବଢ଼ୁଥିବାରୁ ସ୍ଥାନୀୟ ଲୋକମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିଲେ। ନିର୍ବାଚନ ଜିତିବା ଅନେକ ଜନ ପ୍ରତିନିଧି ଗାଁକୁ ବୁଲା କୁକୁର ମୁକ୍ତ କରିବା ପାଇଁ ଉଦ୍ୟମ ଆରମ୍ଭ କରିଦେଇଛନ୍ତି। ବିଚଳିତ କରିବା ଭଳି ଭିଡିଓ ବୁଲା କୁକୁରମାନଙ୍କୁ ହତ୍ୟା କରିବା ପାଇଁ ଏମିତି ଏକ ବିଷାକ୍ତ ଇଞ୍ଜେକସନ ଦିଆଯାଉଛି, ଯାହା ତୁରନ୍ତ ସେମାନଙ୍କ ଜୀବନ ନେଇ ଯାଉଛି। ଏହାର ଗୋଟିଏ ଭିଡିଓ ମଧ୍ୟ ଜଗତିୟାଲ ଜିଲ୍ଲାର ଧରମାପୁରୀ ପୌର ପାଳିକାରୁ ଆସିଛି। ଭିଡିଓରେ ଜଣେ ବ୍ୟକ୍ତି ଗୋଟିଏ କୁକୁରକୁ ବିଷାକ୍ତ ଇଞ୍ଜେକସନ ଦେଉଛନ୍ତି। ଇଞ୍ଜେକସନ ନେବା ପରେ ବିଚ ରାସ୍ତାରେ ହିଁ ବୁଲା କୁକୁରଟି ଟଳି ପଡୁଛି। ରାସ୍ତାରେ ଆଉ ୨ଟି ବୁଲା କୁକୁରଙ୍କ ମୃତଦେହ ପଡ଼ିଥିବା ଭିଡିଓରେ ଦେଖାଯାଉଛି। ୨ ସପ୍ତାହ ମଧ୍ୟରେ ଏଠାରେ ପ୍ରାୟ ୫୦ଟି କୁକୁରଙ୍କୁ ହତ୍ୟା କରାଯାଇଛି। ଏହାବାଦ ହାନମକୋଣ୍ଡାରେ ମାଟି ତଳୁ ୧୧୦ଟି କୁକୁରଙ୍କ ମୃତଦେହକୁ ଖୋଳି ବାହାର କରାଯାଇଛି। କିଛି କୁକୁରଙ୍କ ଶବକୁ ବ୍ୟବଚ୍ଛେଦ କରି ମୃତ୍ୟୁର କାରଣ ଜାଣିବାକୁ ଚେଷ୍ଟା କରାଯାଇଥିବା ଜଣେ ପୁଲିସ୍ ଅଧିକାରୀ ସୂଚନା ଦେଇଛନ୍ତି। ବୁଲା କୁକୁରଙ୍କ ସଂହାର ଘଟଣାରେ ପୁଲିସ୍ ୧୫ ଜଣଙ୍କୁ ଚିହ୍ନଟ କରିଛି। ଏମାନଙ୍କ ମଧ୍ୟରେ ରହିଛନ୍ତି ୭ ଜଣ ସରପଞ୍ଚ। ନିକଟରେ ଶେଷ ହୋଇଥିବା ଗ୍ରାମ ପଞ୍ଚାୟତ ନିର୍ବାଚନରେ ଏମାନେ ବିଜୟୀ ହୋଇଥିଲେ। ଶାୟାମପେଟ, ଆରେପାଲ୍ଲୀ ଓ ପାଲୱାଞ୍ଚା ଅଞ୍ଚଳରୁ ଏମାନେ ଜିତିଥିଲେ। ପୁଲିସ୍ ଜାଣିବାକୁ ପାଇଛି ଯେ ଗ୍ରାମ ପଞ୍ଚାୟତ ସଚିବ ଓ କର୍ମଚାରୀମାନେ ହତ୍ୟାକାଣ୍ଡ ପାଇଁ ସବୁ ପ୍ରକାରର ସହାୟତା କରିଥିଲେ। ବିଷ ଯୁକ୍ତ ବିସ୍କୁଟ ଓ ବିଷାକ୍ତ ଇଞ୍ଜେକେସନ ଦେଇ ବୁଲା କୁକୁରମାନଙ୍କୁ ହତ୍ୟା କରିବା ପାଇଁ ୩ ଜଣ ଘରୋଇ କଣ୍ଟ୍ରାକ୍ଟରଙ୍କୁ ଦାୟିତ୍ୱ ଦିଆଯାଇଥିଲା। ହାନମକୋଣ୍ଡା ପୁଲିସର କହିବା କଥା ଯେ ସମସ୍ତ ୧୫ ଅଭିଯୁକ୍ତଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା ଓ ପଶୁ ଅତ୍ୟାଚାର ନିରୋଧ ଆଇନର ବିଭିନ୍ନ ଦଫାରେ ମାମଲା ରୁଜୁ କରାଯାଇଛି। ସେହିପରି କିଛି କନିଷ୍ଠ କର୍ମଚାରୀଙ୍କୁ ଅଟକ ରଖି ଜେରା କରାଯାଉଛି। ୭ ଜଣ ସରପଞ୍ଚଙ୍କୁ ହାଜର ହେବାକୁ ନୋଟିସ କରାଯାଇଛି।

# ଆଜି ରାଜ୍ୟଗୋଷ୍ଠୀ ବାଚସ୍ପତି ସମ୍ମିଳନୀ

## ▸▸ ଉଦଘାଟନ କରିବେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ପୂର୍ବାହ୍ନ ୧୦.୩୦ଟାରେ ନୂଆଦିଲ୍ଲୀସ୍ଥିତ ସଂସଦ ଭବନ ପରିସରରେ ଥିବା ସମ୍ବିଧାନ ସଦନର କେନ୍ଦ୍ରୀୟ ହଲରେ ଆୟୋଜିତ 'ରାଷ୍ଟ୍ରମଣ୍ଡଳ ଦେଶର ବାଚସ୍ପତି ଓ ପୀଠାସୀନ ଅଧିକାରୀଙ୍କ ୨୮ତମ ସମ୍ମିଳନୀ (ସିଏସପିଓସି)'କୁ ଉଦଘାଟନ କରିବେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ସମ୍ମିଳନୀକୁ ସମ୍ବୋଧନ କରିବେ।

ଏହି ସମ୍ମିଳନୀରେ ଅଧ୍ୟକ୍ଷତା କରିବେ ଲୋକସଭା ବାଚସ୍ପତି ଓମ୍ ବିର୍ଲା। ସମ୍ମିଳନୀରେ ୪୨ଟି ରାଷ୍ଟ୍ରମଣ୍ଡଳ ଦେଶ ଏବଂ ବିଶ୍ୱର ଭିନ୍ନ ଭିନ୍ନ ପ୍ରାନ୍ତର ୪ଟି ଅର୍ଦ୍ଧ-ସ୍ୱାୟତ୍ତ ସଂସଦର, ୬୧ ଜଣ ବାଚସ୍ପତି ଓ ପୀଠାସୀନ ଅଧିକାରୀଯୋଗଦେବେ। ଏହି ସମ୍ମିଳନୀରେ ଅନେକ ସମସାମୟିକ ସଂସଦୀୟ ପ୍ରସଙ୍ଗ ଉପରେ ଆଲୋଚନା କରାଯିବ। ଏସବୁ ପ୍ରସଙ୍ଗ ମଧ୍ୟରେସୁଦୃଢ ଗଣତାନ୍ତ୍ରିକ ପ୍ରତିଷ୍ଠାନଗୁଡ଼ିକୁ ବଜାୟ ରଖିବାରେ ବାଚସ୍ପତି ଏବଂ ପୀଠାସୀନ ଅଧିକାରୀମାନଙ୍କ ଭୂମିକା, ସଂସଦୀୟ କାର୍ଯ୍ୟରେ କୃତ୍ରିମ ବୁଦ୍ଧିମତ୍ତାର ବ୍ୟବହାର, ସଂସଦର ସଦସ୍ୟମାନଙ୍କ ଉପରେ ସାମାଜିକ ଗଣମାଧ୍ୟମର ପ୍ରଭାବ,ସଂସଦ ବିଷୟରେ ଲୋକମାନଙ୍କ ବୋଧଗମ୍ୟତା ବୃଦ୍ଧି ପାଇ ଅଭିନବ କୌଶଳର ବ୍ୟବହାର ଏବଂ ଭୋଟଦାନ ବ୍ୟତୀତ ଅନ୍ୟ କ୍ଷେତ୍ରରେ ନାଗରିକ ଅଂଶଗ୍ରହଣକୁ ସୁନିଶ୍ଚିତ କରିବା ପାଇଁ ଅଭିନବ ରଣନୀତିଆଦି ଅନ୍ତର୍ଭୁକ୍ତ।

## ଏଆଇ ଆଧାରିତ ଶିକ୍ଷା ସଂସ୍କାର ଉପରେ ଆଲୋଚନାଚକ୍ର

**ମୁମ୍ବାଇ:** ଇଣ୍ଡିଆ ଏଆଇ ଇମ୍ପାକଫ ସମିଟ୍ ୨୦୨୬ର ଆନୁଷ୍ଠାନିକ ପ୍ରାକ୍-ସମିଟ୍ କାର୍ଯ୍ୟକ୍ରମର ଅଂଶ ଭାବରେ, ରିଲାଏନ୍ସ ଫାଉଣ୍ଡେସନ୍, ସେଣ୍ଟ୍ରାଲ୍ ସ୍କୋୟାର ଫାଉଣ୍ଡେସନ୍ ସହିତ ମିଳିତ ଭାବରେ, ନଭି ମୁମ୍ବାଇସ୍ଥିତ ଜିଓ ଇନଷ୍ଟିଚ୍ୟୁଟରେ ଶିକ୍ଷା କ୍ଷେତ୍ରରେ ଏଆଇ ଉପରେ ଏକ ଉଚ୍ଚସ୍ତରୀୟ ଆଲୋଚନାଚକ୍ର ଆୟୋଜନ କରିଛି । ସାମାଜିକ ସଂଗଠନ, ଏଡିଟେକ୍, ଶିକ୍ଷା ଏବଂ ଘରୋଇ କ୍ଷେତ୍ରର ୫୦ ରୁ ଅଧିକ ବିଶେଷଜ୍ଞ ଏଥିରେ ଅଂଶଗ୍ରହଣ କରିଥିଲେ । ଆଲୋଚନାରେ ସହମତି ପ୍ରକାଶ ପାଇଥିଲା ଯେ ଏଆଇ-ସକ୍ଷମ ଏଡିଟେକକୁକେବଳ ପୃଥକ ଉପକରଣରେ ସୀମିତ ନରଖି ଶିକ୍ଷା ବ୍ୟବସ୍ଥାରେ ସାମଗ୍ରିକ ଭାବରେ ସମନ୍ୱିତ୍ତ କରାଯିବ ଉଚିତ, ଯାହାଦ୍ୱାରା ସୀମିତ ସମ୍ବଳ କିମ୍ବା ବହୁଭାଷୀ ପରିବେଶରେ ମଧ୍ୟ ଅନ୍ତର୍ଭୁକ୍ତିକରଣ ଏବଂ ପ୍ରଭାବଶାଳୀ ଶିକ୍ଷା ଫଳାଫଳ ହାସଲ କରାଯାଇପାରିବ । ଜିଓର ମୁଖ୍ୟ ଡାଟା ବୈଜ୍ଞାନିକ ଏବଂ ଜିଓ ଇନଷ୍ଟିଚ୍ୟୁଟର ଡିନ୍ ଡକଫର ଶୈଳେଶ କୁମାର କହିଛନ୍ତି ଯେ ଏଆଇ ଯୁଗରେ ଶିକ୍ଷାକୁ ବ୍ୟକ୍ତି ଆବଶ୍ୟକତା ଅନୁରୂପ ଏବଂ ଛାତ୍ର-କେନ୍ଦ୍ରିକ କରାଯିବ ସମୟର ଆବଶ୍ୟକତା । ଏହି ଆଲୋଚନାଚକ୍ରରେ ଏଆଇ-ଆଧାରିତ ଶିକ୍ଷାର ପ୍ରଭାବଶାଳୀ ବ୍ୟବହାର ଉପରେ ଲିଫଫଏଡ୍ ଏଡିଟେକ୍ ଆକ୍ସିଲେରେଟର ଭଳି କାର୍ଯ୍ୟକ୍ରମର ଅଭିଜ୍ଞତା ପ୍ରଦର୍ଶିତ କରାଯାଇଥିଲା ।

### ▸▸ ଲୋଧାଝରି ମା'ଲକ୍ଷ୍ମୀ କ୍ରିକେଟ

# ପଥରମୁଣ୍ଡା ଟିମ ଚାମ୍ପିଅନ



କଣିହାଁ,୧୪।୧(ସବ୍ୟୁ): କଣିହାଁ ବ୍ଲକ ଅନ୍ତର୍ଗତ ଲୋଧାଝରିଠାରେ ଚାଲିଥିବା ୨୧ତମ ମା'ଲକ୍ଷ୍ମୀ କ୍ରିକେଟ ଟୁର୍ଣ୍ଣାମେଂଟ ବୁଧବାର ଉଦଯାପିତ ହୋଇଯାଇଛି । ଉଦଯାପନୀ ମ୍ୟାଚ ପଥରମୁଣ୍ଡା କ୍ରିକେଟ ଟିମ ଓ କାକୁଡିଆ କ୍ରିକେଟ ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ନିର୍ଦ୍ଧାରିତ ୩ସେଟ ଖେଳ ମଧ୍ୟରୁ ୨ ସେଟ ଖେଳରେ ବିଜୟ ଲାଭ କରି ପଥରମୁଣ୍ଡା ଟିମ ଚାମ୍ପିଅନ ଓ କାକୁଡିଆ ଟିମ ରନର୍ସଅପ ହୋଇଥିଲା । ମ୍ୟାନ ଅଫ ଦି ମ୍ୟାଚ ଭାବରେ ପଥରମୁଣ୍ଡା ଟିମ ର ବାବୁଲି, ମ୍ୟାନ ଅଫ ଦି ସିରିଜ ଭାବରେ କକୁଡ଼ିଆ ଟିମ ର ବବଲୁ କୁ ମନୋନୀତ କରଯାଇଥିଲା ।

ଉଦଯାପନି ମ୍ୟାଚ ରେ ମୁଖ୍ୟଅତିଥି ଭାବରେ ସାଂସଦଙ୍କ ପ୍ରତିନିଧି ନୃସିଂହ ଚରଣ ବରାଳ ,ସମ୍ମାନୀତ ଅତିଥି ଭାବରେ ବିଧାୟକଙ୍କ ପ୍ରତିନିଧି ତ୍ରିପୁରାରୀ ପ୍ରଧାନ, ସାମ୍ବାଦିକ ରଞ୍ଜନ ମିଶ୍ର, ,ବିଜେପି ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଧ୍ରୁବ ଚରଣ ଧିର, ରେଙ୍ଗାଲି ମଣ୍ଡଳ ସଧାରଣ ସମ୍ପାଦକ ଟିକନ ପ୍ରଧାନ , ନେଙ୍କୁରି ବେହେରା ପ୍ରମୁଖ ଯୋଗଦେଇ ଚାମ୍ପିଅନ ଓ ରନର୍ସଅପ ଦଳକୁ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ । ମ୍ୟାଚକୁ ଅମ୍ପାୟାର ସନ୍ତୋଷ କୁମାର ପ୍ରଧାନ ଓ ସୁମିତ କୁମାର ସେଠୀ ପରିଚାଳନା କରିଥିଲେ । ଟୁର୍ଣ୍ଣାମେଣ୍ଟରେ ୮ଟି ଟିମ ଅଂଶ ଗ୍ରହଣ କରିଥିଲେ । ଟୁର୍ଣ୍ଣାମେଣ୍ଟ ରାକେଶ ପ୍ରଧାନ ସୁଶିଲ ନାୟକ, ସନ୍ତୋଷ ବୋଇତା, ସମିତ ସେଠୀ, ପବିତ୍ର ବଗାର, ଅଖିଳ ସେଠୀ, ପିଣ୍ଟୁ ସେଠୀ, ନିର୍ମଳ ବଗାର, ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ସତ୍ୟନାରାୟଣ କପ କ୍ରିକେଟ: ପାରାଦୀପ ବିଜୟୀ



ଚଣ୍ଡିଖୋଲ ୧୪/୧ (ସବ୍ୟୁ) ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକର ନିଶିମଳା ଖେଳ ପଡିଆରେ ଚାଲିଥିବା ୪୨ତମ ରାଜ୍ୟସ୍ତରୀୟ ସତ୍ୟନାରାୟଣ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶେଷ କ୍ୱାର୍ଟର ଫାଇନାଲ ମ୍ୟାଚରେ ପିସିସି ପାରାଦୀପ ବିଜୟୀ ହୋଇଥିଲା । ରବିବାର ଦିନ ଅନୁଷ୍ଠିତ ଏହି ମ୍ୟାଚରେ ଏନସିସି ଭୁବନେଶ୍ୱରକୁ ହରାଇ ପିସିସି ପାରାଦୀପ ବିଜୟୀ ହୋଇଥିଲା । ପିସିସି ପାରାଦ୍ୱୀପ ନିର୍ଦ୍ଧାରିତ ୨୦ ଓଭର ବ୍ୟାଟିଂ କରି ୧୪୬ ରନ ହାସଲ କରିଥିଲେ । ଅପରପକ୍ଷେ ଏମସିସି ଭୁବନେଶ୍ୱର ଦଳ ବ୍ୟାଟିଙ୍ଗ ଆରମ୍ଭରୁ ବିପର୍ଯ୍ୟୟର ସାମନାକରି ୧୯ ଓଭର ୪ଟି ବଲରେ ସବୁ ୱିକେଟ ହରାଇ ୧୨୪ ରନ କରି ପରାଜୟ ବରଣ କରିଥିଲା । ଆଜିର ମ୍ୟାଚରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ଦିଲ୍ଲୀପକୁମାର ସାମଲ,ମୁଖ୍ୟ ପ୍ରେସକ୍ଲବ ଚଣ୍ଡିଖୋଲର ଆବାହକ ସଞ୍ଜୟକୁମାର ସ୍ୱାଇଁ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ । ଏଥିରେ ପ୍ରେସକ୍ଲବ ଚଣ୍ଡିଖୋଲର ଉପଦେଷ୍ଟା ଅଭିମନ୍ୟୁ ଧଳ,ସାମ୍ବାଦିକ ସହ ଏସ,କେ ସବିର,ବଡ଼ଚଣା ଶିକ୍ଷକ ସଂଘ ସଭାପତି ସନ୍ତୋଷ ଜେନା,ବଟକୃଷ୍ଣ ଜେନା,ରବୀନ୍ଦ୍ର ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ ।ଘନଶ୍ୟାମ ବିଶ୍ୱାଳ,ବିଶ୍ୱଜିତ ଜେନା,ପ୍ରିୟବ୍ରତ ଖିଲାର,ପବିତ୍ର ବିଶ୍ୱାଳ,ବିନୋଦ ବିହାରୀ ଜେନା,ରବୀନ୍ଦ୍ର ନାଥ ଖୁଣ୍ଟିଆ,ମନୋଜ ମିଶ୍ର,ସୁନୀଲ ଜେନା ଅନୁଜ ଜେନାଙ୍କୁ ସମ୍ମାନୀତ କରାଯାଇଥିଲା । ପାରାଦ୍ୱୀପ ଦଳ ପକ୍ଷରୁ ରଶ୍ମିରଞ୍ଜନ ମଲ୍ଲିକ ୧୮ ରନ ଦେଇ ୩ ଗୋଟି ମୂଲ୍ୟବାନ ୱିକେଟ ନେଇ ଦଳକୁ ବିଜୟୀ କରାଇ ଥିବାରୁ ତାଙ୍କ ମ୍ୟାନ ଅଫ ଦି ଘୋଷଣା କରାଯାଇଥିଲା ଓ ସେ ରକ୍ତିକାନ୍ତ ସ୍ୱାଇଁଙ୍କ ଠାରୁ ଟ୍ରଫି ଗ୍ରହଣ କରିଥିଲେ । ସତ୍ୟନାରାୟଣ ଟିମର ପରିଚାଳକ ବିକାଶକୁମାର ଦାସ,ସଭାପତି,ପ୍ରୀତମ ନାୟକ ସତ୍ୟରଞ୍ଜନ ସାମଲ,ଓ ଅଶ୍ୱଜିତ ରାଉତ ଖେଳ ପରିଚାଳନା କରିଥିଲେ ।

### ରାଜ୍ୟ ଓପନ ଚେସ ଚାମ୍ପିଅନସିପ୍

## ଆରିଶ ବିଜେତା

ଭୁବନେଶ୍ୱର,୧୪।୧(ସବ୍ୟୁ): ଓଡ଼ିଶା ରାଜ୍ୟ ଚେସ୍ ରାଜ୍ୟ ସଂଘ ଆନୁକୂଲ୍ୟରେ କେଶୁରା ସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପ୍ରାଙ୍ଗଣରେ ୧୨ ବର୍ଷରୁ କମ ରାଜ୍ୟ ଓପନ ଚେସ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ୟୁନିଟ୍-୮ ଡିଏଭି ପବ୍ଲିକ ସ୍କୁଲର ଆରିଶ ନନ୍ଦ ଗୋସ୍ୱାମୀ ୪ ରାଉଣ୍ଡରୁ ୪ ପଏଣ୍ଟ ହାସଲ କରି ବିଜେତା ହୋଇଛନ୍ତି । ସତଭିକ ମହାନ୍ତି ଦ୍ୱିତୀୟ, ସାଇ କ୍ରିଷ୍ଣା ସାମଲ ତୃତୀୟ, ସେସ ସାହୁ ଚତୁର୍ଥ, ସ୍ଥିତପ୍ରଜ୍ଞ ପଟ୍ଟନାୟକ ପଞ୍ଚମ ସ୍ଥାନ ହାସଲ କରିଛନ୍ତି । ପୁରସ୍କାର ବିତରଣ ଉତ୍ସବରେ ରୟାଲ ପବ୍ଲିକ ସ୍କୁଲର ଭାଇସ ପ୍ରିନ୍ସିପାଲ, ପ୍ରଜ୍ଞାପରମିତା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଚେସ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଉପସ୍ଥିତ ଥିଲେ ।

### ଦ୍ୱିତୀୟ ଦିନିକିଆ

# ମ୍ୟାଚ ଛଡାଇ ନେଲେ ମିଚେଲ: ଶୃଙ୍ଖଳା ୧-୧

ରାଜକୋଟ୍,୧୪।୧(ଏଜେନ୍ସି): ଲୋକେଶ ରାହୁଲଙ୍କ ଶତକ ବ୍ୟର୍ଥ ଯାଇଛି । ଡାର୍ଲେ ମିଚେଲ ଅପରାଜିତ ୧୩୧ ରନର ଶତକୀୟ ଇନିଂସ ଖେଳି ଭାରତ ହାତରୁ ମ୍ୟାଚ ଛଡାଇ ନେଇଛନ୍ତି । ରାଜକୋଟରେ ଖେଳାଯାଇଥିବା ଦ୍ୱିତୀୟ ଦିନିକିଆରେ ନ୍ୟୁଜିଲାଣ୍ଡ ଦଳ ୭ ୱିକେଟରେ ଭାରତକୁ ପରାଜିତ କରି ଶୃଙ୍ଖଳାକୁ ୧-୧ରେ ବରାବର କରିଛି । ପ୍ରଥମେ ବ୍ୟାଟିଂ କରିଥିବା ଭାରତ ରାହୁଲଙ୍କ ଅପରାଜିତ ୧୧୨ ରନ ଓ ଶୁଭମନ





ଗିଲଙ୍କ ୫୬ ରନ ସହାୟତାରେ ୫୦ ଓଭରରେ ୭ ୱିକେଟ୍ ହରାଇ ୨୮୪ ରନ କରିଥିଲା । ଜବାବରେ ନ୍ୟୁଜିଲାଣ୍ଡ ୪୭.୩ ଓଭରରେ ୩ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରି ନେଇଥିଲା । ୧୧୭ ବଲରୁ ୧୩୧ ରନ କରିଥିବା ଡାର୍ଲେ ମିଚେଲଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ ବିବେଚିତ କରାଯାଇଥିଲା । ଆଗାମୀ ୧୮ ତାରିଖର ଇନ୍ଦୋର ହୋଲକାର ଷ୍ଟାଡିୟମରେ ତୃତୀୟ ତଥା ନିର୍ଣ୍ଣାୟକ ମ୍ୟାଚ ଖେଳାଯିବ ।

୨୮୫ ରନର ପିଛା କରିଥିବା ନ୍ୟୁଜିଲାଣ୍ଡ ପକ୍ଷରୁ ଓପନ ଦେବନ କନୱେ ୧୬ ହେନରି ନିକୋଲାସ ୧୦, ୱିଲ ୟଙ୍ଗ ୮୭, ମିଚେଲ ଅପରାଜିତ ୧୩୧ ଓ ଗ୍ଲେନ୍ ଫିଲିପ୍ସ ଅପରାଜିତ ୩୨ ରନ୍ ମ୍ୟାଚ ଶେଷ କରିଥିଲେ । ଭାରତର ହର୍ସିତ ରାଣା, ପ୍ରସିଦ୍ଧ କ୍ରିଷ୍ଣା ଓ କୁଲଦୀପ ଯାଦବଙ୍କୁ ଗୋଟିଏ କରି ୱିକେଟ ସଫଳତା ମିଳିଥିଲା ।

ଟସ ହାରି ପ୍ରଥମେ ବ୍ୟାଟିଂ କରିବାକୁ ଭାରତ ଆମନ୍ତ୍ରଣ ପାଇଥିଲା । ରୋହିତ ଶର୍ମାଙ୍କ ସହ ଶୁଭମନ ଗିଲ ପାଳି ଆରମ୍ଭ କରିଥିଲେ । ପ୍ରଥମ ୱିକେଟ୍ ପାଇଁ ଦୁହେଁ ୭୦ ରନ୍ ଯୋଡିଥିଲେ । ରୋହିତ ୨୪ ରନ କରି ଆଉଟ୍ ହୋଇଥିଲେ । ଅଧିନାୟକ ଗିଲ ଦମଦାର ବ୍ୟାଟିଂ କରି ୫୩ ବଲରୁ ୯ ଚୌକା ସହ ୫୬ ରନ୍ କରିଥିଲେ । ଶ୍ରେୟାସ ଆୟର ୮ ରନ୍ କରି ପାଭିଲିୟନ ଫେରିଥିଲେ । ଫର୍ମରେ ଥିବା ବିରାଟ କୋହଲି ୨୩ ରନ୍ କରି ଏକାଗ୍ରତା ହରାଇଥିଲେ । ଏକଦା ୭୦ ରନରେ କୌଣସି ୱିକେଟ ହରାଇନଥିବା ଭାରତ ୧୧୮ ରନ ବେଳକୁ ୪ ୱିକେଟ ହରାଇ ବ୍ୟାକଫୁଟକୁ ଚାଲିଯାଇଥିଲା । ଏହି ସମୟରେ ଲୋକେଶ ରାହୁଲ ଓ ରବିନ୍ଦ୍ର ଜାଡେଜା ସ୍ଥିତି ସମ୍ଭାଳିଥିଲେ । ଦୁହେଁ ଶତକର୍ତ୍ତାର ସହ ବ୍ୟାଟିଂ କରି ଦଳକୁ ଖରାପ ସ୍ଥିତିରୁ ମୁକୁଳାଇଥିଲେ । ଦୁହେଁ ପଞ୍ଚମ ୱିକେଟ୍ ପାଇଁ ୭୩ ରନ ଯୋଡିଥିଲେ । ୧୯୧ ରନରେ ଜାଡେଜା ବ୍ୟକ୍ତିଗତ ୨୭ ରନ୍ କରି ଆଉଟ୍ ହୋଇଥିଲେ । ରାହୁଲ ନିଜର କଳାମ୍ ବ୍ୟାଟିଂ ଜାରି ରଖି ଅର୍ଦ୍ଧଶତକ ହାସଲ କରିଥିଲେ । ପୁଣି ରାହୁଲ ଓ ନୀତିଶ କୁମାର ରେଡ୍ଡୀଙ୍କ ମଧ୍ୟରେ ଷଷ୍ଠ ୱିକେଟ ପାଇଁ ୯୭ ରନର ପାର୍ଟନରସିପ ହୋଇଥିଲା । ନୀତିଶ ୨୦ ରନ କରି ଆଉଟ୍ ହେବା ବେଳକୁ ଦଳୀୟ ସ୍କୋର ୨୪୮ ରନରେ ପହଞ୍ଚିଥିଲା । ରାହୁଲ ଛକା ମାରି ଦିନିକିଆରେ ଅଷ୍ଟମ ଶତକ ହାସଲ କରିଥିଲେ । ଭାରତ ନିର୍ଦ୍ଧାରିତ ୫୦ ଓଭରରେ ୭ ୱିକେଟ୍ ହରାଇ ୨୮୪ ରନ କରିଥିଲା । ରାହୁଲ ୯୨ ବଲରୁ ୧୧ଟି ଚୌକା ଓ ଗୋଟିଏ ଛକା ସହାୟତାରେ ୧୧୨ ରନର ଅପରାଜିତ ଇନିଂସ ଖେଳିଛନ୍ତି । ନ୍ୟୁଜିଲାଣ୍ଡର କ୍ରିଷ୍ଟିଆନ୍ କ୍ଲାର୍କ ସର୍ବାଧିକ ୩ଟି, କାଏଲ ଜାମିସନ, ଜ୍ୟାକ ଫୁଲକିସ, ଜୟଦିନ ଲିନକ୍ସ ଓ ମିଚେଲ ବ୍ରାସୱେଲ ଗୋଟିଏ କରି ୱିକେଟ୍ ସଫଳତା ହାସଲ କରିଥିଲେ ।

## ପୁଣି ଏକ ନମ୍ବର ହେଲେ କୋହଲି

ବିରାଟ କୋହଲି ଦିନିକିଆ କ୍ରିକେଟରେ ଶୀର୍ଷ ମାନ୍ୟତା ହାସଲ କରିଛନ୍ତି । ଆଇସିସି ଦିନିକିଆ ର୍ୟାଙ୍କିଙ୍ଗରେ କୋହଲି ଏକ ନମ୍ବର ବ୍ୟାଟର ହୋଇଛନ୍ତି । ୧୪୦୩ ଦିନ ପରେ କୋହଲି ପୁଣିଥରେ ଏକ ନମ୍ବର ସ୍ଥାନକୁ ଫେରିଛନ୍ତି । ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଦିନିକିଆରେ କୋହଲି ୯୩ ରନର ଇନିଂସ ଖେଳିଥିଲେ । ଏହି ମ୍ୟାଚରେ ତାଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ ବିବେଚିତ କରାଯାଇଥିଲା । ତେଣୁ କୋହଲି ଦିନିକିଆରେ ଏକ ନମ୍ବର ବ୍ୟାଟର ହୋଇଛନ୍ତି । ୩୭ ବର୍ଷୀୟ କୋହଲି ୨୦୨୧ ଜୁଲାଇରେ ବ୍ୟାଟର ର୍ୟାଙ୍କିଙ୍ଗର ଶୀର୍ଷ ସ୍ଥାନ ହାସଲ କରିଥିଲେ । କୋହଲି ମୋଟ୍ ୮୨୫ ଦିନ ଧରି ଏକ ନମ୍ବର ସ୍ଥାନ ବଜାୟ ରଖିଥିଲେ ।

## ସଚିନଙ୍କ ରେକର୍ଡ ଭାଙ୍ଗିଲେ କୋହଲି

ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଦିନିକିଆରେ ବିରାଟ କୋହଲି ଆଉ ଏକ ଉପଲବ୍ଧି ହାସଲ କରିଛନ୍ତି । ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକରଙ୍କୁ ପଛରେ ପକାଇ ନ୍ୟୁଜିଲାଣ୍ଡ ବିପକ୍ଷରେ ସର୍ବାଧିକ ସ୍କୋର କରିଛନ୍ତି । ସଚିନ ନ୍ୟୁଜିଲାଣ୍ଡ ବିପକ୍ଷରେ ୧୭୫୦ ରନ୍ କରି ଭାରତୀୟ ବ୍ୟାଟରଙ୍କ ମଧ୍ୟରେ ଆଗରେ ରହିଥିଲେ । କୋହଲି ଏବେ ୧୭୭୩ ରନ୍ କରି ସଚିନଙ୍କୁ ପଛରେ ପକାଇଛନ୍ତି । ଭଲ ଫର୍ମରେ ଥିବା କୋହଲି ୨୯ ବଲରେ ୨୩ ରନ୍ କରିଥିଲେ । କ୍ରିଷ୍ଟିଆନ୍ କ୍ଲାର୍କଙ୍କ ଏକ ବଲ ତଳୁଆ ରହିଥିବାରୁ କୋହଲି ଆଉଟ୍ ହୋଇଥିଲେ । ପ୍ରଥମ ମ୍ୟାଚରେ ସେ ୯୩ ରନ କରି ଅଳ୍ପକେ ଶତକରୁ ବଞ୍ଚିତ ହୋଇଥିଲେ ।

## ସର୍ବଭାରତୀୟ ବେସାମରିକ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଲାଗି ଖେଳାଳି ଚୟନ

ଭୁବନେଶ୍ୱର,୧୪।୧(ସବ୍ୟୁ): ସର୍ବଭାରତୀୟବେସାମରିକ ବ୍ୟାଡମିଣ୍ଟନ ପ୍ରତିଯୋଗିତା, ୨୦୨୫-୨୬; ଆସନ୍ତା ୧୫.୦୨.୨୦୨୬ ଠାରୁ ୨୧.୦୨.୨୦୨୬ ତାରିଖ ପର୍ଯ୍ୟନ୍ତ ଗୋଆ'ରେ ଅନୁଷ୍ଠିତ ହେବ । ସେଥିପାଇଁ, ଖେଳାଳି ଚୟନ ପ୍ରକ୍ରିୟା ଆସନ୍ତା ୧୮.୦୧.୨୦୨୬ ତାରିଖ ସକାଳ ୮.00 ଘଟିକା ସମୟରେ ୟୁନିଟ୍-୮ ସ୍ଥିତ ପୁରାତନ କ୍ରୀଡାବିଭାଗ ହଲ, ନୟାପଲ୍ଲି, ଭୁବନେଶ୍ୱର ଠାରେ ଅନୁଷ୍ଠିତ ହେବ । ଏହି ପ୍ରତିଯୋଗିତାରେ କେବଳ ନିୟମିତ ଚାକିରିରେ (ଅନ୍ୟୁନ ୦୬ ମାସ ବିତେଇଥିବା) ସରକାରୀ କର୍ମଚାରୀମାନେ ଭାଗ ନେଇପାରିବେ । ଭାଗନେବାକୁ ଇଚ୍ଛୁକ ସରକାରୀ କର୍ମଚାରୀ ନିଜର ସେବା ପୁସ୍ତିକାର ପ୍ରଥମ ପୃଷ୍ଠାର ନକଲ, ବିଭାଗ / ଅଫିସ ପରିଚୟ





ପତ୍ରଙ୍କ ଠାରୁ ସହ ଏକ ପାସ୍,ପୋର୍ଟ ଫଟୋ ସାଙ୍ଗରେ ଆଣି ଉକ୍ତ ସ୍ଥାନ ଏବଂ ନିର୍ଦ୍ଧାରିତ ସମୟରେ ପଞ୍ଜୀକରଣ କରି ଚୟନ ପ୍ରକ୍ରିୟାରେ ଭାଗ ନେଇପାରିବେ ବୋଲି ଓଡିଶା ରାଜ୍ୟ ସଚିବାଳୟ ବ୍ୟାଡମିଣ୍ଟନ ପରିଷଦର ସାଧାରଣ ସମ୍ପାଦକ ଶ୍ୱେତାମ୍ବର ନାୟକ ଜଣାଇଛନ୍ତି । ଅଧିକ ବିବରଣୀ ପାଇଁ, ସାଧାରଣ ସମ୍ପାଦକ ଶ୍ୱେତାମ୍ବର ନାୟକ (ମୋ-୭୦୦୮୧୭୦୪୪୩)ଙ୍କୁ ଯୋଗାଯୋଗ କରିପାରିବେ ।

### ଦଶପଲ୍ଲା କପ ଫୁଟବଲ

## ଦ୍ୱିତୀୟ ସେମିଫାଇନାଲରେ ଏସଟିଏଫସି କାଶ୍ମୀର

ଦଶପଲ୍ଲା,୧୪।୧(ସବ୍ୟୁ): ସ୍ୱୋଟିଭ ସ୍ପୋର୍ଟ୍ସ ସୋସାଇଟି ଆନୁକୂଲ୍ୟରେ ସ୍ଥାନୀୟ ଗାନ୍ଧୀ ମୈଦାନ ଠାରେ ଚାଲିଥିବା ୨୬ ତମ ଦଶପଲ୍ଲା କପ ଫୁଟବଲ ପ୍ରତିଯୋଗିତା ର 'ବି' ଗ୍ରୁପ ର ତୃତୀୟ ଦିବସ ରେ ସାନ ଫୁଟବଲ କ୍ଲବ ଭୁବନେଶ୍ୱର ବନାମ ଏସ ଟି ଏଫ ସି ଜାମ୍ମୁ କାଶ୍ମୀର ମଧ୍ୟରେ ଚିତାକର୍ଷକ ଖେଳ ଅନୁଷ୍ଠିତ ହୋଇଥିଲା । ଏଥିରେ ଏସ ଟି ଏଫ ସି ଜାମ୍ମୁ କାଶ୍ମୀର ୨-୦ ଗୋଲ ରେ ସାନ କ୍ଲବ ଭୁବନେଶ୍ୱର କୁ ପରାସ୍ତ କରି ଦ୍ୱିତୀୟ ସେମିଫାଇନାଲ କୁ ଉନ୍ନୀତ ହୋଇଛି । ଖେଳର ପ୍ରଥମାର୍ଦ୍ଧ ଓ ଦ୍ୱିତୀୟାର୍ଦ୍ଧରେ ଗୋଟିଏ ଗୋଟିଏ ଗୋଲ ଦେଇ ଏହି ବିଜୟ ହାସଲ କରିଛି । ଶାନ ଫୁଟବଲ କ୍ଲବ ଭୁବନେଶ୍ୱର ଗୋଲ ପରିଶୋଧ ପାଇଁ ବହୁ ସୁଯୋଗ ପାଇଥିଲେ ମଧ୍ୟ ଗୋଲ କରିବାରେ ବିଫଳ ହୋଇଥିଲା । ବିଶେଷ ଭାବେ ଖେଳନିୟମ ଉଲଂଘନ କରିବାରୁ ଏସ ଟି ଏଫ ସି କ୍ୟାପଟେନ ଙ୍କୁ ରେଫ୍ରି ଲାଲ କାର୍ଡ ଦେଖାଇ ଖେଳରୁ ବହିଷ୍କୃତ କରିଥିଲେ । ଆସନ୍ତା ୧୭ ତାରିଖ ଦିନ ଦ୍ୱିତୀୟ ସେମିଫାଇନାଲ ଖେଳ ଅନୁଷ୍ଠିତ ହେବ । 'ବି' ଗ୍ରୁପ ର ଚତୁର୍ଥ ଦିବସ ରେ କେରଳ ଫୁଟବଲ ଏକାଡେମୀ ଓ ଭଞ୍ଜନଗର ଫୁଟବଲ ଏକାଡେମୀ ମଧ୍ୟରେ ଖେଳ ଅନୁଷ୍ଠିତ ହେବ । ତୃତୀୟ ଦିବସ ରେ ରାଜ୍ୟ ସହର ଓ ନଗର ଉନ୍ନୟନ ବିଭାଗ ସଓ୍ୱତନ୍ତ୍ର ସଚିବ ଗଙ୍ଗାଧର ନାଏକ ଅତିଥି ଭାବେ ଯୋଗଦେଇଥିବା ବେଳେ ଏହି ଖେଳ ଦେଖିବାକୁ ଶହ ଶହ ଲୋକଙ୍କ ଭିଡ଼ ଜମିଥିଲା ।

## ଟାଏକୋଣ୍ଡୋ ଫେଡେରେସନ କପରେ ଭାଗ ନେବ ଓଡ଼ିଶା

ଭୁବନେଶ୍ୱର,୧୪।୧(ସବ୍ୟୁ): ଆସନ୍ତା ଜାନୁଆରୀ ୧୮ ରୁ ୨୩ ତାରିଖ ମଧ୍ୟରେ ରାଜସ୍ଥାନ ର ଜୟପୁରରେ ଅନୁଷ୍ଠିତ ହେବାକୁ ଯାଉଥିବା ଦ୍ୱିତୀୟ ଇଣ୍ଡିଆ ଟାଇକୋଣ୍ଡୋ ଫେଡେରେସନ କପ ରେ ଉଭୟ କ୍ୟୁରୋଗି ଓ ପୁମସେ ର ସମସ୍ତ ବୟସବର୍ଗ ଯଥା ସବ୍ ଜୁନିଅର, କ୍ୟାଡେଟ, ଜୁନିଅର ଓ ସିନିଅର ରେ ୧୫୦ ରୁ ଅଧିକ କ୍ରୀଡାବିତ୍ ଅଂଶଗ୍ରହଣ କରିବେ, ଉକ୍ତ ପ୍ରତିଯୋଗିତାରେ ଚୟନିତ ଖେଳାଳି ମାନେ ଆସନ୍ତା ସମସ୍ତ ଅର୍ନ୍ତଜାତୀୟ ପ୍ରତିଯୋଗିତା ନିମନ୍ତେ ହେବାକୁ ଯାଉଥିବା ଟାଇକୋଣ୍ଡୋ ଟ୍ରାଇଲ ରେ ଅଂଶଗ୍ରହଣ କରିବେ । ଓଡ଼ିଶା ଟାଇକୋଣ୍ଡୋ ର ଚେୟାରପର୍ସନ ଡ. ସେନସେଇ ହରିପ୍ରସାଦ ପଟ୍ଟନାୟକ, ପେଟ୍ରୋନ ଦେବେନ୍ଦ୍ର କୁମାର ସାହୁ, ଆଡଭାଇଜର ରଞ୍ଜିତା ସ୍ୱାଇଁ ଏବଂ ସାଧାରଣ ସମ୍ପାଦକ ଚିନ୍ମୟ ବେହେରା ଖେଳାଳି ମାନଙ୍କର ଉନ୍ନତି କାମନା କରିଛନ୍ତି ଏବଂ ଆଗକୁ କିପରି ଓଡ଼ିଶାରେ ଟାଇକୋଣ୍ଡୋ କ୍ରୀଡାବିତ୍ ମାନେ ଏସିଆନ ଗେମ୍ସ ଏବଂ ଅଲମ୍ପିକ ରେ ଅଂଶଗ୍ରହଣ କରି ଦେଶ ପାଇଁ ଗୌରବ ଅର୍ଜନ କରିବେ ସେଥିପ୍ରତି ଓଡ଼ିଶା ଟାଇକୋଣ୍ଡୋ ସଂଘ ସମଗ୍ର ସହଯୋଗ କରିବ ବୋଲି ସାଧାରଣ ସମ୍ପାଦକ ଚିନ୍ମୟ ବେହେରା କହିଛନ୍ତି ।

## ବୀରବେନୁ ସ୍ମାରକୀ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ପରଜଙ୍ଗ,୧୪।୧(ସବ୍ୟୁ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ମିନି ଷ୍ଟାଡିୟମ ଠାରେ ୪ର୍ଥ ଦିବସରେ ବୀର ବେନୁ ସ୍ମାରକି ଫ୍ରେଣ୍ଡଲି ସର୍ବଭାରତୀୟ ସ୍ତରରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଏବଂ ମହିଳା କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି । ଏହି ମ୍ୟାଚରେ ନିଏକ ଏକାଡେମୀ ବଲାଙ୍ଗୀର ସହୟୁଥ କ୍ରିକେଟ ଏକାଡେମୀ ରାଉଲକେଲା ଅଂଶ ଗ୍ରହଣ କରିଥିଲେ । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସରାଙ୍ଗ ନବୋଦୟ ବିଦ୍ୟାଳୟର ଅଧକ୍ଷା ପ୍ରତିମା ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଇ.ଜି.ଆଇ.ଟି ମହାବିଦ୍ୟାଳୟର ପ୍ରଫେସର ସସ୍ମିତା ଜେନା, ବ୍ଲକ ଏଜୁକେଶନ ଅଧିକାରୀ ପ୍ରିୟଦର୍ଶିନୀ ନାୟକ, ସମାଜସେବୀ ବନଲତା ଜେନା, ସରପଞ୍ଚ ଗାୟତ୍ରୀ ମହାପାତ୍ର ପ୍ରମୁଖ ଯୋଗଦାନ କରିଥିଲେ । ପୁରୁଷ ଠାରୁ ମହିଳା ମାନେ କୌଣସି ଗୁଣରେ କମ୍ ନୁହନ୍ତି ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ । ତେଣୁ ଉର୍ଜା ଟ୍ରଷ୍ଟ ଓ ପରଜଙ୍ଗ କ୍ରିକେଟ କ୍ଲବ ମହିଳା ମାନଙ୍କର ଅଗ୍ରଗତି ପାଇଁ ମହିଳା ମାନେ ଦେଖି ଆଗକୁ ଆଗେଇ ଯିବାପାଇଁ ଏହି ମହିଳା କ୍ରିକେଟ ଆୟୋଜନ କରିଛନ୍ତି । ରାଉରକେଲାୟୁଥ୍ କ୍ରିକେଟ ଏକାଡେମୀ ଟସ୍ ଜିତି ପ୍ରଥମେ ବ୍ୟାଟିଙ୍ଗ କରିଥିଲେ । ହାତରେ ୪ ଉଇକେଟରେ ୧୨୪ ରନ୍ ସଂଗ୍ରହ କରିପାରିଛି । ଦ୍ୱିତୀୟ ପାଳିରେ ନାଏକ କ୍ରିକେଟ ଟୁର୍ଣ୍ଣାମେଣ୍ଟବ୍ୟାଟିଙ୍ଗ କରିବ । ଦ୍ୱିତୀୟ ପର୍ଯ୍ୟାୟରେ ନାୟକ ଏକାଡେମୀ ବଲାଙ୍ଗୀର ବ୍ୟାଟିଙ୍ଗ କରି ୮ ଉଇକେଟ ହରାଇ ୨୦ ଓଭରରେ ମଧ୍ୟରେ ୧୨୪ ରନ୍ କରିଥିଲେ । ଫଳରେ ମ୍ୟାଚ ଡ୍ରରହିବାରୁ ସୁପର ଓଭର ମ୍ୟାଚ ଆରମ୍ଭ କରାଗଲା । ବଲାଙ୍ଗୀର ସୁପର ଓଭରରେ ୬ ରନ କରିଥିବା ବେଳେ ରାଉରକେଲା ୭ ରନ୍ ସଂଗ୍ରହ କରି ବିଜୟୀ ହୋଇଯାଇଛି । କ୍ରୀଡା ପରିଚାଳନା ଜୟକୃଷ୍ଣ ରାଉତ ଓ ସୋମନାଥ ସେଠୀ କରିଥିବା ବେଳେ ଧାରା ବିବରଣୀ ପ୍ରେମାନନ୍ଦ ମହାନ୍ତି କରିଥିଲେ । ବିଜୟୀ ରାଉରକେଲା ଟ୍ରଫି ସହ ୧୦ ହଜାର ପୁରସ୍କୃତ ହୋଇଥିବା ବେଳେ ବଲାଙ୍ଗୀର ଦଳ ଟ୍ରଫି ସହ ୭ ହଜାର ଟଙ୍କା ପୁରସ୍କୃତ ହୋଇଛନ୍ତି ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭୀମ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦକୁ ବିଜ୍ଞାପନ ସହ [illegible] / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ [illegible]ରେ ଯୋଗାଯୋଗ କରନ୍ତୁ ।

# କିଟ୍‌ରେ ଆରମ୍ଭ ହେଲା ଚେସ୍ ମହାକୁମ୍ଭ

ଭୁବନେଶ୍ୱର,୧୪।୧(ସବ୍ୟୁ): କିଟ୍ ରେ ସାମାଜିକ ଏବଂ ଶିକ୍ଷାଗତ ଚେସ୍ (ସୋସିଆଲ୍ ଆଣ୍ଡ ଏଜୁକେସନାଲ୍ ଚେସ୍) ଉପରେ ଦୁଇ ଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ବୁଧବାର ଉଦଘାଟିତ ହୋଇଯାଇଛି । ଏହାକୁ ଅନ୍ତର୍ଜାତୀୟ ଚେସ୍ ଫେଡେରେସନ୍ (ଏଫ୍ଆଇଡିଇ) ର ଉପସଭାପତି ତଥା ଭାରତୀୟ ଗ୍ରାଣ୍ଡ ମାଷ୍ଟର ବିଶ୍ୱନାଥନ୍ ଆନନ୍ଦ ଉଦଘାଟିତ କରିଥିଲେ । ଭାରତରେ କିଟରେ ପ୍ରଥମ ଥର ଲାଗି ଚେସରେ ଏଭଳି ମହାକୁମ୍ଭ ଅନୁଷ୍ଠିତ ହେଉଛି । ଏଫ୍ଆଇଡିଇ ଓ ଭାରତୀୟ ଚେସ୍ ସଂଘ (ଏଆଇସିଏଫ୍)ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହେଉଥିବା ଚେସରେ ଏହି ମହାକୁମ୍ଭରେ ଏଫ୍ଆଇଡିଇର ସଭାପତି ତଥା ଋଷର ପୂର୍ବତନ ଉପପ୍ରଧାନମନ୍ତ୍ରୀ ଆର୍କାଡି ଭର୍କୋବିଚ୍, ଏଫ୍ଆଇଡିଇର ଡେପୁଟି ଚେୟାର ତଥା ଲଟଭିଆର ପ୍ରାକ୍ତନ ଅର୍ଥମନ୍ତ୍ରୀ ଦାନା ରେଜନିସ୍, ଏଆଇସିଏଫ୍ ଉପସଭାପତି ଦିବ୍ୟେନ୍ଦୁ ବରୁଆ, ସିଇଓ ଦେବ ପଟେଲ୍ ଓ ଅଭିଜିତ କୁନ୍ତେ, ସଂପାଦକ ଦେବ ପଟେଲ୍ ଓ ଇଭେଣ୍ଟ କମିସନ୍ ସଦସ୍ୟ ରଞ୍ଜନ ମହାନ୍ତି ପ୍ରମୁଖ ଯୋଗ ଦେଇଛନ୍ତି । ଉଭୟ କିଟ୍ କ୍ୟାମ୍ପସ୍ ଓ ହୋଟେଲ୍ ମେ ଫେୟାରରେ ଏହି କାର୍ଯ୍ୟକ୍ରମ ଚାଲିବ ।

ବୁଧବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ଶ୍ରୀ ଆନନ୍ଦ କହିଲେ, ଚେସ୍ ମାଧ୍ୟମରେ ଶୈକ୍ଷିକ ଓ ସାମାଜିକ ବିକାଶ କରାଯାଇପାରେ । ଚେସ୍





ରେ ମନୋନିବେଶ କଲେ ଜଣକର ବୌଦ୍ଧିକ, ଗଭୀର ଚିନ୍ତନ ଓ ସ୍ଥିରତା ବୃଦ୍ଧି ପାଇଥାଏ । ଏଥିପାଇଁ ଜଣକୁ ବୃତ୍ତିଗତ ଚେସ୍ ଖେଳାଳି ହେବାର ଆବଶ୍ୟକତା ନାହିଁ । ଏଥିପାଇଁ ଚେସକୁ ବିଦ୍ୟାଳୟସ୍ତରରୁ ଅନ୍ତର୍ଭୁକ୍ତ କରାଯିବାର ଆବଶ୍ୟକତା ରହିଛି । ଚେସ୍ ଜଣକୁ ସଶକ୍ତ କରିବା ସହ ସେମାନଙ୍କୁ ଜୀବନ କୌଶଳ ଶିକ୍ଷା ପ୍ରଦାନ କରିଥାଏ । ଏହା ଛଡ଼ା ଚେସ୍ ଯୋଗୁଁ ପିଲାମାନଙ୍କ ମଧ୍ୟରେ ଶୃଙ୍ଖଳା ଓ ଦକ୍ଷତା ବୃଦ୍ଧି ପାଇଥାଏ । ଏବେ ଅନେକ ଦେଶରେ ଚେସ୍କୁ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଗଲାଣି । ଭାରତରେ ଚେସ୍କୁ ବିଦ୍ୟାଳୟସ୍ତରରେ ଅନ୍ତର୍ଭୁକ୍ତ କରାଯିବା ପାଇଁ ଫିଡେ ଲକ୍ଷ୍ୟ ରଖିଛି ବୋଲି ଶ୍ରୀ ଆନନ୍ଦ କହିଥିଲେ । ଶ୍ରୀ ଆର୍କାଡି ସୂଚନାଦେଇ କହିଲେ, ଏଭଳି ସମ୍ମିଳନୀ ପ୍ରଥମ ଥର ଲାଗି ଭାରତରେ ଆୟୋଜନ କରାଯାଇଛି । ସେହିପରି ଶ୍ରୀମତୀ ଦାନା କହିଲେ, ବିଦ୍ୟାଳୟସ୍ତରରେ ଚେସକୁ ଅନ୍ତର୍ଭୁକ୍ତ କରିବା ପାଇଁ ସରକାରଙ୍କ ସମେତ ସମସ୍ତଙ୍କର ସହଯୋଗ ଆବଶ୍ୟକ । ପ୍ରଥମ ଥର ଲାଗି କିସ୍ ତାର ପାଠ୍ୟକ୍ରମରେ ଚେସ୍କୁ ଅନ୍ତର୍ଭୁକ୍ତ କରିଛି ଏବଂ ଏହା ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ଶକ୍ତି, ଦକ୍ଷତା ଏବଂ ମାନସିକତା ସ୍ଥିରତା ବୃଦ୍ଧି କରିବାରେ ସହାୟକ ହୋଇଥାଏ ବୋଲି କହିଥିଲେ । ଶ୍ରୀ ସାମନ୍ତ ସୂଚନା ଦେଇ କହିଲେ, ଓଡ଼ିଶାରେ ଚେସ୍କୁ ପରିଚୟ ଓ ପ୍ରୋତ୍ସାହନ କରିବା କ୍ଷେତ୍ରରେ କିଟ୍ ଓ କିସ୍ ଅଗ୍ରଣୀ ଭୂମିକା ଗ୍ରହଣ କରିଛି । କିଟ୍ ଯୋଗୁଁ ଆଜି ଓଡ଼ିଶାରୁ ଅନେକ ଗ୍ରାଣ୍ଡ ମାଷ୍ଟର, ଇଣ୍ଟରନ୍ୟାନାଲ ମାଷ୍ଟର ଭଳି ଚେସ୍ ତାରକା ତିଆରି ହୋଇପାରିଛନ୍ତି । ପ୍ରଥମ ଥର ପାଇଁ ଓଡ଼ିଶାରେ ଏଭଳି ଅନ୍ତର୍ଜାତୀୟ ସମ୍ମିଳନୀ ଆୟୋଜିତ ହେଉଥିବାରୁ ଏହା ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ । ଓଡ଼ିଶାରେ ଚେସକୁ ତୃଣମୂଳସ୍ତରରେ ପହଞ୍ଚାଇବା ପାଇଁ କିଟ୍ ଓ କିସର ଉଲ୍ଲେଖନୀୟ ଅବଦାନ ରହିଛି ବୋଲି ଶ୍ରୀ ସାମନ୍ତ କହିଥିଲେ । କିଟ୍ ସହଯୋଗରେ ଏଭଳି ସମ୍ମିଳନୀ ପ୍ରଥମ ଥର ଲାଗି ଓଡ଼ିଶାରେ ଆୟୋଜନ କରାଯାଉଥିବାରୁ ସେ ଫିଡେ ଓ ଏଆଇସିଏଫକୁ ଧନ୍ୟବାଦ ଜଣାଇଥିଲେ ।

ଏହି ଅବସରରେ କିଟ୍ ପରିସରରେ ଥିବା ଇଣ୍ଟରନ୍ୟାସନାଲ୍ ଚେସ୍ ହଲ୍ ଓ ଚେସ୍ ଗ୍ରାଉଣ୍ଡକୁ ବିଶ୍ୱନାଥନ ଆନନ୍ଦ ଉଦଘାଟନ କରିଥିଲେ । ପରେ ଶ୍ରୀ ଆନନ୍ଦ ଓ ଦାନା କିସ୍ ବୁଲି ଦେଖିଥିଲେ । କିସ୍ ପରିଦର୍ଶନ କରିବା ସମୟରେ ଶ୍ରୀ କିସ୍ ରେ ଏତେ ସଂଖ୍ୟକ ଛାତ୍ରଛାତ୍ରୀଙ୍କ ଶୃଙ୍ଖଳା ଓ କ୍ୟାମ୍ପସ ଦେଖି ଅଭିଭୂତ ହୋଇଥିଲେ । କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ କାର୍ଯ୍ୟ ତାଙ୍କ ପାଇଁ ପ୍ରେରଣାଦାୟୀ ବୋଲି ସେ କହିଥିଲେ । ପିଲାମାନଙ୍କୁ ଗୁରୁମନ୍ତ୍ର ଦେଇ ସେ କହିଲେ, ତୁମକୁ ଯାହା ଭଲ ଲାଗୁଛି, ଯେଉଁଥିରେ ତୁମେ ପାରଙ୍ଗମ ତାହା ତୁମେ କର ।

ଏହି ମେଗା ଇଭେଣ୍ଟରେ ଭାରତର ୮୦ ଚେସ୍ ତାରକାଙ୍କ ସମେତ ବିଶ୍ୱର ୪୦ଟି ଦେଶର ବିଶିଷ୍ଟ ଚେସ୍ ତାରକା ଯୋଗ ଦେଇଛନ୍ତି । ଏହି ମହାକୁମ୍ଭରେ ମୋଟ ୫ହଜାର ୨ଶହ ଖେଳାଳି ଅଂଶଗ୍ରହଣ କରୁଥିବା ବେଳେ ଭାରତର ୫ହଜାର ଚେସ୍ ଖେଳାଳି ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଛନ୍ତି ।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି